# ସଂଚାର THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live    mail Id: sancharodisha@gmail.com

RNI NO :ODIODI/2001/04811    Postal Regd No : BN/249/15-17

Vol. 32 | ISSUE 352 | ଭାଗ ୩୨ | ସଂଖ୍ୟା ୩୫୨ | Bhubaneswar | Wednesday 19 March 2025 | Page 8 Rs. 4.00 | ● ଭୁବନେଶ୍ୱର ବୁଧବାର ୧୯ ମାର୍ଚ୍ଚ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା





ପ୍ରଥମ ମ୍ୟାଚରେ ସୂର୍ଯ୍ୟ ଅଧିନାୟକ ପୃଷ୍ଠା ୬

### ହିଟ୍‌ୱେଭକୁ ଦୃଷ୍ଟିରେ ରଖି ସକାଳୁଆ ହେବ ସ୍କୁଲ ଓ ଅଙ୍ଗନବାଡ଼ି

# ମୁଖ୍ୟମନ୍ତ୍ରୀଙ୍କ ଜିରୋ କାଜୁଆଲଟି ଟାର୍ଗେଟ୍



- ସପ୍ତାହକ ମଧ୍ୟରେ ନଳକୂପ ମରାମତି ସାରିବାକୁ ନିର୍ଦ୍ଦେଶ
- ଦିନ ୧୧ଟାରୁ ୫ଟା ଓ ରାତି ୯ଟାରୁ ୬ଟା ଯାଏଁ ହେବନି ବିଦ୍ୟୁତ କାଟ
- ଅଘୋଷିତ ବିଦ୍ୟୁତ କାଟ ନକରିବାକୁ ମୁଖ୍ୟମନ୍ତ୍ରୀଙ୍କ ତାଗିଦ
- ପିକ୍ ଆୱାରରେ ସଭା ସମିତି ପାଇଁ ମିଳିବନି ଅନୁମତି
- ଶ୍ରମିକଙ୍କ ପାଇଁ ବଦଳିବ କାମ କରିବା ସମୟ ନିର୍ଘଣ୍ଟ

**ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ):** ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସକାଳୁଆ ହେବ ସବୁ ସ୍କୁଲ। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ତୁରନ୍ତ ଏସଓପି ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଅଙ୍ଗନବାଡି କେନ୍ଦ୍ରଗୁଡିକ ମଧ ସକାଳୁଆ କରାଯିବ ବୋଲି ଆଜି ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହିଟ୍‌ୱେଭ ସମ୍ପର୍କିତ ସମୀକ୍ଷା ବୈଠକରେ ନିର୍ଦ୍ଦେଶ ଦିଆଯାଇଛି। ସମୀକ୍ଷା ବୈଠକରେ ସମସ୍ତ ଜିଲ୍ଲାପାଳ ଓ ଉପସ୍ଥିତ ବିଭିନ୍ନ ବିଭାଗର ସଚିବସ୍ତରୀୟ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଚଳିତ ବର୍ଷ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଆଗୁଆ ଆସିଛି। ରାଜ୍ୟର ଅନେକ ଜିଲ୍ଲାରେ ତାପମାତ୍ରା ଅଧିକ ରହୁଛି। ଯଦିଓ ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଆଗାମୀ ଦିନରେ ତାପମାତ୍ରା କମିବ, ତେବେ ଆମକୁ ସତର୍କତା ଅବଲମ୍ବନ କରିବାକୁ ପଡିବ। ସରକାରୀ ସ୍ତରରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ଯାହା ଏସଓପି ଜାରି କରାଯାଇଛି, ତାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳମାନେ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହ ଆବଶ୍ୟକ ସ୍ଥଳେ ଏସଓପି ବାହାରେ ବି କାମ କରିବା ପାଇଁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ।

ଜିରୋ କାଜୁଆଲ୍‌ଟି ଲକ୍ଷ୍ୟ ରଖି ସମସ୍ତେ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ ଯେ ପୃଷ୍ଠା-୬



# ପଞ୍ଚଭୂତରେ ବିଲୀନ ଦେବେନ୍ଦ୍ର

### ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଅନ୍ତିମ ସଂସ୍କାର ସମ୍ପନ୍ନ

### ଯୋଗଦେଲେ ବାବା ରାମଦେବ ଓ ମୁଖ୍ୟମନ୍ତ୍ରୀ

**ପୁରୀ,୧୮।୩(ସଂଚାର ବ୍ୟୁରୋ):** ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ରାଜ୍ୟରେ ବିଜେପିର ମୂଳଦୁଆ ପକାଇଥିବା ଡା. ଦେବେନ୍ଦ୍ର ପ୍ରଧାନଙ୍କ ଦେହାନ୍ତରେ ଏକ ଯୁଗର ଅବସାନ ହୋଇଥିବା ବେଳେ ଆଜି ପୁରୀର ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଛି। ଡାକ୍ତର ଦେବେନ୍ଦ୍ରଙ୍କୁ ଅନ୍ତିମ ବିଦାୟ ଦେବା ସକାଶେ ତାଙ୍କ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ବିଶିଷ୍ଟ ଯୋଗ ଗୁରୁ ବାବା ରାମଦେବଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ତାଙ୍କ ମନ୍ତ୍ରିମଣ୍ଡଳର ଏକାଧିକ ମନ୍ତ୍ରୀ, ସାଂସଦ ଓ ବିଧାୟକ ଉପସ୍ଥିତ ଥିଲେ। ଏହାଛଡ଼ା ରାଜ୍ୟ ବାହାରର ଅନେକ ନେତା ବି ସାମିଲ୍ ହୋଇଥିଲେ। ଡାକ୍ତର ଦେବେନ୍ଦ୍ରଙ୍କ ଅନ୍ତିମ ଦର୍ଶନ ପାଇଁ ସ୍ୱର୍ଗଦ୍ୱାର ଲୋକାରଣ୍ୟ ହୋଇଉଠିଥିଲା। ସମସ୍ତଙ୍କ ଆଖିରୁ ଝରୁଥିଲା ଲୁହ। ଦୁଃଖରେ ମ୍ରିୟମାଣ ହୋଇ ପଡ଼ିଥିଲେ ଏକାଠି ହୋଇଥିବା ଜନତା। ମୋଟାମୋଟି ଭାବେ ଦଳମତ ନିର୍ବିଶେଷରେ ସମସ୍ତେ ଡାକ୍ତର ଦେବେନ୍ଦ୍ରଙ୍କ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ।

ଏହା ପୂର୍ବରୁ ସୋମବାର ରାତିରେ ତାଙ୍କ ମରଶରୀରକୁ ରାଜ୍ୟ ବିଜେପି କାର୍ଯ୍ୟାଳୟରୁ ଚନ୍ଦ୍ରଶେଖରପୁରସ୍ଥିତ ବାସଭବନକୁ ନିଆଯାଇଥିଲା। ଆଜି ସକାଳେ ସେଠାରୁ ଡାକ୍ତର ଦେବେନ୍ଦ୍ରଙ୍କ ମରଶରୀରକୁ ପୁରୀ ଅଭିମୁଖେ ନିଆଯାଇଥିଲା। ତାଙ୍କ ପାର୍ଥିବ ଶରୀରକୁ ପୁରୀ ନିଆଯିବା ରାସ୍ତାରେ ମଧ ବିଭିନ୍ନ ପୃଷ୍ଠା-୬

# ଆଜିଠୁ କାଳବୈଶାଖୀ, ୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ




**ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ):** ଚଳିତ ମାର୍ଚ୍ଚରୁ ମେ’ ମଧରେ ସ୍ୱାଭାବିକଠାରୁ ତାପମାତ୍ରା ୨ରୁ ୩ ଡିଗ୍ରୀ ଅଧିକ ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ସତର୍କ କରାଇ ଦିଆଯାଇଛି। ଏହି କ୍ରମରେ ମାର୍ଚ୍ଚ ପହିଲାରୁ ଆଜି ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଛି। ବିଶେଷକରି ପଶ୍ଚିମ ଓଡ଼ିଶାରେ ଭୀଷଣ ତାତି ଜନସାଧାରଣଙ୍କୁ ବେହାଲ୍ କରିଛି। ଏପରିକି ବୌଦ୍ଧରେ କ୍ରମାଗତ ୩ ଦିନ ଧରି ତାପମାତ୍ରା ୪୩ ଡିଗ୍ରୀ ଉପରେ ରହିଛି। ତା’ଛଡ଼ା ଝାରସୁଗୁଡ଼ା, ବଲାଙ୍ଗିର ଆଦି ସହରରେ ମଧ ଗ୍ରୀଷ୍ମପ୍ରବାହ ଜନସାଧାରଣଙ୍କୁ ନାକେଦମ୍ କରିଛି। କିନ୍ତୁ ଏବେ ପାଗର ମିଜାଜ୍ ବଦଳିଛି। ଆସନ୍ତାକାଲିଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ହେବ। ଏହାର ପ୍ରଭାବରେ ରାଜ୍ୟବାସୀ ତାତିରୁ ଆଶ୍ୱସ୍ତି ପାଇବେ। ଗୁରୁଚାପ ବଳୟ ସାଙ୍ଗକୁ ଟ୍ରାପ ଲାଇନ ପ୍ରଭାବରେ ଆସନ୍ତାକାଲିଠାରୁ ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପୃଷ୍ଠା-୬

# ନବ ଦାସଙ୍କ ଘରେ କ୍ରାଇମ୍ ବ୍ରାଞ୍ଚ୍ ଟିମ୍



- ୭ ଘଣ୍ଟା ଧରି ଚାଲିଲା ଛାନ୍‌ଭିନ୍
- ପରିବାର ସଦସ୍ୟଙ୍କ ବୟାନ ରେକର୍ଡ
- ଆଜି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ମିନତୀ

**ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ):** ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡକୁ ୨ ବର୍ଷ ପୂରିଯାଇଥିଲେ ବି ଅଦ୍ୟାବଧି ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ ହୋଇନଥିବା ବେଳେ ଆଜିଠାରୁ ଏହାର ସାନି ସାନି ତଦନ୍ତ ଆରମ୍ଭ ହୋଇଛି। ଏହି କ୍ରମରେ ଆଜି କ୍ରାଇମ୍ ବ୍ରାଞ୍ଚର ଏକ ଟିମ୍ ତାଙ୍କ ଝାରସୁଗୁଡ଼ାସ୍ଥିତ ବାସଭବନରେ ପହଞ୍ଚି ଛାନ୍‌ଭିନ୍ କରିଛନ୍ତି। ପାଖାପାଖି ୭ ଘଣ୍ଟା ଧରି ପଚରାଉଚରା ପରେ ଟିମ୍‌ର ଦୁଇ ସଦସ୍ୟ ସ୍ୱର୍ଗତଃ ଦାସଙ୍କ ବାସଭବନରୁ ବାହାରକୁ ଆସିଥିବା ଜଣାପଡ଼ିଛି। ନୂଆ ତଦନ୍ତ ଅଧିକାରୀ ଏଏସପି ବିଜୟ ମଲ୍ଲିକ ଏବଂ ଡିଏସପି ଦିପ୍ତୀମୟୀ ମଲ୍ଲିକ ତଦନ୍ତ କରିଛନ୍ତି। ଏନେଇ ଆଜି ବିଧାନସଭାରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ନବ ଦାସଙ୍କ ହତ୍ୟାକାଣ୍ଡରେ ଯେଉଁଭଳି ତଦନ୍ତ ହେବା କଥା, ନ୍ୟାୟ ମିଳିବା କଥା, ତା’ ହୋଇପାରିନାହିଁ। ଯାହାକୁ ନେଇ ତାଙ୍କ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ଏନେଇ ତାଙ୍କ ପରିବାର ଲୋକେ ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଜଣାଇବା ପରେ ଆଜିଠାରୁ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

ଅନ୍ୟପକ୍ଷରେ ନବ ଦାସଙ୍କ ଝାରସୁଗୁଡ଼ା ସରବାହାଲସ୍ଥିତ ଘରେ କ୍ରାଇମବ୍ରାଞ୍ଚ୍ ଟିମ ପହଞ୍ଚି ପରିବାର ଲୋକଙ୍କ ବୟାନ ରେକର୍ଡ କରିଛି। ତାଙ୍କ ଝିଅ ତଥା ପୂର୍ବତନ ବିଧାୟିକା ଦୀପାଳି ଓ ପୁଅ ବିଶାଳ ଦାସ ଏବଂ ସ୍ୱର୍ଗତଃ ଦାସଙ୍କ ପତ୍ନୀ ପୃଷ୍ଠା-୬

# ସୁନୀତାଙ୍କୁ ଭାରତ ନିମନ୍ତ୍ରଣ କଲେ ମୋଦି



**ନୂଆଦିଲ୍ଲୀ,୧୮।୩:** ପାଖାପାଖି ୯ ମାସ ଧରି ମହାକାଶରେ ଫସିଥିବା ନାସା ମହାକାଶଚାରୀ ସୁନୀତା ୱିଲିୟମ୍ସ ପୃଥିବୀକୁ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆରମ୍ଭ କରିସାରିଛନ୍ତି ଓ ବିଳମ୍ବିତ ରାତି ପ୍ରାୟ ୩ଟା ୨୭ ମିନିଟ୍‌ରେ ପହଞ୍ଚିବେ। ତେବେ ଇତିମଧରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଏକ ଭାବପୂର୍ଣ୍ଣ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ମୋଦି ସୁନୀତାଙ୍କୁ ଭାରତର ଗର୍ବ ବୋଲି କହିବା ସହ ତାଙ୍କ ସହ ଗଭୀର ସମ୍ପର୍କର କଥା କହିଛନ୍ତି। ସେ ଲେଖିଛନ୍ତି ଯେ ଯଦିଓ ଏହି ଚିଠି ଲେଖିବା ସମୟରେ ଆପଣ ଆମଠାରୁ ହଜାର ହଜାର ମାଇଲ୍ ଦୂରରେ ଅଛନ୍ତି, କିନ୍ତୁ ଆପଣ ଆମ ହୃଦୟର ଅତି ନିକଟରେ ଅଛନ୍ତି। ଏଥିସହ ମୋଦି ନିକଟରେ ଆମେରିକାର ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି ନିର୍ବାଚିତ ହୋଇଥିବା ଡୋନାଲ୍‌ଡ ଟ୍ରମ୍ପଙ୍କୁ ଭେଟିବା ସକାଶେ ୱାଶିଂଟନ୍ ଗସ୍ତ ସମୟରେ ମଧ ସୁନୀତାଙ୍କ ବିଷୟରେ ଆଲୋଚନା କରିଥିବା ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି। ଏଥିସହ ଭୂପୃଷ୍ଠରେ ପହଞ୍ଚିବା ପରେ ସୁନୀତା ଭାରତ ଗସ୍ତ କରନ୍ତୁ ବୋଲି ମୋଦି ଇଚ୍ଛା ପ୍ରକାଶ କରିଛନ୍ତି। ବିଦେଶରେ ଭାରତର ନାମକୁ ଉଚ୍ଚା କରିଥିବା କନ୍ୟାଙ୍କ ମଧରେ ସୁନୀତା ଅନ୍ୟତମ ହୋଇଥିବା ବେଳେ ଭାରତବାସୀ ତାଙ୍କୁ ଭେଟିବା ସକାଶେ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି ବୋଲି ମୋଦି ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହ ପ୍ରଧାନମନ୍ତ୍ରୀ ମୋଦିଙ୍କ ଉକ୍ତ ଚିଠିକୁ ତାଙ୍କ ସୋସିଆଲ୍ ମିଡିଆ ‘ଏକ୍ସ’ରେ ପୋଷ୍ଟ କରିଛନ୍ତି।

# ୬ ବର୍ଷ ପୂର୍ବରୁ ନାମଲେଖାକୁ ନା’

**ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ):** ପ୍ରଥମ ଶ୍ରେଣୀ ନାମଲେଖା ନେଇ ବୟସ ଦ୍ୱନ୍ଦ୍ୱ ଦୂର କଲା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ପ୍ରଥମ ଶ୍ରେଣୀ ନାମଲେଖା ପାଇଁ ବୟସ ୬ କିମ୍ବା ତଦୁର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ ବୋଲି କୁହାଯାଇଛି। ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ୨୦୨୫-୨୬ ଶିକ୍ଷା ବର୍ଷରୁ ଏହି ନିୟମ କାର୍ଯ୍ୟକାରୀ ହେବା ନେଇ ନିୟମ ଲାଗୁ ହୋଇଛି। ୬ ବର୍ଷ ବୟସ ଗଣନା ନେଇ ମଧ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏଣିକି ମାର୍ଚ୍ଚ

### ସେପ୍ଟେମ୍ବର ୧ ବୟସ ହିସାବ ତାରିଖ

୩୧ ପରିବର୍ତ୍ତେ ସେପ୍ଟେମ୍ବର ୧ ତାରିଖ ସୁଦ୍ଧା ବୟସ ହିସାବ ହେବ। ସେପ୍ଟେମ୍ବର ୧ ସୁଦ୍ଧା ଯେଉଁ ଶିଶୁମାନଙ୍କ ବୟସ ୬ କିମ୍ବା ତଦୁର୍ଦ୍ଧ୍ୱ ହୋଇଥିବ, ସେମାନେ ହିଁ ପ୍ରଥମ ଶ୍ରେଣୀରେ ନାମ ଲେଖାଇପାରିବେ।

ଜାତୀୟ ଶିକ୍ଷା ନୀତି ଲାଗୁ ହେବା ପରେ ଶିଶୁଙ୍କୁ ୩ ବର୍ଷ ବୟସରୁ ଶିକ୍ଷା ପରିଧିକୁ ଅଣାଯିବ। ଅଙ୍ଗନବାଡି, ପ୍ରାକ୍ ସ୍କୁଲ, ବାଲବାଟିକା ସହ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଯାଏ ମୋଟ ୫ ବର୍ଷକୁ ପ୍ରାରମ୍ଭ ବର୍ଗରେ ରଖାଯାଇଛି। ସେହିପରି ତୃତୀୟ, ଚତୁର୍ଥ, ପଞ୍ଚମ ଶ୍ରେଣୀ ଯାଏ ପ୍ରସ୍ତୁତି ବର୍ଗ, ଷଷ୍ଠରୁ ଅଷ୍ଟମ ଯାଏ ମଧମ ଏବଂ ନବମରୁ ଦ୍ୱାଦଶ ଶ୍ରେଣୀ ଯାଏ ମାଧମିକ ପର୍ଯ୍ୟାୟ ଭାବେ ବର୍ଗୀକରଣ କରାଯାଇଛି। ସେହିପରି ୬ରୁ ୮ ବର୍ଷ ଭିତରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ, ୮ରୁ ୧୧ ବର୍ଷ ବୟସରେ ତୃତୀୟରୁ ପଞ୍ଚମ, ୧୧ରୁ ୧୪ ବର୍ଷ ବୟସରେ ଷଷ୍ଠରୁ ଅଷ୍ଟମ ଏବଂ ୧୪ରୁ ୧୮ ବର୍ଷ ବୟସରେ ନବମରୁ ଦ୍ୱାଦଶ ପୃଷ୍ଠା-୬

# ପ୍ରଥମ ଜନଔଷଧି କେନ୍ଦ୍ରରେ ତାଲା ମସୁଧା




### ଔଷଧ କିଣୁନାହାନ୍ତି ଜିଲ୍ଲାପାଳ
### ରୋଗୀଙ୍କ ଭରସା ତୁଟୁଛି

**ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ):** କ୍ୟାପିଟାଲ ହସ୍ପିଟାଲ ପରିସରରେ ପ୍ରତିଷ୍ଠା ହୋଇଥିବା ରାଜ୍ୟର ପ୍ରଥମ ଜନଔଷଧି କେନ୍ଦ୍ରରେ ତାଲା ଝୁଲିବା ଅବସ୍ଥା। ରେଡକ୍ରସ ଅଧିନରେ ଥିବା ଏହି ଜନଔଷଧି କେନ୍ଦ୍ରରେ ଆଉ ସାଧାରଣ ଔଷଧ ମିଳୁନି। ଜିଲ୍ଲା ରେଡକ୍ରସ ଅଧକ୍ଷ ତଥା ଜିଲ୍ଲାପାଳ ଠିକଣା ସମୟରେ ଜନଔଷଧି କିଣୁନଥିବାରୁ ଏଭଳି ଅବସ୍ଥା ଉପୁଜୁଥିବା ଜଣାଯାଇଛି।

୨୦୧୦ରେ ରାଜ୍ୟର ପ୍ରଥମ ଜନଔଷଧି କେନ୍ଦ୍ର କ୍ୟାପିଟାଲ ହସ୍ପିଟାଲ ପରିସରରେ ଉଦଘାଟିତ ହୋଇଥିଲା। ସେତେବେଳେ ହସ୍ପିଟାଲ ପରିସରରେ ଏକାଧିକ ଘରୋଇ ଔଷଧ ଦୋକାନ ଥିଲେ ମଧ ଲୋକେ ଜନଔଷଧି କେନ୍ଦ୍ର ପ୍ରତି ଆକୃଷ୍ଟ ହେଉଥିଲେ। ଏଠାରେ ଶସ୍ତାରେ ଔଷଧ ମିଳୁଥିବାରୁ ଲୋକେ ଏଠାକୁ ଅଧିକ ସଂଖ୍ୟାରେ ଆସୁଥିଲେ। ଦୀର୍ଘଦିନ ପର୍ଯ୍ୟନ୍ତ ଏହି ଜନଔଷଧି କେନ୍ଦ୍ରରେ ପ୍ରାୟ ସମସ୍ତ ପ୍ରକାର ଔଷଧ ଉପଲବ୍ଧ ହେଉଥିଲା। ରାଜଧାନୀର ବିଭିନ୍ନ ସ୍ଥାନରୁ ରୋଗୀମାନେ ଏହି କେନ୍ଦ୍ର ଉପରେ ନିର୍ଭର କରୁଥିଲେ। ତେବେ ରେଡକ୍ରସ ପରିଚାଳନାରେ ଥିବା ଏହି ଜନଔଷଧି କେନ୍ଦ୍ର ଗତ କିଛିଦିନ ହେଲା ଅଚଳ ହେବାରେ ଲାଗିଛି। ଜିଲ୍ଲାପାଳଙ୍କୁ ତାଲିକା ଦିଆଯାଉଥିଲେ ମଧ ଏହି କେନ୍ଦ୍ରକୁ ଠିକଣା ସମୟରେ ଔଷଧ ମିଳୁନାହିଁ। ଅବସ୍ଥା ଏଭଳି ହୋଇଛି ଯେ ବର୍ତ୍ତମାନ ଏଠାରେ ଉଚ୍ଚ ରକ୍ତଚାପ, ମଧୁମେହ ଭଳି ରୋଗ ପାଇଁ ବି ଔଷଧ ଉପଲବ୍ଧ ହେଉନାହିଁ। ଏଭଳି ଅବସ୍ଥା ଲାଗିରହିଲେ ଅଳ୍ପଦିନ ଭିତରେ ଏହି କେନ୍ଦ୍ରରେ ତାଲା ଝୁଲିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକଙ୍କୁ ଶସ୍ତାରେ ଔଷଧ ଯୋଗାଣ ପାଇଁ ଜନଔଷଧି କେନ୍ଦ୍ର ଉପରେ ଗୁରୁତ୍ୱ ଦେଉଥିବା ବେଳେ କେନ୍ଦ୍ର ସମବାୟ ମନ୍ତ୍ରଣାଳୟ ପକ୍ଷରୁ ଏକାଧିକ ସ୍ଥାନରେ ଏହି କେନ୍ଦ୍ର ଖୋଲିବା ଉପରେ ସମବାୟ ମନ୍ତ୍ରୀ ଅମିତ୍ ଶାହା ଜୋର ଦେଉଛନ୍ତି। ଏଭଳି ପୃଷ୍ଠା-୬



### କାନ ଡେରିଥା

ଜଳ ଛତ୍ର ପୁଣି ଆରମ୍ଭ ହୋଇବ<br>
ମିଛେ ଖାଇବେ କି ପଇସା ?<br>
ପୂର୍ବ ସରକାରେ ଏୟା ଚାଲିଥିଲା<br>
ଏବେ ହେବେ ଲୋକହସା<br>
ଫ୍ରିଜ କୋମାରେ ପଡିଥା...<br>
ଲକ୍ଷ ଲକ୍ଷ ଟଙ୍କା ପକେଟେ ପଶିଲା<br>
ସେଟା ଥିଲା ତାଙ୍କ ବେଉଷା।

■ ଦେବାଶିଷ

# ଦାମୀ ଜମି ହଡ଼ପ ପାଇଁ ବିକ୍ରେତା-କ୍ରେତା ସବୁ ନକଲି

- ଝାରସୁଗୁଡ଼ାରେ ଚାଞ୍ଚଲ୍ୟ
- ରାଜସ୍ୱ ଅଧିକାରୀଙ୍କ ଭୂମିକା ନେଇ ପ୍ରଶ୍ନ
- ମୃତ ମହିଳାଙ୍କୁ ଜୀବିତ ଦର୍ଶାଇ ଡିଲ୍




**ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ):** ଝାରସୁଗୁଡ଼ା ଜିଲ୍ଲାରେ ଜମି କିଣାବିକାକୁ ନେଇ ଦୁର୍ନୀତିର ଚାଞ୍ଚଲ୍ୟକର ଚିତ୍ର ସାମନାକୁ ଆସିଛି। ଯେଉଁଠି ଜମି ବିକ୍ରେତା ଓ କ୍ରେତା ସବୁ ନକଲି। ତଥାପି ସେମାନଙ୍କ ମଧରେ ଜମି କିଣାବିକା ହୋଇଛି। ଏଭଳି ଖେଳ ପଛରେ ବହୁ କୋଟି ମୂଲ୍ୟର ଜମିକୁ ହାତେଇବା ପାଇଁ କିଛି ଜମି କାରବାର କରୁଥିବା ଲୋକଙ୍କ ହାତ ରହିଛି। ପରବର୍ତ୍ତୀ ସମୟରେ ଏହି ମୂଲ୍ୟବାନ ଜମିକୁ ରାଜସ୍ୱ ବିଭାଗର ଅଧିକାରୀଙ୍କ ରହସ୍ୟଜନକ ସହଯୋଗରେ ଜଣେ ଜମି ବେପାରୀ ହାତେଇ ନେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

ଝାରସୁଗୁଡ଼ା ତହସିଲ ଅନ୍ତର୍ଗତ ଝାରସୁଗୁଡ଼ା ଟାଉନ ୟୁନିଟ ନଂ-୯ ପଞ୍ଚପଡ଼ା ମୌଜାରେ ବେଙ୍ଗବତୀ ପ୍ରଧାନ ନାମ୍ନୀ ମହିଳାଙ୍କୁ ସିଲିଂ ବହିର୍ଭୂତ ଜମି ସରକାରଙ୍କ ପକ୍ଷରୁ ଗତ ୧୯୭୭ରେ ପ୍ରଦାନ କରାଯାଇଥିଲା। ଦୁଇଟି ପ୍ଲଟ୍‌ର ସମୁଦାୟ ୮୦ ଡିସିମିଲ ଜମି ଝାରସୁଗୁଡ଼ା ସହର ଉପକଣ୍ଠରେ ରହିଛି। ଉକ୍ତ ଜମିର ମୂଲ୍ୟ ସାମ୍ପ୍ରତିକ ବଜାର ଦର ଅନୁଯାୟୀ ପ୍ରାୟ ୬ କୋଟି ଟଙ୍କା ହେବ। ହେଲେ ଗତ ୨୦୧୧ରେ ଉକ୍ତ ଜମିକୁ ହାତେଇବା ଲାଗି ତଞ୍ଚକତାପୂର୍ଣ୍ଣ ରାସ୍ତା ଆପଣେଇଥିଲେ କେତେକ ଜମି ବେପାରୀ। ଜମିର ଅସଲ ମାଲିକ ବେଙ୍ଗବତୀ ଦୀର୍ଘ ବର୍ଷ ତଳୁ ମୃତ୍ୟୁବରଣ କରିସାରିଥିଲେ ହେଁ ତାଙ୍କୁ ଜୀବିତ ଦର୍ଶାଇବା ସହ ଉକ୍ତ ଜମି ବେପାରୀ ଅନ୍ୟ ଜଣେ ମହିଳାଙ୍କୁ ତାଙ୍କ ସ୍ଥାନରେ ଛିଡ଼ା କରାଇ ଜମି ରେଜେଷ୍ଟ୍ରି କରାଇନେଇଥିଲେ। ଖାଲି ସେତିକି ନୁହେଁ, ଯେଉଁ ବ୍ୟକ୍ତିଙ୍କୁ ଜମିର କ୍ରେତା ଦେଖାଇଲେ, ସିଏ ବି ନକଲି। ଜମି କ୍ରେତା ତାଲପଟିଆ ଅଞ୍ଚଳର ବୋଲି ଦର୍ଶାଯାଇଥିବା ବେଳେ ସେଭଳି କୌଣସି ବ୍ୟକ୍ତି ତାଲପଟିଆରେ ଥିବା ନେଇ ପ୍ରମାଣ ନାହିଁ। ହେଲେ ଏତିକିରେ ଏହି କାରବାରରେ ବିରାମ ଲାଗି ନ ଥିଲା। ଏତେ ବଡ଼ ଜାଲିଆତିକୁ ଢାଙ୍କିବା ପାଇଁ ଉକ୍ତ ଜମିକୁ ମୋଟ ୩ ଥର ବିକ୍ରି କରାଯାଇଛି। ମାତ୍ର କୌଣସି କ୍ଷେତ୍ରରେ ଜମିର ମ୍ୟୁଟେସନ କରାଯାଇନାହିଁ କି କ୍ରେତାଙ୍କ ନାମରେ ପଟ୍ଟା ହୋଇନଥିଲା। କିନ୍ତୁ ଗତ ୨୦୨୩ରେ ହୋଇଥିବା ରେଜେଷ୍ଟ୍ରି ପରେ ତଞ୍ଚକତା ପୂର୍ବକ ମ୍ୟୁଟେସନ କରାଯିବା ସହ ପୃଷ୍ଠା-୬

## ହୋଲିରେ ବୃଦ୍ଧାଙ୍କୁ ସହାୟତା ପ୍ରଦାନ



**ମହାକାଳପଡ଼ା,୧୮।୩ (ସଂଚାର ବ୍ୟୁରୋ):** ହୋଲି ଉତ୍ସବକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି ରମେଶ ପରିଡ଼ା। ରଙ୍ଗର ପର୍ବକୁ ଆହୁରି ରଙ୍ଗିନ କରିବାକୁ ସେ ନିଆରା ପ୍ରୟାସ କରିଛନ୍ତି। ଜଣେ ଅସହାୟ ବୃଦ୍ଧା ସାବିତ୍ରୀ ସାମଲଙ୍କୁ ହୋଲି ଅବସରରେ ଗୋଟିଏ ପଙ୍ଖା ଉପହାର ଆକାରରେ ପ୍ରଦାନ କରିଛନ୍ତି। ରମେଶଙ୍କ ଏହି ମହତ ଉଦ୍ଦେଶ୍ୟ ସମାଜକୁ ଏକ ନିଆରା ବାର୍ତ୍ତା ଦେଇଛି। ରାମନଗର ପଞ୍ଚାୟତ ବରଜ ଗ୍ରାମର ସାବିତ୍ରୀ ସାମଲ ଜଣେ ଅସହାୟ ବୃଦ୍ଧା। ଚାଳଛପର ଘରେ ରହୁଛନ୍ତି। ତାଙ୍କର ବିଦ୍ୟୁତ ସଂଯୋଗ ମଧ୍ୟ ହୋଇନଥିଲା। ଏ ଖବର ସଂଚାର ମାଧ୍ୟମରେ ଖବର ପ୍ରକାଶ ପରେ ପ୍ରଶାସନ ନୂତନ ବିଦ୍ୟୁତ ସଂଯୋଗ କରିଥିଲା। ଏବେ ଖରାଦିନ ପହଞ୍ଚିଛି ସେହି ଦୃଷ୍ଟିରୁ ରମେଶ ପରିଡ଼ା ହୋଲି ଉତ୍ସବରେ ସାବିତ୍ରୀଙ୍କୁ ଏକ ପଙ୍ଖା ପ୍ରଦାନ କରିଛନ୍ତି। ରମେଶ କହିଛନ୍ତି ହୋଲିର ରଙ୍ଗ କ୍ଷଣିକ ସମୟରେ ଧୋଇଯିବ ହେଲେ ଭଲପାଇବା ଓ ବିଶ୍ୱାସର ରଙ୍ଗ ସାରା ଜୀବନ ରହିଥିବ। ରମେଶଙ୍କ ଏହି ନିଆରା ପ୍ରୟାସକୁ ଜନସାଧାରଣ ବେଶ୍ ପ୍ରଶଂସନୀୟ ବୋଲି କହିଛନ୍ତି।

## ଆଳିରେ ଯୋଗଦେଲେ ନୂଆ ଥାନା ଅଧିକାରୀ

● ଆସୁ ଆସୁ ଆକ୍ସନ ମୋଡ୍‌ରେ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ




**ଆଳି,୧୮।୩ (ସଂଚାର ବ୍ୟୁରୋ):** ଆଳି ଥାନାରେ ନୂତନ ଭାବେ ଯୋଗ ଦେଲେ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ। ପୂର୍ବ ଥାନାଧିକାରୀ ବଦଳି ପରେ ଦୀର୍ଘ ଦିନ ଧରି ଥାନ ଅଧିକାରୀ ବିହୀନ ଥିବା ବେଳେ ନୂତନ ଅଧିକାରୀ ଯୋଗଦେବା ଆଳିବାସୀଙ୍କ ପାଇଁ ଆସ୍ୱସ୍ତି ଆଣିଛି। ଏହା ପୂର୍ବରୁ ଶ୍ରୀ ପଟ୍ଟାୟତ ମାର୍ଶାଘାଇ ଥାନାରେ ଥାନାଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଅନ୍ୟପଟେ ଶ୍ରୀ ପଟ୍ଟାୟତ ପ୍ରଥମ ଦିନରୁ ଆକ୍ସନ ମୁଡ଼ରେ ଦେଖିବାକୁ ମିଳିଛି।ଯେମିତିକି ରାସ୍ତା ଘାଟରେ ମଦ୍ୟପମାନେ ମଦ ପିଉଥିବା ବେଳେ ସେମାନଙ୍କୁ ସାବାଡ଼ କରିବା ସହ ହେଲେମେଣ୍ଟ ପିନ୍ଧି ନଥିବା ଗାଡ଼ି ଚାଳକଙ୍କୁ ଯୋରି ମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ପଟେ ଶ୍ରୀ ପଟ୍ଟାୟତ କହିଛନ୍ତି ଆଇନୀ ଶୃଙ୍ଖଳା ପରିସ୍ଥିତି ପ୍ରଥମେ ପ୍ରାଥମିକତା ଦିଆଯିବ। ଏହି ଅବସରରେ ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି ଓ ଆଳିର ସାମ୍ବାଦିକମାନେ ନୂତନ ଥାନା ଅଧୀକାରିଙ୍କୁ ଭେଟି ସ୍ୱାଗତ କରିଥିଲେ।

## ବିମାନ ଶୋଭାଯାତ୍ରାରେ ଯୋଗଦେଲେ ବିଜେପି ନେତା



**ସାଲେପୁର,୧୮।୩ (ସଂଚାର ବ୍ୟୁରୋ):** ଗତ ହୋଲି ଅବସରରେ ପୂର୍ବକଚ୍ଛ ଗ୍ରାମପଞ୍ଚାୟତର ଜାଙ୍ଗପାଟଣା ଗ୍ରାମରେ ପ୍ରଭୁ ନୃସିଂହନାଥଙ୍କ ଶୋଭାଯାତ୍ରା ଏବଂ ଗାଁ ଗାଁ ବୁଲି ଯାତ୍ରା ଯିବା ଅବସରରେ ବିଜେପି ନେତା ପ୍ରଫୁଲ୍ଲ ସ୍ୱାଇଁ ଏବଂ ସାଲେପୁରର ବିଜେପି ଯୁବନେତା ଦେବୀପ୍ରସାଦ ଦାଶ ନୃସିଂହ ଠାକୁରଙ୍କ ବିମାନକୁ କାନ୍ଧରେ ନେବା ସହ ପ୍ରଭୁ ନୃସିଂହନାଥଙ୍କ କୃପା ଲାଭ କରିଥିଲେ। ତା ସହ ସମସ୍ତ ଅଂଚଳବାସୀଙ୍କୁ ଦୋଳ ଉତ୍ସବର ଅଭିନନ୍ଦନ ଜଣାଇବା ସହ ହୋଲି ଖେଳି ଭାଇଚାରା ବଞ୍ଚାଇ ରଖିବାର ବାର୍ତ୍ତା ଦେଇଥିଲେ।

## ସମାଜବିଜ୍ଞାନ ବିଭାଗ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



**ମାର୍ଶାଘାଇ,୧୮।୩ (ସଂଚାର ବ୍ୟୁରୋ):** ମାର୍ଶାଘାଇ ମହାବିଦ୍ୟାଳୟ ସମାଜବିଜ୍ଞାନ ଅନର୍ସ ବିଭାଗର ୧୯୯୬-୧୯୯୯ ବ୍ୟାଚ ପୁରାତନ ଛାତ୍ର ଛାତ୍ରୀଙ୍କ ବନ୍ଧୁମିଳନ ରବିବାର ଗୋଜବାୟାଣୀ ପୀଠରେ ଅନୁଷ୍ଠିତ ହୋଯାଇଛି। ପୁରାତନ ଛାତ୍ର ଅକ୍ଷୟ କୁମାର ଦାସଙ୍କ ସଂଯୋଜନା କରିଥିବା ବେଳେ ପ୍ରଦ୍ୟୁମ୍ନ କୁମାର ସାମଲ, ପୁରାତନ ଛାତ୍ରୀ କଳ୍ପନା ମେକାପ, ସରୋଜିନୀ ସ୍ୱାଇଁ, ବିଜୟାଲକ୍ଷ୍ମୀ ସ୍ୱାଇଁ, ସୁଭାଷିନୀ ଷଡ଼ଙ୍ଗୀ,ମଧୁସ୍ମିତା ଲେଙ୍କା, ପ୍ରଭାତୀ ପାଗଳ, ଶୈଳବାଳା ନନ୍ଦ ପ୍ରମୁଖ ୨୫ବର୍ଷ ତଳର କଲେଜ ଜୀବନ ର ଅଭୁଲା ସ୍ମୃତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପୁରାତନ ଛାତ୍ର ଲକ୍ଷ୍ମୀଧର ମହାପାତ୍ର, ପ୍ରଭାତ କୁମାର ବସନ୍ତିଆ, ପାର୍ଥସାରଥୀ ସାମନ୍ତରାୟ, ନିର୍ମଳ ସ୍ୱାଇଁ ନବୀନ କୁମାର ଦାସ, ହରିଶ ଚନ୍ଦ୍ର ବେଉରା, ପବିତ୍ର କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ ।

# ମାଫିଆଙ୍କ କବ୍‌ଜାରେ ନେମାଳ ଥାନା !

**ନିଶ୍ଚିନ୍ତକୋଇଲି,୧୮।୩ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ କଟକ ସଦର ନିର୍ବାଚନ ମଣ୍ଡଳୀ ନିଶ୍ଚିନ୍ତକୋଇଲି ବ୍ଲକ୍ ଅନ୍ତର୍ଗତ ନେମାଳ ଥାନା ଉପରେ ମୋଟ୍ ୧୭ଗୋଟି ଗ୍ରାମପଞ୍ଚାୟତର ଜନସାଧାରଣ ନିର୍ଭର କରୁଥିବା ବେଳେ ଏହି ଥାନା ଏବେ ମାଫିଆ ମାନଙ୍କ କବଜାରେ ଥିବା କଥା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।




ନେମାଳ ଥାନା ଅଧୀନରେ ଥିବା ଲୁଣା ଚିତ୍ରୋତ୍ପଳା ଦୀପାଞ୍ଚଳ ଅଞ୍ଚଳରେ ଏବେ ବ୍ୟାପକ ଚୋରା ମଦ, ଗଞ୍ଜେଇ, ଚରସ ଭଳି ନିଶା ଦ୍ରବ୍ୟ ପାନ ଦୋକାନ ଠାରୁ ଆରମ୍ଭ କରି ଗାଁ ଗାଁରେ ଥିବା ତେଜରାତି ଦୋକାନ ମାନଙ୍କରେ ଦେଶୀ ଓ ବିଦେଶୀ ମଦ ବ୍ୟାପକ ପରିମାଣ ବିକ୍ରି ହେଉଥିବା ବେଳେ ଆଖପାଖ ଅଞ୍ଚଳରେ ବିଭିନ୍ନ ଯାତ୍ରା କମିଟି ମନଙ୍କ ପକ୍ଷରୁ ଆୟୋଜିତ ଯାତ୍ରାରେ ଖୋଲମ୍ ଖୋଲା ଭାବେ ଜୁଆ ଆଡ୍ଡା ଚାଲିଥିବା ଦେଖିବା ପାଇଁ ମିଳୁଛି। ନିଶାଦ୍ରବ୍ୟ ସେବନ କରି ନିଶାଖୋରମାନେ ସାଧାରଣ ପଥଚାରୀମାନଙ୍କୁ ଦୁର୍ବ୍ୟବହାର କରୁଥିବା ସହ ଚୋରି ରାହାଜାନୀ ଭଳି କାର୍ଯ୍ୟ କରିବାକୁ ପଛାଉ ନାହାଁନ୍ତି। ଏପରିକି କଲେଜ୍, ବିଦ୍ୟାଳୟ ପାଠ ପଢୁଆ ଛାତ୍ରମାନେ ଏହାର ନିଶାର ଶିକାର ହେଉଥିବା ଦେଖିବାକୁ ମିଳୁଛି।

ନେମାଳ ଥାନା ପୁଲିସ ଏହା ବିଷୟରେ ସବୁ ଜାଣିଥିଲେ ମଧ୍ୟ ନଜାଣିଲା ପରି ଅଭିନୟ କରୁଥିବା ବେଳେ ମାସିକିଆ ବଟି ନେଇ ସେମାନଙ୍କୁ ପ୍ରଶ୍ରୟ ଦେଉଥିବା କଥା ଏବେ ସାଧାରଣରେ ଆଲୋଚନା ହେଉଛି। ଅପରପକ୍ଷରେ ଉକ୍ତ ଥାନା ଅଧୀନରେ ଥିବା ଲୁଣା ଚିତ୍ରୋତ୍ପଳା ନଦୀରୁ ପ୍ରତିଦିନ ମେସିନ୍ ସାହାଯ୍ୟରେ ବେଆଇନ ଭାବେ ବାଲି ବାହାରକୁ ଚାଲାଣ ହେଉଥିବା ଦେଖିବା ପାଇଁ ମିଳୁଛି। ବେଆଇନ୍ ବାଲିଗାଡି ମାଲିକ ମାନଙ୍କ ଠାରୁ ମାସିକିଅ ହାତ ଗୁଞ୍ଜା ନେଇ ଏହାକୁ ପ୍ରଶ୍ରୟ ଦେଉଥିବା କଥା ସାଧାରଣରେ ଆଲୋଚନା ହେଉଥିବା ବେଳେ ରାଜ୍ୟ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି ହେଉଛି। ଗରିବ ନିରାଶ୍ରୟ ବ୍ୟକ୍ତିମାନେ ନେମାଳ ଥାନାକୁ ନ୍ୟାୟ ପାଇଁ ଯାଉଥିବା ବେଳେ ବିନା ହାତ ଗୁଂଜାରେ କୌଣସି କାର୍ଯ୍ୟ ହେଉନଥିବା ଅଭିଯୋଗ ହେଉଛି।

ଏଠାରେ ସୁଚନା ଥାଉକି ଗତ ପୂର୍ଣ୍ଣିମା ଦିନ ନେମାଳ ଥାନା ପରିସରରେ ମେଲଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ମାତ୍ର ୬ଗୋଟି ବିମାନ ଶୋଭା ଯାତ୍ରାରେ ଥାନାକୁ ଆସିଥିବା ବେଳେ ଥାନା ପକ୍ଷରୁ ଭଜନ ଓ ଭୋଜନର ଆୟୋଜନ କରାଯାଇଥିଲା। ଏହି ମେଲଣ କାର୍ଯ୍ୟକ୍ରମରେ ଉକ୍ତ ଥାନା ଅଧୀନରେ ଥିବା ବିଭିନ୍ନ ଗ୍ରାମପଞ୍ଚାୟତର ଲୋକ ପ୍ରତିନିଧି, ଠିକାଦାର,ଏପରିକି ବାଲି ଗାଡ଼ି ହାଓ୍ୱାର ମାଲିକ ବିଭିନ୍ନ କାରବାରରେ ଲିପ୍ତ ଥିବା ବ୍ୟକ୍ତି ବିଶେଷଙ୍କୁ ଥାନା ପରିସରରେ ଦେଖିବା ପାଇଁ ମିଳିଥିଲା। ଯାହାକି ମେଲଣ କାର୍ଯ୍ୟକ୍ରମରୁ ଏକ ପ୍ରକାରର ନେମାଳ ଥାନାର ଗୁମର ଫିଟୁଥିବା ବେଳେ ନେମାଳ ଥାନା ପୁଲିସର ସେମାନଙ୍କ ସହିତ ଭଲ ସମ୍ପର୍କ ଥିବା କଥା ଜଣାପଡେ। ପୁଲିସ୍ ସେମାନଙ୍କୁ ବେଶ୍ ଆନନ୍ଦ ଉଲ୍ଲାସର ସହକାରେ ଉତ୍ତରୀୟ ପ୍ରଦାନ ସ୍ୱରୂପ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେମାନେ ପ୍ରତି ବର୍ଷ ଭଳି ଉକ୍ତ ଥାନା ମେଲଣ ନିମନ୍ତେ ଚାନ୍ଦା ମଧ୍ୟ ପ୍ରଦାନ କରୁଥିବା ଦେଖିବା ପାଇଁ ମିଳିଥିଲା। ଯାହାର ମୁଖସାକ୍ଷୀ ଥାନାରେ ଥିବା ସିସିଟିଭି।

ତେବେ ନେମାଳ ଥାନା ଏବେ ଏକ ପ୍ରକାରର ମାଫିଆ ମାନଙ୍କ କବ୍‌ଜାରେ ଥିବା କଥା ଅଞ୍ଚଳରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏହାଦ୍ୱାରା ସାଧାରଣ ଲୋକେ ନେମାଳ ଥାନା ପୁଲିସକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଥିବା ବେଳେ ପୁଲିସ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେବାଦେଇ ଥାନାର ସିସି ଟିଭିକୁ ସଠିକ୍ ଭାବେ ଯାଞ୍ଚ କଲେ ଥାନା କର୍ମଚାରୀ ଓ ଅଧିକାରୀ ମାନଙ୍କ ସହିତ ଥିବା ଭିତିରି ସମ୍ପର୍କର ପରଦାଫାସ୍ ହୋଇ ପାରନ୍ତା ବୋଲି ସାଧାରଣରେ ଦାବି ହୋଇଛି।

ଅପର ପକ୍ଷରେ ମେଲଣ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ମାନଙ୍କ ମଧ୍ୟରେ ନେମାଳ ଥାନା ଅନ୍ତର୍ଗତ କଟକ ସଦର ନିର୍ବାଚନ ମଣ୍ଡଳୀର ବହୁ ଜନ ପ୍ରତିନିଧି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲେ ମଧ୍ୟ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅଧିନରେ ଥିବା ବହୁ ଜନ ପ୍ରତିନିଧି ମାନଙ୍କୁ ଏପରିକି ବିଧାୟକ ଶାରଦା ପ୍ରଧାନଙ୍କ ଖାସ୍ ଅନୁଗତ ମାନଙ୍କୁ ଅଣଦେଖା କରାଯାଇଥିବା ଅନୁମେୟ କରାଯାଇଥିଲା।

## କେନ୍ଦ୍ରାପଡ଼ାରେ ଜନଶୁଣାଣି, ୭୯% ଅଭିଯୋଗର ସମାଧାନ

**୨୭,୦୯୭ ଅଭିଯୋଗରୁ ସମାଧାନ ହୋଇଛି ୨୧,୪୫୪ ; ପଡ଼ିରହିଛି ୫୬୪୩**

**କେନ୍ଦ୍ରାପଡ଼ା,୧୮।୩ (ସଂଚାର ବ୍ୟୁରୋ):** ଜନସାଧାରଣଙ୍କ ଅଭିଯୋଗ ସମାଧାନ ପାଇଁ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସରକାରୀ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଉଛନ୍ତି। ଏତଦବ୍ୟତୀତ ଖୋଦ୍ ମୁଖ୍ୟମନ୍ତ୍ରୀ ମଧ୍ୟ ଅଭିଯୋଗ ଶୁଣାଣୀ କରି ସିଧାସଳଖ ଜନସାଧାରଣଙ୍କ ସମସ୍ୟା ଶୁଣିବା ସହିତ ସମାଧାନ କରାଉଛନ୍ତି। ସେହିପରି ଜିଲ୍ଲା ସ୍ତରରେ ଛୁଟିଦିନ ବ୍ୟତୀତ ପ୍ରତି ସୋମବାର କାର୍ଯ୍ୟାଳୟ ମାନଙ୍କରେ ଅଭିଯୋଗ ଶୁଣାଣୀ ଆୟୋଜନ କରାଯାଉଛି। ଯେଉଁଠାରେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ଶୁଣୁଛନ୍ତି। ଜନଶୁଣାଣୀ ପୋର୍ଟାଲରେ ମଧ୍ୟ ଅଭିଯୋଗ ପଞ୍ଜିକୃତ କରାଯାଉଛି। ହେଲେ କେନ୍ଦ୍ରାପଡ଼ା ଜିଲ୍ଲାରେ ଅଭିଯୋଗ ସମାଧାନର ପ୍ରତିଶତ ପଛରେ ରହିଛି। ୧୭ ମାର୍ଚ୍ଚ ୨୦୨୫ରେ ମୋହନ ଚରଣ ମାଝୀ ବିଧାନସଭାରେ ଦେଇଥିବା ଉତ୍ତରରେ ଏନେଇ ସୂଚନା ମିଳିଛି।

କେନ୍ଦ୍ରାପଡା ଜିଲ୍ଲାରେ ସର୍ବମୋଟ ୨୭,୦୯୭ ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିରୁ ୨୧,୪୫୪ ଅଭିଯୋଗର ସମାଧାନ କରାଯାଇଛି। ଯାହାର ପ୍ରତିଶତ ରହିଛି ୭୯%। ଆହୁରି ୫,୬୪୩ ଅଭିଯୋଗ ସମାଧାନ ନହୋଇ ପଡି ରହିଛି। ଯାହା ଜିଲ୍ଲାର ସରକାରୀ ଅଧିକାରୀଙ୍କ ପାରିବା ପଣିଆକୁ ପଦାରେ ପକାଇଛି। ରାଜ୍ୟ ସରକାର ଜନସାଧାରଣଙ୍କ ସମସ୍ୟା ସମାଧାନ ପାଇଁ ଅଗ୍ରାଧିକାର ଦେଉଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାରେ କାହିଁକି ସମସ୍ୟା ସମାଧାନ କରିବାରେ ବିଳମ୍ବ ହେଉଛି ତାହାକୁ ନେଇ ପ୍ରଶ୍ନ ଉଠିଛି। ଲୋକଙ୍କ ଅଭିଯୋଗ ସମାଧାନ କରିବାରେ ବିଭାଗୀୟ ଅଧିକାରୀମାନେ ଯେ କେତେ ବ୍ୟଗ୍ର ତାହା ଏବେ ସ୍ପଷ୍ଟ ବାରି ହୋଇପଡୁଛି।

**ଶିଥିଳତା ପାଇଁ ଦାୟୀ କିଏ ?**

ନିକଟରେ ଅଭିଯୋଗର ସମାଧାନ କରିବାରେ ବିଳମ୍ବ କରିବାରୁ କଟକ ଜିଲ୍ଲାପାଳ ୪୮ ସରକାରୀ କର୍ମଚାରୀଙ୍କ ଦରମା ବନ୍ଦ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାହା ସମସ୍ୟା ସମାଧାନ ପାଇଁ ସେମାନଙ୍କୁ କ୍ରିୟାଶୀଳ କରାଇବ। କେନ୍ଦ୍ରାପଡା ଜିଲ୍ଲାରେ ଅଭିଯୋଗ ସମାଧାନରେ ବିଳମ୍ବ କରୁଥିବା ଅଧିକାରୀ ଙ୍କ ପାଇଁ ଜିଲ୍ଲାର ନାମ ମଳିନ ପଡୁଛି। ଜିଲ୍ଲାପାଳ ଏନେଇ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଲୋକଙ୍କ ଅଭିଯୋଗର ସମାଧାନ ତ୍ୱରାନ୍ୱିତ କରିବା ଆବଶ୍ୟକ। ଆବଶ୍ୟକସ୍ଥଳେ ଯେଉଁ ଅଧିକାରୀମାନେ ଅଭିଯୋଗର ସମାଧାନ କରିବାରେ ବିଳମ୍ବ କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର। ତେବେ ଯାଇ ଲୋକଙ୍କ ସରକାରର ନାରା ସଫଳ ରୂପାୟନ ହୋଇ ପାରିବ।

## ମହିଳା କର୍ମଚାରୀଙ୍କୁ ହତ୍ୟା ଧମକ

◆ କାର୍ଯ୍ୟରେ ବାଧାଦେଲେ, ଗାଡ଼ି ଭାଙ୍ଗିଲେ
◆ ବିଡିଓଙ୍କ ଜରିଆରେ ଥାନାରେ ଏତଲା

**ମହାକାଳପଡ଼ା,୧୮।୩ (ସଂଚାର ବ୍ୟୁରୋ):** ଜଣେ ମହିଳା ଆସିଷ୍ଟାଣ୍ଟ ଡାଟା ଏଣ୍ଟ୍ରି ଅପରେଟରଙ୍କୁ କାର୍ଯ୍ୟରେ ବାଧା ଦେଇ ଅଶାଳୀନ ଭାଷାରେ ଗାଳିଗୁଲଜ, ଗାଡ଼ି ଭାଙ୍ଗିବା ଓ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଥିବା ମହିଳା କର୍ମଚାରୀ ଜଣଙ୍କ ମହାକାଳପଡ଼ା ଥାନାରେ ଏତଲା ଦେଇଛନ୍ତି। ଏତଲା ଅନୁଯାୟୀ ବାରଡାଙ୍ଗ ଗ୍ରାମପଞ୍ଚାୟତରେ କାର୍ଯ୍ୟରତ ଆସିଷ୍ଟାଣ୍ଟ ଡାଟା ଏଣ୍ଟ୍ରି ଅପରେଟର ବବିତା ମହାନ୍ତି ଭିତର ଶୋବଳା ଗ୍ରାମରେ ଦୁଇଦିନ ଧରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ସର୍ଭେ କରୁଥିବା ସମୟରେ ସେହି ଗ୍ରାମର ରମେଶ ବାରିକ ତାଙ୍କୁ କାର୍ଯ୍ୟରେ ବାଧା ଦେଉଛି। ଆଜି ସକାଳୁ ଏଡିଇଓ ବବିତା ମହାନ୍ତି ଭିତର ଶୋବଳା ଗ୍ରାମର ଓ୍ୱାର୍ଡ ମେମ୍ବର ନରୋତ୍ତମ ଦାସଙ୍କ ସହିତ ସର୍ଭେ ପାଇଁ ଯାଇଥିବା ସମୟରେ ରମେଶ ବାରିକ ଅଯଥାରେ ଗାଳିଗୁଲଜ କରି ତାଙ୍କ ଗାଡ଼ିକୁ ଫୋପାଡି ନଷ୍ଟ କରିଛନ୍ତି। କେବଳ ସେତିକି ନୁହେଁ ତାଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରୁ ମାରିଦେବାକୁ ମଧ୍ୟ ଧମକ ଦେଇଛନ୍ତି। ସେହି ଗ୍ରାମର ଆଉ ୪ରୁ ୫ ଜଣ ଯୁବକ ମଧ୍ୟ ତାଙ୍କ ସହିତ ଉପସ୍ଥିତ ଥିବା ସିଆରପି ଓ ଏମ୍ବିକେ ମାନଙ୍କୁ ଗାଳିଗୁଲଜ ଓ ଖରାପ ଇଙ୍ଗିତ କରିଛନ୍ତି ବୋଲି ଏତଲାରେ ଦର୍ଶାଇଛନ୍ତି ବବିତା। ବିଡ଼ିଓଙ୍କ ଜରିଆରେ ଏତଲାକୁ ମହାକାଳପଡ଼ା ଥାନାରେ ପ୍ରଦାନ କରାଯାଇଛି। ମହାକାଳପଡ଼ା ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ଏଡିଇଓଙ୍କ ଅଭିଯୋଗ ଆଧାରରେ ମହିଳା କର୍ମଚାରୀଙ୍କ ସୁରକ୍ଷା ନିମନ୍ତେ ତଦନ୍ତ ସହ ନିୟମାନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ ମହାକାଳପଡା ଥାନା ଅଧିକାରୀଙ୍କୁ ଜଣାଇଛନ୍ତି। ମହାକାଳପଡ଼ା ଥାନା ଅଧିକାରୀ ଏତଲା ଆଧାରରେ ୬୯ କେସ୍ ନମ୍ବରରେ ମାମଲା ରୁଜୁ କରି ରମେଶ ବାରିକଙ୍କୁ ଅଟକ ରଖିଛନ୍ତି। ଆସନ୍ତାକାଲି ରମେଶଙ୍କୁ କୋର୍ଟ ଚାଲାଣ କରାଯିବ।

## ବେଡାରୀରେ ରାଧା ମାଧବ ଉତ୍ସବ



**ଗରଦପୁର,୧୮।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଗରଦପୁର ଅନ୍ତର୍ଗତ ବେଡ଼ାରୀ ଗ୍ରାମରେ ବହୁ ଆଡମ୍ବର ସହକାରେ ରାଧା ମାଧବ ପୂଜା କମିଟି ଦ୍ୱାରା ଦୋଳ ପୂର୍ଣ୍ଣିମା ଠାରୁ ଆଜି ପର୍ଯ୍ୟନ୍ତ ଶ୍ରୀ ରାଧା କୃଷ୍ଣଙ୍କ ଯଜ୍ଞ ପୂଜା ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିନରୁ ପବିତ୍ର ଚିତ୍ରୋତ୍ପଳା ନଦୀରୁ କଳସ ବୁଡାଇ ପୂଜା ମଣ୍ଡପରେ ଘଟ ସ୍ଥାପନ କରି ଗ୍ରାମର ବ୍ରାହ୍ମଣ ପୂଜକ ଓ କର୍ତ୍ତାକର୍ତ୍ତିଙ୍କ ଦ୍ୱାରା ପବିତ୍ରତା ସହିତ ସାତଦିନ ବ୍ୟାପି ଯଜ୍ଞ କାର୍ଯ୍ୟ ଚାଲୁ ରହିଥିଲା । ଏହି ଯଜ୍ଞରେ ପ୍ରତ୍ୟକ ଦିନ ପ୍ରସାଦ ସେବନ ସହ ସନ୍ଧ୍ୟାରେ କୀର୍ତ୍ତନ, ଭଜନ ସନ୍ଧ୍ୟା ସହ ଲଉଡି ଖେଳ ପରିବେଷଣ ଉପସ୍ଥିତ ଥିବା ଦର୍ଶକ ମାନଙ୍କୁ ବେଶ୍ ଆନନ୍ଦ ଦେଇଥିଲା। ପ୍ରତ୍ୟେକ ସଂଧ୍ୟାରେ ହରିନାମ କୀର୍ତ୍ତନ ସହ ପ୍ରଭୁ ଶ୍ରୀ ରାଧା ମାଧବଙ୍କ ସଂଧ୍ୟା ଆଳତି ଆଧ୍ୟାତ୍ମିକତା ପରିବେଶ ସୃଷ୍ଟି କରାଇଥିଲା । ବିଭିନ୍ନ ଜିଲ୍ଲାରୁ କଳାକାରଙ୍କୁ ନେଇ ବଳରାମ, ରାଧାକୃଷ୍ଣ, ହନୁମାନ ଅବିକଳ ବେଶ ଧାରଣ କରି ଓ ଲଉଡି ଗୀତ ଗାଉଥିବା କଣ୍ଠ ଶିଳ୍ପୀ ବିଭିନ୍ନ ସଙ୍ଗୀତ ଦ୍ୱାରା ନୃତ୍ୟ ପରିବେଷଣ କରିଥିଲେ। ବେଡ଼ାରୀ ଗ୍ରାମର ପଚାଶରୁ ଅଧିକ ଯାଦବ ପରିବାର ଏହି ପୂଜା କମିଟି ଗଠନ କରି ଦୋଳପୂର୍ଣ୍ଣିମା ଦିନଠାରୁ ଏହି ଉତ୍ସବ ପାଳନ କରିଥିଲେ। ସାତଦିନ ବ୍ୟାପି ଏହି ପୂଜା ଉତ୍ସବ ବିଶ୍ୱର୍ଜନ ସରିବା ପରେ ପରେ ଗ୍ରାମ ଭ୍ରମଣ କରି ବହୁ ଜାକଜକମ ସହ ରୋଷଣୀ ଦ୍ୱାରା ଭଷାଣ କରିଥିଲେ । ଗ୍ରାମରେ ସଭିଙ୍କ ମଧ୍ୟରେ ଶାନ୍ତି ମୈତ୍ରୀ,ପ୍ରଭୁଙ୍କ କୃପା ପାଇବା ସଭିଙ୍କ ପ୍ରତି ଭଲପାଇବା ବଜାୟ ରଖିବା ଉଦ୍ଦେଶ୍ୟରେ ଗ୍ରାମର ସମସ୍ତ ପରିବାରଙ୍କ ସହଯୋଗରେ ରାଧା ମାଧବ ପୂଜା କମିଟି ଏହି ଉତ୍ସବ ପାଳନ କରୁଛି ବୋଲି ଅନୁଷ୍ଠାନର ମୁଖ୍ୟ ଦାୟିତ୍ୱରେ ଥିବା ମାନସ ଦାସ ବ୍ୟକ୍ତ କରୁଛନ୍ତି ।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ



**କେନ୍ଦ୍ରାପଡ଼ା,୧୮।୩ (ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ "ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା"ରେ ୧୦୫ ଜଣ ବରିଷ୍ଠ ତୀର୍ଥଯାତ୍ରୀ କେନ୍ଦ୍ରାପଡା ଟାଉନ ହଲ ଠାରୁ ଅଯୋଧ୍ୟା-ବାରଣାସୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ଏହି ଉପଲକ୍ଷେ ଅପରାହ୍ନ ସମୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ । ଟାଉନ ହଲଠାରେ ବରିଷ୍ଠ ନାଗରିକଙ୍କ ପଞ୍ଜୀକରଣ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ସ୍ୱାସ୍ଥ୍ୟ ଯାଞ୍ଚରେ ଯୋଗ୍ୟ ବିବେଚିତ ହୋଇଥିବା ବରିଷ୍ଠ ନାଗରିକମାନେ ତୀର୍ଥଯାତ୍ରା ପାଇଁ ଉଦ୍ଦିଷ୍ଟ ବସ୍ ଯୋଗେ ଯାତ୍ରା ଆରମ୍ଭ ପାଇଁ ବସିଥିଲେ। ଏମାନଙ୍କ ମଧ୍ୟରେ ୨୭ ବରିଷ୍ଠ ଦମ୍ପତି ଓ ୫୧ ଜଣ ବରିଷ୍ଠ ନାଗରିକ ରହିଥିବା ବେଳେ ପୁରୁଷଙ୍କ ସଂଖ୍ୟା ୫୬ ଓ ମହିଳାଙ୍କ ସଂଖ୍ୟା ୪୯ ରହିଛି ।

ସୂଚନାଯୋଗ୍ୟ ଯେ, ସେମାନେ ଏଠାରୁ ଯାଇ ଭୁବନେଶ୍ୱର ୟୁନିଟ- ୯ ସ୍ଥିତ ବାଳକ ଉଚ୍ଚ ବିଦ୍ୟାଳୟଠାରେ ରାତ୍ରି ବିଶ୍ରାମ କରିବାର ଆୟୋଜନ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଛି। ବୁଧବାର ପୂର୍ବାହ୍ନ ୧୧.୪୫ ଘଟିକା ସମୟରେ ଭୁବନେଶ୍ୱର ରେଳ ଷ୍ଟେସନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଶୁଭ ଉଦଘାଟନ ପରେ ଟ୍ରେନ ଯୋଗେ ସମସ୍ତ ତୀର୍ଥଯାତ୍ରୀ ଅଯୋଧ୍ୟା-ବାରଣାସୀ ଅଭିମୁଖେ ଯାତ୍ରା ଆରମ୍ଭ କରିବେ । ଏହି ଯାତ୍ରାର ସମୟସୀମା ମାର୍ଚ୍ଚ ୧୯ରୁ ଆରମ୍ଭ ହୋଇ ମାର୍ଚ୍ଚ ୨୪ ତାରିଖରେ ଶେଷ ହେବ। କେନ୍ଦ୍ରାପଡାରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ ସମୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରୂପାଲୀ ପ୍ରିୟଦର୍ଶିନୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧିକାରୀ ତ୍ରିଭୁବନ ଜୟସିଂହ, ବରିଷ୍ଠ ତୀର୍ଥଯାତ୍ରୀ ଓ ତାଙ୍କ ପରିବାର ସଦସ୍ୟ, କର୍ମକର୍ତ୍ତା ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଯୁକ୍ତ ୪ ଜଣ ଏସ୍କର୍ଟ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ଅଖଣ୍ଡ ବ୍ରହ୍ମଧ୍ୱନୀ ଯଜ୍ଞ ଓ ପ୍ରବଚନ ସଭା



**ରାଜନଗର,୧୮।୩ (ସଂଚାର ବ୍ୟୁରୋ):** ରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଓଉପଦା ପଞ୍ଚାୟତ ଜୁନୁପଙ୍ଗା ଗ୍ରାମରେ ମହିମା ଧର୍ମବାଲମ୍ବୀଙ୍କ ଦ୍ୱାରା ଅଖଣ୍ଡ ବ୍ରହ୍ମଧ୍ୱନୀ ବ୍ରହ୍ମଯଜ୍ଞ ଓ ପ୍ରବଚନ ସଭା ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ପନ୍ଦର ତାରିଖ ଠାରୁ ସତର ତାରିଖ ପର୍ଯ୍ୟନ୍ତ ଏହି ଆଧ୍ୟାତ୍ମିକ ଉତ୍ସବ କରାଯାଇଥିଲା। ସନ୍ଥ ବାମନ ବାବାଙ୍କ ଦ୍ୱାରା ସ୍ଥାପିତ ବ୍ରହ୍ମଧ୍ୱନୀ ଯଜ୍ଞକୁ ସ୍ମରଣ ରଖିବା ପାଇଁ ବିଶ୍ୱକଲ୍ୟାଣ ଉଦେଶ୍ୟରେ ପ୍ରତି ବର୍ଷ ଅଖଣ୍ଡ ବ୍ରହ୍ମଧ୍ୱନୀ ବ୍ରହ୍ମଯଜ୍ଞ କରାଯାଉଛି। ଚଳିତ ବର୍ଷ ଏହି ବାର୍ଷିକ ବ୍ରହ୍ମଯଜ୍ଞ ବ୍ରହ୍ମଧ୍ୱନୀରେ ବ୍ରହ୍ମାବଧୂତ ଅଭୟ ବାବା, ଗଦାଧର ବାବା, ଶଙ୍କର ବାବା, ଦୁଷ୍ମନ୍ତ ବାବା, ଅନ୍ତର୍ଯ୍ୟାମୀ ବାବା, ପରୀକ୍ଷିତ ବାବା, ତପନ ବାବା ପ୍ରମୁଖ ଯୋଗଦେଇ ବ୍ରହ୍ମଧ୍ୱନୀ ବ୍ରହ୍ମଯଜ୍ଞ କରାଇଥିଲେ। ଏହି ଅବସରରେ ଧର୍ମସଭା, ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ଗୋବିନ୍ଦ ଚନ୍ଦ୍ର ଦାସ ଏବଂ ଯୁଣପଂଗା ଗ୍ରାମବାସୀଙ୍କ ସହଯୋଗରେ ଏହି ଦିବ୍ୟକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି।

## ଦୁଇଶହ ପଚାଶ ବର୍ଷରେ ପହଞ୍ଚିଲା କଦମଛନ୍ଦାର ବିରସିଂହ ମେଲଣ



**ଗରଦପୁର,୧୮।୩ (ସଂଚାର ବ୍ୟୁରୋ):** ଗରଦପୁର ବ୍ଲକ ଅନ୍ତର୍ଗତ ତେଣ୍ଡାକୁଡ଼ା ଗ୍ରାମ ପଞ୍ଚାୟତ ସ୍ଥିତ କଦମ ଛନ୍ଦାସ୍ଥିତ ମା' ରଣପୁରୀ ମନ୍ଦିର ପ୍ରାଙ୍ଗଣରେ ମହା ଆଡମ୍ବର ସହିତ ବିରଞ୍ଚି ନାରାୟଣ ସିଂହ, ରବି ନାରାୟଣ ସିଂହ ଙ୍କ ଉଦ୍ୟମ ଓ ରୁଦ୍ର ସିଂହ ଙ୍କ ତତ୍ତ୍ୱାବଧାନରେ ୨୫୦ ବର୍ଷର ପୁରୁଣା ବିର ସିଂହ ମେଲଣ ପାଳନ କରାଯାଇଅଛି। ଅନ୍ୟମାନଙ୍କ ମଧ୍ୟରେ ଆଶିଷ ରଞ୍ଜନ ସିଂହ, ରଣସ କୁମାର ସିଂହ ତଥା ଅନ୍ୟାନ୍ୟ ଗ୍ରାମବାସୀ ମାନଙ୍କ ସହଯୋଗରେ ଏହି ସ୍ଥାନରେ ଏକ ପାରମ୍ପରିକ ଦୋଳ ମେଲଣ ଓ ବିମାନ ସମୁହରେ ଶ୍ରୀକୃଷ୍ଣ ଙ୍କ ପୂଜା ବିଧି ସୁଚାରୁ ରୂପରେ ପରିଚାଳନା କରାଯାଇଅଛି। ଏହି ମେଲଣରେ ସମସ୍ତ ଆଖପାଖ ଗ୍ରାମର ଅଧିବାସୀ ମାନେ ଉପସ୍ଥିତ ରହି ଏହାକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

ସପ୍ତାଦଶ ଶତାବ୍ଦୀରୁ ଚାଲିଆସୁଥିବା ଏହି ମେଲଣ ଫାଲଗୁନ ମାସର ଦ୍ୱାଦଶୀ ତିଥିରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଳନ ମା' ରଣପୁରୀ ମନ୍ଦିର ପ୍ରାଙ୍ଗଣର ସ୍ୱାଭିମାନ ମଣ୍ଡପ ରେ ପାଳନ ହୋଇଯାଇଅଛି । ଏହି ମେଲଣ ବିର ସିଂହ ଙ୍କ ଦାୟଦ ଙ୍କ ଦ୍ୱାରା ଅନୁଷ୍ଠିତ ଓ ପରିଚାଳିତ ହୋଇଥାଏ । ଏହା ବର୍ତ୍ତମାନ ପଞ୍ଚମ ପିଢ଼ି ରେ ପହଞ୍ଚିଚି । ଶ୍ରୀ ରୁଦ୍ର ସିଂହ ଏବେ ପଞ୍ଚମ ପିଢ଼ିର ଏହି ମେଲଣ ର ମୁଖ୍ୟ ପରିଚଳକ। ଅନେକ ବାଧାବିଘ୍ନ, ମରୁଡ଼ି, ବନ୍ୟା ,ଓ ବାତ୍ୟା ର ସମ୍ମୁଖୀନ ହେଲେ ମଧ୍ୟ ଏହି ମେଲଣ ଆରମ୍ଭରୁ ନିରନ୍ତର ଭାବେ ପାଳିତ ହୋଇଆସୁଥିବା ସ୍ଥାନୀୟ ଲୋକେ କହିଛନ୍ତି । ବିର ସିଂହ ମେଲଣ କଦମଛନ୍ଦା ର ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ଏବଂ ଧାର୍ମିକ ମହତ୍ତ୍ୱ ବହନ କରିଥାଏ । ଦୁଇ ଶତାବ୍ଦୀରୁ ଅଧିକ ସମୟ ଧରି ଏହା ପାଳନ କରାଯାଉଥିବାରୁ ଏହା ଏକ ଦୃଢ଼ ପରମ୍ପରା ଓ ଐତିହ୍ୟକୁ ସୂଚାଉଛି। ବିଭାନ ବସିବା ପାଇଁ ସ୍ଥାୟୀ ମଣ୍ଡପ ନିର୍ମାଣ ନିମନ୍ତେ ଶ୍ରୀ ରୁଦ୍ର ସିଂହ ସରକାରଙ୍କୁ ଅନୁରୋଧ କରିଛନ୍ତି।

## ସଲାରମଠ ମେଲଣ ଉଦ୍‌ଯାପିତ

**ଡେରାବିଶ,୧୮।୩ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଅନ୍ତର୍ଗତ ବଡ଼ସଲାରୋ ସ୍ଥିତ ସଲାର ମଠ ପ୍ରାଙ୍ଗଣରେ ଡେରାବିଶ ଅଞ୍ଚଳର ଶେଷ ମେଲଣ ଗତକାଲି ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି। ଗତକାଲି ସନ୍ଧ୍ୟାରେ ମଠର ବିମାନ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଗ୍ରାମକୁ ଯାଇ ଭକ୍ତମାନଙ୍କ ଘରେ ଭୋଗଲାଗି କରାଯିବା ପରେ ଗାଦିଶ୍ୱର



ମେଲଣପଡ଼ିଆରେ ପ୍ରଥମେ ଉପବେଶନ କରିଥିଲେ। ଏହା ପରେ ଅନୁଆପଡ଼ା, ବନ୍ଧପଡ଼ା, ଗହଗା, କିଜାଙ୍ଗପଡ଼ା, ରଜାଙ୍ଗ, ଡାଳିଜୀ, ଜମ୍ବିମୂଳ, ଖମୋଳ, ଜହଙ୍ଗର, ମାଳପଡ଼ା ଆଦି ଅଞ୍ଚଳରୁ ୩ଠରୁ ଉର୍ଦ୍ଧ୍ୱ ବିମାନ ପଡ଼ିଆର ବିଭିନ୍ନ ଦିଗରୁ ପାରମ୍ପରିକା ବାଜା, ସଂକୀର୍ତ୍ତନ ଓ ରୋଷଣୀରେ ଆସି ମେଲଣ ପଡ଼ିଆର ନିର୍ଦ୍ଧାରିତ ସ୍ଥାନମାନଙ୍କରେ ଉପବେଶନ କରିଥିଲେ। ପରେ ସଲାରମଠ ମହନ୍ତ ଗୌତମ ବାବାଙ୍କ ପକ୍ଷରୁ ସମସ୍ତ ବିମାନ ସମ୍ମୁଖରେ ଭୋଗ ଲାଗି କରାଯାଇଥିଲା। ଏହି ମେଲଣ ପଡ଼ିଆରେ ବହୁଦୋକାନୀ ସେମାନଙ୍କ ପସରା ମେଲାଇଥିବା ବେଳେ, ଅଞ୍ଚଳର ଶେଷ ମେଲଣ ହୋଇଥିବାରୁ ଏହି ମେଲଣରେ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଲୋକ ଉପଭୋଗ କରିଥିଲେ।




## ଶିବାନନ୍ଦ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ସମାରୋହ

**ରାଜନଗର,୧୮।୩ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ସାନବଡ ଗୋପାଳପୁରସ୍ଥିତ ଶିବାନନ୍ଦ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିର ସଭାପତି ଦିଲୀପ କୁମାର ପ୍ରଧାନଙ୍କ ପୌରେହିତରେ ଆୟୋଜିତ ଉତ୍ସବରେ ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମହାନ ସନ୍ଥ ସନାତନ ଧର୍ମର ଅନ୍ୟତମ ପରିବ୍ରାଜକ ସ୍ୱାମୀଜୀ ଶିବାନନ୍ଦଙ୍କ ମୁଖ ନିଶୃତ ଅମୃତ ସାମାଜିକ ଦୃଷ୍ଟିଭଙ୍ଗୀ ବାଣୀର ଅବତାରଣା କରିବା ସହିତ ଆଜିର ଶିଶୁମାନଙ୍କର ଚରିତ୍ର ଗଠନ କ୍ଷେତ୍ରରେ ପ୍ରତ୍ୟେକ ପିତା ମାତା ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବରେ ତୁଳସୀ କ୍ଷେତ୍ରର ଅନ୍ୟତମ ବାଣୀପୁତ୍ର ପ୍ରଖ୍ୟାତ ପ୍ରବଚକ ପଣ୍ଡିତ ହୃର୍ଷିକେଶ ରଥ ଯୋଗ ଦେଇ ଆଜିର ଅର୍ଥ ଅଭାବ ଦୁନିଆରେ କିପରି ଆମର ସାମାଜିକ ଜୀବନ ଧାରା କିପରି ଅବକ୍ଷୟ ମୁଖ ହେଉଛି ଏହାର ବିସ୍ତୃତ ସାଗର୍ଭାବ କଥା ବସ୍ତୁ ମାଧ୍ୟମରେ ଉପସ୍ଥାପନ କରିବା ସହିତ ଆମ ପିଲା ମାନଙ୍କୁ ଜଣେ ଜଣେ ଭଲ ମଣିଷ ଭାବରେ ଗଢି ତୋଳିବା ପାଇଁ ଉପଦେଶ ଦେଇଥିଲେ। ସଂମାନୀୟ ବକ୍ତା ଭାବେ ଶିକ୍ଷାବିତ ଶରତ ଚନ୍ଦ୍ର ମହାପାତ୍ର, ରାଜନଗର ଆଇ ଆଇସି ନରେଶ କୁମାର ସାହୁ, ପ୍ରେସ କ୍ଲବର ସଭାପତି ଭାସ୍କର ରାଉତରାୟ, ସାମ୍ବାଦିକ ବସନ୍ତ କୁମାର ହାତି ପ୍ରମୁଖ ଯୋଗ ଦେଇ ନୀତି ନୈତିକତା ଓ ଆଦର୍ଶ ଭିତ୍ତିକ କଥା କହିଥିଲେ। ଏହି ଅବସରରେ ବିଦ୍ୟାମନ୍ଦିର ରଜତ ଜୟନ୍ତୀରେ ମୁଖପତ୍ର ଅର୍ପଣକୁ ଅତିଥିମାନେ ଉନ୍ମୋଚନ କରିଥଲେ। ଶେଷରେ ବିଦ୍ୟାମନ୍ଦିର ପାଇଁ ଗୌରବମୟ କୃତିତ୍ୱ ଆଣିଥିବା ଛାତ୍ରଛାତ୍ରୀମାନକୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ବିଜେପି ସରକାରରେ ଆଇନ ଉର୍ଦ୍ଧ୍ୱରେ ନୁହଁନ୍ତି ପ୍ରଭାବଶାଳୀ

● ନାରୀ ନିର୍ଯାତନା ପ୍ରସଙ୍ଗରେ ଘେରିଲେ ବିରୋଧୀ

● ଗୃହରେ କଂଗ୍ରେସର ନିରବ ପ୍ରତିବାଦ



ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ): ରାଜ୍ୟରେ ନାରୀ ନିର୍ଯାତନା କ୍ରମଶଃ ବୃଦ୍ଧି ପାଉଥିବା ଅଭିଯୋଗ କରି ଆଜି ବିଧାନସଭାରେ ଦୁଇ ବିରୋଧୀ ଦଳ ସରକାରଙ୍କୁ ଘେରିଛନ୍ତି। ପ୍ରଶ୍ନକାଳ ଆରମ୍ଭରୁ ନିରବ ପ୍ରତିବାଦ କରୁଥିବା କଂଗ୍ରେସ ବିଧାୟକମାନେ ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇଥିଲେ। ରାଜ୍ୟରେ ଦୈନିକ ମହିଳାଙ୍କ ଉପରେ ନିର୍ଯାତନା ବଢୁଥିବାରୁ ଏନେଇ ଗୃହ କମିଟି ଗଠନ ପାଇଁ ଦାବି କରିଥିଲେ କଂଗ୍ରେସ ବିଧାୟକ ଅଶୋକ ଦାସ। ୨୦୦୦ରୁ ୨୦୨୪ ମଧ୍ୟରେ ରାଜ୍ୟରେ ୪୪ ହଜାର ୮୨୩ ମହିଳା ନିଖୋଜ ହୋଇଛନ୍ତି। ଏହା ପୂର୍ବ ସରକାରଙ୍କ ତଥ୍ୟ ଥିଲେ ବି ନୂଆ ସରକାରର ଏହି ୯ ମାସରେ ଅର୍ଥାତ୍ ଜୁନ ୨୦୨୪ ପରେ ୧୮ ହଜାର ନାରୀ ନିର୍ଯାତନା ମାମଲା ପଞ୍ଜୀକୃତ ହୋଇଛି। ୫୪ ମହିଳା ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ଦିନଦ୍ୱିପ୍ରହରେ ହତ୍ୟାକାଣ୍ଡ ହେଉଛି ବୋଲି ସେ ଅଭିଯୋଗ କରିଛନ୍ତି। କଂଗ୍ରେସ ବିଧାୟକ ସିଏସ ରାଜନ ଏକ୍କା ବି ଗୃହ କମିଟି ଗଠନ ପାଇଁ ଦାବି କରିବା ସହ ପୂର୍ବ ସରକାରଙ୍କ ସମୟରେ ଘଟିଥିବା ମହିଳା ଅପରାଧ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ଆରମ୍ଭରୁ ନାରୀ ନିର୍ଯାତନା ପ୍ରସଙ୍ଗକୁ ନେଇ ସରକାରଙ୍କ ବିବୃତି ଦାବି କରି ଆସୁଛି କଂଗ୍ରେସ। ଏପରିକି ଏହି ପ୍ରସଙ୍ଗରେ ବିଜେଡି ମଧ୍ୟ ରାଜ୍ୟ ସରକାରଙ୍କ ଅପାରଗତାକୁ ନେଇ ବର୍ଷିଥିଲା। କଂଗ୍ରେସ ମଧ୍ୟ ଅନୁଗୁଳରେ ୫ ବର୍ଷର ନାବାଳିକାକୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ମୁଲତବୀ ନୋଟିସ ଦେଇଥିଲା। ଏହି ଆଲୋଚନାରେ ଭାଗ ନେଇ ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକ କହିଥିଲେ ଯେ ଅନୁଗୁଳ ଜିଲ୍ଲାର ୫ ବର୍ଷର କୋମଳମତି ଝିଅ ଧର୍ଷଣ ଓ ହତ୍ୟା ମାମଲାରେ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ଏବେ ମହିଳା ଘରୁ ବାହାରିବାକୁ ଡରିଲେଣି। ଥାନାକୁ ଆସି ବି ମାମଲା ରୁଜୁ କରିପାରୁନାହାନ୍ତି। ୨୪ ବର୍ଷ କହିବା ଛଡ଼ା ଆଉ କିଛି କହିବାକୁ ନାହିଁ ଆପଣଙ୍କ ପାଖରେ ଭାଷା। ରାଜ୍ୟରେ ମହିଳା ଓ ଶିଶୁ କେହି ଆଜି ସୁରକ୍ଷିତ ନୁହନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଏହି ଆଲୋଚନାରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଉତ୍ତର ରଖିଥିଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଥିଲେ ଯେ ରାଜ୍ୟରେ ହ୍ରାସ ପାଇଛି ମହିଳା ହିଂସା। ମହିଳା ଓ ଶିଶୁ ଅପରାଧକୁ ସରକାର ଦୃଢ଼ତାର ସହ ନେଇଛନ୍ତି। ଆଇନରୁ ଉର୍ଦ୍ଧ୍ୱରେ କେହି ନୁହନ୍ତି, ଯେତେ ପ୍ରଭାବଶାଳୀ ହେଲେ ବି କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି। ଏଥିସହ ଆଇନମନ୍ତ୍ରୀ ଆହୁରି କହିଛନ୍ତି ଯେ ଅନୁଗୁଳରେ ୫ ବର୍ଷର ନାବାଳିକାଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଚୁପ୍ ବସିନାହାନ୍ତି ସରକାର। ୧୪ ତାରିଖରେ ରଞ୍ଜନ ସାଏ ତାଙ୍କ ଝିଅ ନିଖୋଜ ନେଇ ଅଭିଯୋଗ କରିଥିଲେ। ୧୫ ତାରିଖରେ ତାଙ୍କ ଘରର ୧୫୦ରୁ ୨୦୦ ମିଟର ଦୂରରେ ମୃତଦେହ ମିଳିଥିଲା। ସନ୍ଧାନୀ କୁକୁର ସହାୟତାରେ ଯେଉଁ କିଛି ପ୍ରମାଣ ମିଳିଥିଲା, ସେହି ତଥ୍ୟ ଆଧାରରେ ଅଭିଯୁକ୍ତ ବାବୁଲା ଜେନାକୁ ଗିରଫ କରାଯାଇଛି।

## ଚଳିବନି ଠିକାଦାରଙ୍କ ମନମାନୀ
## କାର୍ଯ୍ୟରେ ବିଳମ୍ବ କଲେ ଏଫ୍ଆଇଆର୍

● କଳା ତାଲିକାଭୁକ୍ତ ଚେତାବନୀ

ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ): ଏଣିକି ଆଉ ଚଳିବନି ଠିକାଦାରଙ୍କ ମନମାନୀ। ମେଗା ପାନୀୟ ଜଳ ପ୍ରକଳ୍ପକୁ ନେଇ ଗୃହରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଉଦ୍‌ବେଗ ପ୍ରକାଶ କରିବା ସହ ଏ ଦିଗରେ ସରକାର ଠୋସ୍ ପଦକ୍ଷେପ ନେଉଥିବା ଦର୍ଶାଇଛନ୍ତି। ସେ କହିଛନ୍ତି ଯେ କୌଣସି ପାନୀୟ ଜଳ କାମ କରୁଥିବା ସମ୍ପୃକ୍ତ ଠିକା କମ୍ପାନୀ ଧାର୍ଯ୍ୟ ସମୟରେ କାର୍ଯ୍ୟ ଶେଷ ନ କଲେଲ ତାଙ୍କ ବିରୋଧରେ ଥାନାରେ ମାମଲା ରୁଜୁ ହେବ। ଏଥିସହ ଆବଶ୍ୟକ ସ୍ଥଳେ ଉକ୍ତ ଠିକା ସଂସ୍ଥାକୁ କଳା ତାଲିକାଭୁକ୍ତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏ ସମ୍ପର୍କରେ ସୂଚନା ଦେବା ସମୟରେ ମନ୍ତ୍ରୀ ଶ୍ରୀ ନାଏକ ମେଗା ପାନୀୟ ଜଳ ପ୍ରକଳ୍ପ ଧିମା ହେବାର କାରଣ ଦର୍ଶାଇ ପୂର୍ବ ସରକାରକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ ଯେଉଁମାନେ ଚୁକ୍ତି ସ୍ୱାକ୍ଷର କରିଥିଲେ, ସେମାନେ ନୂଆ ସରକାର ଆସିବା ପରେ କାର୍ଯ୍ୟ ସଠିକ୍ ସମୟରେ ସାରିନାହାନ୍ତି। ତେଣୁ ଏନେଇ ସେମାନଙ୍କ ଉପରେ ସରକାର ଜରିମାନା କଷିଛନ୍ତି। ଆଗାମୀ ସପ୍ତାହକ ଭିତରେ ସମ୍ପୃକ୍ତ ଠିକା କମ୍ପାନୀ ମୁଖ୍ୟଙ୍କୁ ଡକାଯାଇଛି। ଠିକ ସମୟରେ କାମ ନ ସାରିଲେ ଉକ୍ତ କମ୍ପାନୀକୁ କଳା ତାଲିକାଭୁକ୍ତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଆଜି ରାଜ୍ୟରେ ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ସ୍ଥିତି ନେଇ ବିଧାନସଭା ପ୍ରଶ୍ନକାଳ ବେଶ୍ ସରଗରମ ରହିଥିଲା। ପ୍ରକଳ୍ପ ଧିମା ଗତିରେ ଚାଲୁଥିବା କହି କେବେ ପ୍ରତି ଘରକୁ ପାଇପ ଯୋଗେ ପାଣି ପହଞ୍ଚିବ ବୋଲି ବିଜେଡି ବିଧାୟକ ରମେଶ ବେହେରା ପ୍ରଶ୍ନ କରିଥିଲେ। ଏହାର ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ନାଏକ ପୂର୍ବ ସରକାରର ପୋଲ ଖୋଲିବା ସହ ପ୍ରକଳ୍ପ ବିଳମ୍ବର ଏହା ପ୍ରମୁଖ କାରଣ ବୋଲି କହିଛନ୍ତି। ସେହିପରି ମନ୍ତ୍ରୀ କହିଛନ୍ତି ଯେ ଏଣିକି ଚୁକ୍ତି ସ୍ୱାକ୍ଷର କରିଥିବା କମ୍ପାନୀ କାମରେ ବିଳମ୍ବ କଲେ ସେମାନଙ୍କୁ କଳା ତାଲିକାଭୁକ୍ତ କରି ସରକାର ନୂଆ କମ୍ପାନୀକୁ କାମ ହସ୍ତାନ୍ତର କରିବେ। ଏଥିସହ ୨୦୨୬ ସୁଦ୍ଧା ସମସ୍ତ ପାନୀୟ ଜଳ ପ୍ରକଳ୍ପ କାମ ଶେଷ ହେବ ବୋଲି ମନ୍ତ୍ରୀ କହିଛନ୍ତି।

## ରାଜଧାନୀରେ ଉଚ୍ଚସ୍ତରୀୟ କର୍ମଶାଳା ଆୟୋଜିତ
## ନେଟ୍-ଜିରୋ ଟ୍ରାଞ୍ଜିସନ ଲକ୍ଷ୍ୟ ହାସଲକୁ ଗୁରୁତ୍ୱ

● ଟେରି-ଶକ୍ତି ବିଭାଗ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ

ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ): ଯୁକ୍ତରାଜ୍ୟ ସରକାର ଓ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ ଏବଂ ଗ୍ରୀଡ୍‌କୋର ମିଳିତ ସହଯୋଗରେ ଆଜି 'ନେଟ୍-ଜିରୋ ଭିଜନ୍ ଫର୍ ଭୁବନେଶ୍ୱର' ସଂକ୍ରାନ୍ତରେ ଏକ ଉଚ୍ଚସ୍ତରୀୟ କର୍ମଶାଳା ଆୟୋଜିତ ହୋଇଥିବା ବେଳେ ଜ୍ଞାନ ଆଦାନ-ପ୍ରଦାନ ସହ ବହୁ-ପକ୍ଷୀୟ ସହଯୋଗକୁ ଉତ୍ସାହିତ କରିବା ଏବଂ ଭୁବନେଶ୍ୱର ସହରରେ କିଭଳି ପ୍ରଦୂଷଣକୁ ପ୍ରତିହତ କରାଯାଇପାରିବ, ସେନେଇ ଆଲୋଚନା ହୋଇଛି। ଦି ଏନର୍ଜି ଆଣ୍ଡ ରିସୋର୍ସ ଇନଷ୍ଟିଚ୍ୟୁଟ (ଟେରି) ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲା। କର୍ମଶାଳାରେ ବିଭିନ୍ନ ବିଭାଗର ସରକାରୀ ଅଧିକାରୀ ତଥା ଶିଳ୍ପ ଓ ଶିକ୍ଷା ଜଗତ ସହିତ ଜଡ଼ିତ ବିଶେଷଜ୍ଞ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱରର ନେଟ୍-ଜିରୋ ଯାତ୍ରା ପାଇଁ ଏକ ସମ୍ପୂର୍ଣ୍ଣ ରୋଡମ୍ୟାପ୍ ବିକଶିତ କରିବା ଉଦ୍ଦେଶ୍ୟରେ ଏହା ଆୟୋଜିତ ହୋଇଥିଲା। ୨୦୭୦ ସୁଦ୍ଧା ନେଟ୍-ଜିରୋ ଲକ୍ଷ୍ୟ ପୂରଣ ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତା ଓ ୨୦୨୯-୩୦ରେ ରାଜ୍ୟର ଅକ୍ଷୟ ଶକ୍ତି କ୍ଷମତାକୁ ୧୦.୯ ଗିଗାୱାଟକୁ ବୃଦ୍ଧି କରିବା ଦିଗରେ ପଦକ୍ଷେପ ପାଇଁ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ଟେରି ମହାନିର୍ଦ୍ଦେଶକ ଡ. ବିଭା ଧବନ ସ୍ୱାଗତ ଭାଷଣ ଦେଇ ଅକ୍ଷୟ ଶକ୍ତି ବିକାଶ କ୍ଷେତ୍ରରେ ଏକ ସ୍ଥାୟୀ ସମାଧାନ ପାଇଁ ମିଳିତ ପ୍ରଚେଷ୍ଟାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଗତି ତ୍ୱରାନ୍ୱିତ ପାଇଁ ପ୍ରଯୁକ୍ତିବିଦ୍ୟାର ଅଭାବ ପୂରଣ କରିବାକୁ ପଡ଼ିବ। ନୀତିଗତ ଢାଞ୍ଚାକୁ ସୁଦୃଢ଼ କରିବାକୁ ପଡ଼ିବ ଓ ସ୍ୱଚ୍ଛ ଯାନବାହାନ ଚଳାଚଳ କ୍ଷେତ୍ରରେ ଅଧିକ ପୁଞ୍ଜି ବିନିଯୋଗ କରିବାକୁ ପଡ଼ିବ। ପରିବହନର ବିଦ୍ୟୁତୀକରଣ, ଗ୍ରୀଡ୍ର ଆଧୁନିକୀକରଣ ଓ ଅକ୍ଷୟ ଶକ୍ତିର ସମନ୍ୱୟ ମାଧ୍ୟମରେ ନେଟ୍-ଜିରୋ ଭବିଷ୍ୟତର ଲକ୍ଷ୍ୟ ଶୀଘ୍ର ସାଧିତ ହେବ ବୋଲି ସେ କହିଥିଲେ। ସେହିପରି ଗ୍ରୀଡକୋ ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା ଅକ୍ଷୟ ଶକ୍ତିର ବିକାଶ ପ୍ରତି ରାଜ୍ୟର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ।

## କିଡ୍‌ନୀ ରୋଗ କବଳରେ ଗାଁ; ବର୍ଷକରେ ୫ ମୃତ୍ୟୁ ଅଭିଯୋଗ



କାଳିମେଳା,୧୮।୩(ସଂଚାର ବ୍ୟୁରୋ): କିପରି ଲୋକ ବିଶୁଦ୍ଧ ପାନୀୟ ଜଳ ପାଇପାରିବେ ସେଥିପାଇଁ ସରକାରଙ୍କ ଅନେକ ଯୋଜନା । ହେଲେ ଆଜି ବି ରାଜ୍ୟର ଅନେକ ଗାଁରେ ପିଇବା ପାଣିର କୌଣସି ସୁବିଧା ନାହିଁ । କେଉଁଠି ଲୋକ ନାଳ, ପୋଖରୀର ଦୂଷିତ ଜଳ ବ୍ୟବହାର କରିବାକୁ ପଡୁଛି ତ ଆଉ କେଉଁଠି ନଳକୂପର ଗୋଳିଆ ପାଣି ପାଲଟିଛି ଭରସା । ଯାହାର ପରିଣାମ ପାଲଟିଛି କିଡ୍‌ନୀ ରୋଗୀ । କାଳିମେଳା ବ୍ଲକ ଚିତ୍ରାଙ୍ଗପଲ୍ଲି ପଞ୍ଚାୟତର ଏମଭି-୧୧୮ ଗାଁରେ ଅନେକ ଲୋକ କିଡ୍‌ନୀ ରୋଗରେ ଘାଣ୍ଟି ହେଉଛନ୍ତି। ବର୍ଷେ ଭିତରେ ୫ଜଣ ଲୋକଙ୍କ ମୃତ୍ୟୁ ଘଟିଥିବା ସ୍ଥାନୀୟ ଲୋକମାନେ କହିଛନ୍ତିନ। ଦୂଷିତ ପାଣି ପାଇଁ ଗାଁରେ କିଡ୍‌ନୀ ରୋଗ ବ୍ୟାପୁଥିବା ଅଭିଯୋଗ କରାଯାଇଛି ଏମଭି-୧୧୮ ଗାଁରେ ୩ଟି ନଳକୂପ ରହିଛି । ଯେଉଁଥିରୁ ଆଇରନ ମିଶା ଗୋଳିଆ ପାଣି ବାହାରୁଛି । ପାନୀୟ ଜଳର ଅନ୍ୟ କିଛି ବନ୍ଦୋବସ୍ତ ନଥିବାରୁ ଗାଁର ୪ଶହରୁ ଅଧିକ ଲୋକ ବାଧ୍ୟ ହୋଇ ସେହି ପାଣିକୁ ବ୍ୟବହାର କରୁଛନ୍ତି। ଏନେଇ ସରପଞ୍ଚ ଠାରୁ ଆରମ୍ଭ କରି ବିଡିଓଙ୍କୁ ଅବଗତ କରାଗଲେ ବି କିଛି ସୁଫଳ ମିଳୁନଥିବା ଅଭିଯୋଗ ହୋଇଛି ।

## ୟୁଜିସ୍ ଡ୍ରାଫ୍ଟ-୨୦୨୫କୁ ଛାତ୍ର କଂଗ୍ରେସର ବିରୋଧ

### ବିଧାନସଭା ଘେରାଉ ବେଳେ ପୁଲିସ୍ ସହ ଧସ୍ତାଧସ୍ତି



ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ): ଆଜି ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଡ୍ରାଫ୍ଟ୍ ୟୁଜିସି ରେଗୁଲେସନ-୨୦୨୫କୁ ବିରୋଧ କରାଯିବା ସହ ଏହା ପ୍ରତିବାଦରେ ସଭାପତି ଉଦିତ୍ ପ୍ରଧାନଙ୍କ ନେତୃତ୍ୱରେ ବିଧାନସଭା ଘେରାଉ କରାଯାଇଥିଲା। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ବିଧାନସଭା ଅଭିମୁଖେ ଅଗ୍ରସର ହେଉଥିବା ସମୟରେ ଲୋୟର ପିଏମ୍‌ଜିଠାରେ ପୁଲିସ୍ ସହ ଛାତ୍ର କଂଗ୍ରେସ ନେତାମାନଙ୍କର ଧସ୍ତାଧସ୍ତି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପିସିସି ସଭାପତି ଭକ୍ତଚରଣ ଦାସ କହିଥିଲେ ଯେ ୨୦୧୪ଠାରୁ କ୍ରମାଗତ ଭାବେ ଶିକ୍ଷା ଓ ଶିକ୍ଷାନୁଷ୍ଠାନ ଉପରେ ଆକ୍ରମଣ ହେଉଛି। ଜାତୀୟ ଶିକ୍ଷା ନୀତି-୨୦୨୦ କେବଳ ଶିକ୍ଷାର ଘରୋଇକରଣ ଓ କେନ୍ଦ୍ରୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ। ଏହି ନୀତି କାର୍ଯ୍ୟକାରୀ ହେବା ପରେ ସ୍କୁଲ ଫି' ବୃଦ୍ଧି, ବଜେଟ୍‌ରେ ଉଚ୍ଚଶିକ୍ଷା ପାଇଁ ଅନୁଦାନ, ଜାତିଗତ ସଂରକ୍ଷଣରେ ଉଦାସୀନତା, ଯଥାର୍ଥ ଓ ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ଦମନ ଏବଂ ଶିକ୍ଷାନୁଷ୍ଠାନରେ ଆରଏସ୍ଏସ୍ ନୀତିର ପ୍ରଭାବ ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି। ଏହା ଗରିବ ଓ ଅସହାୟ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାନୁଷ୍ଠାନର ଦ୍ୱାର ବନ୍ଦ କରିଦେଉଛି। ଏହି ସରକାରର ନୀତି ଏବଂ ଉଦ୍ଦେଶ୍ୟ ବିଷୟରେ ଆମେ ସମସ୍ତେ ଅବଗତ। ସରକାରୀ ଉଦ୍ୟୋଗ, ରେଳବାଇ, ବିମାନବନ୍ଦର, ବନ୍ଦର, ଜଙ୍ଗଲ, ପାହାଡ଼ ଓ ଖଣିକୁ ଆଦାନୀ ଓ ଅମ୍ବାନୀ ହାତରେ ଶାଗମାଛ ଦରରେ ଟେକିଦିଆଯାଉଛି। ସେହିଭଳି ସରକାରୀ ଚାକିରି ମଧ୍ୟ ବିକ୍ରି ହେଉଛି। ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ସୀମା ଟପିଛି।

## ଗଞ୍ଜେଇ ଚାଲାଣ ମାମଲାରେ ଦୁଇ ବଙ୍ଗୀୟ ଯୁବକ ଦୋଷୀ ସାବ୍ୟସ୍ତ

● ୧୦ ବର୍ଷର ସଶ୍ରମ କାରାଦଣ୍ଡାଦେଶ

କଟକ,୧୮।୩(ସଂଚାର ବ୍ୟୁରୋ): ଗଞ୍ଜେଇ ଚୋରା ଚାଲାଣ ଘଟଣାରେ ଦୁଇ ବଙ୍ଗୀୟ ଯୁବକ ଦୋଷୀ ସାବ୍ୟସ୍ତ । ୧୦ ବର୍ଷର ସଶ୍ରମ କାରାଦଣ୍ଡାଦେଶ ସହିତ ୧ ଲକ୍ଷ ଲେଖାଏଁ ଜରିମାନା। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲଦଣ୍ଡ। ଦୋଷୀ ସାବ୍ୟସ୍ତ ଦୁଇ ଯୁବକ ଗୋପାଳ ବିଶ୍ୱାସ ଓ ଶୁଭେନ୍ଦୁ ଘୋଷ । କଟକ ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଦେଲେ ନିର୍ଦ୍ଦେଶ । ଗଞ୍ଜେଇ ଚୋରା ଚାଲାଣ ବେଳେ ୨୦୨୩ ଜୁନ ୨୯ ରେ ଅବକାରୀ ବିଭାଗ ଦ୍ୱାରା ଦୁଇ ବଙ୍ଗୀୟ ଯୁବକ ଧରା ପଡ଼ିଥିଲେ । ସରକାରୀ ଓକିଲ ଦେବାଶିଷ ସାମନ୍ତରାୟ ଏହି ମାମଲା ପରିଚାଳନା କରୁଥିଲେ ।

### ବ୍ରିଟିଶ୍ ଅମଳର ଦିପୋଟି ମେଲଣ
## ହରିହର ଭେଟ, ଏକାଠି ହେଲେ ୬୪ ଦୋଳ ବିମାନ



ନିଆଳି,୧୮।୩(ସଂଚାର ବ୍ୟୁରୋ): ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ବେଶ୍ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଛି ଐତିହାସିକ ଦିପୋଟି ମେଲଣ। ଶୋଭାଯାତ୍ରା ମାଧ୍ୟମରେ ଗୋଟିଏ ପରେ ଗୋଟିଏ ଦୋଳ ବିମାନ ସ୍ଥାନୀୟ କସର୍ଦ୍ଦା ପଡ଼ିଆ ଦୋଳ ମଣ୍ଡପରେ ପ୍ରବେଶ କରିଥିଲେ। ପ୍ରଥମେ କସର୍ଦ୍ଦା ଅଞ୍ଚଳର ଲକ୍ଷ୍ମୀ ନାରାୟଣ ତଥା ଥାନପତି ମେଲଣ ପଡ଼ିଆକୁ ପ୍ରବେଶ କରିବା ପରେ ଅନ୍ୟ ୬୪ଟି ଦୋଳ ବିମାନ ପ୍ରବେଶ କରିଥିଲେ, ଯାହାକି ସେଠାରେ ଏକ ଅଭୂତପୂର୍ବ ପରିବେଶ ସୃଷ୍ଟି କରିଥିଲା। ଏହି ବ୍ରିଟିଶ୍ ଅମଳରେ ମେଲଣରେ ସବାଶେଷରେ କଦଳୀଖିଆ ଠାକୁର ଗୋପାଳଜୀ ଯିବାର ପ୍ରଥା ରହିଛି। ସମସ୍ତ ନୀତିକାନ୍ତି ଅନୁସାରେ ପୂଜାର୍ଚ୍ଚନା ହୋଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କଟକ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ସଦର କଟକ ଉପଖଣ୍ଡ ଅଧିକାରୀ, ନିଆଳି ଥାନା ଆଇଆଇସି ଉକ୍ତ ମେଲଣରେ ଉପସ୍ଥିତ ଥିଲେ। ବିଟ୍ରିଶ ଅମଳରୁ ଏହି ମେଲଣ ଅନୁଷ୍ଠିତ ହୋଇଆସୁଛି। ୧୮୯୯ରେ ତତ୍କାଳୀନ ଉପଜିଲ୍ଲାପାଳ ଏହି ମେଲଣ ଆରମ୍ଭ କରିଥିଲେ। ସେବେଠାରୁ କଟକ ଜିଲ୍ଲା ନିଆଳି ଥାନା କସର୍ଦ୍ଦା ଅଞ୍ଚଳରେ ଅନୁଷ୍ଠିତ ହୋଇଆସୁଛି ଏହି ପ୍ରସିଦ୍ଧ ଦିପୋଟି ମେଲଣ। ପୂର୍ବରୁ ୧୦୮ଟି ଦୋଳ ବିମାନ ଏଠାରେ ଏକାଠି ହେଉଥିଲେ ହେଁ ଏବେ ଏହି ସଂଖ୍ୟା ୬୪କୁ ଖସିଆସିଛି। ଏହି ମେଲଣ ସମ୍ପର୍କରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ କହିଛନ୍ତି ଯେ ବର୍ଷ ବର୍ଷ ଧରି ପାଳନ ହୋଇଆସୁଛି ଦିପୋଟି ମେଲଣ। ଏଠାରେ ସବୁ ସମ୍ପ୍ରଦାୟର ଲୋକେ ଆସି ଏକାଠି ହେବା ସହ ମେଲଣର ମଜା ନେଇଥାନ୍ତି। ଏହି ମେଲଣ ପାଇଁ ଆନୁଷଙ୍ଗିକ ଆୟୋଜନ ପାଇଁ ବିଭିନ୍ନ ଉତ୍ସରୁ ଅର୍ଥ ସଂଗ୍ରହ କରାଯାଉଛି। ଏଥିରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ମଧ୍ୟ ହେଉଛି। ସରକାର ଏହାର ଅଧିକ ବିକାଶ କରିବା ପାଇଁ ମଧ୍ୟ ଅର୍ଥ ମଞ୍ଜୁର କରିଛନ୍ତି। ଏହାର ତ୍ୱରିତ ଉନ୍ନତି ଦିଗରେ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ଶିନ୍ଦେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଦୋପଟି ମେଲଣର ପ୍ରସାର ପ୍ରଚାର ନିମନ୍ତେ ପଦକ୍ଷେପ ନିଆଯିବ। ଏହି ମେଲଣ ସମ୍ପର୍କରେ ବିଳାଶୁଣୀ ଅଞ୍ଚଳର ଗୋପାଳଜୀଉଙ୍କ ଅଧିକାରୀ ପବିତ୍ର କୁମାର ଦାଶ କହିଛନ୍ତି ଯେ ଏହା ବହୁ ପୁରାତନ ବିଟ୍ରିଶ ଅମଳର ମେଲଣ। ଏଠାକୁ ମେଲଣ ସମୟରେ ଭକ୍ତମାନଙ୍କ ପ୍ରବଳ ସମାଗମ ହୋଇଥାଏ। ବାଜା, ବାଣ ଓ ନାଚଗୀତରେ କସର୍ଦ୍ଦା ଅଞ୍ଚଳର ଥାନପତି ତଥା ଲକ୍ଷ୍ମୀ ନାରାୟଣ ପ୍ରଥମେ କସର୍ଦ୍ଦା ମେଲଣ ପଡ଼ିଆକୁ ପ୍ରବେଶ କରନ୍ତି। ସବୁ ଠାକୁର ବସି ସାରିଲା ପରେ ସଭା ଶେଷରେ ବିଳାଶୁଣୀ ଅଞ୍ଚଳର ଗୋପାଳଜୀଉଙ୍କ ଦୋଳ ବିମାନ ଆସିଥାଏ। ଗୋପାଳଜୀଉଙ୍କ ପ୍ରସିଦ୍ଧ କଦଳୀ ଭୋଗର ବିଶେଷତ୍ୱ ହେଉଛି ଗୋଟିଏ ଘଣ୍ଟାରେ ଗୋପାଳଜୀଉ କଞ୍ଚା କଦଳୀକୁ ପାଚିଲା ପଦଳୀରେ ପରିବର୍ତ୍ତନ କରିଦେଇଥିଲେ। ସେବେଠାରୁ ଗୋପାଳଜୀଉଙ୍କଠାରେ ପ୍ରସିଦ୍ଧ କଦଳୀ ଭୋଗ ହୋଇଆସୁଛି। ଗୋପାଳଜୀଉ ହେଉଛନ୍ତି କଦଳୀଖିଆ ଠାକୁର। ସକାଳ ସମୟରୁ ଅପରାହ୍ନ ପର୍ଯ୍ୟନ୍ତ ଟ୍ରକ୍ ଟ୍ରକ୍ କଦଳୀ ତାଙ୍କ ନିକଟରେ ଲାଗି ହୋଇଆସୁଛି। ଲକ୍ଷ୍ମୀ ନୃସିଂହ ଓ ଗୋପାଳଜୀଉଙ୍କ ମଧ୍ୟରେ ହରିହର ଭେଟ ହେବାର ବିଧି ବି ରହିଛି ଏବଂ ଏହି ଅବସରରେ ଫଗୁ ଖେଳର ପରମ୍ପରା ମଧ୍ୟ ରହିଛି ବୋଲି ଶ୍ରୀ ଦାଶ କହିଛନ୍ତି।

## ୨୪ରେ ନୀଳମାଧବଙ୍କୁ ଦର୍ଶନ କରିବେ ରାଷ୍ଟ୍ରପତି

● ବିଶ୍ୱାବସୁ ଶବର ସମାଜ ଫାଉଣ୍ଡେସନର ପ୍ରତିଷ୍ଠା ଦିବସରେ ଯୋଗଦେବେ

● ଗସ୍ତ ପୂର୍ବରୁ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ): ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଆସନ୍ତା ମାର୍ଚ୍ଚ ୨୪ ଓ ୨୫ ତାରିଖରେ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଆଜି ସଂଧ୍ୟାରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରପତି ମାର୍ଚ୍ଚ ୨୪ ତାରିଖ ଦିନ ୧୨ଟା ୩୦ରେ ବାୟୁସେବା ବିମାନ ଯୋଗେ ସ୍ୱାମୀ ବିବେକାନନ୍ଦ ବିମାନ ବନ୍ଦର, ରାୟପୁର, ଛତିଶଗଡ଼ରୁ ବାହାରି ଦିନ ଗୋଟାଏ ୩୦ରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଁଚିବେ। ସେଠାରୁ ସେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ନୟାଗଡ଼ ଜିଲ୍ଲା କଣ୍ଟିଲୋ ନୀଳମାଧବ ମନ୍ଦିର ନିକଟସ୍ଥ ହେଲିପ୍ୟାଡରେ ଅବତରଣ କରି କଣ୍ଟିଲୋ ସ୍ଥିତ ଅତିଥି ଭବନରେ ସାମୟିକ ବିଶ୍ରାମ କରିବେ । ପରେ ସେ ଅପରାହ୍ଣ ୩ଟା ୦୫ରେ ପ୍ରଭୁ ନୀଳମାଧବ ମନ୍ଦିର ଦର୍ଶନ କରି ପୂଜାର୍ଚ୍ଚନା କରିବେ । ଅପରାହ୍ଣ ୩ଟା ୩୫ରେ ନୟାଗଡ଼ର କାଳିଆପଲ୍ଲୀ ଠାରେ ଭାରତୀୟ ବିଶ୍ୱାବସୁ ସମାଜ ଫାଉଣ୍ଡେସନର ପ୍ରତିଷ୍ଠା ଦିବସ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେବେ । ଏହା ପରେ ସେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରି ରାଜଭବନରେ ରହିବେ। ୨୫ ତାରିଖ ସକାଳେ ବାୟୁସେବା ବିମାନ ଯୋଗେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି । ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟସୂଚୀ ପରିପ୍ରେକ୍ଷୀରେ ପ୍ରସ୍ତୁତି ସମୀକ୍ଷା କରିବା ସହିତ ଆବଶ୍ୟକ ସମସ୍ତ ବ୍ୟବସ୍ଥା କରିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି । ଅନୁଷ୍ଠିତ ଏହି ବୈଠକରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଓ୍ୱାଇ.ବି. ଖୁରାନିଆ, ଅଗ୍ନିଶମ ସେବା ବିଭାଗ ଡିଜି ଡଃ. ସୁଧାଂଶୁ ଷଡ଼ଙ୍ଗୀଙ୍କ ସମେତ ରାଜ୍ୟ ପ୍ରଶାସନର ସଂପୃକ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ ଏବଂ ରାଜ୍ୟ ପୁଲିସ ପ୍ରଶାସନର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହିଥିଲେ। ବୈଠକରେ ନୀଳମାଧବ ପୀଠରେ ପ୍ରସ୍ତୁତି ଏବଂ ମୁଖ୍ୟ କାର୍ଯ୍ୟକ୍ରମ ସ୍ଥଳ କାଳିଆପଲ୍ଲୀଠାରେ ସୁରକ୍ଷା ଏବଂ ଆନୁଷଙ୍ଗିକ ବ୍ୟବସ୍ଥା ସଂପର୍କରେ ଆଲୋଚନା କରାଯାଇଥିଲା ।

### ଗୋଟିଏ ଧାରରେ ବହୁଛି ପାଣି
## ନାଳଠୁ ହୀନ ନାଗାବଳୀ



ରାୟଗଡ଼ା,୧୮।୩(ସଂଚାର ବ୍ୟୁରୋ): ଶୁଖିଯାଉଛି ଚିରସ୍ରୋତା ନାଗାବଳୀ । ଧାରଟିଏ ହୋଇ ନଦୀ ପ୍ରବାହିତ ହେଉଛି । ଏପଟେ ନଦୀ ଶୁଖୁଛି ସେପଟେ ଭୂତଳ ଜଳସ୍ତର ତଳକୁ ତଳ ଖସି ଯାଉଛି। ନଳକୂପରୁ ଆବଶ୍ୟକ ପାଣି ବାହାରୁନାହିଁ,ଯାହାକୁ ନେଇ ଚିନ୍ତାରେ ପଡିଛନ୍ତି ନାଗାବଳୀ ନଦୀ କଡ଼ରେ ଥିବା ଗ୍ରାମବାସୀ। ପାନୀୟ ଜଳ ସହ ଚାଷକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ନାଗାବଳୀ ଦିନେ ଥିଲା ବାହୁବଳି, ଆଜି ସେ ପାଲଟିଯାଇ ଏକ ନାଳ । ରାୟଗଡ଼ାର ଚିରସ୍ରୋତା ନାଗାବଳୀ ନଦୀ । ଅକାତ କାତ ପାଣିରେ ଭରି ରହୁଥିବା ନଦୀ ଶୁଖି ନାଳ ଭଳି ଦିଶୁଛି । ଆଉ ଏହାକୁ ଦେଖି ନଈକୂଳିଆ ଲୋକଙ୍କ ମଧ୍ୟରେ ଭାଳେଣୀ ପଡ଼ିଛି। ପିଇବାକୁ ଆବଶ୍ୟକୀୟ ପାଣି ମିଳୁନି । ଚାଷ ଜମି ପଡିଆ ପଡିଛି,ପଶୁପକ୍ଷୀ ହଇରାଣ ହେଉଥିବା ଦେଖିବାକୁ ମିଳିଛି। ନାଗାବଳୀ ଶୁଖିବାର ପ୍ରକୃତ କାରଣ ଯଦିଓ କାହାକୁ ଜଣାନାହିଁ। ନଦୀ ଜଳ ପରିଚାଳନା ଏବଂ ଭୂତଳ ଜଳ ସଂରକ୍ଷଣ କ୍ଷେତ୍ରରେ ଅବ୍ୟବସ୍ଥାକୁ ଦାୟୀ କରିଛନ୍ତି ପରିବେଶବିତ୍ ଓ ବିଶେଷଜ୍ଞ । ସେପଟେ ଗ୍ରାମାଞ୍ଚଳରେ ଥିବା ନଳକୂପ ଓ ସୋଲାର ପମ୍ପରୁ ଆବଶ୍ୟକ ପରିମାଣର ପାଣି ବାହାରୁନାହିଁ । ଫଳରେ ୧୮ଟି ଗାଁର ହଜାର ହଜାର ଲୋକ ଜଳ ସଙ୍କଟର ସାମ୍ନା କରିବାକୁ ଯାଉଛନ୍ତି । ଏବେଠୁ ଏମିତି ହେଲେ ଏପ୍ରିଲ ଓ ମେ'ରେ ସ୍ଥିତି ସଙ୍ଗୀନ ହେବା ଆକଳନ କରିଛନ୍ତି ବିଶେଷଜ୍ଞ ଓ ପରିବେଶବିତ୍। ମିଳିଥିବା ତଥ୍ୟ ଅନୁସାରେ, ରାୟଗଡ଼ା ସହରରେ ୨୧ ମିଟର ତଳେ ପାଣି ରହିଛି । ଗାଁ ଗହଳିରେ ନୂଆ ନଳକୂପ ପାଇଁ ୭୦ ମିଟରରୁ ଅଧିକ ଗଭୀର ଖୋଳିବାକୁ ପଡୁଛି । ଆଗକୁ ସ୍ଥିତି ଉତ୍କଟ ହେବା ପୂର୍ବରୁ ସରକାର ଜଳ ସମସ୍ୟା ଦୂର କରିବା ଦିଗରେ ଉଦ୍ୟମ କରିବା ଆବଶ୍ୟକ,ନଚେତ ଆଗକୁ ପରିସ୍ଥିତି ନିୟନ୍ତ୍ରଣ କରିବା କଷ୍ଟକର ହୋଇପାରେ ।

## ରେଳ ଧାରଣାରେ ମୁଣ୍ଡ ବିହୀନ ଶବ

ହତ୍ୟା ଅଭିଯୋଗ ପରେ ରେଳବାଇ ପୁଲିସର ତଦନ୍ତ ଆରମ୍ଭ

ଭଦ୍ରକ,୧୮।୩(ସଂଚାର ବ୍ୟୁରୋ): ଗତ ମାର୍ଚ୍ଚ ୧୭ତାରିଖରେ ଭଦ୍ରକ ଜିଲ୍ଲା ବାଉଦପୁର ନିକଟସ୍ଥ ରେଳଧାରଣରେ ମୁଣ୍ଡ ଓ ଏକ ହାତ ନ ଥିବା ଜଣେ ଯୁବକଙ୍କ ଶବ ଉଦ୍ଧାର ହୋଇଥିଲା । ଭଦ୍ରକ ରେଳବାଇ ପୋଲିସ ପରିବାର ଲୋକେ ଏ ନେଇ ହତ୍ୟା ଅଭିଯୋଗ କରିଛନ୍ତି । ପାରିପାର୍ଶ୍ୱିକ ପରିସ୍ଥିତିକୁ ନେଇ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଭଦ୍ରକ ଟାଉନ ଥାନାରେ ଅଭିଯୋଗ କରିଛନ୍ତି ମୃତକଙ୍କ ପରିବାର। ସୂଚନା ଅନୁଯାୟୀ, ସାବରଙ୍ଗ ଥାନା ଅଧୀନସ୍ଥ ବ୍ରହ୍ମପୁର ଗାଁର ନିରଞ୍ଜନ ସାମନ୍ତରାଙ୍କ ପୁଅ ରଞ୍ଜନସାମନ୍ତରା ଭଦ୍ରକ ସହରରେ ଥିବା କନିକା ମେସରେ ରହି ବରପଦା ଇଞ୍ଜିନିୟରିଙ୍ଗ କଲେଜରେ ଡିପ୍ଲୋମା ପାଠ ପଢୁଥିଲେ । ତେବେ ଗତ ୧୬ତାରିଖ ରାତିରୁ ରଞ୍ଜନ ମେସକୁ ଫେରି ନ ଥିଲେ । ସୋମବାର ସକାଳୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ରେଳବାଇ ପୁଲିସ ଯୁବକଙ୍କ ମୁଣ୍ଡ ବିହୀନ ଶବ ଆଣିଥିବା ପରିବାର ଲୋକେ ଖବରପାଇ ମେଡିକାଲରେ ପହଞ୍ଚିବା ପରେ ତାହା ରଞ୍ଜନଙ୍କ ଶବ ବୋଲି ଚିହ୍ନଟ କରିଥିଲେ । ତେବେ ରଞ୍ଜନଙ୍କ ମୁଣ୍ଡ ନ ଥିବା ସହିତ ଡାହାଣ ହାତଟି ମଧ୍ୟ ନ ଥିବା ସୂଚନା ମିଳିଛି। ତେବେ ରଞ୍ଜନଙ୍କ ଶରୀରରେ ଅନ୍ୟ କୌଣସି ସ୍ଥାନରେ କ୍ଷତ ଚିହ୍ନ ନାହିଁ। ପାରିପାର୍ଶ୍ୱିକ ପରିସ୍ଥିତିକୁ ଦେଖି ରଞ୍ଜନକୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଭଦ୍ରକ ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି । ତେବେ ମୃତ ରଞ୍ଜନଙ୍କ ମୁଣ୍ଡ ଓ ହାତ କୁଆଡେ ଗଲା ବୋଲି ପରିବାର ଲୋକେ ପ୍ରଶ୍ନ କରିଛନ୍ତି ।

### ମହଙ୍ଗା ପଡ଼ିଲା ମଦ କାରବାରକୁ ବିରୋଧ
## ଯୁବକଙ୍କୁ ବେପାରୀଙ୍କ ଆକ୍ରମଣ, ଥାନାରେ ମାମଲା

◆ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲେ ଗ୍ରାମବାସୀ ◆ ସ୍କୁଲ୍ ଓ ଅଙ୍ଗନବାଡ଼ି କେନ୍ଦ୍ର ନିକଟରେ ମଦ ବେପାର



ଯାଜପୁର,୧୮।୩(ସଂଚାର ବ୍ୟୁରୋ): ଚୂଲି ପାଖରେ ଫିଙ୍ଗାଯାଇଛି ରନ୍ଧାଭାତ। ପୂରା ପରିବାର ଦାଣ୍ଡରେ କରୁଛନ୍ତି ହୋହାଲ୍ଲା ଆଉ ପାଟିତୁଣ୍ଡ। ତେବେ ଏହା କୌଣସି କଳହର ଚିତ୍ର ନୁହେଁ, ବରଂ ଏଠାକାର ଜନୈକ ବ୍ୟକ୍ତିଙ୍କ ଘରେ ମଦ ବ୍ୟବସାୟୀ ଏପରି କାଣ୍ଡ କରିଛନ୍ତି। ଶାଶୂ ବୋହୂ ଏହି ଅଭିଯୋଗ କରିବା ସହ ପ୍ରଶାସନ ନିକଟରେ ନ୍ୟାୟ ପାଇଁ ଦାବି କରିଛନ୍ତି। ଗାଁରେ ବେଧଡ଼କ ଚୋରା ଦେଶୀ ମଦ କାରବାର ଚାଲିଥିବା ବେଳେ ହାତ ପାଆନ୍ତାରେ ମିଳିଯାଉଥିବାରୁ ମଦ୍ୟପମାନେ ବି ବେଶ୍ ଖୁସ୍। ମଦ ପିଇ ପରିବାର ସହ ଗାଁରେ ଅଶାନ୍ତ ପରିବେଶ ସୃଷ୍ଟି କରୁଛନ୍ତି। ଛକ ବଜାର ଓ ଗାଁଗଣ୍ଡାରେ ଏହି ଦେଶୀ ମଦ ମିଳିଯାଉଥିବାରୁ କାରବାର ମଧ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ମଦ୍ୟପଙ୍କ ସଂଖ୍ୟା ବଢ଼ିବା ସହ ସ୍ଥାନୀୟ ଲୋକେ ଏହାର ଶିକାର ହେଉଛନ୍ତି। ଖାଲି ସେତିକି ନୁହେଁ, ସ୍କୁଲ ଓ ଅଙ୍ଗନବାଡି ପରିସରରେ ବି ଏହି ଚୋରା ମଦ କାରବାର ବୃଦ୍ଧି ପାଉଥିବାରୁ ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ବିରୋଧ କଲେ ମଦ ବେପାର କରୁଥିବା ବ୍ୟବସାୟୀମାନେ ଆକ୍ରମଣ କରିବାକୁ ବି ପଛାଉନାହାନ୍ତି। ଏପରି ଆକ୍ରମଣର ଶିକାର ହୋଇଛନ୍ତି ଏଠାକାର ଏକ ପରିବାର। ଚୋରା ମଦ କାରବାରକୁ ବିରୋଧ କରିଥିବାରୁ ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅନ୍ତର୍ଗତ ବାରବାଟୀ ପଞ୍ଚାୟତର ବେତଣ୍ଡା ଗାଁର ଏକ ପରିବାର ଆକ୍ରମଣର ଶିକାର ହୋଇଛି। ତେଣୁ ଉକ୍ତ ପରିବାରର ଲୋକମାନେ ଭୟଭୀତ ଅବସ୍ଥାରେ ଅଛନ୍ତି। ଗାଁରେ ଏକ ସରକାରୀ ବିଦ୍ୟାଳୟ ସହ କୋମଳମତି ଶିଶୁଙ୍କ ପାଇଁ ଅଙ୍ଗନବାଡି କେନ୍ଦ୍ର ରହିଛି। ଏଥିସହ ନିକଟରେ ମନ୍ଦିର ଓ ଜନବସତି ବି ରହିଛି। କିନ୍ତୁ ବିଦ୍ୟାଳୟ ଓ ଅଙ୍ଗନବାଡି ପାଚେରୀ ନିକଟରେ ଚୋରାରେ ଦେଶୀ ମଦ ଆଣି ଏକ କୁଡ଼ିଆ ଓ ଗଛମୂଳରେ ବେପାରୀମାନେ ବେଧଡ଼କ ବିକ୍ରି କରୁଛନ୍ତି। ଫଳରେ ଏହାର କୁପ୍ରଭାବ ପଡ଼ିବା ସହ ମଦ୍ୟପଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ତେଣୁ ଏହାକୁ ଗ୍ରାମର ରଶ୍ମିତା ମଲିକ ନାମ୍ନୀ ମହିଳା ଏହି ମଦ ବିକ୍ରିକୁ ବିରୋଧ କରିଥିଲେ। କିନ୍ତୁ ଆଜି ତାଙ୍କ ଘରେ କେହି ନ ଥିବାର ସୁଯୋଗ ଚୋରା ମଦ ବେପାରରେ ଲିପ୍ତ ଥିବା ଗାଁର ସୁକାନ୍ତ ମଲିକ, ରବୀନ୍ଦ୍ର ମଲିକ ଓ ମଦନ ମଲିକ ଆକ୍ରମଣ କରିଛନ୍ତି। ମଦ କାରବାରକୁ ବିରୋଧ କରିବା ସହ ରଶ୍ମିତା ଧର୍ମଶାଳା ଥାନାରେ ଅଭିଯୋଗ କରିଥିବାରୁ ଉକ୍ତ ମଦ ବେପାରୀମାନେ ଏଥିରେ ଉତ୍ତ୍ୟକ୍ତ ହୋଇ ଏପରି ମରଣାନ୍ତକ ଆକ୍ରମଣ କରିଥିବା ଜଣାପଡ଼ିଛି। ସେମାନେ ରଶ୍ମିତାଙ୍କ ସ୍ୱାମୀ ତପନ ମଲିକଙ୍କୁ ଆକ୍ରମଣ କରିଛନ୍ତି। ଏନେଇ ପରିବାର ଲୋକେ ପୁଣି ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ଧର୍ମର ମୂଳତତ୍ତ୍ୱ-ବିଶ୍ୱର ସବୁ ଧର୍ମର ମୂଳତତ୍ତ୍ୱ ସମାନ। ସବୁ ଧର୍ମର ମୂଳ ତତ୍ତ୍ୱ ହେଲା ମାନବିକତା। ଈଶ୍ୱରଙ୍କୁ ଉପାସନାର ଢଙ୍ଗ ଭିନ୍ନ ହୋଇପାରେ, କିନ୍ତୁ ଉଦ୍ଦେଶ୍ୟ ସମାନ। ଅନ୍ୟାୟ, ଅନୀତିକୁ କୌଣସି ଧର୍ମ ସ୍ୱୀକୃତି ଦିଏନାହିଁ।

SANCHAR
ସଂଚାର

୪ ବୁଧବାର ୧୯ ମାର୍ଚ୍ଚ ୨୦୨୫, ଭୁବନେଶ୍ୱର
Wednesday 19 March 2025 Bhubaneswar

# ପାକିସ୍ତାନରେ ଗୃହଯୁଦ୍ଧ

ଭାରତର ଅଧିକାଂଶ ପଡ଼ୋଶୀ ରାଷ୍ଟ୍ରରେ ଏବେ ରାଜନୈତିକ, ଅର୍ଥନୈତିକ ବା ସାମାଜିକ ଅସ୍ଥିରତା ସୃଷ୍ଟି ହୋଇଛି। ଶ୍ରୀଲଙ୍କା ଗତ ତିନି ବର୍ଷ ହେବ ଚରମ ଆର୍ôଥକ ସଙ୍କଟର ମୁକାବିଲା କରି ଆସୁଛି। ବାଂଲାଦେଶରେ ଉଭୟ ରାଜନୈତିକ ଏବଂ ଅର୍ଥନୈତିକ ସଙ୍କଟ ସୃଷ୍ଟି ହୋଇଛି। ଏହା ପଛରେ ବଡ଼ ଧରଣର ଷଡ଼ଯନ୍ତ୍ର ରହିଛି। ବାଂଲାଦେଶରେ ଶେଖ ହାସିନାଙ୍କ ସରକାର ଏକ ପ୍ରଗତିଶୀଳ ସରକାର ଥିଲା। ଭାରତ ସହ ସେତେବେଳେ ବାଂଲାଦେଶର ଉତ୍ତମ କୂଟନୈତିକ ସମ୍ପର୍କ ଥିଲା। ଏଥିପାଇଁ ତାଙ୍କୁ କ୍ଷମତାରୁ ବିତାଡ଼ିତ କରାଗଲା। ଏବେ ଦେଶରେ ଏକ ସଖି କଣ୍ଢେଇ ସରକାର ଚାଲିଛି। ମୌଳବାଦୀମାନେ ଦେଶକୁ ନିଜ କବଜାରେ ରଖିବାକୁ ଚାହୁଁଛନ୍ତି। ସେଥିପାଇଁ ସେମାନେ ଦେଶରେ ସଂଖ୍ୟାଲଘୁଙ୍କ ଉପରେ ଅକଥନୀୟ ଅତ୍ୟାଚାର ଚଳାଇଛନ୍ତି। ସେହିପରି ଅନ୍ୟତମ ପଡ଼ୋଶୀ ପାକିସ୍ତାନରେ ଏବେ ଗୃହଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପାକିସ୍ତାନରୁ ବେଲୁଚିସ୍ତାନକୁ ଅଲଗା କରି ଏକ ସ୍ୱତନ୍ତ୍ର ରାଷ୍ଟ୍ର ଭାବେ ଗଠନ କରିବା ପାଇଁ ସଶସ୍ତ୍ର ଆନ୍ଦୋଳନ ଯୋର ଧରିଛି। ଏଥିରେ ଅନେକ ଜୀବନ ଗଲାଣି। ପାକିସ୍ତାନ-ତେହରିକ-ଇ ତାଲିବାନ ଭଳି ସଙ୍ଗଠନ ଏବେ ପାକିସ୍ତାନ ବିରୋଧରେ ସଶସ୍ତ୍ର ସଂଗ୍ରାମ କରୁଛି। ଏହା ସହିତ ହାତ ମିଳାଇଛନ୍ତି ବିଏଲଏ ଭଳି ଅନ୍ୟ ବିଚ୍ଛିନ୍ନତାବାଦୀ ସଙ୍ଗଠନ। ଏବେ ଏତିକି କୁହାଯାଇପାରେ ଯେ, ଭାରତ ବିରୋଧରେ ପାକିସ୍ତାନ ଯେଉଁ ଅସ୍ତ୍ର ପ୍ରୟୋଗ କରିଥିଲା, ଏବେ ସେହି ଅସ୍ତ୍ର ବୁମେରାଂ ହୋଇ ପାକିସ୍ତାନକୁ ଆଘାତ ଦେଉଛି। ଆଫଗାନିସ୍ତାନସୀମାକୁ ଲାଗିଥିବା ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶର ବିଦ୍ରୋହୀମାନେ ଏବେ ପାକିସ୍ତାନ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛନ୍ତି। ପାକିସ୍ତାନରୁ ଅଲଗା ହୋଇ ସ୍ୱତନ୍ତ୍ର ବେଲୁଚିସ୍ତାନ ରାଷ୍ଟ୍ର ଗଠନ ଦାବି ନେଇ ଗଠିତ ବେଲୁଚିସ୍ତାନ ଲିବରେସନ ଆର୍ମି(ବିଏଲଏ)ର ସଶସ୍ତ୍ର ଆନ୍ଦୋଳନ ଇସଲାମାବଦର ନିଦ ହଜାଇ ଦେଇଛି। କିଛି ଦିନ ତଳେ ବେଲୁଚ ବିଦ୍ରୋହୀମାନେ କ୍ୱେଟାରୁ ପେଶାୱର ଯାଉଥିବା ଜାଫର ଏକ୍ସପ୍ରେସକୁ ଅପହରଣ କରି ଏଥିରେ ଥିବା ୪୦୦ରୁ ଅଧିକ ଯାତ୍ରୀଙ୍କୁ ପଣବନ୍ଦୀ ରଖିଥିଲେ। ସେମାନଙ୍କ ମଧ୍ୟରୁ ଅନେକ ଥିଲେ ପାକ ସେନାର ଯବାନ। ପାକିସ୍ତାନ ସେନାର ଅପରେସନରେ ଅନେକ ପଣବନ୍ଦୀ ମୁକ୍ତ ହୋଇଛନ୍ତି ସତ୍ୟ, ମାତ୍ର ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟରେ ଅନେକ ମୃତାହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ପାକିସ୍ତାନ ସେନାରେ ୩୧ଜଣ ଯାବନ ଏବଂ ୨୧ ଜଣ ସାଧାରଣ ନାଗରିକ ଅଛନ୍ତି। ଏହା ବ୍ୟତିତ ୩୩ଜଣ ବିଦ୍ରୋହୀ ଏହି ଅପରେସନରେ ପ୍ରାଣ ହରାଇଥିବା ପାକ ସେନା ପକ୍ଷରୁ ଦାବି କରାଯାଇଛି। ଅନ୍ୟ ପକ୍ଷରେ ବିଏଲଏ ପକ୍ଷରୁ ଦାବି କରାଯାଇଛି ଯେ, ଏହା ୨୧୪ଜଣ ପଣବନ୍ଦୀଙ୍କୁ ହତ୍ୟା କରିଛି। ସଠିକ କ'ଣ ତାହା ଅସ୍ପଷ୍ଟ। କିନ୍ତୁ ଏଥିରେ ଉଭୟ ପକ୍ଷର ଅନେକ ମୃତାହତ ହୋଇଛନ୍ତି। ଏହି ଘଟଣାର ଚାରିଦିନ ପରେ ବିଏଲଏ ଉଗ୍ରବାଦୀଙ୍କ ବିସ୍ଫୋରଣରେ ୯୦ଜଣ ପାକ ଯବାନ ନିହତ ହୋଇଛନ୍ତି। ବେଲୁଚିସ୍ତାନରେ ଏହା ଏକ ନିୟମିତ ଘଟଣା ହୋଇଗଲାଣି। ପାକିସ୍ତାନ ଅଭିଯୋଗ କରିଛି ଯେ, ବିଏଲଏକୁ ଆଫଗାନିସ୍ତାନର ତାଲିବାନୀ ମାନେ ସମର୍ଥନ ଏବଂ ସହଯୋଗ କରୁଛନ୍ତି। ଏଥିରେ ବିସ୍ମିତ ହେବାର କିଛି ନାହିଁ। କାରଣ ଆଫଗାନିସ୍ତାନର ତାଲିବାନ ସରକାର ସହ ପାକିସ୍ତାନର ଭଲ ସମ୍ପର୍କ ନାହିଁ। ପୂର୍ବରୁ ପାକିସ୍ତାନ ଅଭିଯୋଗ କରୁଥିଲା ଯେ, ବେଲୁଚ ଉଗ୍ରବାଦୀଙ୍କୁ ଭାରତ ସହଯୋଗ କରୁଛି। ଏବେ ଏହା ଆଫଗାନିସ୍ତାନ ମୁଣ୍ଡରେ ଥଠା ବୋଳୁଛି। ପାକିସ୍ତାନ ଗତ ୭୦ ବର୍ଷ ହେବ ଭାରତ ବିରୋଧରେ ଯେଉଁ ରଣନୀତି ଆପଣାଇ ଆସୁଥିଲା, ଏବେ ତାହା ପାକିସ୍ତାନ ପାଇଁ ବୁମେରାଂ ହୋଇଛି। ବେଲୁଚିସ୍ତାନ ଧିରେ ଧିରେ ପାକିସ୍ତାନଠାରୁ ଦୁରେଇ ଯାଉଛି। ହୁଏତ କିଛି ବର୍ଷ ପରେ ବେଲୁଚିସ୍ତାନ ଏକ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ପାଇପାରେ। ୧୯୭୧ରେ ବାଂଲାଦେଶ ଜନ୍ମ ନେବା ପରି ଆଉ କିଛି ବର୍ଷ ପରେ ବେଲୁଚିସ୍ତାନ ଏକ ସ୍ୱତନ୍ତ୍ର ସ୍ୱାଧୀନ ରାଷ୍ଟ୍ର ଭାବେ ଜନ୍ମ ନେବା ଅସମ୍ଭବ ନୁହେଁ। ଏହା ପରେ ପିଓକେ ପାଳି। ଆଜି ନହେଲେ କାଲି ପିଓକେ ନିଶ୍ଚିତ ଭାବେ ଭାରତରେ ସାମିଲ ହେବ ଏବଂ ଏକ ଅଖଣ୍ଡ କାଶ୍ମୀର ଗଠିତ ହେବ। ବେଲୁଚିସ୍ତାନର ସ୍ୱତନ୍ତ୍ରତା ଆନ୍ଦୋଳନ ବହୁ ବର୍ଷ ପୁରୁଣା। ଭାରତ ବିଭାଜନ ବେଳେ ବେଲୁଚିସ୍ତାନ ନିଜର ସ୍ୱତନ୍ତ୍ରତା ବଜାୟ ରଖିବା ଚାହୁଁଥିଲା। କିନ୍ତୁ ପାକିସ୍ତାନ ସରକାର ଏହାକୁ ଚାପି ଦେଇଥିଲେ। ସମୟକ୍ରମେ ଏହା ଏବେ ବିସ୍ଫୋରକ ରୂପ ନେଇଛି। ବେଲୁଚିସ୍ତାନକୁ ପାକ ସରକାରଙ୍କ ଅବହେଳା ଏବଂ ଏହି ଅଞ୍ଚଳ ପ୍ରତି ପାକିସ୍ତାନର ବୈମାତୃକ ମନୋଭାବ ଯୋଗୁଁ ସ୍ଥାନୀୟ ଅଞ୍ଚଳବାସୀ ନିଜର ସ୍ୱତନ୍ତ୍ରତା ଦାବି କରୁଛନ୍ତି। ପାକିସ୍ତାନ ବଳ ପ୍ରୟୋଗ କରି ଅଧିକ ଦିନ ଏହାକୁ ଚାପି ପାରିବ ନାହିଁ। ବେଲୁଚିସ୍ତାନ ହେଉଛି ପାକିସ୍ତାନର ସବୁଠାରୁ ବଡ଼ ରାଜ୍ୟ। କିନ୍ତୁ ଏହା ଅତ୍ୟନ୍ତ ଦୁର୍ଗମ ହୋଇଥିବାରୁ ଏଠାରେ ଜନସଂଖ୍ୟା କମ। ବେଲୁଚିସ୍ତାନରେ ମୂଲ୍ୟବାନ ଖଣିଜ ସମ୍ପଦ ଭରି ରହିଛି। ଏହାର ଉପଯୋଗ କରାଯାଇପାରିଲେ ବେଲୁଚିସ୍ତାନ ଦକ୍ଷିଣ ଏସିଆର ସବୁଠାରୁ ସମୃଦ୍ଧ ଅଞ୍ଚଳ ହୋଇପାରନ୍ତା। କିନ୍ତୁ ପାକିସ୍ତାନ ସରକାରଙ୍କ ଅବହେଳା ପାଇଁ ବେଲୁଚିସ୍ତାନ ଏବେ ଏସିଆର ଏକ ଦରିଦ୍ର ଅଞ୍ଚଳ ଭାବେ ପରିଚିତ ହେଉଛି। ଏହା ହିଁ ବେଲୁଚିସ୍ତାନରେ ବିଦ୍ରୋହର ମୁଖ୍ୟ କାରଣ। ଏହାକୁ ପାକିସ୍ତାନ ସାମରିକ ଶକ୍ତି ଦ୍ୱାରା ଚାପି ପାରିବ ନାହିଁ। ଏହା ଦିନେ ପାକିସ୍ତାନ ପାଇଁ ଚରମ ବିପର୍ଯ୍ୟୟର କାରଣ ହେବ।

## ସମ୍ପାଦକଙ୍କୁ ପତ୍ର

### ରେଳ ମନ୍ତ୍ରଣାଳୟକୁ ଗୁରୁତ୍ୱ

**ମହାଶୟ,**

ପୂର୍ବରୁ ଅନେକ ବର୍ଷ ଧରି ସଂସଦରେ ପ୍ରଥମେ ରେଳ ବଜେଟ ଆସୁଥିଲା। ପରେ ସାଧାରଣ ବଜେଟ ଉପସ୍ଥାପିତ ହେଉଥିଲା। ରେଳ ବଜେଟକୁ ସାଧାରଣ ଲୋକେ ଆଗ୍ରହର ସହିତ ଅନୁଧ୍ୟାନ କରୁଥିଲେ। କିନ୍ତୁ ମୋଦି ସରକାର ବ୍ୟବସ୍ଥାରେ ପରିବର୍ତ୍ତନ କରିଛନ୍ତି। ସାଧାରଣ ବଜେଟରେ ରେଳ ବଜେଟକୁ ମିଶାଇ ଦିଆଯାଇଛି। ଅନ୍ୟ ମନ୍ତ୍ରଣାଳୟ ଭଳି ରେଳ ବଜେଟ ଲାଗି ବ୍ୟୟ ବରାଦ ହେଉଛି। ଏହାର ଆଉ କିଛି ସ୍ୱତନ୍ତ୍ରତା ନାହିଁ। ଏହା ଦ୍ୱାରା ରେଳ ବିକାଶ ଲାଗି ବଜେଟରେ କ'ଣ ଅର୍ଥ ବରାଦ ହେଉଛି ତାହା ସାଧାରଣ ଲୋକେ ପ୍ରଥମରୁ କିଛି ଜାଣିପାରୁନାହାଁନ୍ତି। କ'ଣ ନୂଆ ଟ୍ରେନ ଚାଲିବ, ନୂଆ ରେଳ ଲାଇନ ପ୍ରସ୍ତାବ କ'ଣ ରହିଛି, କେଉଁ ପ୍ରକଳ୍ପ ଲାଗି କେତେ ଅର୍ଥ ବରାଦ ହୋଇଛି ତାହା ଅନେକ ଦିନ ପର୍ଯ୍ୟନ୍ତ ସାଧାରଣ ଲୋକେ ଜାଣିକାରୁନାହାଁନ୍ତି। ଏଥର ବଜେଟରେ ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳପଥ ନିମନ୍ତେ କେତେ ଅର୍ଥ ବରାଦ ହୋଇଛି ତାହା ଓଡ଼ିଶାବାସୀ ଏ ପର୍ଯ୍ୟନ୍ତ ଜାଣି ନାହାଁନ୍ତି। ତେଣୁ ଆସନ୍ତା ବର୍ଷରୁ ପୂର୍ବପରି ସ୍ୱତନ୍ତ୍ର ରେଳ ବଜେଟ ଆଗତ ହେଉ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏ ସମ୍ପର୍କରେ ଅର୍ଥମନ୍ତ୍ରୀଙ୍କ ସହ ଆଲୋଚନା କରିବା ଉଚିତ।

**ସୁବାସ ଚନ୍ଦ୍ର ପ୍ରଧାନ ନିମାପଡ଼ା**
**ଶଙ୍କର ମହାପାତ୍ର, ଶହୀଦନଗର ଭୁବନେଶ୍ୱର**

# "ତମେ ଆଉ ନାହଁ ବୋଲି ଖବର ଆସିଛି"



ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)

ସମକାଳୀନ ଓଡ଼ିଆ କବିତାର ଶିଖର ପୁରୁଷ ତଥା ଭାରତୀୟ ଆଧୁନିକ କବିତାର ପଥିକୃତ କବି ପଦ୍ମଭୂଷଣ ରମାକାନ୍ତ ରଥ ଓଡ଼ିଆ କବିତା ରାଇଜର ପୂର୍ଣ୍ୟତମ ଉଚ୍ଚାରଣ। ଓଡ଼ିଆ କବିତା ତଥା ଭାରତୀୟ କବିତାକୁ ନୂଆ ରୂପ, ଭାଷା, ଭଙ୍ଗୀ ଓ ସର୍ବୋପରି ନୂଆ ଦୃଷ୍ଟି ଦେବାରେ ତାଙ୍କର ଅବଦାନ ଅନନ୍ୟ ସାଧାରଣ ଓ ଅନସ୍ୱୀକାର୍ଯ୍ୟ। ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଓଡ଼ିଆ ଭାଷା ସାହିତ୍ୟକୁ ସେ ସମୃଦ୍ଧ କରି ରଖିଥିଲେ। କୌଣସି ବାଦ, କୌଣସି ପ୍ରଚାରରେ ବିଶ୍ୱାସ ରଖୁନଥିବା ଏହି ମୌନ ସାଧକ ଓଡ଼ିଆ କାବ୍ୟ ଜଗତର ଭାଷା ଓ ଶୈଳୀରେ ନିର୍ମାଣ କରିଥିଲେ ନବଯୁଗ। ତାଙ୍କ କବିତାର ଉଦାହରଣ ସ୍ୱୟଂ ତାଙ୍କର କବିତା। ସ୍ଥୂଳଗଦ୍ୟ ଓ ହାତ ପାହାନ୍ତାର ଶବ୍ଦକୁ ବ୍ୟଞ୍ଜନାତ୍ମକ ଓ ରୂପଦେବାରେ ସେ ସିଦ୍ଧ ହସ୍ତ। ଆମେ ଶୀର୍ଷକ ରଖିଥିବା 'ତମେ ଆଉ ନାହଁ ବୋଲି ଖବର ଆସିଛି' ହେଉଛି ତାଙ୍କ ପ୍ରଖ୍ୟାତ ଓ ପ୍ରଚୁର ପାଠକୀୟ ଆଦୃତି ପାଇଥିବା 'ଶ୍ରୀରାଧା' କବିତାର ପ୍ରଥମ ଧାଡ଼ି ଯାହାର ଅର୍ଥ ହେଉଛି 'ଶ୍ରୀକୃଷ୍ଣଙ୍କର ଦେହ ତ୍ୟାଗର ଖବର ପାଇ ତାହାକୁ ଗ୍ରହଣ କରିନଥିବା ଶ୍ରୀରାଧାଙ୍କ ଭାବନାର ପରିପ୍ରକାଶ ଇଏ'। ଏହି ସୌମ୍ୟ ସୁକୋମଳ କବିଙ୍କ ପରଲୋକ ଖବର ପାଇ ପୃଥିବୀର ବିଭିନ୍ନ କୋଣ ଅନୁକୋଣରେ ଥିବା ତାଙ୍କ ବିମୁଗ୍ଧ ପାଠକଙ୍କ ସମାନ ପ୍ରତିକ୍ରିୟା ଏହିପରି ହିଁ ସୃଷ୍ଟି ହୋଇଥିବ। ଏକାଧାରାରେ ସେ ଥିଲେ ବିଶିଷ୍ଟ କବି ଓ ଜଣେ ସୁନାମଧନ୍ୟ ପ୍ରଶାସକ। ତେବେ ଶ୍ରୀରାଧାର କବି ଭାବେ ପ୍ରସିଦ୍ଧି ଅର୍ଜନ କରିଥିବା ସ୍ୱର୍ଗତଃ ରଥ ପାଠକଙ୍କ ମହଲରେ ବେଶ ଲୋକପ୍ରିୟ ଥିଲେ। ତାଙ୍କର ପ୍ରତ୍ୟେକଟି ସୃଷ୍ଟି ଓଡ଼ିଶାର କାବ୍ୟ ଜଗତକୁ ରୁଦ୍ଧିମନ୍ତ କରିଛି। ୧୯୩୪ ମସିହା ଡିସେମ୍ବର ୧୩ ତାରିଖରେ କଟକର ବିଶ୍ୱନାଥପୁର ଗ୍ରାମରେ ପିତା ଲୋକନାଥ ମହାପାତ୍ର ଓ ମାଆ ପାର୍ବତୀ ଦେବୀଙ୍କ କୋଳମଣ୍ଡନ କରିଥିଲେ। ତେବେ ଅଜା ଜଣେ ସଂସ୍କୃତ ବିଦ୍ୱାନ ଥିବାରୁ ତାଙ୍କୁ ପୁଅ କରିବାରୁ ସେ ମହାପାତ୍ରରୁ ରଥ ହୋଇଥିଲେ। ଅନେକ ସାହିତ୍ୟ ଆଲୋଚନାରେ ସେ ନିଜେ ମଧ୍ୟ ସ୍ୱୀକାର କରିଥିଲେ ଯେ ବାସ୍ତବରେ ସେ କବିତା ଲେଖିବେ ବୋଲି ଭାବିନଥିଲେ। ପରିସ୍ଥିତିରେ ପଡ଼ି ପିଲାଦିନରେ ଦୁଇଟି କବିତା ଲେଖିଥିଲେ। ଏହା ସମ୍ଭବତଃ ତାଙ୍କୁ ଆଗକୁ ନେବା ପାଇଁ



ବାଟ ଦେଖାଇଥିଲା। କବିତା ପାଇଁ ସେ ଥରେ ସୁନା ମୁଦିଟିଏ ପୁରସ୍କାର ପାଇଥିଲେ କିନ୍ତୁ ଆଇଏଏସ୍ ପରୀକ୍ଷା ପାଇଁ ସେ ଏହାକୁ ବିକିବା ପାଇଁ ବାଧ ହୋଇଥିଲେ। ରେଭେନ୍ସାରେ ପିଜି କରୁଥିବାବେଳେ ତାଙ୍କୁ କବି ଗୋଦାବରୀଶ ମହାପାତ୍ର, ନାଟ୍ୟକାର ଗୋପାଳ ଛୋଟରାୟ ଓ ଅନନ୍ତ ପଟ୍ଟନାୟକଙ୍କ ଠାରୁ ଉତ୍ସାହ ମିଳିଥିଲା। ସେ ଥିଲେ ସ୍ଥୂଳଗଦ୍ୟ ଓ ହାତପାହାନ୍ତାର ଶବ୍ଦକୁ ବେଶ ବ୍ୟଞ୍ଜନାତ୍ମକ ଓ ଅର୍ଥପୂର୍ଣ୍ଣ ରୂପ ଦେବାରେ ସିଦ୍ଧହସ୍ତ। ଉଚ୍ଚାରଣରେ ମୁକ୍ତ, ସ୍ପଷ୍ଟ, ଅବାଦ୍ଧ ତାଙ୍କ କବିତାର ନିର୍ଝରଣୀ କେତେ ଯେ ତୃଷିତ ହୃଦୟର ଶୋଷକୁ ମେଣ୍ଟାଇଛି ତାର ହିସାବ ନାହିଁ। ଓଡ଼ିଆଙ୍କର ପ୍ରିୟ କବି ପୁଣ୍ୟଶ୍ଲୋକ ରମାକାନ୍ତ ରଥଙ୍କ ନାମ ସାହିତ୍ୟ ନକ୍ଷତ୍ରର ଏକ ପ୍ରାତଃ ସ୍ମରଣୀୟ ଜ୍ୟୋତି। କବିତାର ତପସ୍ୟାରେ ତଲ୍ଲୀନ ଏହି ଜୀବନବୋଧର କବିଙ୍କ ଅନୁଭବ ଯୁଗେ ଯୁଗେ ଭାରତୀୟ କବିତା ପରମ୍ପରାକୁ ଆଚ୍ଛନ୍ନ ଓ ବିଭୋର କରି ରଖିବ ଏଥିରେ ସନ୍ଦେହ ନାହିଁ।

୧୯୮୫ ମସିହାରେ ପ୍ରକାଶିତ ତାଙ୍କ ଶ୍ରେଷ୍ଠ କୃତୀ ଥିଲା ଶ୍ରୀରାଧା ଯାହାକି ଲୋକପ୍ରିୟତାର ଏତେ ଶୀର୍ଷରେ ରହିଛି ଯେ ଏହା ଭାରତର ବିଭିନ୍ନ ଭାଷାରେ ଅନୁବାଦ ହୋଇ ପ୍ରଚୁର ପାଠକୀୟ ଆଦୃତି ପାଇଛି। ତାଙ୍କ ପ୍ରମୁଖ ସାରସ୍ୱତ ସୃଷ୍ଟି ଗୁଡ଼ିକ ହେଉଛି 'ଅନେକ କୋଠରୀ', 'ସନ୍ଦିଗ୍ଧ ମୃଗୟା', 'କେତେ ଦିନର', 'ସପ୍ତମ ଋତୁ', 'ସଚିତ୍ର ଅନ୍ଧାର', 'ଶ୍ରୀପଳାତକ', 'ସୀମାନ୍ତ ବାସ', 'ଫେରି ଚାହିଁଲେ' ପ୍ରମୁଖ। ସେ ପ୍ରଥମ ଓ ଏକମାତ୍ର ଓଡ଼ିଆ ଭାବେ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ସଭାପତି ଦାୟିତ୍ୱ ତୁଲାଇ ଥିଲେ। ୧୯୭୭ରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ, ୧୯୮୪ରେ ଶାରଳା ପୁରସ୍କାର, ୧୯୯୨ରେ ସରସ୍ୱତୀ ସମ୍ମାନ, ୧୯୯୪ରେ କବୀର ସମ୍ମାନ, ପ୍ରଜାତନ୍ତ୍ର ବିଷୁବ ସମ୍ମାନ ଓ ୨୦୧୮ରେ ଓଡ଼ିଆ ସାହିତ୍ୟ ଏକାଡ଼େମୀ ପକ୍ଷରୁ ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନରେ ସମ୍ମାନିତ ହୋଇଥିଲେ। ସାରସ୍ୱତ ଜଗତର ଏହି ଅମୂଲ୍ୟ ରତ୍ନଙ୍କ ସହିତ ରାଜଧାନୀ ପୁସ୍ତକ ମେଳାର ଏକ ପୁସ୍ତକ ଉନ୍ମୋଚନ ସଭାରେ ପ୍ରଖ୍ୟାତ ଲେଖକ ବିଭୂତି ପଟ୍ଟନାୟକ ଓ ଫନି ମହାନ୍ତିଙ୍କ ସହିତ ଏହି ଲେଖକ ସାନ୍ନିଧ୍ୟ ପାଇବାର ସୁଯୋଗ ପାଇଥିଲା। କେବଳ ଓଡ଼ିଆ ସାହିତ୍ୟ ନୁହେଁ ସମଗ୍ର ଭାରତୀୟ ସାହିତ୍ୟରେ ସେ ଥିଲେ ଜଣେ ସ୍ମରଣୀୟ ବ୍ୟକ୍ତିତ୍ୱ। ଭାରତୀୟ କାବ୍ୟ ସାହିତ୍ୟର ଅନ୍ୟତମ ଶିଖର ସ୍ୱାକ୍ଷର ଓ ଶ୍ରୀରାଧାର କବି ଯୁବ ମାନସ ପରିପକ୍ୱ ମାନସର କବି ଅମର ଧାମକୁ ଯାତ୍ରା କରିଛନ୍ତି। ସେ ଚିରଦିନ ପାଇଁ ସଭିଙ୍କ ମନରେ ହୃଦୟର କବି ଭାବେ ରହିଥିବେ।

୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭-ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୯୨୦୪୬୫୨୦୬୫

# ଆଗୁଆ ଗ୍ରୀଷ୍ମପ୍ରବାହର ବିପଦ



ସୌଭାଗ୍ୟ ରଞ୍ଜନ ମହାନ୍ତି



କଥାରେ ଅଛି 'ଫାଲଗୁନ-ଚୈତ୍ର ବସନ୍ତରେ' ମୃଦୁ ମଳୟ ବହେ ଧୀରେ'। ଋତୁ ଚକ୍ରରେ ବସନ୍ତ ଋତୁକୁ ଋତୁରାଜ କୁହାଯାଇଥାଏ। ଏଇଥିପାଇଁ ଯେ, ହାଡ଼ ଭଙ୍ଗା ଶୀତ ପରେ ଏବଂ ଦାରୁଣ ଗ୍ରୀଷ୍ମ ପୂର୍ବରୁ ବସନ୍ତ ଋତୁ ଆସିଥାଏ। ଏହି ଋତୁରେ ବୃକ୍ଷରାଜିର କଅଁଳ ପତ୍ର ସାଙ୍ଗକୁ ପରିବେଶ ଜୀବଜଗତକୁ ଅପାର ଆଶ୍ୱସ୍ତି ଦେଇଥାଏ। ଏବେ କିନ୍ତୁ ଫାଲଗୁନ(ମାର୍ଚ୍ଚ) ମାସରେ ଓଡ଼ିଶା ସମେତ ସମଗ୍ର ଦେଶରେ ଆଗୁଆ ଗ୍ରୀଷ୍ମ ପ୍ରବାହ କେବଳ ଋତୁଚକ୍ରରେ ବ୍ୟତିକ୍ରମ ଓ ପରିବର୍ତ୍ତନର ସଂକେତ ନୁହେଁ, ବିଶ୍ୱ ତାପମାତ୍ରା ବୃଦ୍ଧିର ପ୍ରଭାବ ବୋଲି ନିସନ୍ଦେହରେ କୁହାଯାଇପାରିବ। ଯାହାକି ଅତ୍ୟନ୍ତ ଗମ୍ଭୀର। ଋତୁଚକ୍ରରେ ବ୍ୟତିକ୍ରମ ପ୍ରାକୃତିକ ବ୍ୟବସ୍ଥାର ବିଭ୍ରାଟର ସଂକେତ ଦିଏ। କହିବା ବାହୁଲ୍ୟ ଯେ, ଆମଦେଶରେ ଋତୁଚକ୍ର ପ୍ରତ୍ୟକ୍ଷ୍ୟ ଭାବେ ଜୀବନ ଜୀବିକା, ଅର୍ଥନୈତିକ ସ୍ଥିରତା ଏବଂ ଭାରତର କୃଷି ସମାଜର ମୂଳଦୁଆ ଜଡ଼ିତ ଏବଂ ଯାହାକି ଏବେ ସିଧାସଳଖ ଭାବେ ଗୁରୁ ଧମକ ସୃଷ୍ଟି କରିଛି। ଉଲ୍ଲେଖଯୋଗ୍ୟ ଯେ, ଋତୁ ଚକ୍ରରେ ପରବିର୍ତନ ଦ୍ୱାରା ଦେଶର ଅର୍ଥନୀତିର ମେରୁଦଣ୍ଡ ଭାବେ ପରିଚିତ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ କ୍ଷତିଗ୍ରସ୍ତ କରିଛି। ଚଳିତ ବର୍ଷ ଜାନୁୟାରୀ ମାସରେ ଉଷ୍ଣତା ବୃଦ୍ଧି ଏବଂ ଶୀତର ପ୍ରକୋପ ହ୍ରାସ ଯୋଗୁଁ ଶୀତ ବସ୍ତ୍ରର କିଣାବିକା ଗୁରୁତ୍ୱର ଭାବେ ପ୍ରଭାବିତ ହୋଇଥିବା କୁହାଯାଏ। ଯାହାର ପ୍ରଭାବରେ ଶୀତ ବସ୍ତ୍ର ଉତ୍ପାଦନ ହ୍ରାସ ପାଇବା ସହ ଚାହିଦା ମଧ୍ୟ କମିଛି। ଏପରିକି ଶୀତବସ୍ତ୍ର ଉତ୍ପାଦନକାରୀ ଶିଳ୍ପ ବନ୍ଦ ହେବା ସହ ବହୁ ହୋଲସେଲର ଗୋଦାମ ମଧ୍ୟ ମନ୍ଦ ହୋଇଯାଇଥିବା କୁହାଯାଏ। ସେହିପରି ଅଦିନରେ ତଥା ଆଗୁଆ।। ଗ୍ରୀଷ୍ମ ପ୍ରବାହ ଦ୍ୱାରା ଗହମ, ବୁଟ ଚଣା, ତୈଳ ବୀଜ ଏବଂ ଆମ୍ବ ପରି ବହୁ ଅର୍ଥକାରୀ ଉଦ୍ୟାନ ଭିତିକ ଫଳ ପରି ବହୁ ମୁଖ୍ୟ ଶସ୍ୟର ଅମଳ ଗୁରୁତର ଭାବେ ହ୍ରାସ ପାଇଛି। କୃଷି କ୍ଷେତ୍ରରେ ଶ୍ରମ ଶକ୍ତି କ୍ଷତିଗ୍ରସ୍ତ ହୋଇଛି। କୃଷି ଶ୍ରମିକଙ୍କୁ କାମ ମିଳୁନାହିଁ। କହିବା ବାହୁଲ୍ୟ ଯେ, ଗ୍ରାମାଂଚଳରେ ଅସଂଗଠିତ ଶ୍ରମିକଙ୍କୁ କର୍ମନିଯୁକ୍ତି କ୍ଷେତ୍ରରେ କୃଷି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। କୃଷି କ୍ଷେତ୍ରରେ କାମ ଅଭାବରୁ ଶ୍ରମିକ ହାତବାନ୍ଧି ବେକାର ହୋଇବସିଥିବା ଏବେ ବୃଦ୍ଧି ପାଇବାରେ ଲାଗିଛି। କେବଳ ଏତିକି ନୁହେଁ ସ୍ୱଳ୍ପ ଅମଳ ଖାଦ୍ୟ ଶସ୍ୟର ଦରଦାମ ବୃଦ୍ଧି କରିବା ସହ ଦେଶରେ ଖାଦ୍ୟ ସଂକଟ ଭଳି ପରିସ୍ଥିତିକୁ ଆମନ୍ତ୍ରଣ କରିଥାଏ। ସେହିପରି ମୁଦ୍ରାସ୍ଫିତୀକୁ ଆହୁରି ଖରାପ ମୁହାଁ କରିଥିବାବେଳେ ରପ୍ତାନୀକୁ ମଧ୍ୟ ପ୍ରଭାବିତ କରିଥାଏ। ଆମ ଦେଶରେ ଦୁର୍ଦ୍ଦଶା କିଛି କମ୍ ନୁହେଁ, ଯେଉଁଥିପାଇଁ କି ଦେଶରେ ଚାଷୀ ଆତ୍ମହତ୍ୟା ଘଟଣାମାନ ବଢ଼ିବାରେ ଲାଗିଛି। ଆହୁରି ମଧ୍ୟ ଅସହ୍ୟ ଗ୍ରୀଷ୍ମ ବା ଖରା ଜଳ ସଂକଟକୁ ଉତ୍କଟ କରେ। ଆମ ଦେଶରେ ଖରାଦିନେ ଜଳସଂକଟ ଏକ ସାଧାରଣ ଘଟଣା। କୂଅ, ପୋଖରୀ, ଗାଡିଆ, ଜଳାଶୟ, ନଦୀ, ନାଳ ଏବଂ ଏପରିକି ଜଳଭଣ୍ଡାର ଗୁଡ଼ିକ ଶୁଖିଯାଏ। ଉତର ଭାରତରେ ଜଳଭଣ୍ଡାରଗୁଡ଼ିକର ଜଳସ୍ତର ଏବେ ଉଦ୍‌ବେଗଜନକ ସ୍ଥିତିରେ। ଆଗାମୀ ଚାଷ ପାଇଁ ଜଳସେଚନ ପ୍ରତି ଗୁରୁ ଧମକ ସୃଷ୍ଟି କରିଛି। କେବଳ କୃଷି କ୍ଷେତ୍ର ନୁହେଁ ଜଳ ବିଦ୍ୟୁତ ଉତ୍ପାଦନ, ଦୁଗ୍ଧ ଉତ୍ପାଦକ ସେକ୍ଟର ମଧ୍ୟ ପ୍ରଭାବିତ ହୋଇଛି। ଏହା ନିସନ୍ଦେହ ଯେ, ଖରାଦିନେ ଗ୍ରାମାଂଚଳ ତୁଳନାରେ ସହରାଂଚଳରେ ବିଦ୍ୟୁତ ଚାହିଦା ଆଶାତୀତ ଭାବେ ବୃଦ୍ଧି ପାଇଥାଏ। ବିଦ୍ୟୁତ ସଂକଟ ଜଳଜଳ ହୋଇଦେଖାଗଲାଣି। ଯାହାକି କେବଳ ଜନଜୀବନ କୁ ନୁହେଁ, କୃଷି ଓ ଶିଳ୍ପ କ୍ଷେତ୍ରକୁ ପ୍ରଭାବିତ କରିବାର ଆଶଙ୍କାକୁ ଏଡାଇ ଦେଇହେଉନାହିଁ। ଦେଶରେ କୃଷି ଉତ୍ପାଦନ, ଆୟ କମିଲେ ଖାଦ୍ୟ ଶସ୍ୟର ମୂଲ୍ୟ ବୃଦ୍ଧି ଘଟିବ। ଯାହାକି କେବଳ ଅର୍ଥନୀତିକୁ ପ୍ରଭାବିତ କରିବନାହିଁ, ଅଭିବୃଦ୍ଧିକୁ ମଧ୍ୟ ସଂକୁଚିତ କରିପାରିବ। ଆମ ରାଜ୍ୟରେ ମଧ୍ୟ ଆଗୁଆ ଗ୍ରୀଷ୍ମ ପ୍ରଭାବର ପ୍ରକୋପ ମଧ୍ୟ କିଛି କମ୍। ପଶ୍ଚିମ ଓଡ଼ିଶାର ତାପମାତ୍ରା ୪୧ଡିଗ୍ରୀ ସେଲସିୟସ୍ ପାର କରିଥିବାବେଳେ ଲୋକେ ଏବେଠୁ ତ୍ରାହିତ୍ରାହି ଡାକିଲେଣି। ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ହିଟ୍‌ୱେଭ୍ ସ୍ଥିତି ଜାରି ରହିବା ନେଇ ପାଣିପାଗ ଚେତାବନୀ ଦେଇ ସାରିଲାଣି। ଏବେ ବସନ୍ତ ଋତୁରେ ଏଭଳି ସ୍ଥିତି, ଗ୍ରୀଷ୍ମକାଳରେ ସ୍ଥିତି ଯେ ଅସମ୍ଭାଳ ହେବ, ଏହା ନିସନ୍ଦେହ। ଏହା ନିଶ୍ଚିତ ମଣିଷ ପ୍ରକୃତି ଉପରେ ଯେତିକି ଯେତିକି ଅତ୍ୟାଚାର କରୁଛି, ପ୍ରକୃତି ତା'ର ତାଣ୍ଡବ ସେତିକି ସେତିକି ରଚିବାରେ ରଚିଛି। ପ୍ରକୃତିର ସୁରକ୍ଷା ପାଇଁ ମାନବ ସମାଜ, ରାଷ୍ଟ୍ରଗୁଡ଼ିକ ଏବେଠୁ ସତର୍କ ନହେଲେ, ଆଗକୁ ଆହୁରି ଅଧିକ ପ୍ରାକୃତିକ ବ୍ୟତିକ୍ରମ ଦେଖିବାକୁ ହେବ, ଯାହାକି ସୃଷ୍ଟି ପାଇଁ କେବଳ ଧ୍ୱଂସର କାରଣ ହେବ।

ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା), ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୭୯୭୮୬୬୬୪୦୩

# ମାନସିକ ସ୍ୱାସ୍ଥ୍ୟ ପାଇଁ କଲରିଂ



ଡାକ୍ତର ସମ୍ରାଟ କର

ଅନୁଜ ପ୍ରତୀମ ଶ୍ରୀକାନ୍ତ ସେ ଦିନ ବ୍ୟସ୍ତ ହୋଇପଡ଼ି ମୋତେ ପଚାରିଲେ ଯେ ଘରେ ମୋର ଦୁଇଟା ଯାକ ପିଲା କିଛି ନା କିଛି ହାତ ଅଙ୍କାରେ ନିଜକୁ ବ୍ୟସ୍ତ ରଖିବା ପାଇଁ ଭଲ ପାଉଛନ୍ତି। ଯଦି ତାଙ୍କୁ ମୁଁ କୌଣସି କଲରିଂ ସାମଗ୍ରୀ ନ ଆଣି ଦେଉଛି ତେବେ ଘରେ ଥିବା କୌଣସି ରଙ୍ଗ ପଦାର୍ଥର ଜିନିଷ ବା ସେହିପରି ସାମଗ୍ରୀକୁ ନେଇ ସେମାନେ କାଗଜରେ ହେଉ କିମ୍ବା ସିଲଟରେ, ଭୂମି ତଳରେ ହେଉ ଏପରିକି ଖୋଲା ପଡ଼ିଆର ପ୍ରଶସ୍ତ ସ୍ଥାନ ମାନଙ୍କରେ। ସାର୍, ମୋତେ ଲାଗୁଛି ମୋର ଏ ପିଲା ଦିଟାଙ୍କର ବୋଧେ ମୁଣ୍ଡ ଖରାପ ହୋଇଗଲାଣି ନା କ'ଣ? ଏ ଦୁଇଜଣ ବଡ଼ ହେଲେ ଦୁଇଟା ଯାକ ମସ୍ତବଡ଼ ପାଗଳ ହେବେ! ଶ୍ରୀକାନ୍ତର କଥାଟି ଶୁଣି ମୁଁ ଟିକେ ହସିଲି। ଆଉ ତାଙ୍କୁ ସବିଶେଷ ବୁଝାଇ କହିଲି ଯେ ସାଧାରଣତଃ ଛୋଟ ବେଳେ ସମସ୍ତଙ୍କୁ ଚିତ୍ରରେ ରଙ୍ଗ ଭରିବାକୁ ଭଲ ଲାଗେ। ବଡ଼ ହେବା ପରେ ଏଥିରୁ ନିଜକୁ ଦୂରେଇ ରଖନ୍ତି। ତେବେ ଆଜିର ସମୟରେ ଏ କାମ କେବଳ ଛୋଟ ପିଲାଙ୍କ ମଧ୍ୟରେ ସୀମିତ ନାହିଁ, ଏହି କାର୍ଯ୍ୟକଳାପ ବଡ଼ ମାନଙ୍କ ପାଇଁ ବି ଉତ୍ତମ। ଏବେ ବଡ଼ ପିଲାଙ୍କ ପାଇଁ କଲରିଂ ବହି ମିଳୁଛି। ଯାହାକି ମାନସିକ ସ୍ୱାସ୍ଥ୍ୟ ଉପରେ ଆଧାରିତ। କଲରିଂ ବହିର ପ୍ୟାଟର୍ଣ୍ଣ ଅବସାଦ କମ କରି ସୃଜନଶୀଳତା ବୃଦ୍ଧିରେ ସାହାଯ୍ୟ କରେ। ଆମେ ନିତିଦିନିଆ ସମୟକୁ ଦେଖିଲେ ଜାଣୁ କେବଳ ଛୋଟ ପିଲା ନୁହଁନ୍ତି ବଡ଼ ବଡ଼ ଲୋକମାନେ ମଧ୍ୟ ଏପରିକି ସମାଜରେ ନିଜ ନିଜ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବା ଓ ଅତ୍ୟନ୍ତ ବ୍ୟସ୍ତ ବହୁଳ ସମୟ ବିତାଉଥିବା ଲୋକମାନଙ୍କ ଭିତରେ ଏହି ଅନ୍ତର୍ନିହିତ ସୃଜନ କଳା ପ୍ରତି ଆଗ୍ରହ ଓ ଆବେଗ ରହିଛି। ଧାଁ ଧଉଡ ଓ ଗୁରୁତ୍ୱପୂର୍ଣ୍ଣ କର୍ମବ୍ୟସ୍ତ ସମୟରୁ କିଛି କାଢ଼ି ସେମାନେ ଏଥି ନିମିତ୍ତ ସମୟ ଦିଅନ୍ତି ଓ ଚମତ୍କାର ଚିତ୍ର କଳା ମଧ୍ୟ ଆଙ୍କି ଥାଆନ୍ତି। ଚଳିତ ନିର୍ବାଚନରେ ତୃଣମୂଳ କଂଗ୍ରେସରେ ସୁପ୍ରିମ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାସ୍ତା କଡ଼ରେ ଜଣେ ଚିତ୍ରଶିଳ୍ପ ସହିତ କଥା ହୋଇ ସେ ତୁଳୀରେ ଆଙ୍କୁଥିବା ଛବିକୁ ଦେଖି ନିଜେ ତାଙ୍କ ସହ ରଙ୍ଗ ତୁଳୀରେ କିଛି ସମୟ ବିତାଇଥିଲେ। ସେହିପରି ଓଡ଼ିଆ ପୁଅ ତଥା ବିଶ୍ୱପ୍ରସିଦ୍ଧ ଚିତ୍ରଶିଳ୍ପୀ ଭାବେ ପ୍ରତିଷ୍ଠିତ ହୋଇଥିବା ବର୍ତ୍ତମାନର ସ୍ୱିଡ଼େନର ଅଧିବାସୀ ପି.କେ. ମହାନନ୍ଦୀୟାଙ୍କ କଥା ଟିକେ ମନେ ପକାନ୍ତୁ। ସେ ମଧ୍ୟ ଜଣେ ଚମତ୍କାର ଓ ସୁନାମଧନ୍ୟ ଚିତ୍ର ଶିଳ୍ପୀ। ତେବେ ବର୍ତ୍ତମାନ ସୁଦ୍ଧା ପର୍ଯ୍ୟନ୍ତ ଆମ ମାନଙ୍କ ଭିତରେ କଲରିଂ କରୁଥିବା ପିଲା ବା ଲୋକମାନଙ୍କ ଉପରେ ସେତେଟା ଏକ ଭଲ ଧାରଣା ତିଆରି ହୋଇପାରିନାହିଁ। ଏହା ଯେ ଏକ ଚମତ୍କାର ଓ ଭଗବାନଙ୍କ ପ୍ରଦତ୍ତ ସୃଜନଶକ୍ତିର ବିକଶିତ ରୂପରେଖ ତାହା ଆମକୁ ବୁଝିବାରେ ସେତେଟା ସହଜ ହୋଇପାରିନାହିଁ। ଅବସର ବିନୋଦନ ହେଉ ବା ଅସ୍ଥିର, ବିଚଳିତ ମନକୁ ଏକାଗ୍ର ରାସ୍ତାରେ ଆଗେଇ ନେବା ପାଇଁ କଲରିଂ ଏକ ଚମତ୍କାର ମାଧ୍ୟମ। ବର୍ତ୍ତମାନ ଏହି କଲରିଂକୁ ନେଇ ଅନେକ ପାଠ୍ୟକ୍ରମ ମଧ୍ୟ ତିଆରି ହେଲାଣି। ବୃତ୍ତିଗତ କ୍ଷେତ୍ର ଭାବେ ଏହା ମଧ୍ୟ ଜଣକୁ ଯଥାର୍ଥ ପରିଚୟ ଦେବା ସହ ଗୁଜୁରାଣ ମେଣ୍ଟାଇବା ପାଇଁ ଅର୍ଥ ରୋଜଗାରର ଏକ ସମ୍ମାନଜନକ ମାଧ୍ୟମ ପାଲଟି ସାରିଲାଣି। ତଥାପି କେତେକ ଅଭିଭାବକ ସେମାନଙ୍କ ପିଲାମାନଙ୍କର ଛୋଟ ବେଳର କଲରିଂରେ ବ୍ୟସ୍ତତାକୁ ସେପରି ବେଶ ସହଜରେ ଗ୍ରହଣ କରିପାରିନଥାନ୍ତି। ଗମ୍ଭୀର ଚିନ୍ତାରୁ ଧ୍ୟାନ ହଟାଇବା ପାଇଁ କଲରିଂ ବୁକ ସାହାଯ୍ୟ କରେ। ଏଭଳି ମଜାଦାର ଗତିବିଧି ମାଧ୍ୟମରେ ଶାନ୍ତି ଏବଂ ବିଶ୍ରାମ ଭାବନା ବୃଦ୍ଧି ପାଏ। ସେହିପରି ଚିତ୍ରରେ ରଙ୍ଗ ଭରିବା ହେଉଛି ଏକ ସୃଜନାତ୍ମକ ଏବଂ ମଜାଦାର କାମ। ଏହା ଦ୍ୱାରା ମନକୁ ଶାନ୍ତ କରିବା ସମ୍ଭବ। ଜଟିଳ ଚିତ୍ରରେ ରଙ୍ଗ ଭରିବା ଦ୍ୱାରା ଧ୍ୟାନ ସେଥିରେ ରହେ ଏବଂ ମନ ବିଚଳିତ ହୁଏନାହିଁ। କଲରିଂ ସୃଜନାତ୍ମକ ଜ୍ଞାନ କୌଶଳ ବୁଦ୍ଧିରେ ସାହାଯ୍ୟ କରେ। ନିଜର କଳାତ୍ମକ ଅଭିବ୍ୟକ୍ତିକୁ ଜାଣିବାର ଏହା ଏକ ସହଜ ଉପାୟ। କାରଣ ଦୁଇ ଜଣଙ୍କୁ ଗୋଟିଏ ଚିତ୍ରରେ ରଙ୍ଗ କରିବାକୁ ଦେଲେ ଦୁଇଜଣ ଭିନ୍ନ ଭିନ୍ନ ରଙ୍ଗକୁ ଚୟନ କରନ୍ତି। ଏଥିରୁ ଜଣାପଡ଼େ ଯେ ସମସ୍ତଙ୍କ ଚିନ୍ତାଧାରା ଭିନ୍ନ। କଲରିଂ ନକାରାତ୍ମକ ଚିନ୍ତାରୁ ଦୂରେଇ ରଖିବାରେ ସାହାଯ୍ୟ କରେ। ନିତିଦିନିଆ ମୋ ମାନସିକ ଚିକିତ୍ସା, ନିଦାନ ଓ ପରାମର୍ଶ କେନ୍ଦ୍ରରେ ଅନେକ ପୀଡ଼ିତ ମାନଙ୍କୁ ସାମ୍ନା କରିଥାଏ ଯେଉଁମାନେ ମାନସିକଭାବେ ଅସୁସ୍ଥ ହେବା ପୂର୍ବରୁ ବେଶ ଭଲ ଭାବେ କଲରିଂରେ ନିଜକୁ କିଛି ସମୟ ବିତାଇ ସମୟ କାଟୁଥିଲେ। କଲରିଂ ଏକ ଏପରି ଅନ୍ତର୍ନିହିତ ସୃଜନଶକ୍ତି ଯାହା ନିଜ ଆଖପାଖର ପରିବେଶ, କାର୍ଯ୍ୟକଳାପ ଓ ଜୀବନ ଚରିତ୍ରର ଲୋକମାନଙ୍କ ସମ୍ବନ୍ଧରେ କିଛି ଜଣାଇଥାଏ ସେମାନଙ୍କୁ ଅନେକ ମାନସିକ ଶାନ୍ତି ଦେଇଥାଏ। ଯଦିଓ କଲରିଂ କେତେକ ନିର୍ଦ୍ଦିଷ୍ଟ ମାନସିକ ପୀଡ଼ିତ ମାନଙ୍କ ପାଇଁ ଏକ ପ୍ରକାର ଯନ୍ତ୍ରଣାର କାରଣ ହୋଇଥାଏ ତାହା ତ ଅଲଗା କଥା ତେବେ ମାନସିକ ସ୍ୱାସ୍ଥ୍ୟ ପାଇଁ କଲରିଂ ଏକ ଏପରି ଶକ୍ତିଶାଳି ଭିଟାମିନ ପରି କାର୍ଯ୍ୟ କରିଥାଏ ଯେ ଅନେକ ଏହା ବିନା ବଞ୍ଚି ନପାରିବା ପରି ଅନୁଭବ କରନ୍ତି। ସତେଯେପରି ମାଛ ବିନା ଜଳ। ତେବେ କେଉଁ ମାନଙ୍କୁ କେଉଁ କେଉଁ ରଙ୍ଗ ପସନ୍ଦ ଆସିଥାଏ ତାହା ସେମାନଙ୍କ ବ୍ୟକ୍ତିଗତ ଆଗ୍ରହ। ମୁଁ କେତେକ ନିର୍ଦ୍ଦିଷ୍ଟ ମାନସିକ ଅସହାୟ ଓ ପୀଡ଼ିତ ମାନଙ୍କ ପାଇଁ ସେମାନଙ୍କ ପୂର୍ବ ଜୀବନର ଜୀବନ ରେଖା, କାର୍ଯ୍ୟକଳାପ ଓ ବ୍ୟକ୍ତିଗତ ରୁଟିନ ବୁଝିବା ସମୟରେ ଯେତେବେଳେ ଜାଣେ ଯେ ସେମାନେ ପୂର୍ବରୁ ଜଣେ ଜଣେ ରଙ୍ଗ ତୁଳୀର ନାୟକ ଥିଲେ, ସେମାନଙ୍କ ନିକଟ ଲୋକମାନଙ୍କୁ ସେହି ରଙ୍ଗତୁଳୀ ଜୀବନକୁ କିଛି ମାତ୍ରାରେ ଫେରାଇବା ପାଇଁ ପରାମର୍ଶ ଦେଇଥାଏ। ତେଣୁ କଲରିଂ ଯେ ଜୀବନ ଅବସାଦ ନୁହେଁ ବରଂ ଜୀବନ ବଞ୍ଚିବାର ଅମୃତ ମହୌଷଧି ଏବଂ ସର୍ବୋପରି ଏହା ଏକ ରଙ୍ଗୀନ ମାନସିକତାର ଜୀବନ ଅଭିବୃଦ୍ଧି ଏହାକୁ ବୁଝନ୍ତୁ ଆଉ ଗ୍ରହଣ କରନ୍ତୁ। ଏ ସଂକ୍ରାନ୍ତରେ ଆପଣ କୌଣସି ଅଧିକ ପରାମର୍ଶ ବା ସହଯୋଗ ଚାହୁଁଥିଲେ ମୁଁ ଆପଣଙ୍କୁ ନିଶ୍ଚିନ୍ତ ସହାୟତାର ହାତ ବଢ଼ାଇବି। ଆମ ଜୀବନ ରଙ୍ଗମଞ୍ଚରେ ରଙ୍ଗତୁଳୀ ବା କଲରିଂ ସମସ୍ତଙ୍କ ଖୁସି, ଆନନ୍ଦ ଓ ସୁସ୍ଥ ମାନସିକତାର ପରିଧିକୁ ଆହୁରି ରଙ୍ଗୀନ କରୁ। ଆଜି ପାଇଁ ଏହି ଶୁଭକାମନା।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ,
ଦୂରଭାଷ : ୯୧୩୨୪୩୩୩୩୩

# ଓରମାସ ଉତ୍ପାଦରେ ଖଣ୍ଡୁଆ ପାଟ



ବିପିନ ବିହାରୀ ରାଉତ

ଓଡ଼ିଆଙ୍କ ଜନଜୀବନରେ ଖଣ୍ଡୁଆ ପାଟର ମହକ, ଆଦର, ସମ୍ମାନ, ଭଲ ପାଇବା କାହିଁରେ କେତେ। ଖଣ୍ଡୁଆ ବୋଇଲେ ଶ୍ରୀମନ୍ଦିରର ଶ୍ରୀଜୀଉଙ୍କ ବ୍ୟବହୃତ ଲାଲ ରଙ୍ଗର ପାଟବସ୍ତ୍ରକୁ ବୁଝାଏ। ଖଣ୍ଡୁଆ, ପାଟ ବା ଟସର ସୂତାରେ ବୁଣାଯାଇ ତହିଁରେ ନାନାଦି ପଶୁ, ପକ୍ଷୀ, ଜୀବ, ମନୁଷ୍ୟ, ବୃକ୍ଷ, ଲତା, ମନ୍ଦିର ଓ ଦେବତାଙ୍କର ଚିତ୍ର ଭିନ୍ନ ଭିନ୍ନ ରଙ୍ଗରେ ଖୁବ କୁଶଳତାର ସହ ଆବେଗମୟ ଚିତ୍ରିତ ହୋଇଥାଏ। ଓଡ଼ିଶାର କେତେକ ଗଡ଼ଜାତର କୌଳିକ ବୃତ୍ତିର ତନ୍ତୀମାନେ ଅତି ଉତ୍କୃଷ୍ଟ ଚିତ୍ର ବିଚିତ୍ର ଖଣ୍ଡୁଆ ବୁଣୁଥିଲେ। ଓଡ଼ିଆଙ୍କ ପୋଷାକ ପରିପାଟୀରେ ଖଣ୍ଡୁଆର ସ୍ଥାନ ମଧ୍ୟ ସ୍ୱତନ୍ତ୍ର। କଟକର ମାଣିଆବନ୍ଧ ଓ ନୂଆପାଟଣା ମୂଳକ ଖଣ୍ଡୁଆ ପାଟ ପାଇଁ ଦେଶ ବିଦେଶରେ କେବଳ ବିଖ୍ୟାତ ହୋଇନି ଏଣିକି ବିଧିବଦ୍ଧ ଭାବେ ପ୍ରସ୍ତୁତ ହୋଇଥିବା ପ୍ୟାକେଟ ବକ୍ସ ଭିତରେ ଖଣ୍ଡୁଆ ପାଟ ମିଳିବାର ବ୍ୟବସ୍ଥା ହୋଇଛି। ସୂଚନା ପ୍ରଯୁକ୍ତିର ଅତ୍ୟାଧୁନିକ କ୍ୟୁଆର କୋର୍ଡ଼ ରହିଥିବା ପ୍ୟାକେଜିଂ ବ୍ୟବସ୍ଥା ସହ ଉନ୍ନତମାନର ହସ୍ତତନ୍ତ ଶାଢ଼ୀ ପ୍ୟାକେଜିଂ ବକ୍ସର ବିଧିବଦ୍ଧ ଭାବେ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କର ଏହି ସଫଳମୟ ଲୋକପ୍ରିୟ ଯୋଜନାଟିକୁ ଓରମାସ ନିର୍ବାହ କରିଥିବାବେଳେ କଟକର ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଧ ନୌବାଣିଜ୍ୟ ସଂଗ୍ରାହଳୟରେ ଏହାକୁ ଉନ୍ମୋଚନ କରିଛନ୍ତି। ଅନେକ ସ୍ୱତନ୍ତ୍ରତା ଏହି ପ୍ୟାକେଜିଂ ବ୍ୟବସ୍ଥା ଭିତରେ ରହିଛି। ଅତ୍ୟନ୍ତ ସୁରକ୍ଷିତ ରହିଥିବା କ୍ୟୁଆରକୋର୍ଡ଼କୁ ଜଣେ ନିଜ ମୋବାଇଲରେ ସ୍କାନ କରିବା ମାତ୍ରେ ଏହା ଶାଢ଼ୀର ପ୍ରସ୍ତୁତ କର୍ତ୍ତା, ସ୍ଥାନ ବିଶେଷ ଓ ସୂତାର ମାନ ଠାରୁ କାରିଗରଙ୍କ ପରିଚୟଙ୍କ ଠାରୁ ଅନେକ ସାମଗ୍ରୀକ ତଥ୍ୟ ମିଳିବାର ବ୍ୟବସ୍ଥା ହୋଇଛି। ଓରମାସ ପକ୍ଷରୁ ସରକାରଙ୍କ ଲୋକପ୍ରିୟ ସ୍ୱାବଲମ୍ବୀ ଯୋଜନା ଗୁଡ଼ିକ କିପରି ଗ୍ରାମାଞ୍ଚଳରେ ରହିଥିବା ମୂଳ ଉତ୍ପାଦକ ଗୋଷ୍ଠୀ ମାନଙ୍କ ପାଖରେ ପହଞ୍ଚିବ ଓ ସେମାନଙ୍କ ପ୍ରସ୍ତୁତ ତଥା ବିଭିନ୍ନ ଉତ୍ପାଦର ବିକାଶ ସହ ବିବିଧ କରଣ, ଖୁଚୁରା ବିକ୍ରୟ ସହ ନିଜ ବ୍ରାଣ୍ଡର ଉନ୍ନତି କରଣ ପାଇଁ ଗୁରୁତ୍ୱ ପ୍ରଦାନ କରାଯାଇଛି। ସେହିପରି କଟକ ଜିଲ୍ଲାରେ ରହିଥିବା ବିଭିନ୍ନ ହସ୍ତ ପ୍ରସ୍ତୁତ ସାମଗ୍ରୀ ଓ ସେମାନଙ୍କର ସାମଗ୍ରିକ ବିବରଣୀ ତଥ୍ୟ ପୁସ୍ତିକାଟି ମଧ୍ୟ ଲୋକାର୍ପଣ ହୋଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା ମାନ୍ୟବର ଜିଲ୍ଲାପାଳଙ୍କ ପ୍ରେରଣାଦାୟୀ ମାର୍ଗ ଦର୍ଶନ। କାରୀଗରମାନେ ଆତ୍ମନିର୍ଭରଶୀଳ ହୋଇ ନିଜ ଉତ୍ପାଦ ସାମଗ୍ରୀ ଗୁଡ଼ିକୁ ଅଧିକରୁ ଅଧିକ ଉପଯୋଗ କରିବା ପାଇଁ ଗୁରୁତ୍ୱ ଦେବା ସହ ବ୍ରାଣ୍ଡିଂ ଓ ପ୍ୟାକେଜିଂକୁ ଗୁରୁତ୍ୱ ଦେଇ ନିଜ ନିଜର ଉତ୍ପାଦକୁ ଅଧିକ ଆକର୍ଷଣୀୟ ତଥା ବଜାର ଉପଯୋଗୀ କରାଇବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମେସର୍ସ, ଆରଜିବି, ଅଗ୍ରୋଟେକ ଲିମିଟେଡ, ମେସର୍ସ ପ୍ରିମିୟର, ଇରିଗେସ, ଆଗ୍ରୋଟେକ ପ୍ରାଇଭେଟ ଲିମିଟେଡ ସହ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ସେହିପରି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କଟକ ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଓରମାସ ଯୁଗ୍ମ ନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ, ଉଦ୍ୟାନ କୃଷି ବିଭାଗର ଉପନିର୍ଦ୍ଦେଶକ ସାନ୍ଧୁଲ ରାମା ରାଓ, ଜୟ ଭାରତ ସ୍ପାଇସର ଚେୟାରମ୍ୟାନ ସୁରେନ୍ଦ୍ର ନାଥ ପଣ୍ଡା, ଶିବାନୀ ଟ୍ରେଡ଼ର୍ସ, ଶ୍ୟାମ ହରବାଲ, ଜୀବନଜ୍ୟୋତି ହରବାଲ, ଉତ୍କଳ ଇଣ୍ଟରନ୍ୟାସନାଲ ଆଗ୍ରିସୋଲ, ଜୁବିସ ଡିଜାଇନର ହାଉସ, ଓଡ଼ିଟ୍ରାଇବ, ସାଇ ଏକ୍ସପର୍ଟ, ପ୍ରିମିୟର ଇରିଗେସନ ଏଜିଟେକ୍, ଭିଲ୍ଲାମାର୍ଟ, ରାଜୀବ ଆଗ୍ରୋଟେକ ଆଦି ସଂସ୍ଥାର ପ୍ରତିନିଧି ଉପସ୍ଥିତ ଥିଲେ। ଜନଜୀବନ ଓ ଜନ ଚେତନାରେ ଆଦର ମହକ ରଖିଥିବା ଖଣ୍ଡୁଆ ପାଟ ଏବେ ସମସ୍ତଙ୍କ ହାତ ପାହାନ୍ତାରେ ଘରେ ଘରେ ହିଁ ଉପଲବ୍ଧ ହୋଇପାରିବ ଏହା ହିଁ ସବୁଠାରୁ ଓରମାସର ଲୋକପ୍ରିୟ ସଫଳତା କହିଲେ ଅତ୍ୟୁକ୍ତି ହେବନାହିଁ।

ଯୁଗ୍ମ ନିର୍ବାହୀ ଅଧିକାରୀ, ଓରମାସ, ଭୁବନେଶ୍ୱର

## ଆକ୍ରମଣରେ ଥରିଲା ଗାଜା

# ଇସ୍ରାଏଲର ବୋମା ବର୍ଷା: ୪୧୩ ମୃତ



ନୂଆଦିଲ୍ଲୀ, ୧୮।୩: ଯୁଦ୍ଧ ବିରତୀ ହଟୁହଟୁ ହିଁ ଆରମ୍ଭ ହୋଇଯାଇଛି ଆକ୍ରମଣ। ଅତର୍କିତ ବୋମା ବର୍ଷାରେ ଥରିଛି ଗାଜା। ଇସ୍ରାଏଲର ଆକ୍ରମଣ ପରେ ଏବେ ଗାଜାରେ ହାହାକାର। ଚାଲିଯାଇଛି ଶତାଧିକ ଜୀବନ, ଭାଙ୍ଗିଯାଇଛି ଘର ଦ୍ୱାର। ଯୁଦ୍ଧର ସ୍ଥିତି ଏତେ ଭୟଙ୍କର ଯେ ତାକୁ ବର୍ଣ୍ଣନା କରିବା ମୁଜସିଲ୍। ଯୁଦ୍ଧ ବିରାମ ପରେ ଗାଜା ଉପରେ ଅତର୍କିତ ଆକ୍ରମଣ କରିଛି ଇସ୍ରାଏଲ। ଘଟଣାରେ ୪୧୩ ଜଣଙ୍କ ପ୍ରାଣହାନୀ ହେବା ସହ ଶତାଧିକ ଲୋକ ଆହତ ହୋଇଛନ୍ତି। ସେପଟେ ଆକ୍ରମଣ ପୂର୍ବରୁ ଗାଜାକୁ ସମସ୍ତ ଅତ୍ୟାବଶକୀୟ ସାମଗ୍ରୀ ଆସିବା ଉପରେ ରୋକ ଲଗାଇଥିଲା ଇସ୍ରାଏଲ। ଯାହାଫଳରେ ଆଗକୁ କ୍ଷୁଧା ଜନିତ ଓ ସ୍ୱାସ୍ଥ୍ୟ ସମସ୍ୟାରେ ମୃତ୍ୟୁ ସଂଖ୍ୟା ବଢ଼ିବା ଆଶଙ୍କା ଦେଖାଯାଇପାରେ।

ଗାଜାର ବୁରେଜୀ ଅଞ୍ଚଳ ଏବେ ଇସ୍ରାଏଲର ଆକ୍ରମଣରେ ଛାରଖାର ହୋଇପଡିଛି। ଏଠାକାର ଏକ ସ୍କୁଲରେ ଆଶ୍ରୟ ନେଇଥିବା ଶରଣାର୍ଥୀଙ୍କ ଉପରେ ଆକ୍ରମଣ କରିଛି ଆଇଡିଏଫ। ଯେଉଁଠି ଆଖି ପଡୁଛି ସେଠି ଖାଲି ଶବ ଓ କ୍ଷତବିକ୍ଷତ ଶରୀର। ଯୁଦ୍ଧ ବିରାମ ସରିବା ପରେ ବଡ ଧରଣର ଆକ୍ରମଣ କରି ପୁଣି ଶକ୍ତି ପ୍ରଦର୍ଶନ କରିଛି ଇସ୍ରାଏଲ ସେନା। ଇସ୍ରାଏଲର ଆକ୍ରମଣରେ ରକ୍ତମୁଖା ହମାସ ଧମକ ପରେ ଧମକ ଦେଇ ଚାଲିଛି। ଅସ୍ତ୍ରବିରତି ଉଲ୍ଲଂଘନର କଡ଼ା ଜବାବ ଦିଆଯିବ କହିଛି ହମାସ। ଇସ୍ରାଏଲର ଏହି ଭୁଲ, ପଣବନ୍ଦୀଙ୍କ ଜୀବନକୁ ବିପଦରେ ପକାଉଥିବା କହି ହମାସ ଧମକ ଦେଇଛି। ସେପଟେ ଇସ୍ରାଏଲ ମଧ ପଛଘୁଞ୍ଚା ଦେବାକୁ ଚାହୁଁନି। ଆଗକୁ ହମାସ ବିରୋଧରେ ବଡ ସୈନ୍ୟ ଅଭିଯାନ ଚାଲିବ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ। ଆକ୍ରମଣ ପୂର୍ବରୁ ଗାଜାକୁ ସମସ୍ତ ଅତ୍ୟାବଶକୀୟ ସାମଗ୍ରୀ ପହଁଚିବା ଉପରେ ରୋକ ଲଗାଇଛି ଇସ୍ରାଏଲ। ଖାଦ୍ୟଠୁ ନେଇ ଔଷଧ କିଛି ପହଁଚିପାରୁନି। ତେଣୁ ଆଗକୁ କ୍ଷୁଧା ଓ ସ୍ୱାସ୍ଥ୍ୟ ଜନିତ ସମସ୍ୟାରେ ବଢ଼ିପାରେ ମୃତ୍ୟୁ ସଂଖ୍ୟା। ସେପଟେ ହମାସ ନିକଟରେ ଏବେ ବି ୨୪ଜଣ ବନ୍ଧକ ରହିଛନ୍ତି ଓ ଏମାନଙ୍କୁ ଛାଡିବା ପାଇଁ କିଛି ବଡ ସର୍ତ୍ତ ରଖିପାରେ। ସେପଟେ ଗାଜା ସହ ଲେବାନନ ଓ ଉତର ସିରିଆରେ ଇସ୍ରାଏଲ ଏୟାରଷ୍ଟ୍ରାଇକ କରିଥିବାରୁ ଆଗକୁ ସ୍ଥିତି ଅଧିକ ଭୟଙ୍କର ହେବା ଆଶଙ୍କା ରହିଛି।



### ଇଣ୍ଡିଆନ ଅଏଲ ପ୍ଲାଣ୍ଟରେ ଭୟଙ୍କର ଅଗ୍ନିକାଣ୍ଡ

ରାଞ୍ଚି, ୧୮।୩: ଝାଡ଼ଖଣ୍ଡ ଦେଓଘରର ଜସିଡିହ ସ୍ଥିତ ଇଣ୍ଡିଆନ୍ ଅଏଲ ପ୍ଲାଣ୍ଟରେ ଭୟଙ୍କର ଅଗ୍ନିକାଣ୍ଡ। ନିଆଁ ସମଗ୍ର ଅଏଲ ପ୍ଲାଣ୍ଟରେ ଲାଗିଛି। ନିଆଁର ବିକଟାଳ ରୂପ ଦେଖି ପୋଲିସ ଆଖିପାଖରେ ଥିବା ଗାଁକୁ ଖାଲିଦେଇଛି। ଲୋକଙ୍କୁ ସୁରକ୍ଷିତ ଭାବେ ଗାଁରୁ ବାହାର କରାଯାଇ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ନିଆଁ ଗାଁରେ ବ୍ୟାପିବାର ଭୟ ରହିଛି। ତେଣୁ ପୋଲିସ ଗାଁକୁ ଯାଇ ଗାଁ ଖାଲି କରୁଛି। ନିଆଁର ପ୍ରକୋପ ବହୁତ ଦୂର ପର୍ଯ୍ୟନ୍ତ ଦେଖିବାକୁ ମିଳିଛି। ତେବେ କେଉଁ କାରଣ ଯୋଗୁଁ ନିଆଁ ଲାଗିଛି ତାହା ଜଣାପଡିନାହିଁ। ପ୍ଲାଣ୍ଟରେ ଲାଗିଥିବା ନିଆଁକୁ ଲିଭାଇବା ପାଇଁ ଅଗ୍ନିଶମ ବାହିନୀ ସମସ୍ତ ପ୍ରକାରର ଚେଷ୍ଟା ଜାରି ରଖିଛି। ଦମକଳ ଗାଡି ନିଆଁ ଲିଭାଉଛି।

### ଇଡି ଜେରା ସମୟରେ ରାବ୍ରୀ ମଧ୍ୟାହ୍ନ ଭୋଜନ ପାଇଁ ଅନୁମତି



ପାଟନା,୧୮।୩: ମଙ୍ଗଳବାର ଲ୍ୟାଣ୍ଡ ଫର୍ ଜବ ଦୁର୍ନୀତି ମାମଲାରେ ଇଡି ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରୀ ଦେବୀଙ୍କୁ ପଚରାଉଚରା କରିଥିଲା। ରାବ୍ରୀ ଦେବୀଙ୍କ ଝିଅ ମୀସା ଭାରତୀ ମଧ୍ୟ ଉପସ୍ଥିତ ଥିଲେ। ଇଡି ପଚରାଉଚରା କରିବାରେ ନମ୍ର ଥିଲା ଏବଂ ସେମାନଙ୍କର ଖାଦ୍ୟପେୟର ମଧ୍ୟ ଯତ୍ନ ନେଉଥିଲା। ଇଡି ରାବ୍ରୀ ଦେବୀଙ୍କୁ ପଚାରିଥିଲା, 'ତେଜସ୍ୱୀ ଯାଦବଙ୍କୁ ଦିଲ୍ଲୀର ନ୍ୟୁ ଫ୍ରେଣ୍ଡସ କଲୋନିରେ ଥିବା ବଙ୍ଗଳା କିପରି ମିଳିଲା ? ସଗୁନା ମୋଡ଼ ଆପାର୍ଟମେଣ୍ଟର ଜମି କିପରି କିଣାଗଲା ଏବଂ ଟଙ୍କା କେଉଁଠାରୁ ଆସିଲା ? ଏହାର ନିର୍ମାଣ କେବେ ଆରମ୍ଭ ହୋଇଥିଲା ? ଆପଣଙ୍କ ନାମରେ ଥିବା ଜମି କିପରି ଅଧିଗ୍ରହଣ କରାଯାଇଥିଲା ? ଚାକିରି ବଦଳରେ ଯେଉଁମାନଙ୍କଠାରୁ ଜମି ନିଆଯାଇଥିଲା ସେମାନଙ୍କୁ ଆପଣ କିପରି ଜାଣନ୍ତି ? ଆପଣ ପ୍ରଥମ ଥର ପାଇଁ ସେହି ଲୋକମାନଙ୍କୁ କେବେ ଭେଟିଥିଲେ ? ଆପଣ ସେହି ଲୋକମାନଙ୍କୁ ଚାକିରି ଦେବା ପାଇଁ କାହିଁକି ଲବି କରିଥିଲେ ?' ପଚରାଉଚରା ସମୟରେ, ଦଳ ରାବ୍ରିଙ୍କୁ ଚା' ଏବଂ ପାଣି ବିଷୟରେ ମଧ୍ୟ ପଚାରୁଥିଲା। ଏହି ସମୟରେ, ଇଡି ରାବ୍ରୀ ଦେବୀଙ୍କୁ ପଚାରିଲା ଯେ ସେ ମଧ୍ୟାହ୍ନ ଭୋଜନ କରିବାକୁ ଚାହାଁନ୍ତି କି? ଯେତେବେଳେ ରାବ୍ରୀ ଦେବୀ ହଁ ବୋଲି ଉତ୍ତର ଦେଲେ, ଅଧିକାରୀମାନେ ତାଙ୍କୁ ମଧ୍ୟାହ୍ନ ଭୋଜନ କରିବାକୁ କହିଲେ। ଯଦି ତୁମକୁ କୌଣସି ଔଷଧ ଖାଇବାକୁ ପଡିବ, ତେବେ ତାହା ମଧ୍ୟ ଖାଅ।

## ଗୁଜବରୁ ନାଗପୁରରେ ବ୍ୟାପକ ହିଂସା

# ଯାନବାହନ ପୋଡ଼ାଜଳା, ପଥରମାଡ଼



ନାଗପୁର,୧୮।୩: ସୋମବାର ସାରେ ମହାରାଷ୍ଟ୍ରର ନାଗପୁରରେ ଔରଙ୍ଗଜେବଙ୍କ ସମାଧି ପ୍ରସଙ୍ଗକୁ ନେଇ ହଙ୍ଗାମା ହୋଇଥିଲା। ସହରର ମାହାଲ ଅଞ୍ଚଳରେ ଘଟିଥିବା ହିଂସା ଅନ୍ୟ ଅଞ୍ଚଳକୁ ମଧ୍ୟ ବ୍ୟାପିଥିଲା। ଏହା ପରେ ହଂସପୁରୀ ଅଞ୍ଚଳ ମଧ୍ୟ ହିଂସାର ଶିକାର ହୋଇଥିଲା। ଅସାମାଜିକ ବ୍ୟକ୍ତିମାନେ ଅନେକ ଦୋକାନ ଭଙ୍ଗାରୁଜା କରିଥିଲେ ଏବଂ ଅନେକ ଯାନବାହାନ ଜାଳି ଦେଇଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ପ୍ରବଳ ପଥର ମାଡ଼ କରିଥିଲେ। ଯେଉଁଥିରେ ଅନେକ ପୋଲିସ କର୍ମଚାରୀ ଆହତ ହୋଇଥିଲେ। କୁହାଯାଉଛି ଯେ ନାଗପୁରର ହଂସପୁରୀ ଅଞ୍ଚଳରେ କିଛି ଅଜଣା ଲୋକ ଦୋକାନ ଭଙ୍ଗାରୁଜା କରିଛନ୍ତି ଏବଂ ପଥର ମାଡ଼ କରିଛନ୍ତି। ଏହି ସମୟରେ ଅନେକ ଗାଡ଼ି ପୋଡ଼ି ଦିଆଯାଇଥିଲା।

ସୂଚନାଯୋଗ୍ୟ, ହିଂସା ପ୍ରଥମେ ମହଲ ଅଞ୍ଚଳରୁ ଆରମ୍ଭ ହୋଇଥିଲା। ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ପରେ, ସମଗ୍ର ସହରରେ ଉତ୍ତେଜନା ବୃଦ୍ଧି ପାଇଥିଲା। ହଂସପୁରୀ ଅଞ୍ଚଳର ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି ଯେ ମୁଖାପିନ୍ଧା ଗୋଷ୍ଠୀ ଉକ୍ତ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି କରିଥିଲେ। ସେ କହିଥିଲେ ଯେ କେତେଜଣ ମୁଖାପିନ୍ଧା ଲୋକ ସେହି ଅଞ୍ଚଳକୁ ଆସିଥିଲେ। ଯେଉଁମାନଙ୍କ ହାତରେ ଧାରୁଆ ଅସ୍ତ୍ର, ଷ୍ଟିକର ଏବଂ ବୋତଲ ଥିଲା। ସେମାନେ ପ୍ରଥମେ ଗଣ୍ଡଗୋଳ ସୃଷ୍ଟି କରିଥିଲେ ଏବଂ ତା'ପରେ ଦୋକାନ ଭଙ୍ଗାରୁଜା କରିଥିଲେ ଏବଂ ପଥର ମାଡ଼ କରିଥିଲେ। ଏହି ସମୟରେ ଅନେକ ଗାଡ଼ି ପୋଡ଼ି ଦିଆଯାଇଥିଲା।

ସୋମବାର ସାରେ ମହାରାଷ୍ଟ୍ରର ନାଗପୁରରେ ହିଂସା ଘଟିଛି। ଅଧିକାରୀଙ୍କ ଅନୁଯାୟୀ, ସୋମବାର ସା ପ୍ରାୟ ୭.୩୦ ସମୟରେ ମଧ୍ୟ ନାଗପୁରର ଚିଟନିସ ପାର୍କ ଅଞ୍ଚଳରେ ହିଂସା ଘଟିଥିଲା। ଏହି ସମୟରେ, ଦୁର୍ବୃତ୍ତମାନେ ପୋଲିସ ଉପରେ ପଥର ମାଡ଼ କରିଥିଲେ। ଔରଙ୍ଗଜେବଙ୍କ ସମାଧିସ୍ଥଳକୁ ହଟାଇବା ପାଇଁ ଭିଏଚପି ଏବଂ ବଜରଙ୍ଗ ଦଳ ପକ୍ଷରୁ ହୋଇଥିବା ପ୍ରତିବାଦ ସମୟରେ ମୁସଲିମ ସମ୍ପ୍ରଦାୟର ପବିତ୍ର ପୁସ୍ତକ ପୋଡ଼ି ଦିଆଯାଇଥିବା ଗୁଜବ ପ୍ରଚାର ହେବା ପରେ ହିଂସା ଆରମ୍ଭ ହୋଇଥିଲା।

ତଥାପି, ବଜରଙ୍ଗ ଦଳ ଏହି ଅଭିଯୋଗକୁ ଅସ୍ୱୀକାର କରିଛି। ବଜରଙ୍ଗ ଦଳ କହିଛି ଯେ ପ୍ରତିବାଦକାରୀମାନେ ଔରଙ୍ଗଜେବଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ନାଗପୁରରେ ହୋଇଥିବା ଏହି ହିଂସାରେ ଡିସିପିଙ୍କ ସମେତ ଛଅ ଜଣ ଏବଂ ପାଞ୍ଚ ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଏହି ସମୟରେ ଡିସିପି ନିକେତନଙ୍କ ଉପରେ କୁରାଢ଼ିରେ ଆକ୍ରମଣ କରାଯାଇଥିଲା।

ଏହା ପରେ, ରାତି ପ୍ରାୟ ୧୦:୩୦ ରୁ ୧୧:୩୦ ମଧ୍ୟରେ, ପୁରୁଣା ଭଣ୍ଡାରା ରୋଡ ନିକଟସ୍ଥ ହଂସପୁରୀ ଅଞ୍ଚଳରେ ଆଉ ଏକ ସଂଘର୍ଷ ଘଟିଥିଲା। ଏହି ସମୟରେ, ଅନିୟନ୍ତ୍ରିତ ଭିଡ଼ ଅନେକ ଯାନବାହନରେ ନିଆଁ ଲଗାଇ ଦେଇଥିଲେ। ଦଙ୍ଗାକାରୀମାନେ ଘର ଏବଂ ଏକ କ୍ଲିନିକ ଭଙ୍ଗାରୁଜା କରିଥିଲେ। ହଂସପୁରୀ ଅଞ୍ଚଳର ବାସିନ୍ଦା ଶରଦ ଗୁପ୍ତା (୫୦) କହିଛନ୍ତି ଯେ ରାତି ୧୦.୩୦ ରୁ ୧୧.୩୦ ମଧ୍ୟରେ ଭିଡ଼ ପଥର ଫିଙ୍ଗିବା ଆରମ୍ଭ କରିଥିଲା ଏବଂ ତା'ପରେ ଗାଡ଼ିଗୁଡ଼ିକରେ ନିଆଁ ଲଗାଇ ଦେଇଥିଲା।

## ପୁଟିନ-ଟ୍ରମ୍ପ ଟେଲିଫୋନ ବାର୍ତ୍ତାଳାପ



ୱାଶିଂଟନ, ୧୮।୩: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଫୋନରେ କଥା ହୋଇଛନ୍ତି। ଉଭୟ ନେତା ମଧ୍ୟପ୍ରାଚ୍ୟଠାରୁ ଆରମ୍ଭ କରି ୟୁକ୍ରେନ ସଙ୍କଟ ପର୍ଯ୍ୟନ୍ତ ପ୍ରସଙ୍ଗରେ ଆଲୋଚନା କରିଥିଲେ। ହ୍ୱାଇଟହାଉସର ଡେପୁଟି ଚିଫ୍ ଅଫ୍ ଷ୍ଟାଫ୍ ଡାନ୍ ସ୍କାଭିନୋ କହିଛନ୍ତି ଯେ ବିଭିନ୍ନ ପ୍ରସଙ୍ଗରେ ଭଲ କଥାବାର୍ତ୍ତା ହୋଇଥିଲା। ବିବିସିର ଏକ ରିପୋର୍ଟ ଅନୁଯାୟୀ, ପୁଟିନ୍ ଏହି କଥାବାର୍ତ୍ତା ପାଇଁ ଏତେ ଆଗ୍ରହୀ ଥିଲେ ଯେ ସେ ଅଧଘଣ୍ଟା ପୂର୍ବରୁ ପହଞ୍ଚିଥିଲେ। ସାଧାରଣତଃ ସେ ଏଭଳି କାର୍ଯ୍ୟକ୍ରମରେ ବିଳମ୍ବରେ ପହଞ୍ଚନ୍ତି ଏବଂ ତାଙ୍କର ଅଧିକ ଗୁରୁତ୍ୱପୂର୍ଣ୍ଣ କାମ ଅଛି ବୋଲି କୁହନ୍ତି। ୟୁକ୍ରେନରେ ତୁରନ୍ତ ଅସ୍ତ୍ରବିରତି କରିବାକୁ ଚାହୁଁଛନ୍ତି ଟ୍ରମ୍ପ। ତେବେ ଗତ ସପ୍ତାହରେ ପୁଟିନ୍ କହିଥିଲେ ଯେ ସେ ୩୦ ଦିନର ଅସ୍ତ୍ରବିରତି ପାଇଁ ପ୍ରସ୍ତୁତ ଅଛନ୍ତି, କିନ୍ତୁ ଏହା ପଛରେ କିଛି ସର୍ତ୍ତ ରହିଛି। ପ୍ରଥମେ ଅସ୍ତ୍ରବିରତି କିପରି କାର୍ଯ୍ୟକାରୀ ହେବ ଏବଂ ଲଢ଼େଇ ଶେଷ କରିବାକୁ କିଏ ନିର୍ଦ୍ଦେଶ ଦେବ ତାହା ସ୍ଥିର ହେବା ଦରକାର। ସେ ପଚାରିଥିଲେ ସେହି ୩୦ ଦିନ କେମିତି କଟିବ ? ୟୁକ୍ରେନକୁ ସଂଗଠିତ କରିବା ପାଇଁ ? ରିୟରମ୍ କରିବାକୁ ? ଲୋକଙ୍କୁ ପ୍ରଶିକ୍ଷଣ ଦେବେ କି ? ନା ଏଗୁଡ଼ିକ ମଧରୁ କିଛି ନାହିଁ ? ତା'ପରେ ଆଉ ଗୋଟିଏ ପ୍ରଶ୍ନ- ଏହାକୁ କିପରି ନିୟନ୍ତ୍ରଣ କରାଯିବ ?

## ପାକିସ୍ତାନକୁ ଭାରତର ନିର୍ଦ୍ଦେଶ

# ଭାରତୀୟ ଅଂଚଳ ପିଓକେ ଖାଲି କର



ନୂଆଦିଲ୍ଲୀ, ୧୮।୩: ଜମ୍ମୁ-କଶ୍ମୀରକୁ ନେଇ ବୟାନ ଦେବା ପରେ ପାକିସ୍ତାନକୁ କଡ଼ା ସମାଲୋଚନା କରିଛି ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରାଳୟ। ପିଓକେ ଭାରତୀୟ ଅଂଚଳ ଓ ଏହାକୁ ପାକିସ୍ତାନ ଖାଲି କରୁ ବୋଲି ଭାରତ କହିଛି। ପାକ୍ ଅଧିକୃତ କଶ୍ମୀର (ପିଓକେ) କଥା କହି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ବିଶ୍ୱ ଜାଣେ ଯେ ପ୍ରକୃତ ପ୍ରସଙ୍ଗ ହେଉଛି ସୀମାପାର ଆତଙ୍କବାଦକୁ ପାକିସ୍ତାନର ସମର୍ଥନ ଏବଂ ପ୍ରୋତ୍ସାହନ। ଏହି ଅଞ୍ଚଳ ବାସ୍ତବରେ ଶାନ୍ତି ଓ ନିରାପତ୍ତା ପାଇଁ ଏକ ବଡ଼ ବାଧକ ବୋଲି ସେ କହିଛନ୍ତି। ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ ମିଛ ପ୍ରଚାର କରିବା ପରିବର୍ତ୍ତେ ପାକିସ୍ତାନ ବେଆଇନ ଏବଂ ବଳପୂର୍ବକ ଅଧିକୃତ ଭାରତୀୟ ଅଞ୍ଚଳ ଖାଲି କରିବା ଉଚିତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର (ମାର୍ଚ୍ଚ ୧୬, ୨୦୨୫) ପ୍ରସିଦ୍ଧ ପଡକାଷ୍ଟର ତଥା ଏଆଇ ଗବେଷକ ଲେକ୍ସ ଫ୍ରିଡମ୍ୟାନଙ୍କୁ ଦେଇଥିବା ଏକ ସାକ୍ଷାତକାରରେ ଆତଙ୍କବାଦ ପ୍ରସଙ୍ଗରେ ପାକିସ୍ତାନକୁ ସମାଲୋଚନା କରିଥିଲେ, ଯାହା ପରେ ପାକିସ୍ତାନ ଉତ୍ତେଜିତ ହୋଇ ଜମ୍ମୁ-କଶ୍ମୀର କୁ ନେଇ ପରସ୍ପର ବିରୋଧୀ ବୟାନ ଦେବା ଆରମ୍ଭ କରିଥିଲା। ପାକିସ୍ତାନ କହିଥିଲା ଯେ କଶ୍ମୀର ପ୍ରସଙ୍ଗ ଏକ ବିବାଦୀୟ ପ୍ରସଙ୍ଗ। କଶ୍ମୀରରେ ଭାରତ ସରକାର ଦମନଲୀଳା ଚଳାଇଛନ୍ତି ବୋଲି ମଧ ପାକିସ୍ତାନ ଅଭିଯୋଗ କରିଥିଲା।

## ହତ୍ୟାକାଣ୍ଡକୁ ୪୪ ବର୍ଷ ପରେ ୩ଦୋଷୀଙ୍କୁ ମୃତ୍ୟୁଦଣ୍ଡ

ମୈନପୁରୀ,୧୮।୩: ଫିରୋଜାବାଦର ଜସରାଣାର ଦିହୁଲି ଗାଁରେ ନଭେମ୍ବର ୧୮, ୧୯୮୧ରେ ଘଟିଥିବା ୨୪ ଜଣ ଦଳିତଙ୍କ ଗଣହତ୍ୟା ଘଟଣାରେ ମଙ୍ଗଳବାର କୋର୍ଟ ତିନି ଜଣ ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦେଇଛନ୍ତି। ଏହା ସହିତ, ଦୁଇ ଜଣ ଦୋଷୀଙ୍କ ଉପରେ ୨ ଲକ୍ଷ ଟଙ୍କା ଏବଂ ଜଣେ ଦୋଷୀଙ୍କ ଉପରେ ୧ ଲକ୍ଷ ଟଙ୍କା ଜରିମାନା ଲଗାଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶ ପରେ, ପୋଲିସ ତିନି ଜଣଙ୍କୁ ମୈନପୁରୀ ଜିଲା ଜେଲକୁ ନେଇଯାଇଛି। ତାଙ୍କୁ ସେଠାରେ ଭର୍ତ୍ତି କରାଯାଇଥିଲା। ଅଭିଯୁକ୍ତ କପ୍ତାନ ସିଂହ, ରାମସେବକ ଏବଂ ରାମପାଲଙ୍କୁ କଡ଼ା ସୁରକ୍ଷା ମଧରେ ମୈନପୁରୀ ଜିଲା ଜେଲରୁ ଅଣାଯାଇଥିଲା ଏବଂ ପୂର୍ବାହ୍ନ ୧୧.୩୦ ରେ ଏଡିଜେ ସ୍ପେଶାଲ (ଡକାୟତି) ଇନ୍ଦିରା ସିଂହଙ୍କ କୋର୍ଟରେ ହାଜର କରାଯାଇଥିଲା। ହାଜର ହେବା ପରେ, ତାଙ୍କୁ ପୁଣି ଥରେ ଦିନ ପ୍ରାୟ ୧୨.୩୦ ରେ ସିଭିଲ କୋର୍ଟକୁ ପଠାଯାଇଥିଲା। ମଧାହ୍ନ ଭୋଜନ ପରେ ତାଙ୍କୁ ପୁଣି ଥରେ କୋର୍ଟରୁ ଡକାଗଲା। ଅପରାହ୍ନ ୩ଟାରେ, ପୋଲିସ ତିନି ଅଭିଯୁକ୍ତଙ୍କୁ ପୁଣି ଥରେ କୋର୍ଟରେ ହାଜର କରିଥିଲା। ସରକାରୀ ପକ୍ଷ ପକ୍ଷରୁ ରୋହିତ ଶୁକ୍ଳା କୋର୍ଟରେ ବିଭିନ୍ନ ଯୁକ୍ତି ଉପସ୍ଥାପନ କରିଥିଲେ ଏବଂ ଗଣହତ୍ୟାର ପ୍ରମାଣ ଏବଂ ସାକ୍ଷ୍ୟ ଉଲ୍ଲେଖ କରି ମୃତ୍ୟୁଦଣ୍ଡ ଦାବି କରିଥିଲେ। ପ୍ରମାଣ ଏବଂ ସାକ୍ଷ୍ୟ ଆଧାରରେ, କୋର୍ଟ ସେହି ଭୟଙ୍କର ହତ୍ୟାକାଣ୍ଡର ଦୋଷୀ କ୍ୟାପଟେନ ସିଂହ, ରାମସେବକ ଏବଂ ରାମପାଲଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ। କପ୍ତାନ ସିଂହ, ରାମସେବକଙ୍କୁ ମଧ ୨ ଲକ୍ଷ ଟଙ୍କା ଏବଂ ରାମପାଲଙ୍କୁ ୧ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ରାୟ ଶୁଣିବା ମାତ୍ରେ ତିନିଜଣଙ୍କ ମୁହଁ ନିରାଶାରେ ପୂର୍ଣ୍ଣ ହୋଇଗଲା। ସେମାନେ କାନ୍ଦିବାକୁ ଲାଗିଲେ। ତାଙ୍କ ପରିବାର ସଦସ୍ୟମାନେ ମଧ କୋର୍ଟ ବାହାରେ ଉପସ୍ଥିତ ଥିଲେ, ସେମାନେ ମଧ କାନ୍ଦିବାକୁ ଲାଗିଲେ। ଏହା ପରେ ପୋଲିସ ତାଙ୍କୁ ଜେଲକୁ ନେଇଗଲା ଏବଂ ସେଠାରେ ରଖିଲା। ସୂଚନାଯୋଗ୍ୟ, ମୃତ୍ୟୁଦଣ୍ଡ ପାଇଥିବା ରାମ ପାଲ, ରାମ ସେବକ ଏବଂ କପ୍ତାନ ସିଂହ ସେମାନଙ୍କର ଆଇନଗତ ଅଧିକାର ବ୍ୟବହାର କରିପାରିବେ ଏବଂ ୩୦ଦିନ ମଧରେ ହାଇକୋର୍ଟରେ ମୃତ୍ୟୁଦଣ୍ଡ ବିରୁଦ୍ଧରେ ଆବେଦନ କରିପାରିବେ। ସେସନ୍ସ କୋର୍ଟର ନିଷ୍ପତ୍ତି ସମୀକ୍ଷା କରିବା ପରେ, ହାଇକୋର୍ଟ ନିଜର ନିଷ୍ପତ୍ତି ନେଇପାରିବେ ଏବଂ ମୃତ୍ୟୁଦଣ୍ଡକୁ ବଜାୟ ରଖିପାରିବେ କିମ୍ବା ଦଣ୍ଡାଦେଶକୁ ପରିବର୍ତ୍ତନ କରିପାରିବେ।

# ଏସଆଇଟି ଯାଞ୍ଚ ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ

## ବାୟୁସେନା ୱିଙ୍ଗ୍ କମାଣ୍ଡରଙ୍କ ବିରୋଧରେ ବଳାତ୍କାର ଅଭିଯୋଗ



ନୂଆଦିଲ୍ଲୀ,୧୮।୩: ଜମ୍ମୁ-କଶ୍ମୀରରେ ଜଣେ ବରିଷ୍ଠ ବାୟୁସେନା ଅଧିକାରୀଙ୍କ ବିରୁଦ୍ଧରେ ଜଣେ ମହିଳା ଅଧିକାରୀଙ୍କ ଦ୍ୱାରା ହୋଇଥିବା ବଳାତ୍କାର ମାମଲାର SIT ନେତୃତ୍ୱରେ ତଦନ୍ତରେ ପରବର୍ତ୍ତୀ ପ୍ରକ୍ରିୟାକୁ ସୁପ୍ରିମକୋର୍ଟ ଅସ୍ଥାୟୀ ଭାବରେ ସ୍ଥଗିତ ରଖିଛନ୍ତି। ଭାରତୀୟ ବାୟୁସେନାର ଜଣେ ଅଧିକାରୀ ୱିଙ୍ଗ କମାଣ୍ଡର ପି.କେ. ସେହରାୱତଙ୍କ ବିରୁଦ୍ଧରେ ଜଣେ ମହିଳା ଫ୍ଲାଇଂ ଅଫିସର ବଳାତ୍କାର ଏବଂ ଯୌନ ନିର୍ଯ୍ୟାତନା ଅଭିଯୋଗ ଆଣିଛନ୍ତି। ଜମ୍ମୁ-କାଶ୍ମୀର ଏବଂ ଲଦାଖ ହାଇକୋର୍ଟର ସ୍ୱତନ୍ତ୍ର ତଦନ୍ତ ଦଳ (ଏସଆଇଟି)କୁ ତଦନ୍ତ ଜାରି ରଖିବା ପାଇଁ ଅନୁମତି ଦେଇଥିବା ନିର୍ଦ୍ଦେଶ ବିରୋଧରେ ସେହରାୱତଙ୍କ ଦ୍ୱାରା ଦାୟର ଏକ ସ୍ୱତନ୍ତ୍ର ଅନୁମତି ଆବେଦନର ଶୁଣାଣି କରି ବିଚାରପତି ପଙ୍କଜ ମିଠାଲ ଏବଂ ଆହସାନୁଦ୍ଦିନ ଅମାନୁଲ୍ଲାଙ୍କ ଖଣ୍ଡପୀଠ ଏହି ସ୍ଥଗିତାଦେଶ ଜାରି କରିଛନ୍ତି। ବରିଷ୍ଠ ଓକିଲ ସିଦ୍ଧାର୍ଥ ଡାଭେ ଏବଂ ଅନ୍ୟମାନଙ୍କ ଯୁକ୍ତି ଶୁଣିବା ପରେ, କୋର୍ଟ କେନ୍ଦ୍ର ଶାସିତ ଅଞ୍ଚଳ ଜମ୍ମୁ ଏବଂ କଶ୍ମୀରକୁ ଏକ ନୋଟିସ ଜାରି କରି ଛଅ ସପ୍ତାହ ମଧରେ ଜବାବ ଦେବାକୁ କହିଛନ୍ତି। ଏହି ସମୟରେ, ବଡଗାମ ପୋଲିସ ଷ୍ଟେଶନରେ ପଞ୍ଜିକୃତ ଏଫଆଇଆର ନମ୍ବର ୩୭୦/୨୦୨୪ ରୁ ଉତ୍ପନ୍ନ ପରବର୍ତ୍ତୀ ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଛି।

# ଦିଲ୍ଲୀ ଦ୍ୱାରିକାରେ ଭୟଙ୍କର ଅଗ୍ନିକାଣ୍ଡ

## ୩୦ ଘର ସହିତ ୨ ଫ୍ୟାକ୍ଟ୍ରି ପୋଡ଼ି ଛାରଖାର



ନୂଆଦିଲ୍ଲୀ, ୧୮।୩: ଦିଲ୍ଲୀର ଦ୍ୱାରିକା ମୋଡ ଅଞ୍ଚଳରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏହି ଭୟଙ୍କର ଅଗ୍ନିକାଣ୍ଡରେ ୩୦ଟି ଝୁମ୍ପୁଡି ଘର, ୨ଟି ଫ୍ୟାକ୍ଟ୍ରି ଏବଂ ଆଖପାଖରେ ଥିବା ଦୋକାନ ପୋଡି ଜଳି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡ ପାଇଁ ଅନେକ କ୍ଷୟକ୍ଷତି ହୋଇଛି। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଗତକାଲି ବିଳମ୍ବିତ ରାତିରେ ଏହି ଅଗ୍ନିକାଣ୍ଡ ଘଟିଛି। ଅଗ୍ନିଶମ ବାହିନୀ ଅଧିକାରୀଙ୍କ ମୁତାବକ, ଗତକାଲି ରାତି ପ୍ରାୟ ୨ଘଣ୍ଟା ୭ମିନିଟ୍ ସମୟରେ ଏପରି ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡକୁ ଆୟତ୍ତ କରିବା ପାଇଁ ୧୧ଟି ଦମକଳ ବାହିନୀ ଗାଡି ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିକାଣ୍ଡରେ ନିଆଁ ୧୨୦୦ ବର୍ଗ ଫୁଟ ପର୍ଯ୍ୟନ୍ତ ବ୍ୟାପିଥିବା ଖବର ସାମ୍ନାକୁ ଆସିଛି। ଅଗ୍ନିକାଣ୍ଡରେ କୌଣସି ବ୍ୟକ୍ତି ଆହତ ହୋଇନାହାନ୍ତି। ଦ୍ୱାରିକା ଅଗ୍ନିକାଣ୍ଡ ଦୁର୍ଘଟଣାରେ ଅଧିକ ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଧା ଘଣ୍ଟା ପରିଶ୍ରମ କରିବା ପରେ ନିଆଁକୁ ଆୟତ୍ତ କରାଯାଇଥିଲା। କାହାରି ଜୀବନ କ୍ଷତିଗ୍ରସ୍ତ ହୋଇନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଅଗ୍ନିଶମ ସେବା ଅଧିକାରୀ। କିନ୍ତୁ ଏଥିରେ ୩୦ଟି ଝୁମ୍ପୁଡି ସହିତ ୨ଟି ଅସ୍ଥାୟୀ ଆଇସକ୍ରିମ୍ ଫ୍ୟାକ୍ଟ୍ରି ଏବଂ କିଛି ଦୋକାନ ପୋଡି ଜଳି ପାଉଁଶ ହୋଇଛି। ନିଆଁକୁ ଆୟତ୍ତ କରିବା ପାଇଁ ୧ ଘଣ୍ଟା ଲାଗିଥିଲା। ଘଟଣାରେ କେହି ହତାହତ ହୋଇନାହାନ୍ତି। ସୂଚନାଯୋଗ୍ୟ, ଦିଲ୍ଲୀ ଆନନ୍ଦ ବିହାର ଅଞ୍ଚଳରେ ଏଜିସିଆର ଏନକ୍ଲେଭ କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ଥିବା ଏକ ଚାଳଘରେ ନିଆଁ ଲାଗିଯାଇଥିଲା। ଏଥିରେ ୩ଜଣ ପୁରୁଷଙ୍କର ମୃତ୍ୟୁ ହୋଇଥିଲା। ନିଆଁ ଲାଗିବା ପରେ ଘଟଣା ସ୍ଥଳରେ ୩ରୁ

# ଶିଶୁ କନ୍ୟାଙ୍କୁ ଜନ୍ମଦେଲେ ସୀମା



ନୂଆଦିଲ୍ଲୀ,୧୮।୩: ପାକିସ୍ତାନର ସୀମା ହାଇଦର ଯିଏ ପବ୍‌ଜୀ ଖେଳୁଥିବା ସମୟରେ ଭାରତର ସଚିନ ମୀନାଙ୍କ ପ୍ରେମରେ ପଡ଼ିଯାଇଥିଲେ ଏବଂ ପାକିସ୍ତାନରେ ଥିବା ନିଜ ପରିବାରକୁ ଛାଡି ଭାରତ ଆସି ସଚିନଙ୍କୁ ବିବାହ କରିଥିଲେ। ଏବେ ସୀମା ହାଇଦର ଏବଂ ସଚିନ ମୀନାଙ୍କ ଘରେ ହସ ଫୁଟିଛି। ଏବେ ଦୁହେଁ ଶିଶୁ କନ୍ୟାଙ୍କ ମା'ବାପା ହୋଇସାରିଛନ୍ତି। ଆପଣଙ୍କୁ କହି ରଖୁଛୁ ଯେ ଏହା ସଚିନ ମୀନା ଏବଂ ସୀମା ହାଇଦରଙ୍କ ପ୍ରଥମ ଝିଅ। ଏହା ପୂର୍ବରୁ ସୀମା ହାଇଦରଙ୍କ ପ୍ରଥମ ସ୍ୱାମୀଙ୍କଠାରୁ ଚାରିଟି ସନ୍ତାନ ଅଛନ୍ତି। ଯିଏ ସୀମା ଦେଇ ପାକିସ୍ତାନରୁ ଭାରତ ଆସିଥିଲେ। ସୀମା ହାଇଦର ସୋମବାର ଗ୍ରେଟର ନୋଏଡାର କୃଷ୍ଣା ହସ୍ପିଟାଲରେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି। ସୀମା ହାଇଦର ଭାରତରେ ଏକ ଝିଅକୁ ଜନ୍ମ ଦେବା ପରେ, ଏହି ପ୍ରଶ୍ନ ଏବେ ଅନେକ ଲୋକଙ୍କ ମନରେ ଆସୁଛି ଯେ ତାଙ୍କ ଝିଅ ଭାରତୀୟ ନାଗରିକତା ପାଇବ କି ? ଆସନ୍ତୁ ଆମେ ଆପଣଙ୍କୁ କହିବୁ ଯେ ଏ ବିଷୟରେ ଆଇନ କ'ଣ କହୁଛି ? ସୀମା ହାଇଦର ୨୦୨୩ରେ ନେପାଳରେ ହିନ୍ଦୁ ରୀତିନୀତି ଅନୁସାରେ ସଚିନ ମୀନାଙ୍କୁ ବିବାହ କରିଥିଲେ। ଏବେ ଦୁହିଁଙ୍କର ଗୋଟିଏ ଝିଅ ଅଛି। କିନ୍ତୁ ଆମେ ଆପଣଙ୍କୁ କହି ରଖୁଛୁ ଯେ ସୀମା ହାଇଦରଙ୍କୁ ଏପର୍ଯ୍ୟନ୍ତ ଭାରତୀୟ ନାଗରିକତା ମିଳିନାହିଁ। କିନ୍ତୁ ଏହା ସତ୍ତ୍ୱେ ସେ ଭାରତରେ ରହୁଛନ୍ତି। ଏବେ ଏପରି ପରିସ୍ଥିତିରେ ପ୍ରଶ୍ନ ଉଠୁଛି ଯେ ତାଙ୍କ ଝିଅ ଭାରତୀୟ ନାଗରିକତା ପାଇପାରିବେ କି ? ଯଦି ଆମେ ଏହି ସମ୍ବନ୍ଧୀୟ ଆଇନ ବିଷୟରେ କଥା ହେବା, ତେବେ ଭାରତୀୟ ନାଗରିକତା ଆଇନ, ୧୯୫୫ ଅନୁଯାୟୀ, ଭାରତରେ ଜନ୍ମିତ ଯେକୌଣସି ଶିଶୁ ଭାରତୀୟ ନାଗରିକତା ପାଏ। ଯେତେବେଳେ ତାଙ୍କ ପିତାମାତାଙ୍କ ମଧ୍ୟରୁ ଜଣେ ଭାରତୀୟ ନାଗରିକ ହୁଅନ୍ତି ଏବଂ ଅନ୍ୟ ଜଣେ ଅବୈଧ ପ୍ରବାସୀ ନୁହଁନ୍ତି। ସୀମା ହାଇଦର ବେଆଇନ ଭାବରେ ଭାରତରେ ପ୍ରବେଶ କରିଥିଲେ। ଏପରି ପରିସ୍ଥିତିରେ, ତାଙ୍କ ଝିଅକୁ ଭାରତୀୟ ନାଗରିକତା ପାଇବାରେ ନିଶ୍ଚିତ ଭାବରେ ଅସୁବିଧାର ସମ୍ମୁଖୀନ

## ଆଇପିଏଲ୍‌କୁ ଆଉ ୪ ଦିନ

# ଉଦ୍‌ଘାଟନୀ ଉତ୍ସବରେ ଦୁଲୁକିବ ଇଡେନ୍ ଗାର୍ଡେନ୍



ନୂଆଦିଲ୍ଲୀ,୧୮।୩: ଆଇପିଏଲ୍-୧୮ ପାଇଁ ଉତ୍ସାହ ଧିରେ ଧିରେ ବୃଦ୍ଧି ପାଇବାରେ ଲାଗିଛି। କ୍ରିକେଟ୍ ପ୍ରେମୀ ନିଜ ନିଜ ଦଳକୁ ସମର୍ଥନ କରିବାକୁ ଅପେକ୍ଷା କରିଛନ୍ତି। ଏପଟେ ଆୟୋଜକ ଉଦ୍‌ଘାଟନୀ ଉତ୍ସବକୁ ଧୁମ ଧାମରେ ଆୟୋଜନ କରିବାକୁ ପ୍ରସ୍ତୁତ। ଏଥର ଇଡେନ ଗାର୍ଡେନ୍ସରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ଡିଫେଣ୍ଡି ଚାମ୍ପିଅନ କୋଲକାତା ନାଇଟ ରାଇଡର୍ସର ଏହା ଘରୋଇ ଗ୍ରାଉଣ୍ଡ। ତେଣୁ ଉଦ୍‌ଘାଟନୀ ଉତ୍ସବରେ ବଲିଉଡ୍ ତାରକାଙ୍କ ଭିଡ଼ ଜମିବ। ସିନେ କଳାକାରଙ୍କ ଠାରୁ ଆରମ୍ଭ କରି ପ୍ରସିଦ୍ଧ କଣ୍ଠଶିଳ୍ପୀମାନେ ଦର୍ଶକଙ୍କ ମନ ମୋହିବାକୁ ତୟାର। ଅଭିନେତ୍ରୀ ଶ୍ରଦ୍ଧା କାପୁର, ଦିଶା ପଟାନିଙ୍କ ସମେତ ବରୁଣ ଧାୱନଙ୍କ ଡ୍ୟାନ୍ସ ନମ୍ବର ସମେତ ପ୍ଲେ ବ୍ୟାକ୍ ସିଙ୍ଗର ଶ୍ରେୟା ଘୋଷାଲ, ଅରିଜିତ ସିଂହ, ପପ୍ ଗାୟକ କରଣ ଆହୁଜାଙ୍କ ହୃଦୟ ସ୍ପର୍ଶୀ ସଂଗୀତରେ ଇଡେନ ଗାର୍ଡେନ୍ସ କମ୍ପି ଉଠିବ। ନାଇଟ ରାଇଡର୍ସ ଉଦ୍‌ଘାଟନୀ ମୁକାବିଲାରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ଭେଟିବ। ଭାରତୀୟ ସମୟ ସନ୍ଧ୍ୟା ୬.୩୦ ମିନିଟ୍‌ରେ ଉଦ୍‌ଘାଟନୀ ଉତ୍ସବ ଆରମ୍ଭ ହେବ। ଷ୍ଟାର ସ୍ପୋର୍ଟ୍ସ ଓ ଜିଓ ହଟ୍‌ଷ୍ଟାର୍ ଓଟିଟି ପ୍ଲାଟଫର୍ମରେ ୨୫ମିନିଟ୍‌ର ଉଦ୍‌ଘାଟନୀ ଉତ୍ସବର ସିଧା ପ୍ରସାରଣ କରାଯିବ।

ଗତ ବର୍ଷ ଉଦ୍‌ଘାଟନୀ ଉତ୍ସବରେ ଅକ୍ଷୟ କୁମାର, ଟାଇଗର ସ୍ରଫ, ସୋନୁ ନିଗମ, ଏଆର ରେହମାନ ଓ ଡିଜେ ଆକ୍ସୱେଲ ପ୍ରମୁଖ ଡ୍ୟାନ୍ସ ଓ ସଂଗୀତ ପରିବେଷଣ କରିଥିଲେ। ଉପଅଧିନାୟକ ଆଇପିଏଲ୍-୧୮ ପାଇଁ ଦିଲ୍ଲୀ କ୍ୟାପିଟାଲ୍ସ ଉପ ଅଧିନାୟକ ନିଯୁକ୍ତ କରିଛି। ଗତ ୩ ବର୍ଷ ଧରି ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦଳର ନେତୃତ୍ୱ ନେଇଥିବା ଫାଫ ଡୁ ପ୍ଲେସିଙ୍କୁ ଉପଅଧିନାୟକ ଭାବେ ନିଯୁକ୍ତି ମିଳିଛି। ଡୁ ପ୍ଲେସି ଆଜି ଦଳ ସହ ଯୋଗ ଦେଇ ଅଭ୍ୟାସ ଆରମ୍ଭ କରିଛନ୍ତି। ଡୁ ପ୍ଲେସିଙ୍କୁ ୨କୋଟି ଟଙ୍କାରେ ଦିଲ୍ଲୀ କ୍ୟାପିଟାଲ୍ସ କିଣିଥିଲା। ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ କେଏଲ ରାହୁଲ, ମିଚେଲ ଷ୍ଟାର୍କଙ୍କ ଭଳି ଖେଳାଳି ରହିଥିଲେ ହେଁ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇ ସାରିଥିବା ୪୦ ବର୍ଷୀୟ ଡୁ ପ୍ଲେସିଙ୍କୁ ଉପ ଅଧିନାୟକ ଦାୟିତ୍ୱ ପ୍ରଦାନ କରାଯାଇଛି। ଡୁ ପ୍ଲେସି ଆଇପିଏଲ୍‌ରେ ୧୪୫ଟି ମ୍ୟାଚ୍ ଖେଳି ୩୫.୯୯ ହାରରେ ମୋଟ୍ ୪୫୭୧ ରନ ସଂଗ୍ରହ କରିସାରିଛନ୍ତି।

ସୂଚନାଯୋଗ୍ୟ, ଦିଲ୍ଲୀ କ୍ୟାପିଟାଲ୍ସ ଏପର୍ଯ୍ୟନ୍ତ ଆଇପିଏଲ୍ ଜିତିପାରି ନାହିଁ। ନୂଆ ସିଜନ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ରିକି ପଣ୍ଟିଂଙ୍କ ସମେତ ଅନ୍ୟ କୋଚିଂ ସଦସ୍ୟଙ୍କୁ ବିଦା କରିଥିଲା। ଏଥର ଅକ୍ଷର ପଟେଲଙ୍କୁ ଅଧିନାୟକ ନିଯୁକ୍ତ କରିବା ସହ ହେମାଙ୍ଗ ବଦାନିଙ୍କୁ ମୁଖ୍ୟ କୋଚ, ମାଥ୍ୟୁ ମୋଟ୍‌ଙ୍କୁ ସହକାରୀ କୋଚ, କେଭିନ୍ ପିଟରସନ୍‌ଙ୍କୁ ଦଳର ମେଣ୍ଟର, ମୁନାଫ ପଟେଲ, ବେଣୁଗୋପାଳ ରାଓ ଏବଂ ବିଜୟ ଭରଦ୍ୱାଜଙ୍କୁ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇଛି। ଆହତ ଥିବା କୋଲକାତା ନାଇଟ୍ ରାଇଡର୍ସର ଯୁବ ପେସ୍ ବୋଲର ଉମ୍ରାନ୍ ମଲିକ ଆହତ ହୋଇ ଆଇପିଏଲ୍-୧୮ରୁ ବାଦ୍ ପଡ଼ିଛନ୍ତି। ଫଳରେ ନାଇଟ୍ ରାଇଡର୍ସ ତାଙ୍କ ସ୍ଥାନରେ ଅନ୍ୟ ପେସ୍ ବୋଲର ଚେତ ସକାରିୟାଙ୍କୁ ଦଳରେ ସାମିଲ କରିଛି। ଉମ୍ରାନ ଗତ ସିଜନରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଦଳର ସଦସ୍ୟ ରହିଥିଲେ ଏବଂ ଗୋଟିଏ ମ୍ୟାଚ୍ ଖେଳିଥିଲେ। ଦୀର୍ଘ ଦିନ ଧରି ତାଙ୍କ ପିଠିରେ ଯନ୍ତ୍ରଣା ଲାଗି ରହିଛି। ଗତ ଆଇପିଏଲ୍ ପରଠୁ ସେ ପ୍ରତିଦ୍ୱନ୍ଦ୍ୱିତାମୂଳକ ମ୍ୟାଚ୍ ଖେଳିନାହାନ୍ତି। ୨୦୨୧ ସିଜନରେ ଉମ୍ରାନ ଘଣ୍ଟା ପ୍ରତି ୧୫୦କି.ମି. ବେଗରେ ବୋଲିଂ କରି ଚର୍ଚ୍ଚାର ପରିସରକୁ ଆସିଥିଲେ। ଆଇପିଏଲ୍ ନିଲାମରେ ସକାରିୟାଙ୍କୁ କୌଣସି ଫ୍ରାଞ୍ଚାଇଜ କିଣିବାକୁ ଆଗ୍ରହ ଦେଖାଇ ନଥିଲେ। ମାତ୍ର ଉମ୍ରାନ ବାଦ୍ ପଡ଼ିବା ଫଳରେ ତାଙ୍କ ଆଇପିଏଲ୍ ଖେଳିବା ଆଶା ପୂରଣ ହୋଇଛି। ସେ ଗତ ବର୍ଷ ଫେବ୍ରୁଆରୀ ମାସରେ ରଣଜୀ ଟ୍ରଫି ମ୍ୟାଚ୍ ଖେଳିବା ପରଠୁ ପ୍ରତିଦ୍ୱନ୍ଦ୍ୱିତାମୂଳକ ମ୍ୟାଚ୍ ଖେଳିନାହାନ୍ତି। ପିଠିରେ ଯନ୍ତ୍ରଣା ପାଇଁ ସେ କ୍ରିକେଟରୁ ଦୂରେଇ ରହିଥିଲେ। ଇତିମଧ୍ୟରେ ସେ ଫିଟ୍ ହୋଇସାରିଛନ୍ତି। ଗତ ସିଜନରେ ସକାରିୟା ନାଇଟ୍ ରାଇଡର୍ସ ଦଳରେ ରିଜର୍ଭ ଖେଳାଳି ଭାବେ ସାମିଲ ରହିଥିଲେ। ଚଳିତ ବର୍ଷ ସେ ଶ୍ରେଷ୍ଠ ପ୍ରଦର୍ଶନ ଦେବେ ବୋଲି ଆଶାବାଦୀ ରହିଛନ୍ତି। ନାଇଟ୍ ରାଇଡର୍ସ ଡିଫେଣ୍ଡିଂ ଚାମ୍ପିଅନ୍ ରହିଛି। ଆସନ୍ତା ୨୨ ତାରିଖରୁ ଆଇପିଏଲ୍ ଆରମ୍ଭ ହେବ। ଇଡେନ୍ ଗାର୍ଡେନ୍ସରେ ଉଦ୍‌ଘାଟନୀ ମ୍ୟାଚ୍‌ରେ ନାଇଟ୍ ରାଇଡର୍ସ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ସାମ୍ନାସାମ୍ନି ହେବେ। ଅଷ୍ଟ୍ରେଲିଆର ଦୁଇ ଷ୍ଟାର୍ ଖେଳାଳି ପ୍ୟାଟ୍ କମିନ୍ସ ଓ ଟ୍ରେଭିସ୍ ହେଡ୍ ସୋମବାର ସନ୍‌ରାଇଜର୍ସ ହାଇଦ୍ରାବାଦ ଦଳ ସହ ଯୋଗ ଦେଇଛନ୍ତି। ମଙ୍ଗଳବାରଠୁ ଉଭୟ ଆଇପିଏଲ୍-୧୮ ପାଇଁ ପ୍ରସ୍ତୁତି ଆରମ୍ଭ କରିବେ। ଉଭୟଙ୍କ ଉପସ୍ଥିତି ସନ୍‌ରାଇଜର୍ସ ଶିବିରର ଉତ୍ସାହକୁ ଦ୍ୱିଗୁଣିତ କରି ଦେଇଛି। କମିନ୍ସ ଦଳର ନେତୃତ୍ୱ ନେବେ।

ହାଇଦ୍ରାବାଦ ସ୍ଥିତ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ସନ୍‌ରାଇଜର୍ସ ଦଳର ପ୍ରସ୍ତୁତି ଜାରି ରହିଛି। ଗତ କାଲି ଯୁବ ଅଲରାଉଣ୍ଡର ନୀତିଶ ରାଣା ଦଳ ସହ ଯୋଗ ଦେଇଥିଲେ। ଆଜି କମିନ୍ସ, ହେଡ୍‌ଙ୍କ ବ୍ୟତୀତ କୋଚ୍ ଡାନିଏଲ୍ ଭେଟୋରୀ ମଧ ଯୋଗ ଦେଇଛନ୍ତି। କମିନ୍ସ ଆହତ ହେବା ଯୋଗୁ ଗତ ଚାମ୍ପିଅନ୍ସ ଟ୍ରଫିରୁ ବାଦ୍ ପଡ଼ିଥିଲେ। ଇତିମଧରେ ସେ ଫିଟ୍ ହୋଇସାରିଛନ୍ତି। ଗତ ସିଜନରେ କମିନ୍ସଙ୍କ ନେତୃତ୍ୱରେ ଦଳ ଅଳ୍ପକେ ଟାଇଟଲ୍ ହାତଛଡ଼ା କରିଥିଲା। ଫାଇନାଲ୍‌ରେ ନାଇଟ୍ ରାଇଡର୍ସଠୁ ହାରି ରନର୍ସ ଅପ୍ ହୋଇଥିଲା। ଏଥର କମିନ୍ସ ଦଳକୁ ଚାମ୍ପିଅନ୍ କରାଇବାକୁ ଲକ୍ଷ୍ୟ ରଖିଛନ୍ତି। ସନ୍‌ରାଇଜର୍ସ ଆସନ୍ତା ୨୩ ତାରିଖରେ ରାଜସ୍ଥାନ ବିପକ୍ଷରେ ଅଭିଯାନ ଆରମ୍ଭ କରିବ। ଦଳ ଘରୋଇ ଭେନ୍ୟୁରେ ଏହି ମ୍ୟାଚ୍ ଖେଳିବ।

## ନବେ ଦଶକର ଚମକ ଦେଖାଇଲେ ସଚିନ



ନୂଆଦିଲ୍ଲୀ, ୧୮।୩: ସଚିନ ତେନ୍ଦୁଲକରଙ୍କ ନେତୃତ୍ୱାଧୀନ ଇଣ୍ଡିଆ ମାଷ୍ଟର୍ସ ପ୍ରଥମ ଥର ଆୟୋଜିତ ଇଣ୍ଟରନ୍ୟାସନାଲ୍ ମାଷ୍ଟର୍ସ ଲିଗ୍ (ଆଇଏମ୍ଏଲ୍)ରେ ବିଜେତା ହୋଇଛି। ରାୟପୁରରେ ଖେଳାଯାଇଥିବା ଫାଇନାଲ୍‌ରେ ଇଣ୍ଡିଆ ମାଷ୍ଟର୍ସ ୬ ୱିକେଟ୍‌ରେ ୱେଷ୍ଟଇଣ୍ଡିଜ୍ ମାଷ୍ଟର୍ସକୁ ପରାସ୍ତ କରିଥିଲା। ଏହି ବିଜୟ ପରେ କ୍ରିକେଟ୍ କିଂବଦନ୍ତି ସଚିନ ତେନ୍ଦୁଲକର ନିଜର ଖୁସି ବ୍ୟକ୍ତ କରି କହିଛନ୍ତି, "ଚାମ୍ପିଅନ୍ସ, ଅଭ୍ୟାସ ଶିବିରରୁ ମ୍ୟାଚ୍ ଦିନ ପର୍ଯ୍ୟନ୍ତ, ଆଇଏମ୍ଏଲ୍‌ର ଏହି ସବୁ ମୁହୂର୍ତ୍ତ ପୂର୍ବ ସମୟର ସ୍ମୃତି ମନେପକାଇ ଦେଉଥାଏ। କିଛି ମହାନ ଖେଳାଳିଙ୍କ ସହ ପିଚ୍‌କୁ ଓହ୍ଲାଇବା ଅବିଶ୍ୱସନୀୟ ଥିଲା। ଦର୍ଶକ, ଆୟୋଜକ ଓ ସାଥୀ ଖେଳାଳିଙ୍କ ସହ ଏହି ଅଭିଜ୍ଞତା ସ୍ମରଣୀୟ ହୋଇ ରହିବ। ଏଥିପାଇଁ ସମସ୍ତଙ୍କୁ ଧନ୍ୟବାଦ।" ଏହି ପ୍ରତିଯୋଗିତାରେ ତେନ୍ଦୁଲକର ୬ ମ୍ୟାଚ୍ ଖେଳି ୩୦.୧୬ ହାର, ୧୫୩.୩୮ ଷ୍ଟ୍ରାଇକ୍‌ରେଟ୍ ଓ ଗୋଟିଏ ଅର୍ଦ୍ଧଶତକ ସହାୟତାରେ ୧୮୧ ରନ୍ କରିଥିଲେ। ଅମ୍ବାତି ରାୟୁଡୁ ୫ ପାଳିରେ ୧୮୮ ରନ୍ କରିଥିଲା ବେଳେ ଯୁବରାଜ ସମାନ ମ୍ୟାଚ୍ ଖେଳି ୧୭୯ ହାର ଓ ୧୮୪.୫୩ ଷ୍ଟ୍ରାଇକ୍‌ରେଟ୍‌ରେ ୧୭୯ ରନ୍ କରିଥିଲେ। ଯୁବି ମଧ ଗୋଟିଏ ଅର୍ଦ୍ଧଶତକ ସହ ୩ ୱିକେଟ୍ ନେଇଛନ୍ତି। ଷ୍ଟୁଆର୍ଟ ବିନ୍ନି ୧୨୨, ଇର୍ଫାନ ପଠାନ ୧୧୩ ରନ୍ କରିବା ସହ ଓ ୬ ୱିକେଟ୍ ନେଇଥିଲେ। ବୋଲିଂରେ ପବନ ନେଗି ୯, ବିନୟ କୁମାର ୮ ୱିକେଟ୍ ଦଖଲ କରିଥିଲେ।

## ପ୍ରଥମ ମ୍ୟାଚରେ ସୂର୍ଯ୍ୟ ହେବେ ଅଧିନାୟକ



ନୂଆଦିଲ୍ଲୀ,୧୮।୩: ଇଣ୍ଡିଆନ ପ୍ରିମିୟର ଲିଗର ୧୮ତମ ସିଜିନର ବିଗୁଲ ବାଜିସାରିଛି। ଆଇପିଏଲ ୨୦୨୫ର ପ୍ରଥମ ମ୍ୟାଚ କୋଲକାତା ନାଇଟ ରାଇଡର୍ସ (କେକେଆର) ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ମଧରେ ଖେଳାଯିବ। ଏହି ସିଜିନରେ, ମୁମ୍ବାଇ ଇଣ୍ଡିଆନ୍ସ ଦଳ ମାର୍ଚ୍ଚ ୨୩ରେ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ପ୍ରଥମ ମ୍ୟାଚ ଖେଳିବ। ହାର୍ଦ୍ଦିକ ପାଣ୍ଡ୍ୟା ଏହି ମ୍ୟାଚରେ ଖେଳିବେ ନାହିଁ। ଆପଣଙ୍କୁ କହି ରଖୁଛୁ ଯେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଗୋଟିଏ ଆଇପିଏଲ ମ୍ୟାଚ ପାଇଁ ନିଷେଧ କରାଯାଇଛି। ଏହି କାରଣରୁ, ସେ ଆଇପିଏଲ ୨୦୨୫ର ପ୍ରଥମ ମ୍ୟାଚ ଖେଳିପାରିବେ ନାହିଁ। ଏହି କାରଣରୁ ସେ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ହେବେ ନାହିଁ କିମ୍ବା ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ମ୍ୟାଚରେ ପ୍ଲେଇଂ ଇଲେଭେନର ଅଂଶ ହେବେ ନାହିଁ। ପ୍ରକୃତରେ, ସ୍ଲୋ ଓଭର ରେଟ ଯୋଗୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଗୋଟିଏ ମ୍ୟାଚ ପାଇଁ ବାସନ୍ଦ କରାଯାଇଛି। ହାର୍ଦ୍ଦିକ ପାଣ୍ଡ୍ୟା ଆଇପିଏଲ ୨୦୨୪ରେ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ଥିଲେ। ଏହି ସମୟ ମଧରେ ଦଳକୁ ସ୍ଲୋ ଓଭର ରେଟ ପାଇଁ ତିନିଥର ଜରିମାନା ଦିଆଯାଇଥିଲା। ଯେତେବେଳେ ଜଣେ ଅଧିନାୟକ ପ୍ରଥମ ଥର ପାଇଁ ଏହା କରନ୍ତି, ତାଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା ଦେବାକୁ ପଡ଼ିଥାଏ। ଦ୍ୱିତୀୟ ଥର ପାଇଁ ଜରିମାନା ଦୁଇଗୁଣ ବୃଦ୍ଧି କରାଯାଇଛି। ତେବେ ଏହା ତୃତୀୟ ଥର ପାଇଁ ହେଲେ , ଗୋଟିଏ ମ୍ୟାଚ ପାଇଁ ବାସନ୍ଦ କରାଯିବ। ଆଇପିଏଲ ୨୦୨୪ରେ, ସ୍ଲୋ ଓଭର ରେଟ ଯୋଗୁ ରିଷଭ ପନ୍ତଙ୍କୁ ମଧ ଗୋଟିଏ ମ୍ୟାଚ ପାଇଁ ବାସନ୍ଦ କରାଯାଇଥିଲା। ଏବେ ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ ମ୍ୟାଚ ପାଇଁ ବାସନ୍ଦ ହୋଇଥିବାରୁ ଏପରି ପରିସ୍ଥିତିରେ, ସେ ୨୩ ମାର୍ଚ୍ଚରେ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ଖେଳିପାରିବେ ନାହିଁ। ତାଙ୍କ ଅନୁପସ୍ଥିତିରେ, ସୂର୍ଯ୍ୟକୁମାର ଯାଦବ ଦଳର ଅଧିନାୟକ ହୋଇପାରିବେ। ତଥାପି, ଏମଆଇ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ଘୋଷଣା କରିନାହିଁ। ହାର୍ଦ୍ଦିକଙ୍କ ସ୍ଥାନରେ ରବିନ ମିଞ୍ଜଙ୍କୁ ପ୍ଲେଇଂ ଇଲେଭେନରେ ସୁଯୋଗ ମିଳିପାରେ। ପ୍ରଥମ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସର ସମ୍ଭାବ୍ୟ ପ୍ଲେଇଂ ୧୧ – ରୋହିତ ଶର୍ମା, ୱିଲ ଜ୍ୟାକ୍ସ, ତିଳକ ବର୍ମା, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ରବିନ ମିଞ୍ଜ, ନମନ ଧୀର, ମିଚେଲ ସାଣ୍ଟନର, ଦୀପକ ଚହର, କର୍ଣ୍ଣ ଶର୍ମା, ଟ୍ରେଣ୍ଟ ବୋଲ୍ଟ ଏବଂ କର୍ବିନ ବୋଶ / ମୁଜିବ ଉର ରହମାନ।

## ଆଇପିଏଲ୍ ପୂର୍ବରୁ ବିଜୟ ମନ୍ତ୍ର ଦେଲେ ରିଷଭ ପନ୍ତ

ନୂଆଦିଲ୍ଲୀ, ୧୮।୩: ଭାରତୀୟ ୱିକେଟକିପର-ବ୍ୟାଟର ଏବଂ ଲକ୍ଷ୍ନୌ ସୁପରଜାଏଣ୍ଟସ୍ (ଏଲଏସ୍‌ଜି) ଅଧିନାୟକ ରିଷଭ ପନ୍ତ ଆଗାମୀ ଆଇପିଏଲ୍‌ରେ ତାଙ୍କ ଖେଳାଳିମାନଙ୍କୁ ପୂର୍ଣ୍ଣ ସମର୍ଥନ କରିବାକୁ ପ୍ରସ୍ତୁତ। ଦିଲ୍ଲୀ କ୍ୟାପିଟାଲ୍ସ ଦ୍ୱାରା ରିଟେନ୍ ନହେବା ପରେ ପନ୍ତ ମେଗା ନିଲାମୀରେ ପ୍ରବେଶ କରିଥିଲେ। ଲକ୍ଷ୍ନୌ ସୁପରଜାଏଣ୍ଟସ୍ ତାଙ୍କୁ ୨୭ କୋଟି ଟଙ୍କାରେ କିଣିଥିଲା। ସେ ଆଇପିଏଲ ଇତିହାସର ସବୁଠାରୁ ମହଙ୍ଗା ଖେଳାଳି। ପନ୍ତଙ୍କ ପାଖରେ ଆଗାମୀ ସିଜିନରେ ଦଳକୁ ଚାମ୍ପିଅନ କରିବାର ଚ୍ୟାଲେଞ୍ଜ ରହିଛି। ସୋସିଆଲ ମିଡିଆରେ ଫ୍ରାଞ୍ଚାଇଜ୍ ଦ୍ୱାରା ସେୟାର କରାଯାଇଥିବା ଏକ ଭିଡିଓରେ ଏଲଏସ୍‌ଜି ଅଧିନାୟକ ତାଙ୍କ ସାଥୀ ଖେଳାଳିମାନଙ୍କୁ ବିଜୟର ମନ୍ତ୍ର ଦେଇଛନ୍ତି। ପନ୍ତ ସମସ୍ତ ଖେଳାଳିଙ୍କୁ ପଡ଼ିଆକୁ ଯାଇ ନିଜକୁ ପ୍ରମାଣିତ କରିବା ପାଇଁ ସ୍ୱାଧୀନତା ଦେବାର ତାଙ୍କର ଯୋଜନା ବିଷୟରେ କହିଛନ୍ତି। ତାଙ୍କର ମଏବଂ ସେ ଖେଳାଳିମାନଙ୍କୁ ମଧ ସେହିପରି କରିବାକୁ କହିଛନ୍ତି। ପନ୍ତ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ଥିଲେ। ଏଲଏସ୍‌ଜି ଦ୍ୱାରା ସେୟାର କରାଯାଇଥିବା ଏକ ଭିଡିଓରେ ପନ୍ତ କହିଛନ୍ତି, 'ଆମେ ଏପରି ଏକ ସ୍ଥାନ ସୃଷ୍ଟି କରିବାକୁ ଚାହୁଁଛୁ ଯେଉଁଠାରେ ଲୋକମାନେ ଆସି ନିଜକୁ ପ୍ରକାଶ କରିପାରିବେ। ଏହା ଏକ ଅତି ସରଳ ଧାରଣା। ଏହା କହିବା ଅପେକ୍ଷା କରିବା ସହଜ କାରଣ ଏଥିପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କଠାରୁ ବହୁତ ପ୍ରୟାସ ଆବଶ୍ୟକ। କେବଳ ପରିଚାଳନା ନୁହେଁ, ମୁଁ ଭାବୁଛି ଖେଳାଳିମାନଙ୍କ ଯୋଗୁଁ ଆମେ ସେହି ପରିବେଶ ସୃଷ୍ଟି କରିପାରିବା।' ଏହା ବ୍ୟତୀତ ପନ୍ତ ବରିଷ୍ଠ ଖେଳାଳିମାନଙ୍କୁ ଦଳର ଅନ୍ୟ ଖେଳାଳିଙ୍କ ସହ ସେମାନଙ୍କର ଅଭିଜ୍ଞତା ବାଣ୍ଟିବାକୁ କହିଛନ୍ତି।

# ଆଇପିଏଲ୍ ପୂର୍ବରୁ ଆନିମଲ୍ ଲୁକରେ ନଜର ଆସିଲେ ମାହି



ମୁମ୍ବାଇ, ୧୮/୩ : ମହେନ୍ଦ୍ର ସିଂହ ଧୋନୀ ଏ ନାଁ ପ୍ରତିଟି ଭାରତୀୟଙ୍କ ହୃଦୟର ସ୍ପନ୍ଦନ। ଏବେ ତାଙ୍କ ନିୟୁ ଲୁକକୁ ନେଇ ସେ ବେଶ୍ ଚର୍ଚ୍ଚାରେ ଅଛନ୍ତି। ଏହି ଲୁକ୍ ସାମ୍ନାକୁ ଆସିବା ପରେ ଫଟୋ ଖୁବ୍ ଭାଇରାଲ ହେବାରେ ଲାଗିଛି। ସନ୍ଦୀପ ରେଡ୍ଡୀ ବାଂଗାଙ୍କ ନିର୍ଦ୍ଦେଶନାରେ ହୋଇଥିବା ଆନିମଲ ଫିଲ୍ମ ଏକ ବଡ଼ ହିଟ୍ ସାବ୍ୟସ୍ତ ହୋଇଥିଲା। ଏହି ଫିଲ୍ମରେ ନଜର ଆସିଥିବା ରଣବୀର କପୁରଙ୍କ ଲୁକ୍ ବହୁ ଭାଇରାଲ ହୋଇଥିଲା। ରଣବୀର କପୁରଙ୍କ ଏହି ଲୁକରେ ଭାରତୀୟ କ୍ରିକେଟ ଟିମର ପୂର୍ବତନ ଅଧୀନାୟକ ମହେନ୍ଦ୍ର ସିଂହ ଧୋନୀ ନଜର ଆସୁଛନ୍ତି। ଏମଏସ ଧୋନୀଙ୍କ ସୋସିଆଲ ମିଡ଼ିଆରେ ଏକ ଭିଡ଼ିଓ ଆସିଛି। ଯେଉଁଥିରେ ସେ ଆନିମଲ ଫିଲ୍ମର ଡାଇଲଗ କହୁଥିବା ବି ନଜର ଆସୁଛନ୍ତି। ଏମଏସ ଧୋନୀ ଇ-ମୋଟୋରାଡ଼ ଲାଗି ଏକ ବିଜ୍ଞାପନ କରୁଥିବା ନଜର ଆସୁଛନ୍ତି। ଏହି ବିଜ୍ଞାପନରେ ଧୋନୀଙ୍କ ସହ ଆନିମଲ ଫିଲ୍ମର ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡୀ ବି ନଜର ଆସୁଛନ୍ତି। ଏହି ବିଜ୍ଞାପନରେ ହିଁ ଧୋନୀ ସନ୍ଦୀପ ରେଡ୍ଡୀ ବାଂଗାଙ୍କୁ କହୁଛନ୍ତି କି 'ସୁନାଇ ଦେ ରହା ହେ ମୁଝେ, ବହରା ନହିଁ ହୁଁ ମୈଁ'। ଏହି ବିଜ୍ଞାପନରେ ଧୋନୀଙ୍କ ଡାଇଲଗ ସହ ହିଁ ଷ୍ଟାଇଲ ବି ଆନିମଲର ରଣବୀରଙ୍କ ଭଳି ରହିଛି। ଇ-ମୋଟୋରାଡ ଇଲେକ୍ଟ୍ରିକ ସାଇକେଲ ନିର୍ମାଣ କରୁଥିବା କମ୍ପାନୀ ଅଟେ। ଯାହା କି ରିମୁଓ୍ୱେବଲ ବ୍ୟାଟେରୀ ସହ ଆସିଥାଏ। ଏହି ବ୍ରାଣ୍ଡର ଇ-ସାଇକେଲ ସିଙ୍ଗଲ ଚାର୍ଜିଂରେ ୮୦କିଲୋମିଟରରୁ ଅଧିକ ରେଞ୍ଜ ଦେବାର ଦାବି କରିଥାଏ। ଏହି କମ୍ପାନୀ ପ୍ରିମିୟମ ସାଇକେଲ ନିର୍ମାଣ କରିଥାଏ। ଏହି କମ୍ପାନୀର ସାଇକେଲରେ T-Rex Airର ନାଁ ରହିଛି , ଯାହା ୫ କଲର ଓ୍ୱାରିଏଣ୍ଟ ସହ ଆସିଥାଏ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୁଖ୍ୟମନ୍ତ୍ରୀଙ୍କ...

ଅଂଶୁଘାତର ମୁକାବିଲା ପାଇଁ ଛାଇ ଓ ପାଣି ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସହରାଞ୍ଚଳରେ ଟ୍ରାଫିକ ଛକ ଓ ଗ୍ରାମାଞ୍ଚଳରେ ବସ୍‌ଷ୍ଟାଣ୍ଡଗୁଡିକରେ ଛାଇ ପାଇଁ ଟେଣ୍ଟ ବ୍ୟବସ୍ଥା ଓ ଜଳଛତ୍ର ବ୍ୟବସ୍ଥା କରିବା ପାଇଁ ସମସ୍ତେ ଯତ୍ନବାନ ହେବା ପାଇଁ ସେ ପରାମର୍ଶ ଦେଇଥିଲେ। ବିଗତ ଦିନରେ ସଚେତନତାମୂଳକ ପ୍ରଚାର ପ୍ରସାର ଜରିଆରେ ଆମେ ସଫଳତା ପାଇଛୁ। ତେଣୁ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ଟିଭି, ରେଡିଓ, ଖବରକାଗଜ ଓ ସାମାଜିକ ଗଣମାଧ୍ୟମ ଜରିଆରେ ବ୍ୟାପକ ପ୍ରଚାର ପ୍ରସାର ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସେହିପରି ସ୍କୁଲଗୁଡ଼ିକୁ ଯଥାଶୀଘ୍ର ସକାଳୁଆ କରିବା ପାଇଁ ତୁରନ୍ତ ଏସଓପି ଜାରି କରିବାକୁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଅଙ୍ଗନବାଡି କେନ୍ଦ୍ରଗୁଡ଼ିକ ସମୟ ପରିବର୍ତ୍ତନ କରି ସକାଳ ୭ଟାରୁ ୯ଟା ମଧ୍ୟରେ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ୧୭ ହଜାରରୁ ଅଧିକ ନଳକୂପ ମଞ୍ଜୁର କରାଯାଇଛି। କୌଣସି ଜାଗାରେ ଯେପରି ପାଣି ପାଇଁ ଅସୁବିଧା ନ ହୁଏ, ତାହାକୁ ଦୃଷ୍ଟିରେ ରଖି ସପ୍ତାହକ ମଧ୍ୟରେ ନଳକୂପ ସ୍ଥାପନ ଓ ମରାମତି କରିବା ପାଇଁ ଜିଲ୍ଲାପାଳମାନଙ୍କୁ ପଦକ୍ଷେପ ନେବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ । ଯେଉଁସବୁ ଅଞ୍ଚଳରେ ପାନୀୟ ଜଳର ଅଭାବ ପରିଲକ୍ଷିତ ହେଉଛି, ସେସବୁ ଅଞ୍ଚଳକୁ ଚିହ୍ନଟ କରି ବୋର୍‌ୱେଲ ଓ ନଳକୂପର ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କ ପାଇଁ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାମ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶନାମା ଜାରି କରିବା ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

ଖରା ଦିନେ ବିଦ୍ୟୁତ କାଟ୍ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ଏବଂ ରାତି ୯ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଯେପରି ବିଦ୍ୟୁତ କାଟ୍ ନ ହୁଏ, ସେଥିପ୍ରତି ଦୃଷ୍ଟି ଦେବାକୁ ସେ ଶକ୍ତି ବିଭାଗକୁ କଡା ନିର୍ଦ୍ଦେଶ ଦେଇଛନ୍ତି। ଅଘୋଷିତ ବିଦ୍ୟୁତ କାଟ୍ ଯେପରି ନ ହୁଏ, ସେଥିପ୍ରତି ଧ୍ୟାନ ଦେବାକୁ ମଧ୍ୟ ସେ କହିଥିଲେ। କାଳବୈଶାଖୀ ସମୟରେ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ନହେବା ପାଇଁ ଆଗୁଆ ସତର୍କ ରହିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସଭାସମିତିଗୁଡ଼ିକୁ ପିକ୍ ଟାଇମ୍‌ରେ ଅନୁମତି ନ ଦେଇ ସକାଳେ ଓ ମଧ୍ୟାହ୍ନରେ କରିବା ପାଇଁ ସେ କହିଥିଲେ। ସାଂସଦ ଓ ବିଧାୟକମାନଙ୍କୁ ଏ ବିଷୟରେ ଅବଗତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥିସହିତ ଖରାଦିନେ ଗ୍ରାମାଞ୍ଚଳରେ ନିଆଁ ଲାଗିବାର ଆଶଙ୍କା ଥିବାରୁ ଅଗ୍ନିଶମ ବିଭାଗ ସଜାଗ ରହିବାକୁ ସେ କହିଥିଲେ।। ଗ୍ରାମାଞ୍ଚଳରେ ଗ୍ରୀଷ୍ମଜନିତ ସମସ୍ୟାର ନିରାକରଣ ପାଇଁ ସରକାରୀ ଅଧିକାରୀଙ୍କୁ କ୍ଷେତ୍ରକୁ ପଠାଇବା ସହିତ ଜିଲ୍ଲାପାଳମାନେ ନିଜେ ମଧ୍ୟ ଏ କ୍ଷେତ୍ରରେ ସଂଶ୍ଲିଷ୍ଟ ରୁହନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲା ସ୍ତରରେ ହେଉଥିବା ଅଭିଯୋଗ ପ୍ରକୋଷ୍ଠର ଶୁଣାଣି ସମୟ ପରିବର୍ତ୍ତନ କରି ସକାଳ ୭ଟାରୁ ୧୦ଟା ମଧ୍ୟରେ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏସବୁ କାମ ପାଇଁ ଆମ ସରକାରରେ ଇଚ୍ଛାଶକ୍ତି କିମ୍ବା ଅର୍ଥର ଅଭାବ ରହିବ ନାହିଁ। ନୂଆ ସରକାର ଆସିବା ପରେ ସମସ୍ତଙ୍କ ସହଯୋଗରେ ଆମେ ଅନେକ ବଡ଼ ବଡ଼ କାର୍ଯ୍ୟ ସଫଳତାର ସହ କରିଛୁ। ତେଣୁ ଆମେ ଏହି ଗ୍ରୀଷ୍ମ ପ୍ରବାହ ପ୍ରତି ସତର୍କ ରହିଲେ, ଆମର ଜିରୋ କାଜୁଆଲିଟି ଲକ୍ଷ୍ୟ ବଜାୟ ରହିବ।

ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଜିରୋ କାଜୁଆଲିଟି ପ୍ରତି ସଜାଗ ରହି ସମସ୍ତେ କାମ କରିବା ପାଇଁ ପରାମର୍ଶ ଦେଇଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ଦେଓ ରଞ୍ଜନ କୁମାର ସିଂହ ଗ୍ରୀଷ୍ମ ପ୍ରବାହ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ସୂଚନା ଦେଇଥିଲେ।

### ୬ ବର୍ଷ ପୂର୍ବରୁ ...

ଶ୍ରେଣୀରେ ପାଠ ପଢ଼ିବେ। ସେହିପରି ମାଟ୍ରିକ୍ ଓ ଯୁକ୍ତ ଦୁଇ ପରୀକ୍ଷାରେ ବି ବ୍ୟାପକ ସଂସ୍କାର ଆସିବ। ତେବେ ମାଟ୍ରିକ୍ ଓ ଯୁକ୍ତ ଦୁଇ ପରୀକ୍ଷା କିପରି ଢାଞ୍ଚାରେ ହେବ, ତାହା ଏଯାଏ ଅସ୍ପଷ୍ଟ ରହିଛି। ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ୧୬ଜଣିଆ ଷ୍ଟିୟରିଂ କମିଟି ଗଠନ କରିଥିଲା ଗଣଶିକ୍ଷା ବିଭାଗ। ବାଲ୍ ବାଟିକାଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ଯାଏ ପାଠ୍ୟଖସଡ଼ା ପ୍ରସ୍ତୁତ କରିବା ଦାୟିତ୍ୱ କମିଟି ଉପରେ ନ୍ୟସ୍ତ କରାଯାଇଛି।

### ଦାମୀ ଜମି ହଡ଼ପ...

କ୍ରେତାଙ୍କ ନାମରେ ପଟ୍ଟା ଇସ୍ୟୁ ହୋଇଛି। ଏବେ ଉକ୍ତ ଜମିର ସ୍ୱତ୍ତ୍ୱ ଓ ପଟ୍ଟା ହାତେଇବା ପରେ ପୁଣିଥରେ ବିକ୍ରି କରି ଅନ୍ୟ ମୁଣ୍ଡରେ ଅଠା ବୋଳିବା ପାଇଁ ପ୍ରୟାସ ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଯେ ଯେଉଁ ପ୍ରକ୍ରିୟା ଅବଲମ୍ବନ କରି ଏହି ଜମିର ମ୍ୟୁଟେସନ କରାଯାଇ ମୂଳ ପ୍ରଜାଙ୍କ ଖାତାରୁ ଦାଖଲ ଖାରଜ କରାଯାଇଛି, ତାହାକୁ ନେଇ ପ୍ରଶ୍ନ ଉଠିଛି।

ତହସିଲଦାର ଯେଉଁଠି ପ୍ରକ୍ରିୟାଗତ ତ୍ରୁଟି ଦର୍ଶାଇ ଦାଖଲଖାରଜ ଆବେଦନକୁ ରଦ୍ଦ କଲେ, ସେଠାରେ ପରବର୍ତ୍ତୀ ସମୟରେ ଜଣେ ଅତିରିକ୍ତ ତହସିଲଦାର ଦାଖଲଖାରଜକୁ ମଞ୍ଜୁରୀ ପ୍ରଦାନ କରିଥିଲେ। ପୂର୍ବରୁ ମଧ୍ୟ ଏହି ଜମି ଉପରେ ହୋଇଥିବା ମ୍ୟୁଟେସନ ଆବେଦନ ଦୁଇ ଥର ରଦ୍ଦ ହୋଇଛି। ଏସବୁ ସତ୍ତ୍ୱେ ଝାରସୁଗୁଡ଼ା ତହସିଲର ଅତିରିକ୍ତ ତହସିଲଦାର କେଉଁ ସ୍ୱାର୍ଥରେ ଦାଖଲଖାରଜ ପାଇଁ ସ୍ୱୀକୃତି ଦେଲେ, ତାହାକୁ ନେଇ ଅଙ୍ଗୁଳି ଉଠିଛି। ଏହି ସମଗ୍ର ପ୍ରକରଣରେ ତହସିଲରେ କାର୍ଯ୍ୟରତ ରାଜସ୍ୱ ଅଧିକାରୀଙ୍କ ଭୂମିକା ଓ ବହୁ କୋଟି ମୂଲ୍ୟବିଶିଷ୍ଟ ଜମିର ଆଇନସମ୍ମତ ମାଲିକାନାକୁ ଭୁଲ ବାଟରେ ଟେକିଦେବା ନେଇ ରାଜସ୍ୱ ବିଭାଗ ଅଧିକାରୀଙ୍କ ପଦକ୍ଷେପ ଏଠାରେ ବଡ଼ ଦୁର୍ନୀତିର ସଂକେତ ଦେଉଛି। ଉଚ୍ଚସ୍ତରୀୟ ତଦନ୍ତ ହେଲେ ଏହି ଦୁର୍ନୀତି ସହ ସମ୍ପୃକ୍ତ ଅଧିକାରୀଙ୍କ ମୁଖା ଖୋଲିବ। ଏଥିସହ ବଲାଙ୍ଗିର ଜିଲ୍ଲାରେ ଜମି ଦୁର୍ନୀତିରେ ଅଧିକାରୀ ଜେଲ ଯିବା ଘଟଣାର ପୁନରାବୃତ୍ତି ଝାରସୁଗୁଡ଼ା ଜିଲ୍ଲାରେ ବି ଦେଖିବାକୁ ମିଳିବ ବୋଲି ଆଲୋଚନା ହେଉଛି।

### ପଞ୍ଚଭୂତରେ...

ଲୋକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସୂଚନାଯୋଗ୍ୟ ଯେ ଗତକାଲି ୮୩ ବର୍ଷ ବୟସରେ ଡାକ୍ତର ଦେବେନ୍ଦ୍ର ନୂଆଦିଲ୍ଲୀରେ ପରଲୋକ ଗମନ କରିଥିଲେ। ରୋଗୀସେବା ଛାଡ଼ି ଜନସେବାରେ ବ୍ରତୀ ହୋଇଥିବା ଡାକ୍ତର ଦେବେନ୍ଦ୍ର ଅଟଳ ବିହାରୀ ବାଜପେୟୀ ସରକାରରେ କେନ୍ଦ୍ର ପରିବହନ ମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ସେ ତିନି ଥର ରାଜ୍ୟ ବିଜେପିର ସଭାପତି ରହିବା ସହ ଦଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ମଧ୍ୟ ଥିଲେ। ମଣ୍ଡଳ ସଭାପତିରୁ ରାଜ୍ୟ ସଭାପତି ଭାବେ କାର୍ଯ୍ୟ କରିଥିବା ଡାକ୍ତର ଦେବେନ୍ଦ୍ର ଓଡ଼ିଶାରେ ବିଜେପି ସଂଗଠନର ମୂଳଦୁଆ ପକାଇବାରେ ପ୍ରମୁଖ ଭୂମିକା ନେଇଥିଲେ।

### ନବ ଦାସଙ୍କ...

ମିନତୀଙ୍କ ବୟାନ ରେକର୍ଡ ହୋଇଛି। ଏକ ୨ଜଣିଆ କ୍ରାଇମବ୍ରାଞ୍ଚ ଟିମ୍ ପହଞ୍ଚି ଏହି ବୟାନ ରେକର୍ଡ କରିଛି। ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ଗୋପାଳ ଦାସ ବିରୋଧରେ ଚାର୍ଜଫ୍ରେମ ହୋଇସାରିଛି। ଏବେ ମାମଲା ଝାରସୁଗୁଡ଼ାର ସ୍ୱତନ୍ତ୍ର କୋର୍ଟରେ ବିଚାରାଧୀନ ରହିଛି। କୋର୍ଟରେ ୨୯ ଜଣ ସାକ୍ଷୀ ଓ ୧୭୯ ଜଣ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ରେକର୍ଡ କରାଯାଇସାରିଛି।

ଯଦି ଏହି ମାମଲାରେ କୌଣସି ଅଧିକ ତଥ୍ୟ ମିଳେ ତେବେ ସେନେଇ ତଦନ୍ତ କରି ଆଡିସନାଲ ଚାର୍ଜସିଟ ଦାଖଲ କରିବାକୁ କ୍ରାଇମବ୍ରାଞ୍ଚକୁ ଦାୟିତ୍ୱ ଦିଆଯାଇଥିଲା। ସେହି ପରିପ୍ରେକ୍ଷୀରେ କ୍ରାଇମବ୍ରାଞ୍ଚ ଦୀପାଳି ଓ ବିଶାଳଙ୍କୁ ନୋଟିସ ଜାରି କରିଥିଲା। ଯଦି ସେମାନଙ୍କ ପାଖରେ କୌଣସି ନୂଆ ଆପତ୍ତି ବା ତଥ୍ୟ ଅଛି, ସେନେଇ ଜଣାଇବାକୁ ନୋଟିସରେ କ୍ରାଇମବ୍ରାଞ୍ଚ୍ ପକ୍ଷରୁ କୁହାଯାଇଥିଲା। ଏନେଇ ଦୀପାଳି ଓ ବିଶାଳ ସମୟ ମାଗିବା ସହ ଘରେ ବୟାନ ରେକର୍ଡ କରିବା ପାଇଁ କହିଥିଲେ। ଅନ୍ୟପକ୍ଷରେ ଆସନ୍ତାକାଲି ଅପରାହ୍ନରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମିନତୀ ଦାସ ଭେଟିବେ। ତାଙ୍କ ସହ ଝିଅ ଦୀପାଳି ଓ ପୁଅ ବିଶାଳ ମଧ୍ୟ ରହିବେ ବୋଲି ଜଣାପଡ଼ିଛି।

### ପ୍ରଥମ ଜନଔଷଧି...

ସ୍ଥିତିରେ କ୍ୟାପିଟାଲ ହସ୍ପିଟାଲ ପରିସରରେ ଥିବା ରାଜ୍ୟର ପ୍ରଥମ ଜନଔଷଧି କେନ୍ଦ୍ରରେ ଔଷଧ ନ ମିଳିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ବର୍ତ୍ତମାନ ଚିକିତ୍ସକମାନେ ରୋଗୀଙ୍କୁ ଔଷଧର ନାମ ବଦଳରେ କମ୍ପୋଜିସନ ଲେଖୁଥିବାରୁ ରୋଗୀମାନେ କମ୍ ଦାମରେ ଭଲ ଔଷଧ ପାଇବା ପାଇଁ ଜନଔଷଧି କେନ୍ଦ୍ରମୁହାଁ ହେଉଥିବା ବେଳେ ଜିଲ୍ଲା ପ୍ରଶାସନ, ରେଡକ୍ରସ କର୍ତ୍ତୃପକ୍ଷ କାହିଁକି ଏହି ଜନଔଷଧି କେନ୍ଦ୍ର ପ୍ରତି ଦୃଷ୍ଟି ଦେଉନାହାନ୍ତି ସେ ସଂକ୍ରାନ୍ତରେ କେହି ନିର୍ଦ୍ଦିଷ୍ଟ ଭାବେ କିଛି କହିପାରୁନାହାନ୍ତି।

ତୁରନ୍ତ ଏ ଦିଗରେ ଜିଲ୍ଲାପାଳ ଓ କ୍ୟାପିଟାଲ ହସ୍ପିଟାଲ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଦାବି ହେଉଛି।

### ଆଜିଠୁ...

ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ଆଉ ଏଥିସକାଶେ ବିଭିନ୍ନ ଜିଲ୍ଲାକୁ ୱାର୍ଣ୍ଣିଂ ମଧ୍ୟ ଜାରି କରାଯାଇଛି। ଅର୍ଥାତ୍ ଗତ କିଛିଦିନ ହେଲା ଗ୍ରୀଷ୍ମ ପ୍ରବାହରୁ ସତର୍କ ରହିବା ସକାଶେ ଜନସାଧାରଣଙ୍କୁ ୱାର୍ଣ୍ଣିଂ ଜାରି କରାଯାଉଥିବା ବେଳେ ଆଜି ବର୍ଷା ପାଇଁ ଏହି ସତର୍କତାମୂଳକ ପଦକ୍ଷେପ ସମ୍ପର୍କରେ ଅବଗତ କରାଯାଇଛି।

ପାଣିପାଗ ବିଭାଗର ସୂଚନା ମୁତାବକ ଆସନ୍ତାକାଲିଠାରୁ ୨୨ ତାରିଖ ପର୍ଯ୍ୟନ୍ତ କାଳବୈଶାଖୀର ଅଧିକ ପ୍ରଭାବ ଦେଖିବାକୁ ମିଳିବ। ଓଡ଼ିଶା ଉପକୂଳସ୍ଥ ବଙ୍ଗୋପସାଗର ଅଞ୍ଚଳରେ ଗୁରୁଚାପ ଯୋଗୁଁ ରାଜ୍ୟ ମଧ୍ୟକୁ ପ୍ରଚୁର ମାତ୍ରାରେ ଜଳୀୟବାଷ୍ପ ପ୍ରବେଶ କରିବ। ଏହି ଜଳୀୟବାଷ୍ପ ବାୟୁମଣ୍ଡଳ ସଂସ୍ପର୍ଶରେ ଆସିବା ସହ ଉପରି ଭାଗରେ ନିମ୍ନ ଚାପରେଖାର ଉପସ୍ଥିତି କାଳବୈଶାଖୀ ପାଇଁ ଅତ୍ୟନ୍ତ ଅନୁକୂଳ ହେବ। ଏହା ଉତ୍ତପ୍ତ ବାୟୁମଣ୍ଡଳ ସଂସ୍ପର୍ଶରେ ଆସିବା ପରେ ଝଡ଼ତୋଫାନ୍ ସାଙ୍ଗକୁ ବର୍ଷା କରାଇବ।

ଏହି କାରଣରୁ ଆସନ୍ତାକାଲିଠ ସୁନ୍ଦରଗଡ଼, କେନ୍ଦୁଝର, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଆଦି ୭ ଜିଲ୍ଲାରେ ଝଡ଼ତୋଫାନ୍ ସହ ବର୍ଷା ହେବ ବୋଲି କୁହାଯାଇଛି।

ତେଣୁ ଉକ୍ତ ଜିଲ୍ଲାଗୁଡ଼ିକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ୪ ବର୍ଷ ପ୍ରେମର କରୁଣ ପରିଣତି

# ପ୍ରେମିକା ଦୁଆରେ ପେଟ୍ରୋଲ ଢାଳି ପ୍ରେମିକର ଆତ୍ମହତ୍ୟା ଉଦ୍ୟମ



ନୟାଗଡ଼,୧୮।୩ (ସଂଚାର ବ୍ୟୁରୋ): ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି ଏକ ବଡ଼ ଅଘଟଣ । ପ୍ରେମିକା ପାଇଁ ଜଣେ ଯୁବକ ନିଜ ଦେହରେ ପେଟ୍ରୋଲ ଢାଳି ହୋଇ ନିଆଁ ଲଗାଇ ଦେଇଥିବା ଦେଖିବାକୁ ମିଳିଛି । ପ୍ରେମିକ ଜଣଙ୍କ ଗୁରୁତର ଅବସ୍ଥାରେ ଜିଲ୍ଲା ଚିକିତ୍ସାଳୟ ଓ ପରେ କଟକ ହସ୍ପିଟାଲକୁ ରେଫର କରାଯାଇଛି। ଏହାକୁ ନେଇ ଦିନ ତମାମ ନୟାଗଡ଼ରେ ଚର୍ଚ୍ଚା ଯୋର ଧରିଛି । ସୁଚନାନୁସାରେ, କଟକ ଜିଲ୍ଲା କିଶୋରନଗର ଥାନା ଯାଞ୍ଚପଡା ଗାଁର ଲିଟୁଆ ଦାସ ଆଜି ନିଜ ଶରୀରରେ ପେଟ୍ରୋଲ ଢାଳି ନିଜ ଶରୀରରେ ନିଆଁ ଲଗାଇ ଦେଇଥିବା ସୁଚନା ମିଳିଛି । ଇଟାମାଟି ଥାନା ଅନ୍ତର୍ଗତ ଲାଠିପଡା ତଅଁଳା ସାହିର ଜଣେ ଯୁବତୀକୁ ଭଲ ପାଉଥିଲେ। କଟକ ମଙ୍ଗଳାବାଗରେ ସେମାନଙ୍କର ପ୍ରଥମ ଦେଖା ହୋଇଥିଲା । ସେ ଝିଅକୁ ୪ ବର୍ଷ ହେଲା ଭଲ ପାଉଥିବା ପ୍ରକାଶ କରିଛନ୍ତି । ଆଜି ସେ ଯୁବକ ଜଣକ ଲାଠିପଡା ତଅଁଳା ସାହିର ଝିଅ ହର ଘରେ ପହଞ୍ଚିଥିଲେ। ପ୍ରେମିକା କୁ ପାଇବା ପାଇଁ କାକୁତି ମିନତି ହୋଇଥିଲେ କିନ୍ତୁ ଝିଅର ବଡ଼ ଭଉଣୀ ଓ ସାନ ଭଉଣୀ ଉକ୍ତ ଯୁବକକୁ ମରି ଜା ବୋଲି କହିଥିଲେ ବୋଲି ଯୁବକ ଜଣକ ପ୍ରକାଶ କରିଛନ୍ତି । ଏହି କଥା ଶୁଣି ଯୁବକ ଜଣଙ୍କ ପ୍ରେମିକା ଦୁଆରେ, ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ । ଏବଂ ଧାଇଁ ଧାଇଁ ପ୍ରେମିକାର ଭିଣୋଇଙ୍କ ଘର ସମ୍ମୁଖରେ ପଡ଼ିଥିଲେ । ସ୍ଥାନୀୟ ଅଞ୍ଚଳର ଲୋକ ମାନେ ଆମ୍ବୁଲାନ୍ସକୁ ଖବର ଦେଇ ଯୁବକକୁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଛନ୍ତି। ଖବର ପାଇ ନୟାଗଡ଼ ତହସିଲଦାର ରାଜେଶ କେଶରୀ ସ୍ୱାଇଁ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡିଛି। ଡାକ୍ତର ପ୍ରାଥମିକ ଚିକିତ୍ସା ଯୋଗାଇ ଦେଇଥିଲେ ଏବଂ ଯୁବକ ଜଣକର ଶରୀରର ୮୦ ଭାଗ ପୋଡି ଯାଇଥିବା ବେଳେ ତାଙ୍କୁ କଟକ ବଡ଼ ଚିକିତ୍ସାଳୟକୁ ରେଫର କରାଯାଇଛି । ଏ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ହଟଚକଟ ଚାଲିଥିବା ବେଳେ ଇଟାମାଟି ଥାନାରେ କୌଣସି ରିପୋର୍ଟ ହେଇନଥିବା ସୂଚନା ମିଳିଛି । ତଥାପି ଇଟାମାଟି ପ୍ରାଥମିକ ସ୍ତରରେ ଛାନଭିନ ଚଲାଇଥିବା ନେଇ ଉପ ଆରକ୍ଷୀ ନିରୀକ୍ଷକ ଗୋପବନ୍ଧୁ ମଲ୍ଲିକ ପ୍ରକାଶ କରିଛନ୍ତି ।

# ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଲେ ମା' ମଙ୍ଗଳା

**● ନେତ୍ରୋତ୍ସବ ପାଳିତ ● ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ**

**କାକଟପୁର/ଅସ୍ତରଙ୍ଗ, ୧୮।୩ (ସଂଚାର ବ୍ୟୁରୋ) :** ଚୈତ୍ର ମାସର ପ୍ରଥମ ମଙ୍ଗଳବାର। ପୁରୀ ଜିଲ୍ଲା କାକଟପୁର ଅଧିଷ୍ଠାତ୍ରୀ ଦେବୀ ଜଗତଜନନୀ ମା ମଙ୍ଗଳାଙ୍କ ଜନ୍ମ ମହୋତ୍ସବ ପାଳିତ ହୋଇଛି। ଯାହାକୁ ପ୍ରସିଦ୍ଧ ନେତ୍ର ଉତ୍ସବ ବୋଲି କୁହାଯାଏ। ପ୍ରଥମ ପାଳି ଯାତ୍ରାରେ ମା'ଙ୍କ ମନ୍ଦିର ଚୂଡାରେ ବନ୍ଧା ହୋଇଥିବା ପୁରୁଣା ନେତକୁ ବଦଳାଯାଇ ନୂଆ ନେତ ବନ୍ଧା ଯିବାର ପରମ୍ପରା ରହିଛି। ଜନ୍ମୋତ୍ସବରେ ମା' ମଙ୍ଗଳା ଭକ୍ତଙ୍କୁ ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଇଥାନ୍ତି।



ଖବର ମୁତାବକ ପୁଣ୍ୟତୋୟା ପ୍ରାଚୀ ନଦୀରୁ ଆବିର୍ଭୂତ ହୋଇଥିଲେ ଓ ମା' ମଙ୍ଗଳାଙ୍କ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ତେଣୁ ଏହି ଦିନକୁ ବେଶ ଆନନ୍ଦ ଓ ଉଲ୍ଲାସ ସହ ଶ୍ରଦ୍ଧାଳୁମାନେ ପାଳନ କରିଥାନ୍ତି। ଚୈତ୍ର ମାସର ପ୍ରଥମ ମଙ୍ଗଳବାର ଝାମୁଯାତ୍ରାର ପ୍ରଥମ ପର୍ବ। ମା'ଙ୍କ ମନ୍ଦିରର ନିର୍ମାଣ କାର୍ଯ୍ୟ ସମାପ୍ତ ପରେ ଠିକ ଏହି ଚୈତ୍ର ମାସର ପ୍ରଥମ ମଙ୍ଗଳବାରରେ ହିଁ ପ୍ରତିଷ୍ଠା କରାଯାଇ ନେତ ବନ୍ଧାଯାଇଥିଲା। ତେଣୁ ପ୍ରଥମ ପାଳିଯାତ୍ରାରେ ନେତ୍ରୋତ୍ସବ ପରମ୍ପରା ମଙ୍ଗଳା ମନ୍ଦିରରେ ଅନନ୍ୟ। ଏହା ସହ ମା 'ଙ୍କ ନେତ୍ର ଉତ୍ସବରେ ମା ଶାରଳା ପୀଠରୁ ଆସିଥିବା ପାଟୁଆମାନେ ପ୍ରାଚୀ ନଦୀରୁ ପାଣି ତୋଳି ମା'ଙ୍କ ସମ୍ମୁଖରେ ଘଣ୍ଟ ପାଟୁଆ ନୃତ୍ୟ କରି ମାସ ତମାମ ମା 'ଙ୍କ ମହିମା ପ୍ରଚାର କରି ବିଭିନ୍ନ ଗାଁ ପରିକ୍ରମା କରିଥାନ୍ତି। ଚୈତ୍ର ମାସର ମଙ୍ଗଳବାରରେ ପୁରପଲ୍ଲୀରେ ବ୍ରତଧାରୀ ମହିଳାମାନେ ପଛେଇ ନିର୍ମାଣ କରି ମା'ଙ୍କ ପୂଜା ଆରମ୍ଭ କରିଥାନ୍ତି। ମାନସିକ ଧାରୀ ମହିଳାମାନେ ମା ମଙ୍ଗଳାଙ୍କ ଉଦ୍ଦେଶ୍ୟରେ ମନ୍ଦିର ପ୍ରାଙ୍ଗଣରେ ପଣା, ଧୂପଦୀପ ଓ ନୈବେଦ୍ୟ ଦେଇ ପୂଜା କରିଥାନ୍ତି। ନେତ୍ର ଉତ୍ସବରେ ମା'ମଙ୍ଗଳାଙ୍କ ରାଜରାଜେଶ୍ୱରୀ ବେଶ କରାଯାଏ। ମା'ଙ୍କ ଏହି ଦୁର୍ଲ୍ଲଭ ବେଶ ଦର୍ଶନ କରିବାକୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମଙ୍ଗଳା ମନ୍ଦିର ଟ୍ରଷ୍ଟବୋର୍ଡ ତରଫରୁ ମନ୍ଦିର ପରିସରରେ ସ୍ୱତନ୍ତ୍ର ବ୍ୟାରିକେଟ କରାଯିବା ସହ ପୁଲିସ ମୁତୟନ କରାଯାଇଥିଲା।

# ଚିଠାରେ ଚାଲିଛି କୋଟି କୋଟି ଟଙ୍କାର ରାସ୍ତା କାମ




**ନାଉଗାଁ, ୧୮।୩ (ସଂଚାର ବ୍ୟୁରୋ) :** ନାଉଗାଁ ବ୍ଲକରେ ପୂର୍ତ୍ତ ବିଭାଗ ଅଧୀନରେ ରହିଛି କୋକିଢିହ-ତେଲସରା, ଅଲଣାହାଟ-କୁଣ୍ଡେଶ୍ୱର, ଅରଖକୁଦ-ଦେବୀଦୋଳ, ଶିଖରଘାଟ-ବାଲିଭଉଁରୀ ରାସ୍ତା। ବର୍ତ୍ତମାନ ବିଭଗ ପକ୍ଷରୁ ଉକ୍ତ ରାସ୍ତାର ମରାମତି ହେଉଥିବା ବେଳେ ରାସ୍ତା ପାର୍ଶ୍ୱରେ ଗାର୍ଡୱାଲମାନ ନିର୍ମାଣ କରାଯାଉଛି। ଉକ୍ତ କାର୍ଯ୍ୟ କରିବା ପାଇଁ ବିଭାଗ ପକ୍ଷରୁ ଟେଣ୍ଡର କରା ନ ଯାଇ ଚିଠା ମାଧ୍ୟମରେ ଠିକାଦାର ନିଯୁକ୍ତ ହେଉଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା କୋଟି କୋଟି ଟଙ୍କାର କାର୍ଯ୍ୟ ହେଉ ଥିବା ବେଳେ ବିଭାଗ ପକ୍ଷରୁ କାହିଁ ଟେଣ୍ଡର କରାଯାଉ ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ରାସ୍ତା ପାର୍ଶ୍ୱରେ ରାସ୍ତାକୁ ସୁରକ୍ଷା ଦେବା ପାଇଁ ଗାର୍ଡୱାଲ ମାନ ନିର୍ମାଣ କରାଯାଉଛି। ସବୁଠାରୁ ବଡ କଥା ହେଲା ଅନାବଶ୍ୟକ ସ୍ଥଳେ ଉକ୍ତ ଗାର୍ଡୱାଲ ନିର୍ମାଣ କରାଯାଉଥିବା ଦେଖାଯାଇଛି। କୋକିଢିହ-ତେଲସରା ରାସ୍ତା ପାର୍ଶ୍ୱରେ ଗୋବରୀ ନାଳ ପାର୍ଶ୍ୱରେ ଗାର୍ଡୱାଲ ନିର୍ମାଣ କରାଯାଉଥିବା ବେଳେ ଶିଖର-ବାଲିଭଉଁରୀ ରାସ୍ତାର ଚାଷ ଜମି ଉପରକୁ ଗାର୍ଡୱାଲ ନିର୍ମାଣ କରାଯାଉଛି। ଯାହାକି ଆବଶ୍ୟକ ନଥିବା ଜଣାଯାଇଛି। ସେହିପରି ନିର୍ମାଣ କରାଯାଉଥିବା ଗାର୍ଡୱାଲ ନିକଟରେ ବିଭାଗର କୌଣସି ଯନ୍ତ୍ରୀ ଉପସ୍ଥିତ ରହୁ ନଥିବାରୁ ନିଯୁକ୍ତ ଠିକାଦାରମାନେ ନିମ୍ନମାନର ୱାଲ ନିର୍ମାଣ କରି ସଙ୍ଗେ ସଙ୍ଗେ ମାଟି ପୋତି ଦେଇଛନ୍ତି। ଯାହାକି ୱାଲର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସେହିପରି ମରାମତି ହେଉଥିବା ରାସ୍ତାରେ ନାମକୁ ମାତ୍ର ପିଚୁ କରାଯାଉଛି। ଯେଉଁ ରାସ୍ତା ମରାମତି କରାଯାଉଥିଲା ସେଥିମଧ୍ୟରୁ ନିନମାନର କାର୍ଯ୍ୟ ଯୋଗୁଁ ଅରଖକୁଦ- ଦେବୀଦୋଳ ରାସ୍ତା, ଅଲଣାହାଟ-କୁଣ୍ଡେଶ୍ୱର ରାସ୍ତାର ମରାମତିର ଦିନ କେତେଟା ମଧ୍ୟରେ ପିଚୁ ଉଠୁଥିବାର ଦେଖିବାକୁ ମିଳିଛି। ଉକ୍ତ କାର୍ଯ୍ୟରେ କେବଳ ଠିକାଦାର, ବିଭାଗୀୟ ଯନ୍ତ୍ରୀ ଓ ରାଜନେତା ଫାଇଦା ନେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏବିଷୟରେ ବିଭାଗୀୟ ଏସଡିଓ ରାଧାକାନ୍ତ ଭୂୟାଁଙ୍କୁ ପଚାରିବାରେ ଏବିଷୟରେ କନିଷ୍ଠ ଯନ୍ତ୍ରୀଙ୍କ ସହ କଥା ହୋଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

## ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମନୋରଞ୍ଜନ ସମ୍ବର୍ଦ୍ଧିତ



**ନୟାଗଡ଼, ୧୮।୩ (ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ପ୍ରଶାସନ ଆନୁକୁଲ୍ୟରେ ରଥ ନିର୍ମାଣ ନିମନ୍ତେ ଫାଶି କାଠ ଦାତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ରଥ ନିର୍ମାଣ ପାଇଁ ନୟାଗଡ଼ ରତନପୁର ଗାଁର ମନୋରଞ୍ଜନ ସାହୁ ଫାଶି କାଠ ଦାନ କରିଥିଲେ । ଏଥି ନିମନ୍ତେ ତାଙ୍କୁ ଶ୍ରୀ ଜଗନ୍ନାଥ ମନ୍ଦୀର ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜା ଶ୍ରୀ ଦିବ୍ୟ ସିଂହ ଦେବ ଓ ମୁଖ୍ୟ ପ୍ରଶାସକ ଡ଼ ଅରବିନ୍ଦ କୁମାର ପାଢ଼ି ମନୋରଞ୍ଜନଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି । ଶ୍ରୀକ୍ଷେତ୍ର ରଥଯାତ୍ରା ପୃଥିବୀ ପ୍ରସିଦ୍ଧ । ଏହି ମହାନ ଯାତ୍ରାରେ ଅସଂଖ୍ୟ ଭକ୍ତ ଭକ୍ତିପୂର୍ଣ୍ଣ ହୃଦୟରେ ରଥାରୁଢ଼ ଚତୁର୍ଦ୍ଧା ଦାରୁ ବିଗ୍ରହକୁ ପ୍ରତ୍ୟକ୍ଷ ଭାବେ ଦର୍ଶନ କରିଥାନ୍ତି । ଫାଶି କାଠ ପ୍ରଦାନ କରି ମହନୀୟ କାର୍ଯ୍ୟ କରିଥିବାରୁ ମନୋରଞ୍ଜନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।

## ବଟି ଦାବି ଅଭିଯୋଗରେ ସରପଞ୍ଚ ଗିରଫ

**ନାଉଗାଁ, ୧୮।୩ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ଗଳଧାରୀ ପଞ୍ଚାୟତର ଗଳଧାରୀ ବାଲିଘାଟରେ ବଟି ମଗାକୁ ନେଇ ଘାଟର ପ୍ରୋକଲିନ ମେସିନ ସମେତ ଆସବାବପତ୍ର ଭଙ୍ଗା ରୁଜା କରାଯାଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲୁ ରହିଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଗଳଧାରୀ ସରପଞ୍ଚ ଦିଲ୍ଲିପ ନାୟକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଜଗତସିଂହପୁର ଥାନା ଅନ୍ତର୍ଗତ ହରିହରପୁର ଗ୍ରାମର କୃଷ୍ଣଚନ୍ଦ୍ର ସାହୁଙ୍କ ଅଭିଯୋଗ ମୁତାବକ ଗତ ମାର୍ଚ୍ଚ ୧୫ରେ ସେ ବାଲିଘାଟରେ ଅନୁପସ୍ଥିତ ଥିବା ବେଳେ ସ୍ଥାନୀୟ ସରପଞ୍ଚ ଓ କିଛି ବ୍ୟକ୍ତି ଘାଟରେ ଥିବା ଅଫିସ ଗୃହର କବାଟକୁ ବାଡେଇ ଥିଲେ। ସେହି ସମୟରେ ଗୃହ ମଧ୍ୟରେ ପିଲାମାନେ ମଧ୍ୟାହ୍ନ ଭୋଜନ କରୁଥିଲେ। କବାଟ ଖୋଲିଲା ବେଳକୁ ସେମାନେ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଧରି ଭୟଭୀତ କରିବା ସହିତ ୫ଲକ୍ଷ ଟଙ୍କା ବଟି ମାଗିଥିଲେ। ଟଙ୍କା ନ ଦେଲେ ଘାଟ ଚଲାଇ ଦେବୁ ନାହିଁ ବୋଲି ଧମକ ମଧ୍ୟ ଦେଇଥିଲେ। ଧରିଥିବା ମାରଣାସ୍ତ୍ରରେ କାର୍ଯାଳୟର କବାଟ ଭାଙ୍ଗିବା ସହିତ କାର୍ଯ୍ୟାଳୟରେ ଥିବା କମ୍ପୁଟର, ପ୍ରିଂଟର, ହାର୍ଡଡିସ୍କ, ଇନଭଟର ଆଦି ନେବା ସହ ସିସି କ୍ୟାମେରାକୁ ଭାଙ୍ଗି ଦେଇଛନ୍ତି। ଏପରିକି ଉକ୍ତ ଘଟଣା ସମ୍ପର୍କରେ କାହାକୁ ଜଣାଇଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଥିଲା।

## ଭାରତୀୟ ମଜଦୁର ସଙ୍ଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ଖୋର୍ଦ୍ଧା, ୧୮।୩ (ସଂଚାର ବ୍ୟୁରୋ):** ଭାରତୀୟ ମଜଦୁର ସଙ୍ଘ ଅଖିଳ ଭାରତୀୟ ଫେଡରେସନର ୧୮୫ତମ କାର୍ଯ୍ୟକାରିଣୀ ସମିତିର ଆସାମର ଗୌହାଟୀ ଠାରେ ନିଷ୍ପତ୍ତି ଅନୁଯାୟୀ ସାରା ଭାରତ ବର୍ଷରେ ଭାରତ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାପାଇଁ ନିଷ୍ପତ୍ତି ହୋଇଥିଲା ଏବଂ ଭାରତ ସରକାର ଦୀର୍ଘ ୬ ବର୍ଷ ଧରି ଅଙ୍ଗନବାଡି କର୍ମୀ ଓ ସହାୟିକା ମାନଙ୍କର କୌଣସି ଦାବି ପୂରଣ ନ କରିବାରୁ ଆଜି ସମସ୍ତ ଜିଲ୍ଲାପାଳଙ୍କୁ ୭ ଦଫା ଦାବି ସମ୍ବଳିତ ପ୍ରଦାନ କରାଯାଇଛି। ଏଥିରେ ଜିଲ୍ଲାର ଶହ ଶହ ଅଙ୍ଗନବାଡି କର୍ମୀ ଓ ସହାୟିକା ଏକ ପ୍ରତିବାଦ ରାଲିରେ ଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ । ଶେଷରେ ଏକ ପ୍ରତିନିଧି ଦଳ ଭାରତ ସରକାରଙ୍କ ଉଦ୍ଦ୍ୟେଶରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଦାବି ଗୁଡ଼ିକ ହେଲା ୧-ଇପିଏସ ୯୫ ଅନୁଯାୟୀ ସର୍ବନିମ୍ନ ୫୦୦୦.୦୦ ଟଙ୍କା ପେନସନ ତୁରନ୍ତ କରାଯାଉ ଏବଂ ଶେଷ ଦରମାର ୫୦%+ ମହଙ୍ଗା ସହାୟତା ପେନସନ ଦିଆଯାଉ । ୨- ଇପିଏଫ ଦରମା ସୀମା ୧୫୦୦୦.୦୦ ଟଙ୍କାରୁ ୩୦୦୦୦.୦୦ ଟଙ୍କା ଏବଂ ଇଏସଆଇସି ଦରମା ସୀମା ୨୧୦୦୦.୦୦ ଟଙ୍କାରୁ ୪୨୦୦୦.୦୦ ଟଙ୍କାକୁ ବୃଦ୍ଧି କରାଯାଉ। ୩ -ସାର୍ବଜନୀନ ସମ୍ପତି ବିକ୍ରୟ ତୁରନ୍ତ ବନ୍ଦ କରାଯାଉ । ୪- ବୀମା / ଆର୍ଥିକ କ୍ଷେତ୍ରରେ ୧୦୦% ବିଦେଶୀ ନିବେଶକୁ ନିଷିଦ୍ଧ କରାଯାଉ । ୫ -ସ୍କିମ ୱାକର ମାନଙ୍କୁ ସରକାରୀ କର୍ମଚାରୀ ପରି ସମାନ ଦରମା ଏବଂ ସାମାଜିକ ସୁରକ୍ଷା ଦିଆଯାଉ । ୬-ଅସଂଗଠିତ କ୍ଷେତ ପାଇଁ ପର୍ଯ୍ୟାପ୍ତ ପାଣ୍ଠି ଉପଲବ୍ଧ କରାଯାଉ । ୭ -ଠିକା ଶ୍ରମିକ ମାନଙ୍କୁ ପର୍ଯ୍ୟାୟ କ୍ରମେ ସ୍ଥାୟୀ ନିଯୁକ୍ତି ଦିଆଯାଉ । ଆଜିର ଏହି ଦାବି ପ୍ରଦାନ ବେଳେ ଜିଲ୍ଲା ସଭାପତି ପ୍ରଭାତୀ ପଟ୍ଟନାୟକ, ଅଶୋକ କୁମାର ଶୁକ୍ଳା,ଲକ୍ଷଣ ଦାସ,କୁଞ୍ଜଲତା ଦାସ, ମନ୍ଦାକିନି ପ୍ରଧାନ, ବନିତାଞ୍ଜଳି ଦାସ,ରଞ୍ଜନ ଦାଶ, କପିଳେଶ୍ୱର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ ।

# ସମ୍ ହସ୍ପିଟାଲରେ ଜଟିଳ ଫୁସ୍‌ଫୁସ୍ କର୍କଟ ରୋଗୀଙ୍କ ବିରଳ ଶଲ୍ୟ ଚିକିତ୍ସା

**ଭୁବନେଶ୍ୱର, ୧୮।୩ (ସଂଚାର ବ୍ୟୁରୋ) :** ଫୁସ୍‌ଫୁସ୍‌ରେ କର୍କଟ ରୋଗ ଭଳି ଗଭୀର ସମସ୍ୟା ଥିବା ସତ୍ତ୍ୱେ ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲର ଶଲ୍ୟ ଚିକିତ୍ସକମାନେ ଜଣେ ୪୫ ବର୍ଷ ବୟସ୍କ ମହିଳାଙ୍କର ବିରଳ ତଥା ସଫଳ ଅସ୍ତ୍ରୋପଚାର କରିପାରିଛନ୍ତି। ମହିଳା ଜଣକ କିଛି ଦିନ ଧରି ଅସୁସ୍ଥ ଥିଲେ ଓ ତାଙ୍କ କାଶରେ ରକ୍ତ ପଡୁଥିଲା। ଅନ୍ୟ ଡାକ୍ତରଖାନାରେ ତାଙ୍କୁ ଯକ୍ଷ୍ମା ହୋଇଛି ବୋଲି କୁହାଯାଇଥିଲା। ପରବର୍ତ୍ତୀ ସମୟରେ ସେ ଚିକିତ୍ସା ନିମନ୍ତେ ସୋଆ ବିଶ୍ୱବିଦ୍ୟାଳୟ ପରିଚାଳିତ ସମ୍ ହସ୍ପିଟାଲକୁ ଆସିଥିଲେ।

ସମ୍ ହସ୍ପିଟାଲର ପଲମୋନାରୀ ମେଡିସିନ୍ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ବନାନୀ ଜେନା ଓ ପ୍ରଫେସର ରାକ୍ଷୀ ଲୁଦ୍ରାମ୍ ତାଙ୍କର ପରୀକ୍ଷା କରିବା ପରେ ତାଙ୍କର ସମସ୍ୟା ଯକ୍ଷ୍ମା ନୁହେଁ ମାତ୍ର ଫୁସ୍‌ଫୁସ୍‌ରେ କର୍କଟ ବୋଲି ଜଣାପଡ଼ିଥିଲା। ତାଙ୍କୁ ଅଙ୍କୋସର୍ଜରୀ ବିଭାଗରେ ଚିକିତ୍ସିତ ହେବା ପାଇଁ ପରାମର୍ଶ ଦିଆଯାଇଥିଲା। ଅଙ୍କୋସର୍ଜରୀ ବିଭାଗର ମୁଖ୍ୟ ଡ. ସୁନୀଲ ଅଗ୍ରୱାଲଙ୍କ କହିବା ଅନୁଯାୟୀ ରୋଗୀଙ୍କର ବାମ ପାର୍ଶ୍ୱ ଫୁସ୍‌ଫୁସ୍‌ରେ ମ୍ୟୁକୋଏପିଡରମଏଡ କ୍ୟାନସର ହୋଇଥିବା ଜଣାପଡ଼ିଲା ପରେ ଏହାର ଶଲ୍ୟ ଚିକିତ୍ସା ନିମନ୍ତେ ପ୍ରସ୍ତୁତି ହୋଇଥିଲା। ଏହି ପ୍ରକାର କର୍କଟ ୨୦ ଲକ୍ଷରେ ଜଣେ ଲୋକଙ୍କୁ



ହୋଇଥାଏ ବୋଲି ଡ. ଅଗ୍ରୱାଲ କହିଛନ୍ତି। ଏହି ଅସ୍ତ୍ରୋପଚାର ପ୍ରାୟ ୫ ଘଣ୍ଟା ଧରି ହୋଇଥିଲା ଏବଂ ଏଥିରେ ତାମିଲନାଡୁସ୍ଥିତ ଥଙ୍ଗମ କ୍ୟାନସର ସେଂଟରର ବିଶେଷଜ୍ଞ ଡ. ସରଭାନା ରାଜାମନିକମ ସାମିଲ ହୋଇଥିଲେ।

ଏହି ପ୍ରକାର ଅସ୍ତ୍ରୋପଚାରରେ ଚୀନ ସ୍ଥିତ ସାଂଘାଇ ଠାରେ ବିଶେଷ ତାଲିମ ପାଇଥିବା ଡାକ୍ତର ଅଗ୍ରୱାଲ କହିଲେ ସମ୍ ହସ୍ପିଟାଲ କର୍ତ୍ତୃପକ୍ଷ ଏହି ଅସ୍ତ୍ରୋପଚାର ନିମନ୍ତେ ଆବଶ୍ୟକୀୟ ଯନ୍ତ୍ରପାତି ପୂର୍ବରୁ ଯୋଗାଡ କରି ରଖିଥିବାରୁ ଏହା ସମ୍ଭବ ହୋଇପାରିଲା। ଏଥି ନିମନ୍ତେ ସେ ସୋଆ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ମେଡିକାଲ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାରଙ୍କୁ ଧନ୍ୟବାଦ ଜଣାଇଥିଲେ। ଅସ୍ତ୍ରେପଚାରର ୭ ଦିନ ପରେ ରୋଗୀଙ୍କୁ ଡାକ୍ତରଖାନାରୁ ଡିସ୍‌ଚାର୍ଜ କରାଯାଇଥିଲା।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି



**କାକଟପୁର/ଅସ୍ତରଙ୍ଗ, ୧୮।୩ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ନାଗପୁର ଗ୍ରାମର ନୀଳମଣି ସାହୁଙ୍କୁ ମରଣାତ୍ମକ ଆକ୍ରମଣ ହୋଇଛି। ଖବର ମୁତାବକ ନାଗପୁର ଗ୍ରାମର ନୀଳମଣି ସାହୁ ( ୫୫) ଘର ପାଖରେ ଥିବା ବିଜିପୁର ଛକରୁ ପାନ ଆଣିବା ପାଇଁ ଯାଇଥିଲେ। ଉକ୍ତ ସମୟରେ ପଦୁ କାଣ୍ଡି ଏବଂ ତା ସହିତ କେନ୍ଦ୍ରାପାଟି ଗ୍ରାମର ଫକୀର ଦୁଇ ଜଣ ମିଶି ଉକ୍ତ ଦୋକାନ ପାଖରେ ପହଂଚି ନୀଳମଣିଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ହାତରେ ମାରଣା ଅସ୍ତ୍ର ଧରି ଏଠାକୁ କାହିଁ ଆସୁଛୁ କହି ଦୁଇ ଚାପଡ଼ା ପକାଇଥିଲେ। ସେଠାରୁ ଯିବାସମୟରେ ପଦୁ କାଣ୍ଡି ଧରିଥିବା ଧାରୁଆ ଅସ୍ତ୍ର ଛୁରୀରେ ନୀଳମଣିଙ୍କ ମୁଣ୍ଡକୁ ଆକ୍ରମଣ କରିବା ବେଳେ ମୁଣ୍ଡରେ ବାଜି କାନ କଟିଯିବା ସହ ବେକ ମଧ୍ୟ ଶକ୍ତ ଆଘାତ ଲାଗିଛି। ନୀଳମଣି ସେଠାରେ ଅଚେତ୍ ହୋଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡିଯିବାରୁ ଉପସ୍ଥିତ ଲୋକେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ବେକରେ ପିନ୍ଧିଥିବା ଏକ ସୁନା ଚେନ୍ ମଧ୍ୟ ନେଇଯାଇଥିବା ନୀଳମଣି ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏ ନେଇ ଅସ୍ତରଙ୍ଗ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ କହିଛନ୍ତି।

## ଜଗନ୍ନାଥ ଦାସଙ୍କ ମହାଭାରତ ଶୀର୍ଷକ ପ୍ରଥମ 'ପ୍ରାଚୀନ' ସମ୍ମାନ ଆୟୋଜିତ

**ଭୁବନେଶ୍ୱର, ୧୮।୩ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସେଂଟର ଫର ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଆନ୍‌ସିଏଂଟ କଲ୍‌ଚର ଆଣ୍ଡ ହେରିଟେଜ ଅଫ୍ ଇଣ୍ଡିଆ (ପ୍ରାଚୀନ) ଓ କଟକସ୍ଥିତ ଓଡିଆ ଗବେଷଣା ପରିଷଦର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଦିନ ବିଶ୍ୱବିଦ୍ୟାଳୟ ପରିସରରେ ଜଗନ୍ନାଥ ଦାସଙ୍କ ମହାଭାରତ ଶୀର୍ଷକର ପ୍ରଥମ 'ପ୍ରାଚୀନ' ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମାନର ମୁଖ୍ୟ ଆଲୋଚକ ଭାବେ ବିଶିଷ୍ଟ ଭାଷାବିଜ୍ଞାନୀ ପ୍ରଫେସର ବିବୁଧେନ୍ଦ୍ର ନାରାୟଣ ପଟ୍ଟନାୟକ ଯୋଗଦେଇ ଜଗନ୍ନାଥ ଦାସଙ୍କ ମହାଭାରତର ସ୍ୱତନ୍ତ୍ରତା ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି ସମ୍ମାନରେ ବକ୍ତବ୍ୟ ଉପସ୍ଥାପନ କରି ପ୍ରଫେସର ପଟ୍ଟନାୟକ କହିଥିଲେ ଯେ ମହାଭାରତର ଏହି ପାଠରେ ବ୍ୟାସଦେବଙ୍କ ସଂସ୍କୃତ ମହାଭାରତ, ସାରଳା ଦାସଙ୍କ ଓଡ଼ିଆ ମହାଭାରତ ଓ ଶ୍ରୀମଦ୍‌ଭଗବତ୍ ଗୀତାର ସମନ୍ୱୟ ରହିଛି। ମହାଭାରତର ବିଷୟବସ୍ତୁକୁ




ସଂକ୍ଷେପରେ ଏବଂ ଅତ୍ୟନ୍ତ ବିଚାରବନ୍ତ ଭାବରେ ଏଥିରେ ଉପସ୍ଥାପନ କରାଯାଇଛି।

ଏହି ସମ୍ମାନରେ ଓଡିଆ ଗବେଷଣା ପରିଷଦର ଉପସଭାପତି ତଥା ବିଶିଷ୍ଟ ଗବେଷକ ଡକ୍ଟର ଅସିତ ମହାନ୍ତି ସଭାପତିତ୍ୱ କରି ଗବେଷଣା ପରିଷଦର ଆଭିମୁଖ୍ୟ ଏବଂ ସମ୍ମାନ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ସମ୍ମାନରେ ପ୍ରାଚୀନର ମୁଖ୍ୟ ପ୍ରଫେସର ପ୍ରଫେସର ଗାୟତ୍ରୀବାଳା ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ କରିବା ସହ ପ୍ରାଚୀନ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ ସୋଆ ବିଶ୍ୱବିଦ୍ୟାଳୟର 'ପ୍ରାଚୀନ' ବିଭାଗ ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଗବେଷଣା ଓ ଅଧ୍ୟୟନର ଲକ୍ଷ୍ୟ ନେଇ ସ୍ଥାପିତ ହୋଇଛି। ପ୍ରାଚୀନ ଜରିଆରେ ବର୍ତ୍ତମାନ ସାରୋଳଦାସ ମହାଭାରଥର ପାଠ ଆଧାରିତ ସଂସ୍କରଣ ପ୍ରସ୍ତୁତି, ବିରଳ ପୁସ୍ତକର ଡିଜିଟାଇଜେସନ୍, ନୃତତ୍ତ୍ୱ ଓ ଆଦିବାସୀ ସଂସ୍କୃତି, ଯୋଗ ଓ ସଂସ୍କୃତି ଅଧ୍ୟୟନ ବିଭାଗରେ ଅଧିକ ଗବେଷଣା ଜାରି ରହିଥିବା ସେ ସୂଚନା ଦେଇଥିଲେ।

ସମ୍ମାନର ପ୍ରାରମ୍ଭରେ କବି ପଦ୍ମଭୂଷଣ ରମାକାନ୍ତ ରଥଙ୍କ ସ୍ୱର୍ଗତ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ବିଶ୍ୱବିଦ୍ୟାଳୟର ଗବେଷକ ଛାତ୍ରଛାତ୍ରୀଙ୍କ ସମେତ ଅନ୍ୟମାନେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

### କେନ୍ଦ୍ର ସମବାୟ ବ୍ୟାଙ୍କର ସାଧାରଣ ବୈଠକ ଘଟଣା

## ବୈଠକ ବାତିଲ କଲେ ଜିଲ୍ଲାପାଳ

**ନୟାଗଡ଼, ୧୮।୩ (ସଂଚାର ବ୍ୟୁରୋ) :** ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଏବେ ରାଜନୈତିକ ପଶାପାଲି ପାଲଟିଛି । ରାଜ୍ୟ ସମବାୟ ନିବନ୍ଧକ ପରିଚାଳନା ପରିଷଦକୁ ନିଲମ୍ବନ ଆଦେଶ ଉପରେ ଉଚ୍ଚ ନ୍ୟାୟାଳୟ ସ୍ଥଗିତାଦେଶ ଲଗାଇବା ପରେ ଏବେ ପିଛିଲା ତାରିଖ ପକାଇ ବ୍ୟାଙ୍କ ସମ୍ପାଦକ ସାଧାରଣ ସଭା ପାଇଁ ଆହ୍ୱାନ କରିଥିଲେ। ଆସନ୍ତା ୧୯ ତାରିଖରେ ସୃଜନ ଗୃହରେ ସଭା କରିବାକୁ ଆହ୍ୱାନ କରାଯାଇଥିବା ବେଳେ ୧୨ ତାରିଖରେ ପ୍ୟାକ୍ସ ଗୁଡ଼ିକରେ ଚିଠି ପହଞ୍ଚିଥିଲା । ନିୟମ ଅନୁସାରେ ୧୫ ଦିନ ପୂର୍ବରୁ ଏହି ନୋଟିସ ତଥା ଚିଠି ପହଞ୍ଚିବା କଥା । ମାତ୍ର ଚିଠିରେ ପିଛିଲା ତାରିଖ ପକାଇ ନୋଟିସ କରାଯାଇଥିଲା । ଯାହାକୁ ନେଇ ଗତ କାଲି ଶତାଧିକ ପ୍ୟାକ୍ସ ପରିଚାଳନା ପରିଷଦ ଏବଂ ବ୍ୟାଙ୍କ ପରିଚାଳନା ପରିଷଦ ବିରୋଧ କରିଥିଲେ। ବ୍ୟାଙ୍କ ସମ୍ପାଦକ କରିଥିବା ହୀନ ଚକ୍ରାନ୍ତ ବିରୁଦ୍ଧରେ ଶତାଧିକ ପ୍ୟାକ୍ସ ସଭାପତିଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଜିଲ୍ଲାପାଳ, ସମବାୟ ସମିତି ସମୂହ ଉପ ନିବନ୍ଧକଙ୍କୁ ପ୍ରଦାନ କରିଥିଲେ। ନୟାଗଡ଼ ବ୍ୟାଙ୍କ ଅଧିନରେ ୧୪୭ଟି ପ୍ୟାକ୍ସ ରହିଥିବା ବେଳେ ଦୁଇ ତୃତୀୟାଂଶ ପ୍ୟାକ୍ସ ସାଧାରଣ ସଭା ଆୟୋଜନ ନିୟମ ଅନୁସାରେ ହୋଇନଥିବା ଅଭିଯୋଗ କରିଛନ୍ତି। ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଅନୁସାରେ, ବ୍ୟାଙ୍କ ଆର୍ଥିକ କ୍ଷମତା ଜିଲ୍ଲାପାଳଙ୍କ ହାତକୁ ଯାଇ ସାରିଛି। ପରିଚାଳନା ପରିଷଦ ପୂର୍ବଭଳି ଦାୟିତ୍ୱ ସମ୍ପାଦନ କରିବା କଥା। ମାତ୍ର ପରିଚାଳନା ପରିଷଦକୁ କୋଣଠେସା କରାଯାଇଥିଲା । ସାଧାରଣ ସଭାକୁ ବାତିଲ କରି ପରିଚାଳନା ପରିଷଦ ସହ ଆଲୋଚନା ପରେ ବୈଠକ ଆୟୋଜନ କରିବାକୁ ଦାବି କରାଯାଇଥିଲା । ଯଦି ସାଧାରଣ ସଭା କରାଯାଏ, ତେବେ ଏହାକୁ ଜୋରଦାର ବିରୋଧ କରାଯିବ ବୋଲି ସୂଚନା ଦେଇଥିଲେ। ଆଜି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଆସନ୍ତାକାଲି ହେବାକୁ ଥିବା ସାଧାରଣ ସଭା ବୈଠକକୁ ବାତିଲ କରିଛନ୍ତି ।

## ବୃତ୍ତି ପାଇଁ ରୋଶନୀ ଓ ବିଶ୍ୱରୂପା ମନୋନୀତ



**ବାଲିଅନ୍ତା, ୧୮।୩ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା, ବାଲିଅନ୍ତା ବ୍ଲକ, ଜୟଦେବ ବିଦ୍ୟାମନ୍ଦିର, ବେଣ୍ଟପୁରର କୃତି ଛାତ୍ରୀଦ୍ୱୟ ଗତ ୨୦୨୪-୨୫ ଶିକ୍ଷା ବର୍ଷର ୩ୟ ଶ୍ରେଣୀ ସରକାରୀ ବୃତ୍ତି ପାଇବା ପାଇଁ ରୋଶ୍ନୀ ମହାନ୍ତି ଓ ବିଶ୍ୱରୂପା ଦାଶ ଯୋଗ୍ୟ ବିବେଚିତ ହୋଇଛନ୍ତି। ବାଲିଅନ୍ତା ଶିକ୍ଷା ମଣ୍ଡଳ ଅଧିନରେ ଛାତ୍ରୀ ରୋଶ୍ନୀ ମହାନ୍ତି ୧ମ ସ୍ଥାନ ଓ ବିଶ୍ୱରୂପା ଦାଶ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ତେଣୁ ବିଦ୍ୟାମନ୍ଦିର ତରଫରୁ ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ଚିତ୍ତରଞ୍ଜନ ନାୟକ ଓ ଅନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଉକ୍ତ ଛାତ୍ରୀ ମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

## ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବାର୍ଷିକ ପରୀକ୍ଷା ପ୍ରଶ୍ନପତ୍ର ଭାଇରାଲ

**କାକଟପୁର/ଅସ୍ତରଙ୍ଗ, ୧୮।୩ (ସଂଚାର ବ୍ୟୁରୋ):** ପ୍ରଶ୍ନପତ୍ର ଲିକ। ପଦାରେ ପଡିଲା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅପାରଗତା। ସୋସିଆଲ ମିଡ଼ିଆରେ ଘୁରିବୁଲୁଛି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପରୀକ୍ଷାର ପ୍ରଶ୍ନପତ୍ର। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ସୋମବାର ଠାରୁ ବାର୍ଷିକ ପରୀକ୍ଷା ଆରମ୍ଭ ହୋଇଛି। କିନ୍ତୁ ପରୀକ୍ଷାର ୨ ରୁ ୩ଦିନ ପୂର୍ବରୁ ୟୁଟ୍ୟୁବ ଅପ ଲୋଡ଼ ହେଉଛି ପ୍ରଶ୍ନପତ୍ର ସହିତ ଉତ୍ତର। ଯାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଯାହା ଉଭୟ ଛାତ୍ର, ଛାତ୍ରୀ ଏବଂ ଶିକ୍ଷକ, ଶିକ୍ଷୟତ୍ରୀ ଅଭିଭାବକ ଙ୍କୁ ଆଶ୍ଚର୍ଯ୍ୟ କରିଛି। ଛାତ୍ର ଛାତ୍ରୀ ବର୍ଷ ତମାମ ଯାହା ପଢ଼ନ୍ତି ତାହାର ଉତ୍କର୍ଷତା ଦେଖାଇବା ପାଇଁ ବାର୍ଷିକ ପରୀକ୍ଷା କରାଯାଇଥାଏ। ସେଥିପାଇଁ ପରୀକ୍ଷା ପୂର୍ବରୁ ପ୍ରସ୍ତୁତ ହୋଇ ରହିଥାନ୍ତି। ଚଳିତ ବର୍ଷ ଆଉ ପିଲାଙ୍କୁ ପରିଶ୍ରମ କରିବାକୁ ପଡୁନି। ପରୀକ୍ଷା ପ୍ରଶ୍ନ ଓ ଉତ୍ତର ନିର୍ଦ୍ଦିଷ୍ଟ କିଛି ୟୁଟ୍ୟୁବ ଚ୍ୟାନେଲ ରେ ଆସିଯାଉଛି। ଯାହାକୁ ପିଲା ଦେଖି ଯିବା ପରେ ବିଦ୍ୟାଳୟ ସେହି ବିଷୟ ପରୀକ୍ଷାରେ ସମାନ ପ୍ରଶ୍ନ ଆସୁଛି ଉତ୍ତର ମଧ୍ୟ ଲେଖୁଛନ୍ତି। ୨ ଦିନ ହେଲା ପିଲାଙ୍କ ପରୀକ୍ଷା ହୋଇଥିବା ବେଳେ ପ୍ରଶ୍ନପତ୍ର ଭାଇରଲ ହେଉଛି ସୋସିଆଲ ମିଡ଼ିଆରେ। ଏ ସମ୍ପର୍କରେ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀକାନ୍ତ ସାହୁ କହିଛନ୍ତି ସୂଚନା ମିଳୁଛି ଯଦି କୁହନ୍ତୁ,ଆମକୁ ଏ ସମ୍ବନ୍ଧରେ ଜଣା ନାହିଁ, ତଦାରଖ କରିବା।

# କଦଳୀରେ ସ୍ପ୍ରେ ହେଉଛି ମାରାତ୍ମକ ରସାୟନ

**ଖୋର୍ଦ୍ଧା, ୧୮।୩ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ସହର କଦଳୀ ବିକ୍ରି ପାଇଁ ବେଶ ପରିଚିତ। ଏଠାରେ ଶସ୍ତାରେ କଦଳୀ ମିଳେ ବୋଲି ସହର ଦେଇ ଯାତାୟାତ କରୁଥିବା ଲୋକ ଘରକୁ କଦଳୀ କିଣି ନେଇଥାନ୍ତି। ଆନ୍ଧ୍ର ପ୍ରଦେଶରୁ ଆସୁଥିବା କଦଳୀ ଉପରେ ନିର୍ଭରଶୀଳ ଖୋର୍ଦ୍ଧା ସହର। ପ୍ରତ୍ୟେକ ଦିନ ଦଶରୁ କୋଡ଼ିଏଟି ଗାଡ଼ିରେ କଦଳୀ ଏଠାରେ ଥିବା ଗୋଦାମକୁ ଆସିଥାଏ। ଏଠାରୁ ଛୋଟ ଛୋଟ ଖୁଚୁରା ବେପାରୀ ମାନଙ୍କ ପାଖକୁ ଗାଡ଼ି ମାଧ୍ୟମରେ ଗୋଦାମ ମାଲିକ କଦଳୀ ପଠାଇଥାନ୍ତି । ଖୋର୍ଦ୍ଧା ସହର ଉପରେ କଦଳୀ ନିମନ୍ତେ ଅନେକ ବ୍ୟବସାୟୀ ନିର୍ଭର କରିଥାନ୍ତି । ତେଣୁ ଏଠି କଦଳୀ ବ୍ୟବସାୟ ଏକ ଲାଭଜନକ ବ୍ୟବସାୟରେ ପରିଣତ ହୋଇଯାଇଛି ।

ଅନେକ ଦିନ ଧରି ଏଠାରେ କଦଳୀ ବିକ୍ରି କରି ଶହ ଶହ ଲୋକ ନିଜର ଗୁଜୁରାଣ ମେଣ୍ଟାଉଛନ୍ତି । ବର୍ତ୍ତମାନ କିଛି ମୁନାଫାଖୋର ବ୍ୟବସାୟୀ ଅଧିକ ଲାଭ ଆଶାରେ ମଣିଷ



ଜୀବନ ସହ ଖେଳିବାକୁ ପଛାଉନାହାନ୍ତି । କିଛି ଦିନ ତଳେ ସେଉଫଳରେ ମହମ ମିଶୁଥିବା, ଲିଚିରେ ରସାୟନ ଦିଆଯାଉଥିବା ଚର୍ଚ୍ଚା ହେବା ପରେ ଏବେ ପାଚିଲା କଦଳୀରେ 'ଏଥିଫୋନ-୩୯' ନାମକ ରାସାୟନିକ ଦ୍ରବ୍ୟ ସ୍ପ୍ରେ କରାଯାଉଥିବା ଜଣାପଡିଛି । ବଜାରରେ କଦଳୀର ଚାହିଦା ଦେଖି ବେପାରୀ ମାନେ ଅଳ୍ପ ସମୟ ମଧ୍ୟରେ ଅଧିକ ବେପାର କରିବାକୁ ଏହି ଉପାୟ ଅବଲମ୍ବନ କରୁଛନ୍ତି । ହେଲେ ଏହି ବିଷାକ୍ତ ରସାୟନ ଯେ ମଣିଷ ଶରୀର ପାଇଁ କେତେ କ୍ଷତିକାରକ, ସେଥିପ୍ରତି କାହାର ନିଘା ନାହିଁ । ବ୍ୟସ୍ତବହୁଳ ଜୀବନ ଭିତରେ କେହି ବି କିଛି ଯାଞ୍ଚ କରିବାକୁ ସମୟ ପାଉନାହାନ୍ତି। ଯେଉଁଠି ଯାହା ମିଳିଲା କିଣି ନେଉଛନ୍ତି । ଉପରକୁ ତତକା ଓ ତାଜା ଦେଖାଯାଉଥିବା ଖାଦ୍ୟ ପଦାର୍ଥ ପ୍ରକୃତରେ ଯେ କେତେ ମାରାତ୍ମକ, ତାହା ସାଧାରଣ ଲୋକଙ୍କ କଳ୍ପନା ବାହାରେ ।

କଦଳୀରେ ବ୍ୟବହାର ହେଉଥିବା ଏହି ରାସାୟନିକ ଦ୍ରବ୍ୟ ଦ୍ୱାରା ଚର୍ମ ରୋଗ ସୃଷ୍ଟି କରିବା ସହିତ ଆଖି ଫୁଲି ଯାଇ ଦୃଷ୍ଟି ଶକ୍ତି ହ୍ରାସ ପାଇବ ବୋଲି ବରିଷ୍ଠ ବିଶେଷଜ୍ଞ ମାନେ ପ୍ରକାଶ କରିଛନ୍ତି। ଭାରତରେ ଖାଦ୍ୟ ଅପମିଶ୍ରଣ ନିବାରଣ ଆଇନ ଧାରା ୪୪ ଅନୁଯାୟୀ ଏହାର ବ୍ୟବହାରକୁ ନିଷେଧ କରାଯାଇଛି । ଏହା ସତ୍ତ୍ୱେ ପ୍ରଶାସନିକ ଅଧିକାରୀଙ୍କ ଅପାରଗତା ଯୋଗୁଁ ଏହି ଆଇନ କଡ଼ାକଡ଼ି ଭାବେ ଲାଗୁ ହୋଇପାରିନାହିଁ। ଏଥିପ୍ରତି ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଏବଂ ଖୋର୍ଦ୍ଧା ଖାଦ୍ୟ ନିରାପତ୍ତା ଅଧିକାରୀ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ସାଧାରଣରେ ଦାବି ହୋଇଛି ।

### ଅଲ ଓଡ଼ିଶା ଅଙ୍ଗନବାଡି ଲେଡିଜ ୱାର୍କରସ ସଂଘ ପକ୍ଷରୁ ଆନ୍ଦୋଳନ

## ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ୧୦ ଦଫା ଦାବିପତ୍ର



**ନୟାଗଡ଼, ୧୮।୩ (ସଂଚାର ବ୍ୟୁରୋ):** ଭାରତୀୟ ମଜଦୁର ସଂଘ ସଲଗ୍ନ ଅଲ ଓଡିଶା ଅଙ୍ଗନବାଡି ଲେଡିଜ ୱାର୍କରସ ଆସୋସିଏସନ ପକ୍ଷରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆନ୍ଦୋଳନ କରାଯାଇଛି । ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ୧୦ ଦଫା ସମ୍ବଳିତ ଦାବି ପତ୍ର ପ୍ରଦାନ କରାଯାଇଛି। ନୟାଗଡ଼ ଜିଲ୍ଲା ଅଙ୍ଗନବାଡି ସଂଘର ସଭାପତି ଜ୍ୟୋତ୍ସ୍ନାମୟୀ ପଣ୍ଡା ଓ ସମ୍ପାଦିକା ଗୀତାଞ୍ଜଳି ସେଠିଙ୍କ ନେତୃତ୍ୱରେ ଏହି ବିକ୍ଷୋଭ କରାଯାଇଥିଲା। ସେମାନଙ୍କର ଦଫା ଦାବି ଗୁଡିକ ହେଲା - ୫୦ ବର୍ଷ ହେଲା ସ୍କିମ ୱାର୍କରସ ନାଁରେ ଅଙ୍ଗନୱାଡି କର୍ମୀ ଓ ସହକର୍ମୀଙ୍କୁ ଶୋଷଣ କରାଯାଉଛି। ତେଣୁ ପ୍ରୋଜେକ୍ଟକୁ ଉଚ୍ଛେଦ କରାଯାଉ, ସୁପର ଭାଇଜର ପଦବୀରେ ପାସିଙ୍ଗ ଇଅର ସିନିଅରଟି ଅଧାରରେ କର୍ମୀଙ୍କୁ ଶତପ୍ରତିଶତ ପଦୋନ୍ନତି ଦିଆଯାଉ, ଅଙ୍ଗନବାଡି କର୍ମୀଙ୍କୁ ସରକାରୀ କର୍ମଚାରୀ ଘୋଷଣା କରାଯାଉ। ଅଭିଜ୍ଞତାକୁ ନେଇ ପ୍ରତ୍ୟେକ ବର୍ଷ ଅଙ୍ଗନୱାଡି କର୍ମୀ ଇନକ୍ରିମେଣ୍ଟ ଦିଆଯାଉ, ନିର୍ବାଚନୀ ଇସ୍ତାହରରେ ଉଲେଖ କରିଥିବା ବର୍ଦ୍ଧିତ ସହାୟତା ରାଶିକୁ ସଙ୍ଗଠନ ସହିତ ଆଲୋଚନା କରାଯାଇ ତୁରନ୍ତ ଲାଗୁ କରାଯାଉ, ୨୦୧୮ ମସିହାରୁ ଆଜି ପର୍ଯ୍ୟନ୍ତ (ଏସଏନପି)ର ମୂଲ୍ୟ ବୃଦ୍ଧି ହୋଇନାହିଁ ତେଣୁ ତୁରନ୍ତ ଗରମ ରନ୍ଧା ଖାଦ୍ୟର ମୂଲ୍ୟ ରିଭାଇଜ କରାଯାଉ, ୨୦୨୧ରୁ ଦେଇ ନଥିବା ଅବସର କାଳିନ ସହାୟତା ରାଶି ତୁରନ୍ତ ପ୍ରଦାନ କରାଯାଉ, ଜିକେଏସର ଆବାହିକା ପଦବୀରୁ ଅଙ୍ଗନବାଡି କର୍ମୀଙ୍କୁ ବାଦ ଦିଆଯାଉ, ମାତୃ ବନ୍ଦନା ଯୋଜନା (ମମତା ଯୋଜନା) ର ଇନସେଣ୍ଟିଭ ୫୦୦ ଟଙ୍କାକୁ ବୃଦ୍ଧି କରାଯାଉ । ପୋଷଣ ଟ୍ରେକର ସମସ୍ତ କାର୍ଯ୍ୟକୁ ଠିକ ଭାବରେ କରିବା ପାଇଁ ୫-ଜି ମୋବାଇଲ ସହିତ ନେଟ ପ୍ୟାକ ବାବଦକୁ ବାର୍ଷିକ ୪୦୦୦ ଟଙ୍କା ପ୍ରଦାନ କରାଯାଉ ।

## ମୁଖ୍ୟମନ୍ତ୍ରୀ ବାଣ୍ଟିଲେ ନିଯୁକ୍ତିପତ୍ର, ନବନିଯୁକ୍ତଙ୍କୁ ଦେଲେ ପରାମର୍ଶ

# ଆପଣମାନେ ଜନତାଙ୍କ ସେବକ

**ଡଟି ବିଭାଗରେ ଯୋଗଦେଲେ ୮୧୨ କର୍ମଚାରୀ**

**୮ ମେଳାରେ ୨୫ ହଜାରରୁ ଉର୍ଦ୍ଧ୍ୱଙ୍କୁ ନିଯୁକ୍ତି**

**ସରକାରୀ ଚାକିରି ଜନସେବା ପାଇଁ ଉତ୍ସର୍ଗୀକୃତ**



ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ): ସରକାରୀ ଚାକିରି ସର୍ବଦା ଜନସେବା ପାଇଁ ଉତ୍ସର୍ଗୀକୃତ। ତେଣୁ ସରକାରୀ ଚାକିରିରେ ନିଯୁକ୍ତି ପାଉଥିବା ପ୍ରତିଟି ପଦବୀଧାରୀ ନିଜକୁ କଦାପି ଜନସାଧାରଣଙ୍କ ମାଲିକ ନୁହଁନ୍ତି, ବରଂ ସେବକ ବୋଲି ମନେ କରିବା ଉଚିତ। ସେମାନେ ନିଜର ନିଷ୍ଠା ଓ କର୍ତ୍ତବ୍ୟପରାୟଣତା ବଳରେ ସାଧାରଣ ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ସହ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହେବା ଆବଶ୍ୟକ। ନୂତନ ନିଯୁକ୍ତି ପାଉଥିବା ଯୁବକଯୁବତୀମାନଙ୍କ ପ୍ରତିଟି ନିଷ୍ପତ୍ତି ଓ କାର୍ଯ୍ୟ ଜନମଙ୍ଗଳ ଉପରେ ଆଧାରିତ ହେବା ଉଚିତ ବୋଲି ମତ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି ସ୍ଥାନୀୟ କୃଷି ଶିକ୍ଷା ସଦନଠାରେ ଆୟୋଜିତ ନିଯୁକ୍ତି ମେଳାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମୁଦାୟ ୫ଟି ବିଭାଗର ୮୧୨ ଜଣ ନବନିଯୁକ୍ତଙ୍କୁ ସେମାନଙ୍କ ନିଯୁକ୍ତିପତ୍ର ପ୍ରଦାନ କରିବା ସହ ଜନସାଧାରଣଙ୍କ ସମସ୍ୟାର ସମାଧାନକୁ ପ୍ରାଧାନ୍ୟ ଦେବା ସକାଶେ ପରାମର୍ଶ ଦେଇଛନ୍ତି। ଆଜି ନିଯୁକ୍ତିପତ୍ର ପାଇଥିବା ୮୧୨ ଜଣଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗର ଆୟୁଷ ନିର୍ଦ୍ଦେଶାଳୟର ୪୪୨ ଜଣ ଆୟୁଷ ଆସିଷ୍ଟାଣ୍ଟ, କୃଷି ବିଭାଗର ୬୫ ଜଣ ମୃତ୍ତିକା ସମ୍ପ୍ରସାରଣ କର୍ମଚାରୀ ଓ ୩୩ ଜଣ ସହକାରୀ ଉଦ୍ୟାନ କୃଷି ଅଧିକାରୀ, ଶକ୍ତି ବିଭାଗର ୪୮ ଜଣ ମ୍ୟାନେଜମେଣ୍ଟ ଟ୍ରେନି, ଜଳସମ୍ପଦ ବିଭାଗର ୧୨ ଜଣ କନିଷ୍ଠ ସହାୟକ ଓ ୧୪ ଜଣ ଅମିନ ଏବଂ ଇସ୍ପାତ ଓ ଖଣି ବିଭାଗର ୧୮୯ ଜଣ କନିଷ୍ଠ ଖଣି ଅଧିକାରୀ ଓ ୯ ଜଣ କନିଷ୍ଠ ସହାୟକ ସାମିଲ୍। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିକାଶଧାରାକୁ କ୍ରିୟାଶୀଳ ଏବଂ ଫଳପ୍ରସୂ କରିବା ସକାଶେ ଦକ୍ଷ ଓ ଉତ୍ତମ ମାନବ ସମ୍ବଳ ଅପରିହାର୍ଯ୍ୟ। ଏହି ମୌଳିକ ସତ୍ୟକୁ ଉପଲବ୍ଧି କରି ଆମ ସରକାର ଦୀର୍ଘ ବର୍ଷ ଧରି ଖାଲି ପଡ଼ିଥିବା ପଦବୀଗୁଡ଼ିକରେ ଉପଯୁକ୍ତ ମାନବ ସମ୍ବଳ ନିଯୁକ୍ତି ଆରମ୍ଭ କରିଛନ୍ତି। ରାଜ୍ୟର ବିକାଶ ଦିଗରେ ଆମ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। କ୍ଷମତାକୁ ଆସିବା ପରେ ଆମ ସରକାର ଚଳିତ ମାସ ଶେଷ ସୁଦ୍ଧା ବିଭିନ୍ନ ବିଭାଗରେ ଖାଲି ଥିବା ପଦ ପାଇଁ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସକାଶେ ଏକ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ଆମ ସରକାର କ୍ଷମତାକୁ ଆସିବାର ପ୍ରଥମ ଦୁଇ ବର୍ଷରେ ୬୫ ହଜାର ନିଯୁକ୍ତି ଦେବା ସହ ୫ ବର୍ଷରେ ୧.୫ ଲକ୍ଷ ନିଯୁକ୍ତି ଦେବାର ଲକ୍ଷ୍ୟ ରଖିଛନ୍ତି। ଏହି ଅନୁସାରେ, ଗତ ୯ ମାସ ମଧ୍ୟରେ ସରକାର ୭ଟି ନିଯୁକ୍ତି ମେଳା ମାଧ୍ୟମରେ ୨୪ ହଜାରରୁ ଉର୍ଦ୍ଧ୍ୱ ନିଯୁକ୍ତି ଦେଇ ଅଦ୍ୟାବଧି ଏହି ସଂଖ୍ୟାକୁ ୨୫ ହଜାର ଉପରେ ପହଞ୍ଚାଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହ କୌଣସି ସରକାରୀ ଅଧିକାରୀ କି କର୍ମଚାରୀ କଦାପି ଜନସେବାରୁ ବିଚ୍ୟୁତ ହେବା ଉଚିତ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ରାଜ୍ୟରେ ଆୟୁଷ ଚିକିତ୍ସାରେ ଉନ୍ନତି ପାଇଁ ଜାତୀୟ ଆୟୁଷ ମିଶନ ମାଧ୍ୟମରେ ୫୦ ଶଯ୍ୟା ବିଶିଷ୍ଟ ୩ଟି ସମନ୍ୱିତ ଆୟୁଷ ଚିକିତ୍ସାଳୟ ଢେଙ୍କାନାଳ, ବ୍ରହ୍ମପୁର ଓ ବାଲେଶ୍ୱରରେ ପ୍ରତିଷ୍ଠା ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହାଛଡ଼ା ସବୁ ପଞ୍ଚାୟତରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା ପାଇଁ ବଜେଟ୍‌ରେ ୫୦୦ କୋଟିର ବ୍ୟବସ୍ଥା ହୋଇଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନିଯୁକ୍ତିପତ୍ର ପାଇଥିବା

## ଆଜି ଶ୍ରୀବିଗ୍ରହଙ୍କ ବନକଲାଗି ନୀତି

● ଅପରାହ୍ନ ୫ଟାରୁ ୫ ଘଣ୍ଟା ଦର୍ଶନ ବନ୍ଦ



ପୁରୀ,୧୮।୩(ସଂଚାର ବ୍ୟୁରୋ): ଆସନ୍ତାକାଲି ପବିତ୍ର ଚୈତ୍ର କୃଷ୍ଣ ପଞ୍ଚମୀ ତିଥି ପଡୁଥିବା ବେଳେ ଏହି ତିଥିରେ ପୁରୀ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ସର୍ବସାଧାରଣ ପାଇଁ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିବ। ଏଥିସକାଶେ ପ୍ରାୟତଃ ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ପାଖାପାଖି ୫ ଘଣ୍ଟା ପାଇଁ ସାଧାରଣ ଭକ୍ତମାନେ ପ୍ରଭୁଙ୍କ ଦର୍ଶନ କରିପାରିବେ ନାହିଁ ବୋଲି ଆଜି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଆଇଏଏସ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ):** ଆଇଏଏସ୍ ସ୍ତରରେ ଛୋଟ ଧରଣର ଅଦଳବଦଳ ହୋଇଛି। ରାଜ୍ୟ ସରକାର ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ସମର୍ଥ ବର୍ମାଙ୍କୁ ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି। ତାଙ୍କୁ ଲଘୁ ଖଣିଜ ବିଭାଗ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିଭଳି ଲଘୁ ଖଣିଜ ବିଭାଗ ନିର୍ଦ୍ଦେଶକ ଥିବା କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଓଡିଶା ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଏଥିସହିତ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଥିବା ସୁଭମ ସକ୍ସେନାଙ୍କୁ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି।

## ଜ୍ୱାଇଁଙ୍କୁ ଗରମ ପାଣି ଫିଙ୍ଗିଲେ ଶଶୁରଘର ଲୋକେ

● ଘରୋଇ କଳିରୁ ଅଘଟଣ

ଆନନ୍ଦପୁର,୧୮।୩(ସଂଚାର ବ୍ୟୁରୋ): ଏଠାରେ ଘରୋଇ କଳହରୁ ଏକ ସାଂଘାତିକ ପରିସ୍ଥିତି ସୃଷ୍ଟି ହୋଇଛି। ଜ୍ୱାଇଁ ଉପରକୁ ଶଶୁର ଘର ଲୋକେ ଗରମ ପାଣି ଫିଙ୍ଗିବା ଫଳରେ ସେ ଗୁରୁତର ଭାବେ ଆହତ ହୋଇ ନିକଟସ୍ଥ ଆନନ୍ଦପୁର ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, କିଛି ଦିନ ପୂର୍ବରୁ ନନ୍ଦିପଦା ଥାନା ଠୁଣି ଗାଁର କୁଶ ନାଇକ ଉକ୍ତ ଗାଁର କୁନି ନାଇକଙ୍କୁ ବିବାହ କରିଥିଲେ। ବିବାହ ପରେ କୁଶ ଓ କୁନିଙ୍କ ମଧ୍ୟରେ ସର୍ବଦା କଳିଝଗଡ଼ା ଲାଗି ରହୁଥିଲା। ତେଣୁ କୁନି ଏବେ ତାଙ୍କ ଶାଶୂଘର ଛାଡ଼ି ବାପଘରେ ରହୁଛନ୍ତି। ତେବେ କୌଣସି କାମରେ ଆଜି ଶଶୁର ଘର ବାଟଦେଇ ଯାଉଥିବା ସମୟରେ ଅଚାନକ କୁନି, ତାଙ୍କ ମାଉସୀ ଓ ଭାଇ ଜ୍ୱାଇଁ କୁଶଙ୍କ ଉପରକୁ ଗରମ ପାଣି ଛାଟିଦେଇଥିଲେ। ଏଥିରେ କୁଶଙ୍କ ଶରୀରର ଅଧିକାଂଶ ଭାଗ ପୋଡ଼ି ଯାଇଥିବା ବେଳେ ତାଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ଏପରି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

● ଭୁବନେଶ୍ୱର ଉପକଣ୍ଠରେ ମର୍ମନ୍ତୁଦ ଦୁର୍ଘଟଣା

## ଘରୋଇ କଲେଜ ବସ୍ ଧକ୍କାରେ ସ୍କୁଟି ଚାଳକ ମୃତ

**ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ):** ଭୁବନେଶ୍ୱର ଉପକଣ୍ଠସ୍ଥ ଘାଟିକିଆ ରାସ୍ତାରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି, ଯେଉଁଥିରେ ଜନୈକ ଯୁବକଙ୍କ ମୃତ୍ୟୁ ହୋଇଛି। ଉକ୍ତ ଯୁବକ ଜଣଙ୍କ ସ୍କୁଟି ନେଇ ଯାଉଥିବା ସମୟରେ ଅଚାନକ ଉକ୍ତ ରାସ୍ତା ଦେଇ ଯାଉଥିବା ଏକ ଘରୋଇ ବିଶ୍ୱବିଦ୍ୟାଳୟର ବସ୍ ତାଙ୍କ ଉପରେ ମାଡ଼ିଯାଇଥିଲା। ଏହା ପ୍ରତିବାଦରେ ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ରାସ୍ତାରୋକ କରିଥିଲେ। ମୃତ ଯୁବକ ଜଣଙ୍କ ପାଇକରାପୁର ଅଞ୍ଚଳର ସୌମ୍ୟ ରଞ୍ଜନ ସାହୁ ବୋଲି ଜଣାପଡ଼ିଛି। ସ୍ଥାନୀୟ ଅଞ୍ଚଳରେ ଏହି ଦୁର୍ଘଟଣାକୁ ବିରୋଧ କରି ଲୋକେ ରାସ୍ତାରୋକ କରିବା ନେଇ ଅବଗତ ହେବା ପରେ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁଲିସ୍ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ପରିସ୍ଥିତି ନିୟନ୍ତ୍ରଣାଧୀନ କରିବା ସକାଶେ ଉଦ୍ୟମ ଜାରି ରଖିଥିବା ସୂଚନା ମିଳିଛି। ସୂଚନା ମୁତାବକ, ସୌମ୍ୟରଞ୍ଜନ ତାଙ୍କ ଦୋକାନକୁ



ଯିବା ସମୟରେ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା ଉକ୍ତ ଘରୋଇ କଲେଜ ବସ। ଦୁର୍ଘଟଣା ଘଟାଇବା ପରେ ବସ୍ ସହ ଡ୍ରାଇଭର୍ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ଉକ୍ତ ସ୍କୁଟି ଚାଳକଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ଘଟଣାସ୍ଥଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଅଧିକନ୍ତୁ ବେପରୁଆ ଚାଳନା ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବେପରୁଆ ଗାଡ଼ି ଚାଳନା ରୋକିବା ଦିଗରେ ପଦକ୍ଷେପ ନେବା ସହ ପ୍ରଶାସନ ତୁରନ୍ତ ମୃତ ସୌମ୍ୟରଞ୍ଜନଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଯୋଗାଇଦେବା ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଦୁର୍ଘଟଣାସ୍ଥଳରେ ମଧ୍ୟ ପ୍ରବଳ ଉତ୍ତେଜନା ଲାଗି ରହିଥିବା ବେଳେ ୪ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଏହାଛଡ଼ା ସ୍ଥାନୀୟ କର୍ପୋରେଟର ମଞ୍ଜୁଲତା କହଁର ମଧ୍ୟ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି।

## କଟକ ଯାଏ ଗଡ଼ିବ ମେଟ୍ରୋ

● ଉଚ୍ଚସ୍ତରୀୟ କମିଟିର ସମୀକ୍ଷା ଜାରି

ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ): ବାତିଲ ହେବନି ମେଟ୍ରୋ ପ୍ରକଳ୍ପ, ବରଂ ଡିପିଆର୍ ବଦଳିବ ଓ ଏୟାରପୋର୍ଟରୁ ତ୍ରିଶୂଳିଆ ପରିବର୍ତ୍ତେ କଟକ ପର୍ଯ୍ୟନ୍ତ ମେଟ୍ରୋ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବ। ଆଜି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏନେଇ ସୂଚନା ଦେବା ସହ ଏହା ଉପରେ ଉଚ୍ଚସ୍ତରୀୟ କମିଟି ସମୀକ୍ଷା କରୁଥିବା କହିଛନ୍ତି। ମନ୍ତ୍ରୀ ଦେଇଥିବା ସୂଚନାନୁସାରେ, ଆଗାମୀ ଦିନରେ ମେଟ୍ରୋ କଟକ ମୁଖ୍ୟ ବସଷ୍ଟାଣ୍ଡ ସହ ରେଳ ଷ୍ଟେସନ ଓ ଏସସିବି ମେଡିକାଲ ପର୍ଯ୍ୟନ୍ତ ଗଡ଼ିବ। ବର୍ତ୍ତମାନ ସମୟରେ ମେଟ୍ରୋ ପ୍ରକଳ୍ପର ଅଧିକ ଆବଶ୍ୟକତା ରହିଛି। ପୂର୍ବ ସରକାର କେବଳ ତ୍ରିଶୂଳିଆ ପର୍ଯ୍ୟନ୍ତ ମେଟ୍ରୋ ପରିକଳ୍ପନା କରିଥିଲେ। ହେଲେ ଲୋକେ ତ୍ରିଶୂଳିଆ ପର୍ଯ୍ୟନ୍ତ ଯାଇ କ'ଣ କରିବେ ବୋଲି ସେ ପାଲଟା ପ୍ରଶ୍ନ କରିଛନ୍ତି। ଯେହେତୁ ଯାତ୍ରୀମାନେ ମେଟ୍ରୋରେ କଟକ ଯାଏଁ ଯିବେ, ତେଣୁ ପ୍ରକଳ୍ପର ପରିଧି ବୃଦ୍ଧି ଉପରେ ଉଚ୍ଚସ୍ତରୀୟ କମିଟି ଅନୁଧ୍ୟାନ କରୁଛି। କମିଟିରେ ବୈଷୟିକ ଜ୍ଞାନସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ସ୍ଥାନ ଦିଆଯାଇଛି। ନନ୍ଦନକାନନ ରୋଡ୍‌ରେ ତିନିଥାକିଆ ରାସ୍ତା ନିର୍ମାଣ ସହ ସବା ଉପରେ ମେଟ୍ରୋ ଚାଲିବ। ତେବେ ମେଟ୍ରୋ ପ୍ରକଳ୍ପ ବାତିଲ ହୋଇଯିବା ନେଇ ଯେଉଁ ଚର୍ଚ୍ଚା ଚାଲିଛି, ତାକୁ ମନ୍ତ୍ରୀ ଶ୍ରୀ ମହାପାତ୍ର ସିଧାସଳଖ ଖଣ୍ଡନ କରିଛନ୍ତି। ମନ୍ତ୍ରୀଙ୍କ ଏପରି ଘୋଷଣାରେ କଟକବାସୀ ଖୁସି ପ୍ରକାଶ କରିବା ସହ ଏହା କାର୍ଯ୍ୟକ୍ଷମ ହେଲେ ଭୁବନେଶ୍ୱରରୁ କଟକ ଓ କଟକରୁ ଭୁବନେଶ୍ୱର ଯାଉଥିବା ଲୋକଙ୍କ ଯାତାୟାତ ସୁଗମ ହୋଇପାରିବ ବୋଲି କହିଛନ୍ତି। କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସ ସରକାରଙ୍କ ଏପରି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଏହା କଂଗ୍ରେସର ଦୀର୍ଘଦିନର ଦାବି ଥିଲା ବୋଲି ସେ କହିବା ସହ ସରକାର ପ୍ରକଳ୍ପକୁ କେବଳ ଘୋଷଣାରେ ସୀମିତ ନ ରଖି ଶୀଘ୍ର କାମ ଆରମ୍ଭ କରିବାକୁ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ବିରୋଧୀ ବିଜେଡି ପକ୍ଷରୁ ରାଜ୍ୟ ସରକାର ବାରମ୍ବାର ଡିପିଆର ନ ବଦଳାଇ ଅତି କମ୍‌ରେ ପ୍ରଥମେ ତ୍ରିଶୂଳିଆ ପର୍ଯ୍ୟନ୍ତ ମେଟ୍ରୋ ଚଳାନ୍ତୁ ବୋଲି କୁହାଯାଇଛି।

## ବୟାଳିଶ ମୌଜା ହତ୍ୟାକାଣ୍ଡ ମାମଲା

## ଡେମୋ ଦେଖାଇଲା ଅଭିଯୁକ୍ତ ପ୍ରକାଶ



କଟକ,୧୮।୩(ସଂଚାର ବ୍ୟୁରୋ): କ୍ରୋଧ ସହ ନିଶା ପଞ୍ଚ୍ ହେଲେ ସରିଗଲା କଥା। କିଛି ନା କିଛି ଅଘଟଣ ଘଟିବା ଥୟ। ତା' ପରେ ଗଡ଼େ ମୁଣ୍ଡ। ଏହାର ପ୍ରକୃଷ୍ଟ ଉଦାହରଣ ଦେଖିବାକୁ ମିଳିଥିଲା କଟକ ବୟାଳିଶ ମୌଜା ଥାନା ଅଞ୍ଚଳରେ ଗତ ହୋଲି ଦିନ। ଘରେ ଚାଲିଥିଲା ରଙ୍ଗ ଖେଳ। ହୋଲି ପାଳନ ସହ ଚାଲିଥିଲା ରୋଷେଇବାସ। ମଦ ଆଉ ମାଂସର ହୋଇଥିଲା ବ୍ୟବସ୍ଥା। ଘରେ ଭଡ଼ାରେ ରହୁଥିଲେ ଅଭିଯୁକ୍ତ ପ୍ରକାଶ ସୂତାର ଆଉ ତାଙ୍କ ପାଖକୁ ବନ୍ଧୁ ବିକାଶ ମହାନ୍ତି ଆସିଥିଲେ ରଙ୍ଗ ଖେଳିବା ପାଇଁ। କିନ୍ତୁ ସେ ଜାଣିନଥିଲେ ଯେ ଏହା ତାଙ୍କ ଜୀବନର ଶେଷ ରଙ୍ଗଖେଳ ହେବ। ରଙ୍ଗ ଖେଳିବା ପରେ କ୍ୟାରମ ଖେଳ ଆରମ୍ଭ ହୋଇଥିଲା। ଚାରିପଟେ ପଡ଼ିଥିଲା ସୋଫା। କ୍ୟାରମ ଖେଳୁ ଖେଳୁ ଅଚାନକ ବୋର୍ଡ ଉପରେ ପାଣି ପଡ଼ିଯାଇଥିଲା। ଏଥିରେ ଅତି ମାତ୍ରାରେ କ୍ରୋଧାନ୍ୱିତ ହୋଇଯାଇଥିଲେ ଅଭିଯୁକ୍ତ ପ୍ରକାଶ। ଖାଇ ବସିବା ମଧ୍ୟ ଏହାକୁ ନେଇ ପ୍ରକାଶ ଓ ବିକାଶଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସେଠାରୁ ଉଠିଯାଇ ପ୍ରକାଶ ଅନ୍ୟ ଏକ ରୁମ୍‌ରେ ଥିବା ବନ୍ଧୁକ ଆଣି ଲଗାଇଦେଇଥିଲା ବିକାଶଙ୍କ ମୁଣ୍ଡରେ। କିନ୍ତୁ ବିକାଶ ଏହାକୁ ସେତେଟା ଗୁରୁତ୍ୱ ଦେଇନଥିଲେ। ତା'ଛଡ଼ା ସାମାନ୍ୟ ଘଟଣାକୁ ନେଇ ପ୍ରକାଶ ତାଙ୍କୁ ଗୁଳି କରିଦେବ, ଏପରି ସେ କଦାପି ଚିନ୍ତା କରିନଥିଲେ। କିନ୍ତୁ ତାଙ୍କର ସମସ୍ତ ଆକଳନ ଭୁଲ୍ ଥିଲା ଓ ପ୍ରକାଶ ଗୁଳି ଫୁଟାଇଦେଇଥିଲା। ଚାହୁଁ ଚାହୁଁ ସେହିଠାରେ ହିଁ ଚଳିପଡ଼ିଥିଲେ ବିକାଶ। ଆଜି ଗତ ହୋଲିର ଏହି ଛାତିଥରା ଘଟଣାର ଦୃଶ୍ୟ ଅବତାରଣା କରିଛି ଖୋଦ୍ ଅଭିଯୁକ୍ତ ପ୍ରକାଶ। ତାକୁ ପୁଲିସ୍ ଆଜି ହତ୍ୟାକାଣ୍ଡ ଘଟିଥିବା ଘରକୁ ଆଣି ଲାଇଭ୍ ଡେମୋ ଦେବାକୁ କହିଥିଲା। ଏହି ଲାଇଭ୍ ଡେମୋ ଦେଖାଇବା ସମୟରେ ହତ୍ୟାକାଣ୍ଡ ଦିନ ଘଟଣାସ୍ଥଳରେ ମହଜୁଦ ଥିବା ଅନ୍ୟ ୫ ସନ୍ଦିଗ୍ଧ ମଧ୍ୟ ରହିଥିଲେ। ଏହି ଏହି ହତ୍ୟାକାଣ୍ଡ ଘଟଣାରେ ଅଭିଯୁକ୍ତ ଲିଟୁ ଓରଫ ପ୍ରକାଶକୁ ରିମାଣ୍ଡରେ ଆଣିଛି କମିଶନରେଟ ପୁଲିସ। ଆଜି ଘଟଣାସ୍ଥଳକୁ ଅଭିଯୁକ୍ତକୁ ଆଣି ସିନ୍ ରିକ୍ରିଏଟ୍ କରିଛି ପୁଲିସ। କେଉଁ ପରିସ୍ଥିତିରେ ବନ୍ଧୁ ବିକାଶଙ୍କୁ ଗୁଳି କଲା, ତା' ଦେଖାଇଛି ଅଭିଯୁକ୍ତ। ତେବେ ହତ୍ୟାକାଣ୍ଡରେ ବ୍ୟବହୃତ ବନ୍ଧୁକ ପ୍ରକାଶ କାହାଠାରୁ ଆଣିଛି, କେତେ ଦିନ ଧରି ନିଜ ପାଖରେ ସେ ଏହାକୁ ରଖିଥିଲା, କାହିଁକି ହଠାତ୍ ଉତ୍ତ୍ୟକ୍ତ ହୋଇ ଗୁଳି ଚଳାଇଲା ନା ପୂର୍ବରୁ ବିକାଶଙ୍କୁ ମାରିବା ପାଇଁ ସେ ଯୋଜନା ପ୍ରସ୍ତୁତ କରିଥିଲା, ଯଦିବା ଆଗରୁ ଯୋଜନା କରିଥିଲା, ତା'ହେଲେ ଏହି ହତ୍ୟାକାଣ୍ଡ ପଛର କାରଣ କ'ଣ, ସନ୍ଦିଗ୍ଧ ୫ ଜଣଙ୍କର ଏହି ହତ୍ୟାକାଣ୍ଡ ସହ ସମ୍ପୃକ୍ତି ରହିଛି କି ନାହିଁ, ତା' ଜାଣିବା ସକାଶେ ବିଭିନ୍ନ ଦିଗରୁ ପୁଲିସ୍ ତଦନ୍ତ ଚଳାଇଛି। ଆସନ୍ତାକାଲି ପ୍ରକାଶନର ତିନିଦିନିଆ ରିମାଣ୍ଡ ଅବଧି ଶେଷ ହେଉଥିବାରୁ ତାକୁ ପଚରାଉଚରା ମାଧ୍ୟମରେ ଅଧିକରୁ ଅଧିକ ତଥ୍ୟ ପ୍ରମାଣ ହାସଲ ପାଇଁ ପୁଲିସ୍ ଉଦ୍ୟମ ଚଳାଇଛି।

## ଗୁଣିଗାରେଡ଼ି ସନ୍ଦେହରୁ ଗୋଷ୍ଠୀ ସଂଘର୍ଷ: ୩ ମୃତ

**ବ୍ରହ୍ମପୁର,୧୮।୩(ସଂଚାର ବ୍ୟୁରୋ):** ଗଞ୍ଜାମର ବଡ଼ଗଡ଼ ଥାନା ଅଞ୍ଚଳରେ ଭୟଙ୍କର ଗୋଷ୍ଠୀ ସଂଘର୍ଷ। ସଂଘର୍ଷରେ ଉଭୟ ଗୋଷ୍ଠୀର ୩ ଜଣ ପ୍ରାଣ ହରାଇଛନ୍ତି। ଗୋଟିଏ ଗୋଷ୍ଠୀର ବାପା ଓ ପୁଅଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଏକ ଗୋଷ୍ଠୀର ଜଣେ ପ୍ରାଣ ହରାଇଛନ୍ତି। ବଡଗଡ ଥାନା ଖାରିପଲ୍ଲୀ ଗାଁରେ ଏହି ଘଟଣା ଘଟିଛି। ଗୋଟିଏ ଗୋଷ୍ଠୀର ଲୋକେ ଅନ୍ୟ ଗୋଷ୍ଠୀର ଦୁଇଜଣଙ୍କୁ ନିର୍ମମ ହତ୍ୟା କରିଛନ୍ତି। ପ୍ରାଣ ହରାଇଥିବା ଦୁଇଜଣ ବାପା ଓ ପୁଅ ବୋଲି ଜଣାପଡିଛି। ଦୁଇ ଜଣ ବାପା ପୁଅ ହେଲେ ଖଡାଲ ବେହେରା ଓ ରତ୍ନାକର ବେହେରା। ଅନ୍ୟ ଏକ ଗୋଷ୍ଠୀର ରମେଶ ବେହେରା ଗୁରୁତର ହୋଇଛନ୍ତି। ଏମାନଙ୍କୁ ଧରାକୋଟ ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ଦୁଇଟି ମୃତଦେହ ପଡିଛି। ଗୁଣିଗାରେଡିକୁ କେନ୍ଦ୍ରକରି ଗାଁରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି । ଘଟଣା ପରେ ଖାରିପଲ୍ଲୀ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । ୫ଟି ଥାନା ଶେରଗଡ, ସୋରଡା, ବଡଗଡ, ଧରାକୋଟ ଓ ଆସ୍କା ଥାନାର ଆଇଆଇସି ଗାଁରେ ପହଞ୍ଚିଛନ୍ତି ।

## ଭିଜିଲାନ୍ସ କୋର୍ଟରେ ପୂର୍ବତନ ଏଟିସି ଦୋଷୀ ସାବ୍ୟସ୍ତ

● ୨ ବର୍ଷ ଜେଲ୍ ସହ ଜରିମାନା, ବନ୍ଦ ହେବ ପେନସନ




କଟକ,୧୮।୩(ସଂଚାର ବ୍ୟୁରୋ): ପୂର୍ବତନ ସହକାରୀ ଟ୍ୟାକ୍ସ କଲେକ୍ଟର (ଏଟିସି) ଆଜି ଭିଜିଲାନ୍ସ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସୁବର୍ଣ୍ଣପୁର ମ୍ୟୁନିସପାଲିଟିର ପୂର୍ବତନ ଏଟିସି ଶିବରାମ ସାହୁଙ୍କୁ ଏହି ମାମଲାରେ କୋର୍ଟ ଦୁଇ ବର୍ଷ ପାଇଁ ସଶ୍ରମ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ପଇଠ କରିବା ସକାଶେ ଆଦେଶ ଦେଇଛନ୍ତି। ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଏହି ଆଦେଶ ଦେଇଥିବା ବେଳେ ଅଦାଲତ। ଏହି ଦଣ୍ଡାଦେଶ ପରିପ୍ରେକ୍ଷୀରେ ଶ୍ରୀ ସାହୁଙ୍କ ପେନ୍‌ସନ୍ ବନ୍ଦ କରିବା ସକାଶେ ଭିଜିଲାନ୍ସ ପକ୍ଷରୁ ରାଜ୍ୟ ସରକାରଙ୍କୁ ନିବେଦନ କରାଯିବ ବୋଲି ମଧ୍ୟ କୁହାଯାଇଛି। ଶ୍ରୀ ସାହୁଙ୍କ ବିରୋଧରେ ସରକାରୀ ଅର୍ଥ ତୋଷରପାତ ନେଇ ଅଭିଯୋଗ ଆସିଥିଲା। ସେ ଏଟିସି ଭାବେ କାର୍ଯ୍ୟ କରୁଥିବା ସମୟରେ ଜନସାଧାରଣଙ୍କଠାରୁ ପାନୀୟ ଜଳ ଯୋଗାଣ ବାବଦ ବିଲ୍, ନିର୍ମାଣ ଫି', ବିଭିନ୍ନ କ୍ୟାବିନ୍‌ରୁ ଲାଇସେନ୍ସ ଫି', ସାପ୍ତାହିକ ମାର୍କେଟ୍ ଫି' ଓ ପାର୍କିଂ ଫି' ନିୟମିତ ଭାବେ ଆଦାୟ କରୁଥିଲେ। ଏ ବାବଦରେ ସେ ଉକ୍ତ ଫି' ପଇଠ କରିଥିବା ଲୋକଙ୍କୁ ସରକାରୀ ରସିଦ୍ ଦେଉଥିଲେ ମଧ୍ୟ ସେମାନଙ୍କଠାରୁ ଆଦାୟ କରିଥିବା ଅର୍ଥ ସରକାରୀ ତହବିଲ୍‌ରେ ପଇଠ କରୁନଥିଲେ। ଏହାଛଡ଼ା ମ୍ୟୁନିସିପାଲିଟିର ଧାର୍ଯ୍ୟ ଦୈନିକ ଆଦାୟ ରେଜିଷ୍ଟର୍‌ରେ ମଧ୍ୟ ଏନେଇ କିଛି ବି ଉଲ୍ଲେଖ କରୁନଥିଲେ। ଏହାଦ୍ୱାରା ସେ ଓଡ଼ିଶା ମ୍ୟୁନିସିପାଲିଟି ଆଇନ୍-୧୯୫୩ର ଉଲ୍ଲଙ୍ଘନ କରିଥିଲେ। ତେଣୁ ତାଙ୍କୁ ସରକାରୀ ଅର୍ଥ ତୋଷରପାତ ଅଭିଯୋଗରେ କୋର୍ଟ ଉପରୋକ୍ତ ଦଣ୍ଡ ବିଧାନ କରିଛନ୍ତି।

## ମାଡିଲା ଦନ୍ତା, ମହିଳାଙ୍କୁ କଚାଡ଼ି ମାରିଲା

● ଆକ୍ରମଣରେ ସ୍ୱାମୀ ଓ ୨ ପୁଅ ଆହତ

ଦେବଗଡ଼,୧୮।୩(ସଂଚାର ବ୍ୟୁରୋ): ଦେବଗଡ଼ରେ ଏବେ ଏକ ଦନ୍ତାର ଉତ୍ପାତ ଦେଖିବାକୁ ମିଳିଛି। ଏହି ଦନ୍ତାଟି ଜନୈକା ମହିଳାଙ୍କୁ ଘରୁ ଟାଣି ଆଣି ଶୁଣ୍ଢରେ କଚାଡ଼ି ମାରିଦେଇଛି। ଫଳରେ ଗୋଟିଏ ପରିବାର ଛାରଖାର ହୋଇଯାଇଛି। ମହିଳାଙ୍କୁ ମାରିବା ସହ ଉକ୍ତ ଦନ୍ତା ଆକ୍ରମଣ କରିବା ଫଳରେ ସ୍ୱାମୀ ଓ ୨ ପୁଅ ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି। ସ୍ଥାନୀୟ କୁଣ୍ଢେଇଗୋଲା ଫରେଷ୍ଟ ସେକ୍ସନ୍ ଅନ୍ତର୍ଗତ ତିଲେଇପଶି ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଗୁରୁତର ଆହତ ସ୍ୱାମୀ ଓ ଦୁଇ ପୁଅଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ମହିଳା ଜଣଙ୍କ ପୂଜା ମାହାର ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଗତକାଲି ରାତିରେ ପୂଜା ତାଙ୍କ ସ୍ୱାମୀ ଓ ୨ ପୁଅଙ୍କ ସହ ଘରେ ଶୋଇଥିଲେ। ତେବେ ହଠାତ୍ ବିଳମ୍ବିତ ରାତିରେ ଉକ୍ତ ଦନ୍ତାଟି କାନ୍ଥ ଭାଙ୍ଗିବା ସହ ଘର ଭିତରେ ପଶିଥିଲା। ହାତୀକୁ ଦେଖି ପରିବାର ଲୋକେ ଭୟଭୀତ ହୋଇପଡ଼ିଥିଲେ। ନିଜ ନିଜ ଜୀବନ ବଞ୍ଚାଇବା ସକାଶେ ଘରୁ ବାହାରକୁ ଆସିବା ସକାଶେ ଉଦ୍ୟମ କରିଥିଲେ। ଏହି ସମୟରେ ଦନ୍ତାଟି ପୂଜାଙ୍କୁ ଶୁଣ୍ଢରେ ଟାଣି ଆଣି ତଳେ କଚାଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏତିରେ ଉକ୍ତ ଦନ୍ତାର କ୍ରୋଧ ଶାନ୍ତ ହୋଇପଡ଼ି ନଥିଲା। ସେ ପୂଜାଙ୍କ ସ୍ୱପାମୀ ଓ ଦୁଇ ପୁଅଙ୍କୁ ମଧ୍ୟ ଆକ୍ରମଣ କରିଥିଲା।

## ବିଧାନସଭାରେ ବିସ୍ତୃତ ତଥ୍ୟ ଉପସ୍ଥାପନ କଲେ ମନ୍ତ୍ରୀ

## ଶିମିଳିପାଳ ସୁରକ୍ଷା ସରକାରଙ୍କ ପ୍ରାଥମିକତା



● ୩ ବର୍ଷରେ ୧୦୩ ମାମଲା, ୨୫୫ ଗିରଫଦାରୀ

● ଅଗ୍ନିକାଣ୍ଡ ରୋକିବାକୁ ବ୍ୟାପକ ବ୍ୟବସ୍ଥା

ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ): ଶିମିଳିପାଳର ଉନ୍ନତ ଜୈବବିବିଧତା ଓ ବନ୍ୟଜନ୍ତୁଙ୍କୁ ରକ୍ଷା କରିବା ପାଇଁ ଏହାକୁ ୧୯୭୩ରୁ ବ୍ୟାଘ୍ର ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ଏହାର ସୁରକ୍ଷା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି ବୋଲି ଆଜି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ବିଧାନସଭାରେ କହିଛନ୍ତି। ସେ କହିଛନ୍ତି ଯେ ଶିମିଳିପାଳର ଭିତ୍ତିଭୂମିକୁ ମଜବୁତ କରିବା ପାଇଁ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା-ପ୍ରୋଜେକ୍ଟ ବ୍ୟାଘ୍ର ମାଧ୍ୟମରେ ନିରନ୍ତର ଆର୍ଥିକ ସହଯୋଗ ବ୍ୟବସ୍ଥା ହେଉଛି। ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ବନ୍ୟଜନ୍ତୁ ସଂରକ୍ଷଣକୁ ସୁଦୃଢ଼ କରିବା ନିମନ୍ତେ ଆଗାମୀ ୧୦ ବର୍ଷ ପାଇଁ ନୂତନ ବ୍ୟାଘ୍ର ସଂରକ୍ଷଣ ଯୋଜନା ୨୦୨୩-୨୪ରୁ ୨୦୩୨-୩୩ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଶିକାରୀ ଓ ବନ୍ୟଜନ୍ତୁଙ୍କ ତଦାରଖ ନିମନ୍ତେ ଏଆଇ କ୍ୟାମେରା, ଇନଫ୍ରା ରେଡ କ୍ୟାମେରା ଏବଂ ଟ୍ରାପ କ୍ୟାମେରା ଲଗାଯାଇଛି। ବୃକ୍ଷ ଏବଂ ବନ୍ୟଜନ୍ତୁଙ୍କ ସୁରକ୍ଷା ନିମନ୍ତେ ଶିମିଳିପାଳ ସ୍ୱତନ୍ତ୍ର ବ୍ୟାଘ୍ର ସୁରକ୍ଷା ବାହିନୀ ଗଠିତ ହୋଇଛି। ଏଥିସହ ସ୍ଥାୟୀ ବନ କର୍ମଚାରୀଙ୍କୁ ବି ସୁରକ୍ଷାରେ ନିୟୋଜିତ କରାଯାଇଛି। ଶିମିଳିପାଳର ପାଦଦେଶରେ ବନ ସୁରକ୍ଷା ବାହିନୀ ଓ ଇକୋ-ଡେଭଲପମେଣ୍ଟ କମିଟି ମାଧ୍ୟମରେ ଶିମିଳିପାଳର ସୁରକ୍ଷା ଦିଗରେ ପଦକ୍ଷେପ ନିଆଯାଉଛି। ଶିକାରୀ ଓ ଅନୁପ୍ରବେଶକାରୀଙ୍କୁ ରୋକିବା ସକାଶେ ୧୩୫ଟି ଶିକାର ନିରୋଧକ ଶିବିର ଓ ଅସ୍ଥାୟୀ ମଞ୍ଚା ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ବନଖଣ୍ଡରେ ଓ ୭୯ଟି ଶିକାର ନିରୋଧକ ଶିବିର ଶିମିଳିପାଳ ଉତ୍ତର ବନ୍ୟପ୍ରାଣୀ ବନଖଣ୍ଡରେ ସ୍ଥାପନ କରାଯାଇଛି। ଖରାଦିନେ ନିଆଁଦାଉରୁ ରକ୍ଷା କରିବାକୁ ଅଗ୍ନିରେଖା ସୃଷ୍ଟି କରାଯାଉଛି। ସ୍ୱତନ୍ତ୍ର ନିଯୁକ୍ତି ଦିଆଯିବା ସହ ଜନସଚେତନତା ସୃଷ୍ଟି କରାଯାଉଛି। ବାଘ ତଥା ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ଗତିବିଧିକୁ ଅନୁସରଣ ପାଇଁ ଏମ୍-ଷ୍ଟ୍ରାଇପସ ବ୍ୟବସ୍ଥା ହୋଇଛି। ବନ୍ୟଜନ୍ତୁଙ୍କ ବୃଦ୍ଧି ଓ ସୁଗମ ଚଳପ୍ରଚଳ ପାଇଁ ଶିମିଳିପାଳ ଅଭ୍ୟନ୍ତରରେ ଥିବା ସମସ୍ତ ଗ୍ରାମ (ବକୁଆ ଗ୍ରାମ ବ୍ୟତୀତ) ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ବାଘ ସଂଖ୍ୟା ବୃଦ୍ଧି ଓ ସେମାନଙ୍କ ଜିନ୍‌ର ଉନ୍ନତି ପାଇଁ ବାହାର ରାଜ୍ୟରୁ ବାଘ ସ୍ଥାନାନ୍ତରଣ ଯୋଜନା କାର୍ଯ୍ୟକାରୀ ହେଉଛି। ଆହୁରି ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ ସଂରକ୍ଷଣ ନିମନ୍ତେ ସ୍ଥାୟୀ ବନ କର୍ମଚାରୀ ଓ ପୁଲିସ କର୍ମଚାରୀଙ୍କୁ ନେଇ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି। ଗତ ୩ ବର୍ଷରେ ଅଭୟାରଣ୍ୟରେ ୧୦୩ଟି ବନ୍ୟପ୍ରାଣୀ ଅପରାଧ ମାମଲା ରୁଜୁ କରାଯିବା ସହ ୨୫୫ ଶିକାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୫୭ଟି ବନ୍ଧୁକ ମଧ୍ୟ ଜବତ ହୋଇଛି ବୋଲି ଶ୍ରୀ ସିଂଖୁଣ୍ଟିଆ କହିଛନ୍ତି।

# ରାଜ୍ୟରେ ବର୍ଷକୁ ନିଖୋଜ ହେଉଛନ୍ତି ୨୮ ହଜାର

● ସିଂହଭାଗ ମହିଳା ଓ ନାବାଳିକାଙ୍କ ପତ୍ତା ମିଳିପାରୁନି

● ପୁଲିସ୍ ପାଇଁ ବଡ଼ ଆହ୍ୱାନ

● ସମସ୍ୟାକୁ ଜଟିଳ କରୁଛି ବିଳମ୍ବିତ ଏତଲା



ଭୁବନେଶ୍ୱର,୧୮।୩: ଓଡ଼ିଶାରେ ବର୍ଷକୁ ପ୍ରାୟ ୨୮ ହଜାର ଲୋକ ନିଖୋଜ ହେଉଛନ୍ତି। ଏମାନଙ୍କ ଭିତରୁ ଶିଶୁଙ୍କ ସଂଖ୍ୟା ହେଉଛି ୬୭୦୦ରୁ ଅଧିକ। ନିଖୋଜ ବ୍ୟକ୍ତିଙ୍କ ଭିତରେ ବାଳିକା ଓ ମହିଳାଙ୍କ ସଂଖ୍ୟା ଢେର ଅଧିକ ରହୁଥିବା ଏବଂ ଏମାନଙ୍କ ଭିତରୁ ଅନେକଙ୍କୁ ଉଦ୍ଧାର କରାଯାଇ ପାରୁନଥିବାରୁ ଏହା ପଛରେ ଅପରାଧିକ ଗ୍ୟାଙ୍ଗର ର୍‍ୟାକେଟ୍ କାମ କରୁଥିବା ଆଶଙ୍କା କରାଯାଉଛି। ସରକାରୀ ରିପୋର୍ଟ ମୁତାବକ, ଗତ ୨୦୨୪ରେ ଓଡ଼ିଶାରେ ୬୭୨୭ ଜଣ ଶିଶୁ ନିଖୋଜ ହୋଇଥିବା ବେଳେ ଏମାନଙ୍କ ଭିତରେ ୫୯୮୯ ଜଣ ବାଳିକା ଓ ୭୩୮ ଜଣ ବାଳକ ଥିଲେ। ଏହି ବର୍ଷରେ ୫୧୪ ଜଣ ବାଳିକା ଓ ୫୬ ଜଣ ବାଳକଙ୍କୁ ମିଶାଇ ୫୭୦ ଜଣଙ୍କୁ ଉଦ୍ଧାର କରାଯାଇଛି। ଅବଶିଷ୍ଟ ୬ ହଜାରରୁ ଅଧିକ ଶିଶୁ କୁଆଡ଼େ ଗଲେ ଓ କେଉଁଠି ଅଛନ୍ତି, ସେମାନଙ୍କ ଖୋଜ୍‌ଖବର ନଥିବାବେଳେ ପରିବାରବର୍ଗ ଆଶା ଓ ଆଶଙ୍କା ମଧ୍ୟରେ ଦିନ କାଟୁଛନ୍ତି। ସେହିଭଳି ଗତବର୍ଷ ୧୬,୦୧୪ ଜଣ ମହିଳା ଓ ୫୧୯୯ ଜଣ ପୁରୁଷଙ୍କୁ ମିଶାଇ ମୋଟ୍ ୨୧,୨୧୩ ଜଣ ନିଖୋଜ ହୋଇଥିବା ସରକାରୀ ରିପୋର୍ଟ କହୁଛି। ଏମାନଙ୍କ ମଧ୍ୟରୁ ୫୨୩୪ ଜଣ ମହିଳା ଓ ୨୧୯୩ ଜଣ ପୁରୁଷଙ୍କୁ ମିଶାଇ ୭୪୨୭ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅବଶିଷ୍ଟ ପ୍ରାୟ ୧୪ ହଜାର କୁଆଡ଼େ ଗଲେ, ସେନେଇ କୌଣସି ସୂଚନା ନାହିଁ। ଏହି ହିସାବ ମୁତାବକ, ଓଡ଼ିଶାରେ ଦୈନିକ ହାରାହାରି ୧୮ ଜଣ ଶିଶୁ ଗତବର୍ଷ ନିଖୋଜ ହୋଇଛନ୍ତି, ଯେଉଁମାନଙ୍କ ମଧ୍ୟରୁ ୧୬ ଜଣ ବାଳିକା। ସେହିଭଳି ଦୈନିକ ହାରାହାରି ୬୦ ଜଣ ବ୍ୟକ୍ତି ଓଡ଼ିଶାରୁ ଗତବର୍ଷ ନିଖୋଜ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା ୪୩। ଏତେସଂଖ୍ୟକ ମହିଳା ଓ ବାଳିକା ନିଖୋଜ ହେବା ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ପତ୍ତା ମିଳିପାରୁନଥିବା ଦୃଷ୍ଟିରୁ ଏହା ପୁଲିସ୍ ପ୍ରଶାସନ ପାଇଁ ଏକ ଆହ୍ୱାନ ହୋଇଛି। ଇତିମଧ୍ୟରେ ରାଜ୍ୟ ସରକାର ବିଧାନସଭାରେ ଦେଇଥିବା ତଥ୍ୟ ମୁତାବକ, ଗତ ୮ ମାସ ଭିତରେ ୨୦,୦୬୦ ଜଣ ଓଡ଼ିଶାରୁ ନିଖୋଜ ହୋଇଥିବା ବେଳେ ସେମାନଙ୍କ ଭିତରୁ ୭୦୪୮ ଜଣ ଠାବ ହୋଇଛନ୍ତି ଏବଂ ୧୩,୦୧୨ ଜଣଙ୍କର ପତ୍ତା ମିଳିପାରିନାହିଁ। ତେବେ ନିଖୋଜ ନେଇ ନିକଟସ୍ଥ ଥାନାରେ ତୁରନ୍ତ ମାମଲା ଦରଜ କରାଯାଉନଥିବାରୁ ବିଳମ୍ବରେ ପୁଲିସ୍ ନଜରକୁ ଏହା ଆସୁଛି। ତେଣୁ ନିଖୋଜମାନଙ୍କୁ ଉଦ୍ଧାର କରିବା ପୁଲିସ୍ ପକ୍ଷରେ କାଠିକର ପାଠ ହୋଇପଡୁଛି। ଗତ ୮ ମାସ ମଧ୍ୟରେ ବି ନିଖୋଜ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ମହିଳା ଓ ବାଳିକାଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ରହିଛି। ମୋଟାମୋଟି ଭାବେ ରାଜ୍ୟରେ ଅପରାଧ ସଂଖ୍ୟା ବର୍ଷକୁ ବର୍ଷ ବଢ଼ି ବଢ଼ି ଚାଲିଛି। ୨୦୨୪ରେ ସରକାରୀ ତଥ୍ୟ ମୁତାବକ ୨,୧୪,୧୧୩ଟି ଧର୍ତ୍ତବ୍ୟ ଅପରାଧ ମାମଲା ରାଜ୍ୟର ବିଭିନ୍ନ ଥାନାରେ ଦରଜ ହୋଇଛି। ଏଥି ମଧ୍ୟରୁ ୧୨୫୮ଟି ହତ୍ୟା ମାମଲା ହୋଇଥିବା ବେଳେ ୩୦୫୪ଟି ବଳାତ୍କାର ଓ ୧୨,୩୭୫ଟି ମୋଟରଯାନ ଦୁର୍ଘଟଣା ମାମଲା ରହିଛି। ସେହିପରି ଏବେ ରାଜ୍ୟର ଆଇନ୍ ଅଦାଲତଗୁଡ଼ିକରେ ୨୦ ଲକ୍ଷରୁ ଅଧିକ ମାମଲା ବିଚାର ପ୍ରତୀକ୍ଷାରେ ଥିବା ବେଳେ ସେଥିରୁ ପ୍ରାୟ ୧୩ ଲକ୍ଷ ହେଉଛି ଅପରାଧିକ ମାମଲା। ଏଥିମଧ୍ୟରେ ମହିଳାଙ୍କ ପ୍ରତି ଘଟିଥିବା ଅପରାଧିକ ମାମଲା ସଂଖ୍ୟା ୨ ଲକ୍ଷରୁ ଅଧିକ ହେବ। ମହିଳାଙ୍କ ପ୍ରତି ଘଟୁଥିବା ଅପରାଧିକ ମାମଲାରୁ ବର୍ଷରେ ୫ ପ୍ରତିଶତ ଫଏସଲା ହୋଇପାରୁନଥିବାବେଳେ ଦଣ୍ଡବିଧାନ ହାର ୧୦ ପ୍ରତିଶତରୁ ବି କମ୍ ରହିଥିବା ଏନସିଆରବି ରିପୋର୍ଟର ତଥ୍ୟ ବିଶ୍ଳେଷଣରୁ ଜଣାପଡ଼ିଛି। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ଆଜିର ସୁନା ଦର

ଦିନକୁ ଦିନ ନୂଆ ରେକର୍ଡ ଛୁଇଁଚାଲିଛି। ଗୋଲ୍ଡ କିଣିବା ପୂର୍ବରୁ ୧୦୦ ଥର ଚିନ୍ତା କରିବାକୁ ପଡୁଛି। ଆଜି ପୁଣି ସୁନା ଦରରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ୯୦ ହଜାର ଛୁଇଁଛି ସୁନା ଦର। ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ୧୦ ଗ୍ରାମ ପିଛା ୯୦ ହଜାର ୦୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୨ ହଜାର ୫୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୦ହଜାର ୦୦୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୨, ୫୦୦ ଟଙ୍କା ଛୁଇଁଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୨,୫୦୦ ଟଙ୍କା ଓ ୯୦,୦୦୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୨, ୬୫୦ ଟଙ୍କା ଓ ୯୦, ୧୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୨,୫୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୯୦, ୦୦୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୨,୫୦୦ ଓ ୯୦,୦୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୧୩,୦୦୦ ଟଙ୍କା ହୋଇଛି।

# ଲଞ୍ଚ ହେଲା ଜିପ କମ୍ପାସର ନୂଆ ଏଡିସନ୍ ସ୍ୟାଣ୍ଡଷ୍ଟ୍ରମ୍

**ନୂଆଦିଲ୍ଲୀ, ୧୮।୩:** ଜିପ କମ୍ପାସ ର ନୂଆ ସ୍ୟାଣ୍ଡଷ୍ଟ୍ରମ୍ ଏଡିସନ୍ ଲଞ୍ଚ ହୋଇଛି। ଏହା ଏକ ୫-ସିଟର ପ୍ରିମିୟମ୍ ଏସୟୁଭି। ଏହା ନୂଆ ମଡେଲରେ ପୂର୍ବ ଅପେଧା ଅଧିକ ଆସେସୋରିଜ୍ ଦିଆଯାଇଛି। ଏହା ସହିତ ଅନେକ ଲାଟେଷ୍ଟ ଫିଚର୍ସକୁ ମଧ୍ୟ ସାମିଲ୍ କରାଯାଇଛି। ଏହା ଜିପ କମ୍ପାସ ର ଏକ ଲିମିଟେଡ୍ ଏଡିସନ୍ ମଡେଲ୍। ଏହି କାରରେ ତିନୋଟି ଭ୍ୟାରିଆଣ୍ଟ ରହିଛି ଯାହା ହେଉଛି- ସ୍ପୋର୍ଟସ, ଲର୍ଙ୍ଗିଚ୍ୟୁଡ୍ ଏବଂ ଲର୍ଙ୍ଗିଚ୍ୟୁଡ୍ (ଓ) ସହିତ ବଜାରରେ ଲଞ୍ଚ ହୋଇଛି। ଜିପ କମ୍ପାସ ର ଏହି ନୂଆ ମଡେଲକୁ ଷ୍ଟାଣ୍ଡଷ୍ଟ୍ରମ୍ ଥିମ୍ ସହିତ ଅଣାଯାଇଛି। ଏହି କାରରେ ପ୍ରୋଗ୍ରାମେବଲ୍ ଆମ୍ବିଏଣ୍ଟ ଲାଇଟିଂ ଦିଆଯାଇଛି। ଗାଡ଼ିର ଫ୍ରଣ୍ଟ ଏବଂ ରିୟରରେ ଡ୍ୟାସ୍ କ୍ୟାମ୍ ଲଗାଯାଇଛି, ଯାହା ଷ୍ଟାଣ୍ଡଷ୍ଟ୍ରମକୁ ଦେଖାଇଥାଏ। ଏହି ଏସୟୁଭିର ବନେଟରେ ଅନେକ ପରିବର୍ତ୍ତନ କରାଯାଇଛି। ଏହା ସହିତ କାରକୁ ଏକ ଭିନ୍ନ ଲୁକ୍ ଦେବା ପାଇଁ ଜିପ କମ୍ପାସ ର ଇଣ୍ଟେରିୟରକୁ ମଧ୍ୟ ଥିମ ଅନୁସାରେ ଚେଞ୍ଜ କରାଯାଇଛି।




ଜିପ କମ୍ପାସ ର ଇଣ୍ଟେରିୟର ଏବଂ ଏକ୍ସଟେରିୟର ଡିଜାଇନ୍ ଚେଞ୍ଜ କରିବା ବ୍ୟତୀତ, ଅଟୋମେକର୍ସମାନେ ଏହି କାରରେ କୌଣସି ମେକାନିକାଲ ଚେଞ୍ଜ କରିନାହାଁନ୍ତି। ଏହି ଏସୟୁଭିରେ ପୂର୍ବ ପରି ସମାନ ୨.୦ ଲିଟର ମଲିଟିଜେଟ୍ ଡିଜେଲ୍ ଇଞ୍ଜିନ୍ ଲଗାଯାଇଛି। ଯେଉଁଥିରେ ୩,୭୫୦ ଆରପିଏମରେ ୧୭୦ ଏଚପିର ପାୱାର ମିଳିଥାଏ। ଏଥି ସହିତ ୧୭୫୦ ରୁ ୨,୫୦୦ ଆରପିଏମରେ ୩୫୦ ଏନଲମର ଟର୍କ ଜେନେରେଟ୍ ହୋଇଥାଏ। ଏହି କାର ମାନୁଆଲ୍ ଏବଂ ଅଟୋମେଟିକ୍ ଟ୍ରାନ୍ସମିସନ୍ ଅପ୍ସନ ସହିତ ଆସିଥାଏ। ଜିପ କମ୍ପାସ ର ସ୍ପୋର୍ଟ ଭ୍ୟାରିଆଣ୍ଟରେ ଅନ୍ୟ ମଡେଲଗୁଡ଼ିକ ତୁଳନାରେ ଛୋଟ ଟଚସ୍କ୍ରିନ୍ ଦିଆଯାଇଛି। କିନ୍ତୁ ଏହି କାରରେ ଉପଲବ୍ଧ ଅନ୍ୟ ଫିଚର୍ସଗୁଡ଼ିକ ଏହି ଗାଡ଼ିକୁ ମୂଲ୍ୟବାନ୍ କରିଥାଏ। ଏହି ୫-ସିଟର ପ୍ରିମିୟମ୍ SUV ର ଏକ୍ସ-ସୋରୁମ୍ ପ୍ରାଇସ୍ ୧୮.୯୯ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଛି ଏବଂ ଏହାର ଟପ୍-ଭ୍ୟାରିଆଣ୍ଟର ପ୍ରାଇସ୍ ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି।

## ଷ୍ଟକ ବଜାରରେ ଫେରିଲା ଉତ୍ସାହ ସେନସେକ୍ସ ୧୧୩୧ ପଏଣ୍ଟ ବୃଦ୍ଧି




**ମୁମ୍ବାଇ, ୧୮।୩:** ଭାରତୀୟ ଷ୍ଟକ ବଜାର ଲାଗି ଆଜି ଥିଲା ଉତ୍ସାହର ଦିନ । ମଙ୍ଗଳବାର ବିଏସ୍ଇ ସେନ୍ସେକ୍ସ ୧୧୩୧.୩୧ ପଏଣ୍ଟ (୧.୫୩%) ବୃଦ୍ଧି ପାଇ ୭୫,୩୦୧.୨୬ ପଏଣ୍ଟରେ ବନ୍ଦ ହୋଇଛି। ଅନ୍ୟପକ୍ଷରେ ଏନଏସଇ ନିଫ୍ଟି ୫୦ ଇଣ୍ଡେକ୍ସ ୩୨୫.୫୫ ପଏଣ୍ଟ (୧.୪୫%) ବୃଦ୍ଧି ପାଇ ୨୨,୮୩୪.୩୦ ପଏଣ୍ଟରେ ବନ୍ଦ ହୋଇଛି। ଆଜି ବଜାର ଜୋରଦାର ଗତିରେ ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ସୋମବାର ଷ୍ଟକ ବଜାର ମଧ ସୁଧାର ସହ ବନ୍ଦ ହୋଇଯାଇଥିଲା। ଗତକାଲି ବିଏସଇ ସେନ୍ସେକ୍ସ ୩୪୧.୦୪ ପଏଣ୍ଟ ବୃଦ୍ଧି ପାଇ ୭୪,୧୬୯.୯୫ ପଏଣ୍ଟ ଏବଂ ନିଫ୍ଟି ୧୧୧.୫୫ ପଏଣ୍ଟ ବୃଦ୍ଧି ପାଇ ୨୨,୫୦୮.୭୫ ପଏଣ୍ଟରେ ବନ୍ଦ ହୋଇଥିଲା। ମଙ୍ଗଳବାର ସେନ୍ସେକ୍ସରେ ଥିବା ୩୦ଟି କମ୍ପାନି ମଧ୍ୟରୁ ୨୬ଟି କମ୍ପାନିର ସେୟାର ବୃଦ୍ଧି ସହ ବନ୍ଦ ହୋଇଥିବା ବେଳେ ବାକି ୪ଟି କମ୍ପାନି କ୍ଷତି ସହ ଲାଲ ରଙ୍ଗରେ ବନ୍ଦ ହୋଇଛି। ଅନ୍ୟପକ୍ଷରେ ନିଫ୍ଟି-୫୦ରେ ଥିବା ୫୦ଟି କମ୍ପାନି ମଧ୍ୟରୁ ୪୭ଟି କମ୍ପାନିର ସେୟାର ସବୁଜ ରଙ୍ଗରେ ବନ୍ଦ ହୋଇଥିବା ବେଳେ ବାକି ୩ଟି କମ୍ପାନି କ୍ଷତି ସହ ଲାଲ ରଙ୍ଗରେ ବନ୍ଦ ହୋଇଛି। ଆଜି ସେନ୍ସେକ୍ସରେ ଥିବା କମ୍ପାନିଗୁଡ଼ିକ ମଧ୍ୟରେ ଜୋମାଟୋର ସେୟାର ସର୍ବାଧିକ ୭.୪୩ ପ୍ରତିଶତ ବୃଦ୍ଧି ସହ ବନ୍ଦ ହୋଇଥିବା ବେଳେ ବଜାଜ ଫିନସର୍ଭର ସେୟାର ସର୍ବାଧିକ ୧.୩୩ ପ୍ରତିଶତ ହ୍ରାସ ସହ ବନ୍ଦ ହୋଇଛି।

## ଆୟକର ସଂଗ୍ରହରେ ବଢ଼ିବାରେ ଲାଗିଛି ସରକାରଙ୍କର ରାଜସ୍ୱ

ନୂଆଦିଲ୍ଲୀ,୧୮।୩: ଚଳିତ ଆର୍ଥିକ ବର୍ଷରେ, ଟିକସ ସଂଗ୍ରହ ମାଧ୍ୟମରେ ସରକାରୀ ରାଜକୋଷ କ୍ରମାଗତ ପୂରଣ ହେଉଛି ଏବଂ ଏଥିରେ, କର୍ପୋରେଟ ଟାକ୍ସ ଠାରୁ ନନ୍ କର୍ପୋରେଟ୍ ଟିକସ ସଂଗ୍ରହ ସବୁଠାରୁ ଅଧିକ ରହିଛି, ଯାହାକି କରଦାତାଙ୍କ ଠାରୁ ଟିକସ ବିଭାଗ ସଂଗ୍ରହ କରିଛି। ୨୦୨୪-୨୬ ଆର୍ଥିକ ବର୍ଷରେ ମାର୍ଚ୍ଚ ୧୬ ସୁଦ୍ଧା, ପ୍ରତ୍ୟକ୍ଷ ଟିକସ ସଂଗ୍ରହ ୧୩.୧୩ପ୍ରତିଶତ ବୃଦ୍ଧି ସହିତ ୨୧.୨୬ ଲକ୍ଷ କୋଟି ଟଙ୍କା ପହଞ୍ଚିଛି। ପ୍ରତ୍ୟକ୍ଷ କର ଆଦାୟକୁ ନେଇ ଜାରି ତଥ୍ୟ ଅନୁସାରେ, ପ୍ରତ୍ୟକ୍ଷ ଟିକସ ସଂଗ୍ରହ ବୃଦ୍ଧିରେ ଅଗ୍ରିମ ଟିକସ ବୃଦ୍ଧିକୁ ଶ୍ରେୟ ଦିଆଯାଉଛି। ଚଳିତ ବର୍ଷ, ସରକାର ଚାରିଟି ଅଗ୍ରିମ ଟିକସ କିସ୍ତିରୁ ୧୪.୪୪ ଲକ୍ଷ କୋଟି ବୃଦ୍ଧି ସହିତ ୧୦.୪୪ ଲକ୍ଷ କୋଟି ସଂଗ୍ରହ କରିପାରିଛନ୍ତି। ଏହା ପୂର୍ବ ଆର୍ଥିକ ବର୍ଷରେ ୯.୧୧ ଲକ୍ଷ କୋଟି ଟଙ୍କା ଥିଲା। ଚଳିତ ଆର୍ଥିକ ବର୍ଷର ଶେଷ ଅଗ୍ରିମ ଟିକସ ଦେୟ ୧୫ ମାର୍ଚ୍ଚ, ୨୦୨୫ ରେ ହୋଇଥିଲା। କର୍ପୋରେଟ୍ ଟିକସ ବର୍ଗରେ ଅଗ୍ରିମ ଟିକସ ସଂଗ୍ରହ ୧୨.୫୪ ପ୍ରତିଶତ ଅଭିବୃଦ୍ଧି ସହିତ ୭.୫୭ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ସେପଟେ ନନ୍-କର୍ପୋରେଟ୍ ବର୍ଗରେ ଅଗ୍ରିମ ଟିକସ ସଂଗ୍ରହ ୨୦.୪୭ ପ୍ରତିଶତ ଅଭିବୃଦ୍ଧି ସହିତ ୨.୮୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଆୟକର ଅଧିନିୟମର ଧାରା ୨୦୮ ଅନୁସାରେ, ଯେଉଁ ବ୍ୟକ୍ତିଙ୍କ ଆନୁମାନିକ କର ଦେୟ ୧୦,୦୦୦ ଟଙ୍କାରୁ ଅଧିକ ହେବାର

**ଆୟକର ସଂଗ୍ରହରେ ବଢ଼ିବାରେ ଲାଗିଛି ସରକାରଙ୍କର ରାଜସ୍ୱ**

ସମ୍ଭାବନା ରହିଛି, ତାଙ୍କୁ ସେହି ବର୍ଷ ଆଗୁଆ ଟିକସ ଦେବାକୁ ପଡ଼ିବ ଏବଂ ଏଥିରେ ବେତନଭୋଗୀ କରଦାତା ମଧ ରହିଛନ୍ତି। ଆର୍ଥିକ ବର୍ଷରେ ଅଗ୍ରିମ ଟିକସ ଚାରିଟି କିସ୍ତିରେ ପୈଠ କରାଯିବ, ତାହା ହେଉଛି - ଜୁନ୍ ୧୫, ସେପ୍ଟେମ୍ବର ୧୫, ଡିସେମ୍ବର ୧୫ ଏବଂ ମାର୍ଚ୍ଚ ୧୫। ସିବିଡିଟି ଦ୍ୱାରା ପ୍ରକାଶିତ ଟିକସ ସଂଗ୍ରହ ତଥ୍ୟ ଅନୁଯାୟୀ, ନନ୍-କର୍ପୋରେଟ୍ ଟିକସ ସଂଗ୍ରହ, ଯେଉଁଥିରେ ମୁଖ୍ୟତଃ ଆୟକର ଅନ୍ତର୍ଭୁକ୍ତ, ଏହା ବାର୍ଷିକ ଆଧାରରେ ୧୭ ପ୍ରତିଶତ ବୃଦ୍ଧି ପାଇ ପ୍ରାୟ ୧୧.୦୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଯେତେବେଳେ କି ୧ ଏପ୍ରିଲ୍, ୨୦୨୪ ରୁ ୧୬ ମାର୍ଚ୍ଚ, ୨୦୨୫ ମଧ୍ୟରେ କର୍ପୋରେଟ୍ ଟିକସ ସଂଗ୍ରହ ୯.୬୯ ଲକ୍ଷ କୋଟି ଟଙ୍କା ହୋଇଥିଲା ଯାହାର ଅଭିବୃଦ୍ଧି ମାତ୍ର ୭ ପ୍ରତିଶତ ଥିଲା। ସେୟାର ବଜାରରେ ଦ୍ରୁତ ହ୍ରାସ ବ୍ୟତିତ ସେୟାରଗୁଡ଼ିକ ମଧ୍ୟରେ କିଣାବିକା ଉପରେ ଲାଗିଥିବା ସିକ୍ୟୁରିଟି ଟ୍ରାଞ୍ଜାକ୍ସନ୍ କର ସଂଗ୍ରହ ପାଖାପାଖି ୫୬ ପ୍ରତିଶତ ବୃଦ୍ଧି ସହିତ ୫୩,୦୯୫ କୋଟି ରହିଛି। ସେହିପରି ଗତବର୍ଷ ସମାନ ସମୟରେ ୩୪,୧୩୧ କୋଟି ଟଙ୍କା ସଂଗ୍ରହ ଦେଖିବାକୁ ମିଳିଥିଲା। ଏହି ସମୟରେ ୪.୬୦ ଲକ୍ଷ କୋଟି ଟଙ୍କାରୁ ଅଧିକରୁ ରିଫଣ୍ଡ ଜାରି କରାଯାଇଛି। ଏହାର ଗୋଟିଏ ବର୍ଷ ପୂର୍ବରୁ ସମାନ ଅବଧିରେ ୩.୪୭ ଲକ୍ଷ କୋଟିର ରିଫଣ୍ଡ ଜାରି କରାଯାଇଥିଲା। ୨୦୨୪-୨୫ ଆର୍ଥିକ ବର୍ଷରେ ସଂଶୋଧିତ ପୂର୍ବାନୁମାନରେ ସରକାର ଆୟକର ସଂଗ୍ରହ ୧୨.୫୭ ଲକ୍ଷ କୋଟି ଟଙ୍କା ରହିବାର ଅନୁମାନ କରିଛନ୍ତି, ଯାହାକି ବଜେଟ ଅନୁମାନ ୧୧.୮୭ କୋଟି ଟଙ୍କାରୁ ଅଧିକ ଅଟେ।



## ଆଜିର ପେଟ୍ରୋଲ, ଡିଜେଲ ଦର

ସାରା ଦେଶରେ ପେଟ୍ରୋଲ ଏବଂ ଡିଜେଲର ନୂତନ ମୂଲ୍ୟ ପ୍ରକାଶ ପାଇଛି। ଅଶୋଧିତ ତୈଳର ଆନ୍ତର୍ଜାତୀୟ ମୂଲ୍ୟ ଅନୁଯାୟୀ ଭାରତରେ ଇନ୍ଧନ ମୂଲ୍ୟ ସ୍ଥିର ହୋଇଛି। ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ହ୍ୱାଟ୍ସଆପ ସହ ହାତ ମିଳାଇଲେ ସରକାର

ନୂଆଦିଲ୍ଲୀ, ୧୮।୩: ଅନଲାଇନ ଠକେଇ ଏବଂ ସ୍କାମ୍ ବିରୋଧରେ ସୁରକ୍ଷା ଅଭିଯାନ ଆରମ୍ଭ କରିଛି ଟେଲିକମ ବିଭାଗ। ଟେଲିକମ ବିଭାଗ ଏବଂ ହ୍ୱାଟ୍ସଆପ ସନ୍ଦିଗ୍ଧଙ୍କୁ ଚିହ୍ନିବା ଲାଗି ନାଗରିକଙ୍କୁ ଶିକ୍ଷିତ କରିବା ଲାଗି ମିଳିତ ଭାବେ କାମ କରିବେ। ମେଟାର ସୁରକ୍ଷା ଅଭିଯାନ 'ଘୋଟାଲେ ସେ ବଚାଓ' ର ବିସ୍ତାର କରିବାକୁ ହ୍ୱାଟସପ୍ ସହ ଏହି ପାର୍ଟନରସିପ୍ କରିଛି ଟେଲିକମ ବିଭାଗ। ହ୍ୱାଟ୍ସଆପର ପ୍ୟାରେଣ୍ଟ କମ୍ପାନୀ ମେଟାର ବିଶ୍ୱ ମାମଲାର ମୁଖ୍ୟ ଅଧିକାରୀ ଜୋଏଲ କାପ୍ଲାନ ଏବଂ ଟେଲିକମ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଟେଲିକମ ବିଭାଗ ଏବଂ ମେଟା ମଧ୍ୟରେ ଚାଲୁଥିବା ସହଯୋଗର ପ୍ରଭାବ ଉପରେ ଚର୍ଚ୍ଚା କରିଛନ୍ତି। ଡିଜିଟାଲ ଅପରାଧିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଗତ କିଛି ବର୍ଷ ମଧ୍ୟରେ ଦେଶରେ ସାଇବର ଅପରାଧ ଏବଂ ଅନଲାଇନ୍ ସ୍କାମ ମାମଲା ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଲକ୍ଷ ଲକ୍ଷ ଲୋକ ସ୍କାମରଙ୍କ ଜାଲରେ ପଡ଼ି କୋଟି କୋଟି ଟଙ୍କା ହରାଉଛନ୍ତି। ବିଶେଷକରି, ଆଜିକାଲି ଡିଜିଟାଲ ଆରେଷ୍ଟ ହେବାର ଅନେକ ମାମଲା ସାମ୍ନାକୁ ଆସୁଛି। ହ୍ୱାଟ୍ସଆପ୍ ମାଧ୍ୟମରେ ଅନେକ ସାଇବର ଅପରାଧୀ ଭିଡିଓ, ଭଏସ୍ କଲ୍ ଏବଂ ଚାଟ୍ ମାଧ୍ୟମରେ ଉପଭୋକ୍ତାଙ୍କୁ ଶିକାର କରୁଛନ୍ତି। ଏଭଳି ପରିସ୍ଥିତିରେ ହ୍ୱାଟ୍ସଆପ୍ ସହ ଟେଲିକମ୍ ବିଭାଗର ଏହି ସହଭାଗିତା ବହୁ ପରିମାଣରେ ଡିଜିଟାଲ୍ ଅପରାଧକୁ ରୋକିପାରେ।



## ୧୦ ବର୍ଷରେ ଖାତାରୁ ବ୍ୟାଙ୍କ ହଟାଇଲେ ୧୬.୩୫ ଲକ୍ଷ କୋଟି

**ନୂଆଦିଲ୍ଲୀ, ୧୮।୩:** ଗତ ୧୦ ବର୍ଷ ମଧ୍ୟରେ ବ୍ୟାଙ୍କଗୁଡ଼ିକ ନିଜ ହିସାବ ଖାତାରୁ ୧୬.୩୫ ଲକ୍ଷ କୋଟି ଟଙ୍କାର ଋଣ ହଟାଇଛନ୍ତି। ଗ୍ରାହକଙ୍କଠାରୁ ସେହି ଋଣ ଆଦାୟ କରିବା ଲାଗି ଅନେକ ଚେଷ୍ଟା କରିବା ପରେ ବ୍ୟାଙ୍କଗୁଡ଼ିକ ବିଫଳ ହୋଇଛନ୍ତି। ତେଣୁ ବାଧ ହୋଇ ସେମାନେ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଖାତାକୁ ସ୍ୱଚ୍ଛ ରଖିବା ଲାଗି ଅସୁଲ ହୋଇପାରୁନଥିବା ଏହି ଋଣକୁ ହଟାଇ ଦିଆଯାଇଛି। ବ୍ୟାଙ୍କ ଶିଳ୍ପ ଭାଷାରେ ସେହି ପ୍ରକ୍ରିୟାକୁ ରାଇଟ୍ ଅଫ୍ କୁହାଯାଏ। ତେବେ ରାଇଟ୍ ଅଫ୍ କରିବା ପରେ ବ୍ୟାଙ୍କଗୁଡ଼ିକ ସେହି ଟଙ୍କା ଭୁଲି ଯାଆନ୍ତି ନାହିଁ। ଗ୍ରାହକମାନଙ୍କ ପାଇଁ ସେହି ଋଣ ଛାଡ଼ କରାଯାଏ ନାହିଁ। ପୂର୍ବଭଳି ଅସୁଲି ପ୍ରକ୍ରିୟା ଜାରି ରହିଥାଏ। ସଂସଦରେ ଉପସ୍ଥାପନ କରାଯାଇଥିବା ତଥ୍ୟ ଅନୁଯାୟୀ ୨୦୧୮-୧୯ରେ ସର୍ବାଧିକ ୨,୩୬,୨୬୫ କୋଟି ଟଙ୍କାର ଋଣ ରାଇଟ୍ ଅଫ୍ କରାଯାଇଥିଲା।୨୦୧୪-୧୫ରେ ୫୮,୭୮୬ କୋଟି ଟଙ୍କାର ଅନାଦେୟ ଋଣ (ଏନ୍‌ପିଏ) ରାଇଟ୍ ଅଫ୍ ହୋଇଥିଲା। ୨୦୨୨-୨୩ରେ ୨,୧୬,୩୨୪ କୋଟି ଟଙ୍କା ଓ ୨୦୨୩-୨୪ରେ ୧,୭୦,୨୭୦ କୋଟି ଟଙ୍କାର ଋଣ ରାଇଟ୍ ଅଫ୍ କରାଯାଇଛି। ଲୋକସଭାକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଜଣାଇଛନ୍ତି ଯେ ଯେଉଁ ଅସୁଲ ହୋଇପାରୁନଥିବା ଋଣ ପାଇଁ ବ୍ୟାଙ୍କଗୁଡ଼ିକ ଅଲଗା ପାଣ୍ଠି ରଖନ୍ତି, ସେଗୁଡ଼ିକୁ ଖାତାରୁ ହଟାଇ ଦିଆଯାଏ।

## ରାଜ୍ୟର ୨୬୦୩ ଗାଁରେ ପହଞ୍ଚିନି ମୋବାଇଲ୍ ସେବା



**ଭୁବନେଶ୍ୱର, ୧୮।୩:** ଭାରତ ଡିଜିଟାଲ ହେଉଥିବା ବେଳେ ଅନେକ ସେବା ମୋବାଇଲ୍ ଜରିଆରେ ଉପଲବ୍ଧ ହେଉଛି। କିନ୍ତୁ ଓଡ଼ିଶାରେ ଆଜି ବି ଏଭଳି କିଛି ଗାଁ ରହିଛି, ଯେଉଁଠାରେ ମୋବାଇଲ୍ ସେବା ପହଞ୍ଚିପାରିନାହିଁ। ଫଳରେ ସେହି ଅଞ୍ଚଳର ବାସିନ୍ଦାମାନେ ଡିଜିଟାଲ୍ ବିପ୍ଳବରେ ଯୋଡ଼ିହୋଇପାରିନାହାନ୍ତି। ବିଧାନସଭାରେ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ମୁକେଶ ମହାଲିଙ୍ଗ ଦେଇଥିବା ତଥ୍ୟ ଅନୁସାରେ ରାଜ୍ୟରେ ୫୧,୧୭୬ ଗାଁ ରହିଛି। ସେଥିରୁ ୨୬୦୩ଟି ଗାଁରେ ମୋବାଇଲ୍ ସେବା ଉପଲବ୍ଧ ନାହିଁ। ତେବେ ଏହି ଗାଁଗୁଡ଼ିକରେ ମୋବାଇଲ୍ ସେବା ପହଞ୍ଚାଇବା ଲାଗି ଉଦ୍ୟମ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ସୂଚନା ଦେଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ସେବା ପହଞ୍ଚାଇବା ଲାଗି କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଡିଜିଟାଲ୍ ଭାରତ ନିଧି ଅଭିଯାନ ଅଧୀନରେ ୪୨୧୦ଟି ଟାୱାର ସ୍ଥାପନ କରିବା ଯୋଜନା ରହିଛି। ସେଥିରୁ ୨୫୭୨ଟି ଟାୱାର କାର୍ଯ୍ୟକ୍ଷମ ହୋଇଗଲାଣି। ଚଳିତ ବର୍ଷ ଜୁନ୍ ସୁଦ୍ଧା ଅବଶିଷ୍ଟ ଟାୱାର କାର୍ଯ୍ୟକ୍ଷମ ହୋଇଯିବ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଆଶା ପ୍ରକଟ କରିଛନ୍ତି।

## ସୌରଶକ୍ତି ପ୍ରତି ବିପଦ ବାୟୁ ପ୍ରଦୂଷଣ

**ନୂଆଦିଲ୍ଲୀ, ୧୮।୩:** ଜଳବାୟୁ ପରିବର୍ତ୍ତନ ଓ ବାୟୁ ପ୍ରଦୂଷଣର ଅନେକ ବିନାଶକାରୀ ପ୍ରଭାବକୁ ସାରା ବିଶ୍ୱ ପ୍ରତ୍ୟକ୍ଷ କରୁଥିବା ବେଳେ ଭାରତର ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର ଏହା ଦ୍ୱାରା କ୍ଷତିଗ୍ରସ୍ତ ହେବ ବୋଲି ଏକ ସର୍ବେକ୍ଷଣରେ ଆକଳନ କରାଯାଇଛି। ଆଇଆଇଟି ଦିଲ୍ଲୀର ଗବେଷକମାନେ ଜଣାଇଛନ୍ତି ଯେ ବାୟୁ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଭାରତର ସୌରଶକ୍ତି ଉତ୍ପାଦନ କ୍ଷମତା ଶତାବ୍ଦୀର ମଧ୍ୟଭାଗ (୨୦୫୦) ସୁଦ୍ଧା ୬୦୦-୮୦୦ ଗିଗାୱାଟ୍ ଆୱାର ହ୍ରାସ ପାଇବ। ବିଶେଷ କରି ଦେଶର ଉତ୍ତର, ପଶ୍ଚିମ ଓ ଦକ୍ଷିଣ ପାୱାର ଗ୍ରିଡ୍‌ରେ ଥିବା ଅଧିକାଂଶ ସୋଲାର୍ ପାର୍କର ପ୍ରଦର୍ଶନ ପ୍ରଭାବିତ ହେବା ଆଶଙ୍କା ରହିଛି। ବାୟୁ ପ୍ରଦୂଷଣ ପ୍ରଭାବରେ ଧରାପୃଷ୍ଠରେ ସୂର୍ଯ୍ୟଙ୍କ କିରଣର ତେଜ କମିଯିବ। ବାୟୁର ଧୂଳିକଣାଗୁଡ଼ିକ ସୂର୍ଯ୍ୟଙ୍କ କିରଣକୁ ଶୋଷିନେବେ ଏବଂ ବିକ୍ଷିପ୍ତ କରିଦେବେ। ଫଳରେ ବିକିରଣର ମାତ୍ରା କମିଯିବ। ସୌର ଶକ୍ତି ଉତ୍ପାଦନ ପାଣିପାଗ ଓ ଜଳବାୟୁ ପରିବର୍ତ୍ତନ ଉପରେ ଅତ୍ୟଧିକ ନିର୍ଭରଶୀଳ ରହିଥିବାରୁ ଉତ୍ପାଦନ ଗୁରୁତର ଭାବେ ପ୍ରଭାବିତ ହେବ। ଦେଶର ସୌର ଶକ୍ତି ଉତ୍ପାଦନ କ୍ଷମତାକୁ ବଢ଼ାଇବା ଲାଗି ଜଳବାୟୁ ଓ ବାୟୁ ପ୍ରଦୂଷଣ ପ୍ରଶମନ ଲାଗି ମିଳିତ ଉଦ୍ୟମ କରିବାକୁ ଗବେଷକମାନେ ଆହ୍ୱାନ ଦେଇଛନ୍ତି। ଭାରତରେ ବର୍ଷକୁ ପାଖାପାଖି ୩୦୦ ଦିନ ସ୍ପଷ୍ଟ ଆକାଶ ରହୁଛି, ଯାହା ସୌର ଶକ୍ତି ଉତ୍ପାଦନ ଲାଗି ଏହାକୁ ଏକ ଉପଯୁକ୍ତ ସ୍ଥାନରେ ପରିଣତ କରିଛି। କିନ୍ତୁ ଧୀରେ ଧୀରେ ସୌର ବିକିରଣ କମ୍ ହେବାରେ ଲାଗିଛି, ଯାହା ସୌର ଶକ୍ତି ଉତ୍ପାଦନ କ୍ଷମତାକୁ ସଙ୍କୁଚିତ କରିବ ବୋଲି ଗବେଷକମାନେ ଜାଣିବାକୁ ପାଇଛନ୍ତି।

# ଆଜିଠୁ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା

- ଜନତା ମୈଦାନରେ ୩୧ ପର୍ଯ୍ୟନ୍ତ ଚାଲିବ
- ୬୫୦ରୁ ଉର୍ଦ୍ଧ୍ୱ ଷ୍ଟଲ, ଖୋଲା ରହିବ ୩ରୁ ରାତି ୧୦
- 'ଶିଳ୍ପ ସୃଜନୀ' ଓ ଫ୍ୟାଶନ୍ ଶୋ' ମୁଖ୍ୟ ଆକର୍ଷଣ
- ୨୮କୋଟିର ବାଣିଜ୍ୟ ଲକ୍ଷ୍ୟ




ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ): ଆସନ୍ତାକାଲିଠାରୁ ସ୍ଥାନୀୟ ଜନତା ମୈଦାନଠାରେ ଆରମ୍ଭ ହେବ ଉନ୍ନବିଂଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା। ଏହି ଉପଲକ୍ଷେ ଆଜି ରାଜ୍ୟ ଅତିଥି ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି ଯେ ତୋଷାଳି ମେଳା ସମୃଦ୍ଧ ହସ୍ତଶିଳ୍ପ ଓ ହସ୍ତତନ୍ତ ସଂସ୍କୃତିର ନିଦର୍ଶନ ହେବ। ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ। ଭାରତୀୟ ପାରମ୍ପରିକ କଳା, ହସ୍ତଶିଳ୍ପ ଏବଂ ହସ୍ତତନ୍ତର ସଂରକ୍ଷଣ ସହ ବୁଣାକାର ଓ ହସ୍ତଶିଳ୍ପ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିକ୍ରି ନିମନ୍ତେ ଏହା ଏକ ପ୍ରକୃଷ୍ଟ ବଜାର ହେବ। ଏହି ମେଳାରେ ଚଳିତ ବର୍ଷ ୬୫୦ରୁ ଉର୍ଦ୍ଧ୍ୱ ଷ୍ଟଲ୍ ପଡ଼ିବ। କେନ୍ଦ୍ର ସରକାରଙ୍କ ହସ୍ତଶିଳ୍ପ ବିକାଶ ଆୟୁକ୍ତଙ୍କ ପକ୍ଷରୁ ୧୫୦ ଷ୍ଟଲ, ହସ୍ତତନ୍ତ ବିକାଶ ଆୟୁକ୍ତଙ୍କ ୫୦ ଷ୍ଟଲ, ରାଜ୍ୟ ସରକାରଙ୍କ ହସ୍ତଶିଳ୍ପ ନିର୍ଦ୍ଦେଶାଳୟର ୨୫୦ ଷ୍ଟଲ, ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ୧୧୦ ଷ୍ଟଲ ବ୍ୟବସ୍ଥା ହୋଇଛି। ପାରମ୍ପରିକ ଖାଦ୍ୟ ପାଇଁ ୩୫ଟି ଷ୍ଟଲ ରହିବ। ବିଭିନ୍ନ ଶିକ୍ଷାନୁଷ୍ଠାନ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନସ୍ଥ ହସ୍ତଶିଳ୍ପ ଓ ହସ୍ତତନ୍ତଭିତ୍ତିକ ସଂସ୍ଥା ବିଭିନ୍ନ ଷ୍ଟଲରେ ଦର୍ଶକଙ୍କୁ ହସ୍ତତନ୍ତ ଓ ହସ୍ତଶିଳ୍ପ ବିଷୟରେ ଅବଗତ କରାଇବେ। ୨୫୦୦ ବର୍ଗଫୁଟ ପରିମିତ ଅଞ୍ଚଳରେ ପ୍ରସ୍ତୁତ ଥିମ ପ୍ୟାଭିଲିଅନ୍ 'ଶିଳ୍ପ ସୃଜନୀ' ଓ ହସ୍ତତନ୍ତ ଓ ହସ୍ତଶିଳ୍ପ ସଂକ୍ରାନ୍ତ ଫ୍ୟାଶନ୍ ଶୋ' ମୁଖ୍ୟ ଆକର୍ଷଣ ହେବ ବୋଲି ମନ୍ତ୍ରୀ ଆଶା କରିଛନ୍ତି।ଷ୍ଟଲ୍‌ଗୁଡ଼ିକ ଅପରାହ୍ନ ୩ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହିବ। ଏଥିସହ ପ୍ରତି ସନ୍ଧ୍ୟାରେ ୬ରୁ ସାଢ଼େ ୯ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ଚଳିତ ବର୍ଷ ମେଳାରେ ୩୦ ଲକ୍ଷ ଦର୍ଶକ ପରିଦର୍ଶନ କରିବେ ଓ ୨୮ କୋଟି ଟଙ୍କାର ସାମଗ୍ରୀ ବିକ୍ରି ହେବା ନେଇ ଆଶା ରହିଛି। ମେଳା ପରିସରରେ ଦମକଳ ବାହିନୀ, ନିରାପତ୍ତା ସହାୟତା, ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀ, ପ୍ରାଥମିକ ଚିକିତ୍ସା ସେବା, ଆମ୍ବୁଲାନ୍ସ ସେବା, ପାନୀୟ ଜଳ, ଶୌଚାଳୟ, ଏଟିଏମ୍ କାଉଣ୍ଟରର ସୁବିଧା ରହିଛି। ମହିଳା କାରିଗର ଓ ବୁଣାକାରଙ୍କ ନିମନ୍ତେ ମାଗଣା ରହଣି ତଥା ପରିବହନ ସୁବିଧା ମଧ୍ୟ କରାଯାଇଛି। ଆହୁରି ମେଳା ବୁଲିବାରେ ବୟସ୍କ ଓ ଦିବ୍ୟାଙ୍ଗମାନେ ଯେପରି ସମସ୍ୟାରେ ନ ପଡ଼ିବେ, ସେଥିସକାଶେ ହ୍ୱିଲ ଚେୟାର ସହ ଦିବ୍ୟାଙ୍ଗ ଓ ବୟସ୍କଙ୍କ ପାଇଁ ସ୍ୱତନ୍ତ୍ର ହେଲ୍ପ ଡେସ୍କ ବ୍ୟବସ୍ଥା ରହିଛି। ଦିବ୍ୟାଙ୍ଗ ଓ ମହିଳା ପରିଦର୍ଶକଙ୍କ ନିମନ୍ତେ ସ୍ୱତନ୍ତ୍ର ଶୌଚାଳୟର ବନ୍ଦୋବସ୍ତ ହୋଇଛି। ସର୍ବୋପରି ମା' ଓ ଶିଶୁଙ୍କ ପାଇଁ ଏକ ସ୍ୱତନ୍ତ୍ର ଶିଶୁ ଯତ୍ନ ଗୃହର ପରିକଳ୍ପନା କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ସ୍ୱତନ୍ତ୍ର ଶାସନ ସଚିବ ମଧୁମିତା ରଥ, ବିଭାଗୀୟ ନିର୍ଦ୍ଦେଶକ ବିକ୍ରମାଦିତ୍ୟ ବାରିକ, ହସ୍ତଶିଳ୍ପ ନିର୍ଦ୍ଦେଶକ ତଥା ବୟନିକା ପରିଚାଳନା ନିର୍ଦ୍ଦେଶକ ପ୍ରଣତୀ ଛୋଟରାୟ, ବ୍ୟକ୍ତିଗତ ସଚିବ ପୀତାମ୍ବର ସାମଲ, ଯୁଗ୍ମ ନିର୍ଦ୍ଦେଶକ ଶିଶିର କୁମାର ରଥ, ଉପନିର୍ଦ୍ଦେଶକ ମାନଗୋବିନ୍ଦ ଜେନା ଉପସ୍ଥିତ ଥିଲେ।

# ସରକାରଙ୍କ ଦୃଷ୍ଟି ଆଢୁଆଳରେ କୁଟୁରୁବାସୀ

**କଳାହାଣ୍ଡି, ୧୮।୩ (ସଂଚାର ବ୍ୟୁରୋ):** ସରକାର ଲୋକମାନଙ୍କ ପାଇଁ ଅନେକ ଯୋଜନା ଉପରେ ଯୋଜନା କରି ଚାଲୁଛନ୍ତି। କିନ୍ତୁ ଏହାର ସୁଫଳ ଲୋକମାନଙ୍କ ପାଖରେ ପହଞ୍ଚି ପାରୁନାହିଁ। ସ୍ୱାଧୀନତାର ୭୭ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ବି ସରକାରଙ୍କ ମୌଳିକ ସୁବିଧା ସୁଯୋଗରୁ ବଂଚିତ ହୋଇ ରହିଛନ୍ତି କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ପଛୁଆ ଅଞ୍ଚଳ ବା ଆଦିବାସୀ ଅଞ୍ଚଳର ଆମପାଣି ଗ୍ରାମ ପଂଚାୟତ କୁଟୁରୁ ଗ୍ରାମବାସୀ। ଏକଥା ଆମେ କହୁ ନାହୁଁ, କହୁଛି ଏଠିକାର ବିକାଶ, ଏଠିକାର ପରିବେଶ।

ଏହି ଗାଁକୁ ଯିବା ପାଇଁ ରାସ୍ତା ନାହିଁ, ଶିକ୍ଷା, ସ୍ୱାସ୍ଥ୍ୟର କଥା କହିଲେ ନ ସରେ। ଏମିତିକି ବିଦ୍ୟୁତ ମଧ୍ୟ ଗାଁରେ ନାହିଁ । ଲୋକେ ଡିବିରୀ ଜାଳି ଆଲୁଅ ଦେଖୁଛନ୍ତି। ପିଇବା ପାଣି ପାଇଁ ଜଙ୍ଗଲ ଝରଣା ପାଣି ହିଁ ଭରସା। ଏହି ପାଣି ପିଇ ଅନେକ ଲୋକ ବିଭିନ୍ନ ପ୍ରକାର ରୋଗରେ ମଧ୍ୟ ଆକ୍ରାନ୍ତ ହେଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ସାଧାରଣ ଲୋକ ବା ଗର୍ଭବତୀ ମହିଳା ରୋଗରେ ଆକ୍ରାନ୍ତ ହେଲେ ଚିକିତ୍ସା ପାଇଁ ଡାକ୍ତରଖାନା ନେବାକୁ ୧୦୮ ଆମ୍ବୁଲାସ ମଧ୍ୟ ଗାଁକୁ ଯାଇ ପାରେ ନାହିଁ। ଯାହାଫଳରେ



ହିନସ୍ଥା ହୋଇ ନାହିଁ ନଥିବା ଅସୁବିଧାର ବଶବର୍ତ୍ତୀ ହୋଇ ମୃତ୍ୟୁମୁଖରେ ମଧ୍ୟ ପଡୁଥିବାର ଗ୍ରାମବାସୀ କହିଛନ୍ତି। ଏମିତି କି ରାସନ ଆଣିବା ପାଇଁ ପ୍ରାୟ ୨୦ କିମି ଯିବାକୁ ପଡିଥାଏ । ଯାହାକି ବିରିମୁହାଣ ଘାଟି ଓ ଆମପାଣି ଘାଟି ଅତିକ୍ରମ କଲାପରେ ପଞ୍ଚାୟତ କାର୍ଯ୍ୟାଳୟରେ ପହଂଚି ପାରୁଛନ୍ତି । କୌଣସି କାମ ଧନ୍ଦା ନ ମିଳିବାରୁ ନିଜ ପରିବାର ପୋଷଣ ପାଇଁ ବାଉଁଶ ପାତି ଦ୍ୱାରା ଘରୋଇ ଉପକରଣ ସବୁ ନିର୍ମାଣ କରି ଆମପାଣି ଓ ପଡୋଶୀ ଜିଲ୍ଲା ନବରଙ୍ଗପୁର ବଜାରକୁ ନେଇ ବିକ୍ରି କରିଥାନ୍ତି। କିନ୍ତୁ ପରିତାପର ବିଷୟ ଗାଁକୁ ଗମନାଗମନର ସୁବିଧା ନ ଥିବାରୁ ଦୀର୍ଘ ୧୩ କିମି ପାଦରେ ଚାଲି ଚାଲି ଗଲାପରେ ହିଁ ବଜାରକୁ ଯିବା ପାଇଁ ବସର ସୁବିଧା ପାଇଥାନ୍ତି । ପୁଣି ବଜାରରୁ ଫେରି ସେହି ୧୩କିମି ଚାଲି ଚାଲି ଘରେ ପହଂଚିବା ବେଳକୁ ରାତି ୧୦ଟା ହୋଇଯାଉଥିବା କହିଛନ୍ତି । ନହେଲେ ଜଙ୍ଗଲ ରାସ୍ତା ଦେଇ ଯିବା ଭୟ ଥିବାରୁ ପାଖ ଗାଁରେ ରାତ୍ରିଯାପନ କରି ଆରଦିନ ସକାଳେ ନିଜଘରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି ।

ସ୍ଥାନୀୟ ପ୍ରଶାସନ, ନେତା, ମନ୍ତ୍ରୀ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଗ୍ରାମବାସୀ କହିଛନ୍ତି । କେବଳ ନିର୍ବାଚନ ସମୟରେ ହିଁ ନେତା ମାନଙ୍କର ଦେଖା ହୋଇଥାଏ। ଆସନ୍ତି, ବିକାଶର ପ୍ରତିଶ୍ରୁତି ମଧ୍ୟ ଦେଇଥାନ୍ତି। କିନ୍ତୁ ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ହିଁ ରହିଯାଏ। ନିର୍ବାଚନ ସରିଲା ପରେ ଆଉ ଦେଖା ଦିଅନ୍ତି ନାହିଁ ବୋଲି ପ୍ରକାଶ କରିଛନ୍ତି ଏହି କୁଟୁରୁ ଗ୍ରାମର ବାସିନ୍ଦା। ସରକାର କୁଟୁରୁ ଗ୍ରାମ ପ୍ରତି ଯଥେଷ୍ଟ ଧ୍ୟାନ ଦେଇ ଉକ୍ତ ଗ୍ରାମକୁ ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରଶାସନ ଠାରେ ଦାବି କରିଛନ୍ତି ।

## ଚୈତ୍ର ମାସର ପ୍ରଥମ ମଙ୍ଗଳବାର ଶ୍ୟାମଳାଇ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼



**ହିଞ୍ଜିଳିକାଟୁ, ୧୮।୩ (ସଂଚାର ବ୍ୟୁରୋ):** ଚୈତ୍ର ମାସ ପ୍ରଥମ ପାଳି ମଙ୍ଗଳବାର ଉପଲକ୍ଷେ ହିଞ୍ଜିଳିକାଟୁ ବ୍ଲକ ନୁଆବୁରୁପଡା ନିକଟସ୍ଥ ମା ଶ୍ୟାମଳାଇଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ଏହି ଉପଲକ୍ଷେ ଆଖପାଖ ଅଞ୍ଚଳ ସମେତ ଦୂରଦୂରାନ୍ତରୁ ଜନସମାବେଶ ହୋଇ ସନ୍ଧ୍ୟା ତମାମ ଗହଳ ଚହଳ ଲାଗି ରହିଥିଲା । ମଙ୍ଗଳବାର ଭୋରରୁ ମାଙ୍କ ମାର୍ଜଣା,ମଙ୍ଗଳ ଆଳତି, ବାଲ ଭୋଗ ରୀତିନୀତି ଅନୁସାରେ କରାଯାଇ ଶ୍ରଦ୍ଧାଳୁ ମାନଙ୍କୁ ମନ୍ଦିରକୁ ପ୍ରବେଶ କରାଯାଇଥିଲା। ଶ୍ରଦ୍ଧାଳୁ ମାନେ ମାଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବା ପାଇଁ ବହୁ ସମୟ ଧରି ଲମ୍ବା ଲାଇନରେ ଅପେକ୍ଷା କରି ରହିଥିଲେ । ଏଥି ନିମିତ ମନ୍ଦିର ଚତୁପାର୍ଶ୍ୱରେ ମାନସିକ ଧାରୀମାନେ ନିଜନିଜର ଶିଶୁଙ୍କ ମୁଣ୍ଡନ, ପଞ୍ଚା ଅମୃତ କରି ବନ୍ଧୁବର୍ଗଙ୍କ ସହ ଭୋଜି ଭାତର ଆୟୋଜନ ଜମାଇଥିଲେ। ମନ୍ଦିର ଚତୁପାର୍ଶ୍ୱରେ ବିଭିନ୍ନ ରକମର ଅସ୍ଥାୟୀ ଦୋକାନ ବଜାର ମାନଗାଢ଼ି ଉଠିଥିଲା । ଶ୍ରଦ୍ଧାଳୁଙ୍କ ଭିଡକୁ ଆଖି ଆଗରେ ରଖି ମନ୍ଦିର ପ୍ରସାଶନ ଏବଂ ହିଞ୍ଜିଳି ପୋଲିସ ପ୍ରସାଶନ ପକ୍ଷରୁ ସୁରକ୍ଷା ବ୍ୟାବସ୍ଥା କଡ଼ାକଡ଼ି କରାଯାଇଥିଲା ।

## ଗାଁଗହଳିରେ ମା’ ମଙ୍ଗଳାଙ୍କ ପୂଜାର୍ଚ୍ଚନା

**କଣାସ, ୧୮।୩ (ସଂଚାର ବ୍ୟୁରୋ):** ଆଜି ସାରା ରାଜ୍ୟରେ ଚୈତ୍ରମାସର ପ୍ରଥମ ମଙ୍ଗଳବାର ପାଇଁ ମା ମଙ୍ଗଳାଙ୍କ ପୂଜା ପ୍ରତିଗ୍ରାମରେ ଠାକୁ ଠାଆ ହେଉଥିବା ଦେଖିବାକୁ ମିଳୁଛି। କଣାସ ବ୍ଲକର ପ୍ରତି ଗ୍ରାମରେ ଆଜି ପ୍ରତି ଆଠ ଦଶ ପରିବାରରେ ଗ୍ରାମଦାଣ୍ଡରେ ଗୋଟିଏ ଜାଗାରେ ମଙ୍ଗଳାଙ୍କ ମୂର୍ତ୍ତି ସ୍ଥାପନ କରି ରଙ୍ଗବେରଙ୍ଗର ଫୁଲରେ ମା ମଙ୍ଗଳାଙ୍କୁ ସୁସଜ୍ଜିତ କରି ଆଠ ଦଶଜଣ ମହିଳା ଏକତ୍ରିତ ହୋଇ ଭୋଗଡ଼ାଲା, ଖାଇକୋରା, ବିଭିନ୍ନ ଫଳମୂଳ, ନଡିଆ, କଦଳୀ ଓ ପଣା ଆଣି ମା ମଙ୍ଗଳାଙ୍କ ସମ୍ମୁଖରେ ରଖି ପୂଜାଅର୍ଚ୍ଚନା କରିବା ସହିତ ଜଣେ ମହିଳା ମା ମଙ୍ଗଳାଙ୍କ ଚୈତ୍ରମଙ୍ଗଳବାର ପୁସ୍ତକୁ ପଠନ କରୁଥିବା ବେଳେ ଅନ୍ୟ ମହିଳାମାନେ ତାହାକୁ ଶ୍ରବଣ କରୁଥିଲେ। ପୂଜା କରୁଥିବା ମହିଳାମାନଙ୍କୁ ମଙ୍ଗଳା ପୂଜା ସମ୍ପର୍କରେ ପଚାରିବାରୁ ସେମାନେ କୁହନ୍ତି ସ୍ୱାମୀ, ପୁଅ, ଝିଅ ଏବଂ ସପରିବାରଙ୍କ ମଙ୍ଗଳ କାମନା କରି ମା ମଙ୍ଗଳାଙ୍କୁ ପୂଜା କରୁଛୁ। ଚୈତ୍ରମାସରେ ଯେତୋଟି ମଙ୍ଗଳବାର ପଡ଼ିବ ଏହିପରି ମା ମଙ୍ଗଳାଙ୍କୁ ପୂଜା କରିବୁ।



## ନିଶା କାରବାରକୁ ମହିଳାଙ୍କ ବିରୋଧ, ଜିଲ୍ଲାପାଳଙ୍କୁ ସ୍ମାରକପତ୍ର



**ଯାଜପୁର, ୧୮।୩ (ସଂଚାର ବ୍ୟୁରୋ):** ଯାଜପୁର ସଦର ଥାନା ଜାହାନପୁର ପଞ୍ଚାୟତ ଜାଉଁଳିବନ୍ଧ ପାଶ୍ୱର୍ରେ ଥିବା ଐତିହାସିକ ତଥା କିମ୍ବଦନ୍ତୀ ବହନ କରୁଥିବା ତ୍ରିଲୋଚନେଶ୍ୱର ମନ୍ଦିର ନିକଟରେ ଦୀର୍ଘ ବର୍ଷ ହେଲା ବେଆଇନ ଭାବେ ନିଶା କାରବାର ଚାଲିଥିବା ନେଇ ସ୍ଥାନୀୟ ଗ୍ରାମବାସୀ ପ୍ରତିବାଦ କରିବାରୁ ଗତ ୨ ଦିନ ପୂର୍ବରୁ ଗଣ୍ଡଗୋଳ ଉପୁଜିଥିଲା । ଏ ନେଇ ଉଭୟ ପକ୍ଷରୁ ସଦର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା । ଲିଖିତ ଅଭିଯୋଗକୁ ଭିତ୍ତି କରି ସଦର ପୁଲିସ ପୃଥକ ପୃଥକ ଭାବେ ଦୁଇଟି ମାମଲା ରୁଜୁ କରିବା ସହ ୬ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ନିଶା କାରବାର ବିରୋଧରେ ପ୍ରତିବାଦ କରିଥିବା ୪ଜଣ ଦଳିତ ଲୋକଙ୍କୁ ପୁଲିସ ନିଶା ବ୍ୟବସାୟୀଙ୍କ ପ୍ରରୋଚନାରେ କୋର୍ଟ ଚାଲାଣ କରିଥିବା ଅଭିଯୋଗ ଆଣି ଆଜି ତ୍ରିଲୋଚନପଡ଼ାର ଶତାଧିକ ମହିଳା ଜିଲ୍ଲାପାଳ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଥିଲେ । ଏହି ତ୍ରିଲୋଚନ ମନ୍ଦିର ପାଶ୍ୱର୍ରେ ଥିବା ଦୁଇଟି ପାନ ଦୋକାନରେ ବ୍ୟାପକ ନିଶା କାରବାର କରାଯାଉଥିବା ନେଇ ଅଭିଯୋଗ କରିଥିଲେ । ଏପରିକି ସଞ୍ଜ ନଇଁଲେ ଏହି ରାସ୍ତା ଦେଇ ମହିଳା ପୁରୁଷ ତ୍ରିଲୋଚନପଡ଼ା ଗ୍ରାମ ଭିତରକୁ ଯିବା ପାଇଁ ନିଜକୁ ସୁରକ୍ଷିତ ମଣୁନଥିବା ଅଭିଯୋଗ କରିଥିଲେ । ଏହି ଐତିହାସିକ ସ୍ଥାନକୁ ପ୍ରତିଦିନ ଶତାଧିକ ପର୍ଯ୍ୟଟକ ଆସୁଥିବା ବେଳେ ପର୍ଯ୍ୟଟକ ଏହି ନିଶା ବେପାରୀଙ୍କ ଆକ୍ରୋଶର ଶିକାର ହେବାକୁ ପଡ଼ିଥାଏ । ଦୀର୍ଘ ଦିନ ହେବ ଏହି ତ୍ରିଲୋଚନ ମନ୍ଦିର ନିକଟରେ ଖୁଲମଖୁଲା ଭାବେ ମଦ, ଗଞ୍ଜେଇ, ଧଳା ଜହର ଓ କୋକିନ ବିକ୍ରି କରାଯାଉଥିବା ନେଇ ଅଭିଯୋଗ ହେଉଛି । ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ମହିଳାମାନେ ଗୁହାରି କରିଛନ୍ତି ।

## ଆର୍‌ଆଇଙ୍କ ଅଣଦେଖା, ହନ୍ତସନ୍ତ ହେଉଛନ୍ତି ଭୂମିହୀନ

**ଖପ୍ରାଖୋଲ, ୧୮।୩ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ମହୁରୁଣ୍ଡି ଗ୍ରାମର ଭୂମିହୀନ ପରିବାର ଖପ୍ରାଖୋଲ ରାଜସ୍ୱ ନିରୀକ୍ଷକଙ୍କ ଖାମ୍‌ଖିଆଲି ମନୋଭାବ ଯୋଗୁ ହେଉଛନ୍ତି ହନ୍ତସନ୍ତ । ଖପ୍ରାଖୋଲ ଅଞ୍ଚଳ ଆଦିବାସୀ ବହୁଳ ଅଞ୍ଚଳ। ଏଠାରେ ଲୋକମାନେ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଏହି ଆଦିବାସୀ ଲୋକମାନଙ୍କ ରହିବା ପାଇ ଘରଡିହ ନାହିଁ । ଯାହା ଫଳରେ ଏମାନଙ୍କ ପିଲା ଛୁଆ ମାନଙ୍କ ପାଠ ପଢ଼ିବା ପାଇଁ ଅସୁବିଧା ହେତୁ ଗତ ୨୨.୨.୨୩ରେ ଖପ୍ରାଖୋଲ ତସିଲଦାରଙ୍କ ଠାରେ ୪ ଡି.ମି ଜାଗା ପାଇ ଆବେଦନ କରିଥଲେ । କିନ୍ତୁ ରାଜସ୍ୱ ନିରୀକ୍ଷକଙ୍କୁ ତଦନ୍ତ କରିବା ପାଇଁ ଆଦେଶ ଦିଆଯାଇଥିଲା। ରାଜସ୍ୱ ନିରୀକ୍ଷକ ଅନ୍ୟ ଜଣଙ୍କ ଘରକୁ ଯାଇ ତଦନ୍ତ କରିଛନ୍ତି। କିନ୍ତୁ ଆଉ ଜଣେ ଭୂମିହୀନ ହେଉଛନ୍ତି ମଦନ ମୁଣ୍ଡା ଗ୍ରାମ ମହୁରୁଣ୍ଡି। ଏହି ପରିବାର ପାଇଁ ଖପ୍ରାଖୋଲ ରାଜସ୍ୱ ନିରୀକ୍ଷକ ଅଣଦେଖା କରୁଥିବାରୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଭୂମିହୀନଙ୍କୁ ଜାଗା ଦେବା ପାଇଁ ଦାବି ହେଉଛି ।

## ମେସିନ୍ ଖୋଳୁଛି ପୋଖରୀ

### କାମ ନ ପାଇଁ ଦାଦନ ଯାଉଛନ୍ତି ଶହ ଶହ ଶ୍ରମିକ

**କଣାସ, ୧୮।୩ (ସଂଚାର ବ୍ୟୁରୋ):** ରାଜ୍ୟସରକାର ଶ୍ରମିକମାନଙ୍କୁ ଚିହ୍ନଟ କରି ସ୍ୱୀକୃତିପତ୍ର ପ୍ରଦାନ କରିବା ସହିତ ବର୍ଷକୁ ଶହେଦିନ କାମ ଯୋଗାଦେବା ପାଇଁ ଗଣମାଧ୍ୟମରେ ଡେଙ୍ଗୁରା ପିଟୁଥିବା ବେଳେ ପୁରୀ



ଜିଲ୍ଲାର କଣାସ ବ୍ଲକରେ ମେସିନ୍ କାମ କରୁଥିବା ଦେଖିବାକୁ ମିଳିଛି। ବ୍ଲକର ଏନଆରଇଜିଏସ୍ ମାଧ୍ୟମରେ ପ୍ରତ୍ୟେକ ପୋଖରୀ ଖୋଳିବା ପାଇଁ ସରକାରଙ୍କ ଦ୍ୱାର ସ୍ୱୀକୃତି ପାଇଥିବା ଶ୍ରମିକମାନଙ୍କୁ କାମରେ ଲଗାଇବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଆଜି ବଡାସ ଗ୍ରାମପଞ୍ଚାୟତର ବାଲିପାଟଣା ଗ୍ରାମ ନିକଟ ବଡପୋଖରୀ ଖନନ ଜେସିବି କରୁଥିବା ବେଳେ ଟ୍ରାକ୍ଟର ଦ୍ୱାରା ମାଟି ବୁହା ଚାଲିଛି।

ଏ ସମ୍ପର୍କରେ ମାଟି ଖୋଳିବା ପାଇଁ ନିଯୁକ୍ତି ପାଇଥିବା ଠିକାଦାରା ଦେବରାଜ ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି ମୁଁ ଟେଣ୍ଡର ନେଇଛି ମେସିନ୍ ଦ୍ୱାରା ମାଟି ଖୋଳିବି ଓ ଟ୍ରାକ୍ଟର ଦ୍ୱାରା ବୁହାଇବି। ପୋଖରୀ ଖନନ କାର୍ଯ୍ୟ ଖୋର୍ଦ୍ଧା ମୃତ୍ତିକା ସଂରକ୍ଷଣ ନିଗମ ଦ୍ୱାରା କରାଯାଉଛି। ବ୍ଲକ ପ୍ରଶାସନ ଶ୍ରମିକମାନଙ୍କ ଦ୍ୱାରା ପୋଖରୀ ଖନନ କରୁଥିବା ବେଳେ ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟ କିପରି ମେସିନ୍ ଦ୍ୱାରା ପୋଖରୀ ଖନନ କରୁଛି ବୁଦ୍ଧିଜୀବୀ ମହଲରେ ବିସ୍ମୟ ସୃଷ୍ଟି କରିଛି। କାମଦାମ ନ ପାଇ ପରିବାର ପ୍ରତିପୋଷଣ ପାଇଁ ଶହଶହ ଶ୍ରମିକ ସୁଦୂର ପଞ୍ଜାବ, ହରିଆନା, ଆସାମ, ଆନ୍ଧ୍ର, କେରଳ ପ୍ରଭୃତି ରାଜ୍ୟକୁ ଚାଲିଯାଉଥିବା ଜଣାପଡ଼ିଛି।



## ପୁରୀ ଅଭିମୁଖେ ଦ୍ୱିତୀୟ ପର୍ଯ୍ୟାୟ ରଥ କାଠ

**ଦଶପଲ୍ଲା, ୧୮।୩ (ସଂଚାର ବ୍ୟୁରୋ):** ବିଶ୍ୱ ପ୍ରସିଦ୍ଧ ମହାପ୍ରଭୂ ଶ୍ରୀ ଜଗନ୍ନାଥଙ୍କ ରଥ ଯାତ୍ରା ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ୫୮ ଖଣ୍ଡ ରଥ କାଠ ଚିରଟ ପାଇଁ କଟକ ଖପୁରିଆ ସ୍ଥିତ ସ- ମିଲକୁ ପଠା ଯାଇଛି। ଏହି ସବୁ କାଠ ଗୁଡିକ ମଧ୍ୟରେ ୨୦ ଫୁଟ ଲମ୍ବର ୧୦ ଖଣ୍ଡ ଧଉରା ୧୨ ଫୁଟ ଲମ୍ବର ୯ ଖଣ୍ଡ ଧଉରା, ୨୦ ଫୁଟ ଲମ୍ବର ୧୬ ଖଣ୍ଡ, ୧୨ ଫୁଟ ଲମ୍ବର ୨୨ ଖଣ୍ଡ. ଅସନ ଓ ଗୋଟିଏ ଶିମିଳି କାଠ ରହିଛି। ଏହି ସବୁ କାଠ ଦଶପଲ୍ଲା ବିନାଞ୍ଚଳ ଅନ୍ତର୍ଗତ ସେଣ୍ଟ୍ରାଲ ସରକ୍ଷିତ ଜଙ୍ଗଲରୁ ସଙ୍ଗହ କରାଯାଇଥିବା ବେଳେ ତିଲ୍ଲାବାରୀ ଠାରେ ଥିବା ଗ୍ରାମ ଦେବତୀଙ୍କ ନିକଟରେ ପୂଜା ଅର୍ଚନା ପରେ ପଠା ଯାଇଛି। ଏହି ସମୟରେ ଟାକରା ବନପାଳ ରାକେଶ କୁମତ ସାହୁ, ବନରକ୍ଷୀ ଦିପ୍ତିମୟୀ ଦାଶଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ସୂଚନା ଥାଉକି ରଥ ନିର୍ମାଣ ପାଇଁ ପଥମ ପର୍ଯ୍ୟାୟରେ ୧୦୧ ଖଣ୍ଡ ବିଭିର୍ନ୍ନ କିସମର କାଠ ପୁରୀକୁ ପଠାଯାଇଥିଲା।

## ତୀର୍ଥଯାତ୍ରାରେ ଗଲେ ଜିଲ୍ଲାର ୮୫ ବରିଷ୍ଠ ନାଗରିକ

**ଜଗତସିଂହପୁର, ୧୮।୩ (ସଂଚାର ବ୍ୟୁରୋ):** ଆଜି ଅପରାହ୍ନରେ ଜଗତସିଂହପୁର ଜିଲ୍ଲାରୁ ୮୫ଜଣ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ସାମିଲ ହୋଇ ଅଯୋଧ୍ୟା-ବାରଣାସୀ ଅଭିମୁଖେ ଯାତ୍ରା କରିଛନ୍ତି । ଆଦିକବି ସାରଳା ଦାସ ସଂସ୍କୃତି ଭବନ ନିକଟରୁ ୨ ଗୋଟି ବସ୍ ଯୋଗେ ଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ କୁମାର ରାଉତଙ୍କ ପୌରହିତ୍ୟରେ ଜିଲ୍ଲା ପରିଷଦ, ଜଗତସିଂହପୁର ଅଧ୍ୟକ୍ଷ ମନୋଜ କୁମାର ଭୋଇ ଓ ଜଗତସିଂହପୁର ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ସମ୍ମାନନୀୟ ଅତିଥି ଭାବେ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା ଯୋଗଦାନ କରି ତୀର୍ଥଯାତ୍ରାର ଶୁଭାରମ୍ଭ କରିବା ସହିତ ତୀର୍ଥଯାତ୍ରୀ ମାନଙ୍କୁ ଆଧ୍ୟାତ୍ମିକ ଦିଗଦର୍ଶନ ଦେଇ ସେମାନଙ୍କ ଯାତ୍ରା ସୁଖମୟ ହେବା ପାଇଁ କାମନା କରିଥିଲେ ।



ବରିଷ୍ଠ ନାଗରିକ ମାନଙ୍କ ସହିତ ସେମାନଙ୍କର ସୁରକ୍ଷିତ ଓ ନିରାପଦ ଯାତ୍ରା ପାଇଁ ଜିଲ୍ଲାରୁ ଏସ୍କର୍ଟ ଅଫିସର୍ ଭାବେ ସୂର୍ଯ୍ୟକାନ୍ତ ସାହୁ, ସାରଦା ପ୍ରସନ୍ନ ସାହୁ ଓ ରାଧା ମୋହନ ଜେନା ସହାୟକ ଅଧିକାରୀ ଭାବେ ଗସ୍ତ କରିଛନ୍ତି । ଆସନ୍ତାକାଲି ପୂର୍ବାହ୍ନ ୧୧.୪୫ ସମୟରେ ସ୍ୱତନ୍ତ୍ର ଟ୍ରେନ ଯୋଗେ ସେମାନେ ଅଯୋଧ୍ୟା-ବାରଣାସୀ ଅଭିମୁଖେ ଯାତ୍ରା କରିବେ। ଏହି କାର୍ଯ୍ୟକ୍ରମକୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶୁଭ ଉଦଘାଟନ କରିବେ। ଆଜି ସକାଳେ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରର ବିଶେଷଜ୍ଞ ଡାକ୍ତରମାନେ ବରିଷ୍ଠ ନାଗରିକ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧି ତଥା ଜନସାଧାରଣ ଉପସ୍ଥିତ ଥିଲେ ।

## ଭାରତୀୟ ମଜଦୁର ସଂଘର ୮ ଦଫା ଦାବିପତ୍ର ପ୍ରଦାନ




**ରାୟଗଡ଼, ୧୮।୩ (ସଂଚାର ବ୍ୟୁରୋ):** ଭାରତୀୟ ମଜଦୂର ସଂଘ ( ବିଏମଏସ) ର କେନ୍ଦ୍ରୀୟ ନିଷ୍ପତ୍ତି ଅନୁଯାୟୀ, ଦେଶର ସମସ୍ତ ଜିଲ୍ଲାପାଳଙ୍କ ମାଧ୍ୟମରେ ମାନ୍ୟବର ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ୮ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅଭିଯାନ ଅନୁସାରେ, ରାୟଗଡ଼ା ଜିଲ୍ଲାରେ ମଧ୍ୟ ବିସ୍ତୃତ ଧରଣରେ ଏକ ବିରାଟ ରାଲି ଓ ବିକ୍ଷୋଭ ପ୍ରଦର୍ଶନ ଅନୁଷ୍ଠିତ ହୋଇଥିଲା। ଭାରତୀୟ ମଜଦୂର ସଂଘର ଜିଲ୍ଲା ସମ୍ପାଦକ ଗଣେଶ କୁମାର ସାହୁଙ୍କ ନେତୃତ୍ୱରେ ଏହି ରାଲି ଠକର ବାପା ଆଶ୍ରମ ଠାରୁ ଆରମ୍ଭ ହୋଇ ସହରର ମୁଖ୍ୟ ରାସ୍ତା ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଗତି କରିଥିଲା। ଏଠି ଶ୍ରମିକମାନେ ଦିନକୁ ଦିନ ବୃଦ୍ଧି ପାଉଥିବା ମହଙ୍ଗା ଜୀବନ ଓ ସର୍ବନିମ୍ନ ପେନସନ୍ ୧୦୦୦ରୁ ୫୦୦୦ ଟଙ୍କା କୁ ବୃଦ୍ଧି କରିବା ଦାବି ସହିତ ମହଙ୍ଗା ଭତ୍ତା ଯୋଡ଼ିବା ଆବଶ୍ୟକତା ବିଷୟରେ ସ୍ୱର ଉଠାଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଭାରତୀୟ ମଜଦୂର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ ଓ ସମ୍ମାନୀୟ ଅତିଥି ମହନ ରାଓ ମାଝୀ ଉପସ୍ଥିତ ଥିଲେ।

## ବିସିପଡ଼ା ପଞ୍ଚାୟତରେ ସ୍ୱାସ୍ଥ୍ୟ ଶିବିର




**କନ୍ଧମାଳ, ୧୮।୩ (ସଂଚାର ବ୍ୟୁରୋ):** ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ, ଜିଲ୍ଲା ସ୍ୱାସ୍ଥ୍ୟ ସମିତି, କନ୍ଧମାଳ ଓ ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତର ମିଳିତ ସହଯୋଗରେ ଏକ ଗୋଷ୍ଠି ସ୍ତରୀୟ ସ୍ୱାସ୍ଥ୍ୟ ଶିବିର ଓ ରକ୍ତ ପରୀକ୍ଷା କାର୍ଯ୍ୟକ୍ରମ ସ୍ଥାନୀୟ ବିଶିପଡା ଗ୍ରାମ ପଞ୍ଚାୟତ ସ୍ଥିତ ରାଜିବଗାନ୍ଧୀ ସେବା କେନ୍ଦ୍ର କାର୍ଯ୍ୟାଳୟ ଠାରେ ଆୟୋଜିତ ହୋଇଯାଇଛି। ଅନୁଷ୍ଠାନ ମାଧ୍ୟମରେ ଜିଲ୍ଲାରେ ଚାଲିଥିବା ଲକ୍ଷ୍ୟଭେଦି ପ୍ରକଳ୍ପ ଦ୍ୱାରା କନ୍ଧମାଳ ଜିଲ୍ଲାର କୋଣ ଅନୁକୋଣରେ ଥିବା ଏଚ୍.ଆ.ଇ.ଭି. ସଂକ୍ରମିତ ମାନଙ୍କୁ ଚିହ୍ନଟ କରିବା ପାଇଁ ଗୋଷ୍ଠି ସ୍ତରରେ ସ୍ୱାସ୍ଥ୍ୟ ଶିବିର ସହିତ ସାମୂହିକ ରକ୍ତ ପରୀକ୍ଷା କରାଯାଉଛି। ବିସିପଡା ସରପଞ୍ଚ ସାକାଲି କହଁରଙ୍କ ସହଯୋଗରେ ଓ ନାଏବ ସରପଞ୍ଚ ସଂଜିବ କୁମାର ଦିଗାଲ ଙ୍କ ତତ୍ୱାବଧାନ ରେ ଅନୁଷ୍ଠିତ ଏହି ଶିବିରରେ ସାଧାରଣ ରୋଗୀଙ୍କର ଚିକିତ୍ସା ସହିତ ତିନି ପ୍ରକାର ଯଥା- ହେପାଟାଇଟିସ୍-ବି, ହେପାଟାଇଟିସ୍-ସି ଓ ଏଚ୍.ଆ.ଇ.ଭି. ପାଇଁ ନମୁନା ସଂଗ୍ରହ କରି ପରୀକ୍ଷା କରାଯାଇଥିଲା । ଏହି ଶିବିରରେ ଡାକ୍ତର ଅବିନାଶ ଶଙ୍କର ଓ ଡାକ୍ତର ବିଶ୍ୱରଞ୍ଜନ ଦାସ ଯୋଗଦେଇ ରୋଗୀମାନଙ୍କର ଚିକିତ୍ସା କରିଥିବା ବେଳେ ଫାର୍ମାସିଷ୍ଟ ଦେବୀ ପ୍ରସାଦ ସାହୁଙ୍କ ସହଯୋଗରେ ମୋଟ ଭାବରେ ୭୦ ଜଣଙ୍କୁ ମାଗଣା ଔଷଧ ବଂଟନ କରାଯାଇଥିଲା ।

## ପ୍ରଦୂଷଣ ବଳୟରେ ମାନପୁର ଓ ସୁଆଁଲ ଗାଁ

**କଳିଙ୍ଗନଗର, ୧୮।୩ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଶିଳ୍ପ ନଗରୀ କଳିଙ୍ଗନଗର ପାର୍ଶ୍ୱବର୍ତ୍ତୀ ଗାଁ ଗୁଡିକରେ ଶିଳ୍ପଜନିତ ପ୍ରଦୂଷଣର ଶିକାର ହେଉଛନ୍ତି ଅଞ୍ଚଳବାସୀ। ମାତ୍ରାଧିକ ବାୟୁ ଓ ଜଳ ପ୍ରଦୂଷଣରେ ଦାନଗଦି ବ୍ଲକ ଅନ୍ତର୍ଗତ ଧୂଳିଗଡ଼ ପଂଚାୟତର ସୁଆଁଲ ଓ ମାନଗୋବିନ୍ଦପୁର ଗାଁର ଗ୍ରାମବାସୀମାନେ ଏହି ପ୍ରଦୂଷଣର ବିଷ ପିଇ ଦୁଇ ବର୍ଷରେ ୧୪୦ ଜଣ ମୃତ୍ୟୁବରଣ କରିଥିବା ବେଳେ ଆହୁରି ଏକାଧିକ ଅଧିବାସୀ ବର୍ତ୍ତମାନ ରୋଗ ଶଯ୍ୟାରେ ଶଯ୍ୟାଶାୟୀ ହୋଇ ମରଣକୁ ଅପେକ୍ଷା କରିଛନ୍ତି। ଖାଲି ଗ୍ରାମବାସୀ ନୁହଁନ୍ତି ଏହି ଗାଁରେ ଥିବା ବିଦ୍ୟାଳୟ ଗୁଡିକ ମଧ୍ୟ ପ୍ରଦୂଷଣ ବିଷ ବଳୟରେ ରହୁଛି।



ମାନଗୋବିନ୍ଦପୁର ବିଦ୍ୟାଳୟଟି ସୁକିନ୍ଦା ରୋଡ଼ ରେଳ ସାଇଡିଙ୍ଗ ଠାରୁ ମାତ୍ର ୧୦୦ ମିଟର ଦୂର ହେବ ଏବଂ ଏହି ବିଦ୍ୟାଳୟକୁ ଲାଗି ଏହି ଗାଁର ନୀଳପଦା ସାହି ଅଙ୍ଗନବାଡି କେନ୍ଦ୍ର ଅବସ୍ଥିତ। ରେଳ ପ୍ଲଟରେ କୋଇଲା, କ୍ଲିଙ୍କର ଖାଲି ହେଲେ ଗୁଣ୍ଡ ଉଡି ଆସି ବିଦ୍ୟାଳୟ ଓ ଅଙ୍ଗନବାଡି ଭିତରେ ପଡୁଛି। ଅଙ୍ଗନବାଡି ଠାରୁ ଦଶମ ପର୍ଯ୍ୟନ୍ତ ୫୦୦ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଏହି ଧୂଳିଗୁଣ୍ଡରେ କଲବଲ ହେଉଛନ୍ତି। ସେହିପରି ସୁଆଁଲ ଗାଁ ଏବେ ଧୂଳିର ଚାଦର ତଳେ ଘୋଡାଇ ହୋଇ ସର୍ବଦା ରହୁଥିବା ବେଳେ ରୋଗରେ ଶଯ୍ୟାଶାୟୀ ସୁଆଁଲ ଗାଁ କହିଲେ ଅତିକ୍ତ୍ୟ ହେବ ନାହିଁ।

ଏହି ସୁଆଁଲ ଗାଁଟିରେ ସଂଖ୍ୟାଧିକ ଲୋକ ଆଦିବାସୀ ଓ ହରିଜନ ବର୍ଗର। ପ୍ରାୟତଃ ଅଧିକାଂଶ ଲୋକ ଦିନ ମଜୁରିଆ ଭାବେ କାମ କରି ପରିବାର ପ୍ରତିପୋଷଣ କରନ୍ତି। ଏହି ଗାଁରେ ଥିବା ଗୁଳାସାହି ଏକ ପ୍ରକାର ପୁରୁଷ ଶୂନ୍ୟ ହେବାକୁ ବସିଲାଣି। ଜଣଙ୍କର ଶୁଦ୍ଧିକ୍ରିୟା ସରୁ ସରୁ ଆଉ ଏକ ମୁଣ୍ଡ ନେଉଛି ଏହି ପ୍ରଦୂଷଣ। ଏହି ଗାଁରେ ବିଧବା ଓ ଅନାଥ ପିଲାଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସେମାନଙ୍କ ଦୁଃଖ କହିଲେ ନ ସରେ। ବାପା ମାଙ୍କର ମୃତ୍ୟୁ ପରେ କୋମଳମତି ପିଲାମାନଙ୍କର ଭବିଷ୍ୟତ ଉଜୁଡି ଯାଉଛି। ସେମାନେ ପଥଭ୍ରଷ୍ଟ ହୋଇ ଶିଶୁ ଶ୍ରମିକ ଭାବେ ବାହାରକୁ ଦାଦନ ଖରିବାକୁ ଚାଲିଯାଉଛନ୍ତି। ଆଉ କିଛି ଶିଶୁ ଏହି ସୁକିନ୍ଦା ରୋଡ ରେଳ ସାଇଡଙ୍ଗରେ କୋଇଲା ଗୋଟାଇ ନିଜର ପେଟ ପାଇଁ ଦାନା ଯୋଗାଡ଼ କରୁଛନ୍ତି।

ଏସବୁର ମୁଖ୍ୟ କାରଣ ହେଲା କଳିଙ୍ଗନଗର କାରଖାନାକୁ ଆସୁଥିବା କଞ୍ଚାମାଲ କୋଇଲା, ଚୂନ ପଥର, କ୍ଲିଙ୍କର, କ୍ରୋମଇଟ, ଲୁହାପଥର ଏହି ସୁଆଁଲ ଗାଁକୁ ଲାଗିରହିଥିବା ସୁକିନ୍ଦା ରୋଡ ରେଳ ଷ୍ଟେସନ ସାଇଡିଙ୍ଗରେ ଖଲାସ ହୋଇ ହାଓ୍ୱା ଓ ଡମ୍ଫରରେ କାରଖାନା ଭିତରକୁ ରାତି ଚବିଶ ଘଣ୍ଟା ପରିବହନ ହୁଏ। ଯାହାଫଳରେ ମାତ୍ରାଧିକ ଧୂଳି ଉଡି ଏହି ପାଖରେ ଥିବା ନୀଳପଦା, ମୁଣ୍ଡା ସାହି, ଗୁଳା ସାହି, ବେହେରା ସାହି, ସୁଆଁଲର ଗଛପତ୍ର, ଘର ଦ୍ୱାର, କୂଅ ପୋଖରୀରେ ପଡ଼ି ବାୟୁ ଜଳ ପ୍ରଦୂଷିତ ହୁଏ। ଯଦି ଏପରି ପ୍ରଦୂଷିତ ଗାଁଟିକୁ ପ୍ରଦୂଷଣ ବିଭାଗ କି ଶ୍ରମିକ ନେତା, ରାଜନେତା, କମ୍ପାନୀ କର୍ତ୍ତୃପକ୍ଷ, ରେଳ ବିଭାଗ ବିଜ୍ଞାପନ କି କୌଣସି ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ନ କରନ୍ତି ତାହେଲେ ଏ ସାହି ଗୁଡିକ ଜନ ଶୂନ୍ୟ ହୋଇଯିବ ନିଶ୍ଚିତ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ।

## ଯୁବକଙ୍କ ଝୁଲନ୍ତା ଶବ ଉଦ୍ଧାର

**ସୁନ୍ଦରଗଡ, ୧୮।୩ (ସଂଚାର ବ୍ୟୁରୋ):** ମଙ୍ଗଳବାର ସକାଳ ୭ଟା ବେଳେ ସଦରଥାନା ରସରାଜପୁର ବୁଲାଣି ନିକଟ ଜଙ୍ଗଲରେ ଜଣେ ଯୁବକଙ୍କ ଝୁଲନ୍ତା ଶବ ଦେଖିବାକୁ ମିଳିଛି। ତେବେ ମୃତ ଯୁବକ ଜଣଙ୍କ ହେଲେ ଆକାଶ ମିଞ୍ଜ ଓ ତାଙ୍କ ବୟସ ୨୫ ବର୍ଷ। ଏକ ଗଛରେ ଗାମୁଛାରେ ଝୁଲୁଥିବା ଲୋକେ ଠାବ କରିବା ସହ ସଦର ଥାନାକୁ ସୂଚନା ଦେଇଛନ୍ତି । ତେବେ ମୃତକଙ୍କ ଘର ରସରାଜପୁର ବୋଲି ଜଣା ପଡିଛି। ଏହା ଆତ୍ମହତ୍ୟା କି ହତ୍ୟା ତାହା ପୁଲିସ ତଦନ୍ତରେ ଜଣାପଡ଼ିବ।



## ଲାଲବାଗରେ ପୁଲିସ ବ୍ୟାରିକେଡ୍ ଉଦ୍‌ଘାଟିତ



**ଦଶରଥପୁର, ୧୮।୩ (ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ ଖାନନଗର ପଞ୍ଚାୟତସ୍ତ ଲାଲବାଗ ମଲ୍ଲିକ ସାହିଠାରେ ଆଜି ଲାଲବାଗ ଦକ୍ଷିଣପାରି ଜନସାଧାରଣ ମାନଙ୍କ ଦ୍ୱାରା ପ୍ରଦତ୍ତ ଦୁଇଟି ପୋଲିସ ବ୍ୟାରିକେଟ ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କମାରଡ଼ିହି ପାକ୍ସ ସଭାପତି ଭାଗିରଥି ସାହୁ, ଖାନନଗର ପଞ୍ଚାୟତର ସରପଞ୍ଚ ଶୁଭଶ୍ରୀ ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ଏସଆଇ ବିଭୁତି ମହାପାତ୍ର, ଏଏସଆଇ ବିକ୍ରମ ରାଉତ ରାୟ, ଯାଜପୁର ଜିଲ୍ଲା ବିଜୁ ଯୁବଜନତା ଦଳର ଉପସଭାପତି ବିରଜା ମଲ୍ଲିକ ପ୍ରମୁଖ ଯୋଗ ଦେଇଥିବା ବେଳେ ସରପଞ୍ଚ ଶୁଭଶ୍ରୀ ମଲ୍ଲିକ ଫିତା କାଟି ଉଦ୍‌ଘାଟନ କରିଥିଲେ। ସଡ଼କ ଦୁର୍ଘଟଣାକୁ ରୋକିବା ପାଇଁ ଲାଲବାଗ ଦକ୍ଷିଣପାରି ଜନସାଧାରଣଙ୍କ ଦ୍ୱାରା ନିଆଯାଇଥିବା ଏଭଳି ଏକ ମହତ ପଦକ୍ଷପକୁ ସାଧାରଣରେ ପ୍ରଶଂସା କରାଯାଇଛି।

SANCHAR
ସଂଚାର ବୁଧବାର ୧୯ ମାର୍ଚ୍ଚ ୨୦୨୫

# ପରିବେଶ

# ଗ୍ରୀଷ୍ମ ଲହରି ବଢ଼ାଇଛି ୪୧% ବିଜୁଳି ଚାହିଦା

୨୦୨୩ ଗ୍ରୀଷ୍ମକାଳରେ ଭାରତର କିଛି ଅଞ୍ଚଳରେ ଯେତେବେଳେ ତାପମାତ୍ରା ୫୦ ଡିଗ୍ରି ସେଲସିଅସ ଛୁଇଁଥିଲା, ସେତେବେଳେ ଦେଶର ବିଜୁଳି ବ୍ୟବହାରରେ ଆଶ୍ଚର୍ଯ୍ୟଜନକ ଭାବେ ୪୧ ପ୍ରତିଶତ ବୃଦ୍ଧି ପରିଲକ୍ଷିତ ହୋଇଥିଲା। ଅଧିକ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଅର୍ଥାତ୍ ବାୟୁମଣ୍ଡଳକୁ ଅଧିକ ଦୂଷିତ ବାଷ୍ପ ନିର୍ଗମନ। ସୁତରାଂ ଏଭଳି ମାତ୍ରାଧିକ ତାପମାତ୍ରା ବୃଦ୍ଧି ପରିବେଶର ଏକ ବଡ଼ ଶତ୍ରୁ ବୋଲି 'କ୍ଲାଇମେଟ୍ ଟ୍ରେଣ୍ଡ୍' ରିପୋର୍ଟରେ ପ୍ରକାଶ ପାଇଛି।

ଦେଶର ଶକ୍ତି ବ୍ୟବହାରକୁ ବିଶ୍ଳେଷଣ କରି ଉତ୍ତାପ ଓ ସର୍ବାଧିକ ବିଦ୍ୟୁତ୍ ଚାହିଦା ମଧ୍ୟରେ ସିଧାସଳଖ ସମ୍ପର୍କ ରହିଥିବା କଥା 'କ୍ଲାଇମେଟ୍ ଟ୍ରେଣ୍ଡ୍' ଜାଣିବାକୁ ପାଇଛି। ୧୯୦୧ ମସିହା ପରଠାରୁ ଚଳିତବର୍ଷ ଫେବୃଆରି ମାସ ସବୁଠୁ ଅଧିକ ତାପମାତ୍ରା ରେକର୍ଡ କରିଥିବା ବେଳେ ଏହି ଧାରା ଜାରି ରହିବ। ଆବାସିକ ଓ ଶିଳ୍ପ ଉଦ୍ଦେଶ୍ୟରେ ଶୀତଳୀକରଣ ଉପକରଣର ବ୍ୟବହାର ବୃଦ୍ଧି ଗ୍ରୀଷ୍ମ ଋତୁରେ ବିଦ୍ୟୁତ୍ ଚାହିଦାର ମୁଖ୍ୟ ବାହକ ବୋଲି ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ୨୦୨୩ରେ ଦେଶରେ ହାରାହାରି ସର୍ବାଧିକ ଗ୍ରୀଷ୍ମ ତାପମାତ୍ରା ୪୪ ଡିଗ୍ରି ସେଲ୍‌ସିଅସରେ ପହଞ୍ଚିଥିବା ବେଳେ କେତେକ ସ୍ଥାନରେ ତାହା ୫୦ ଡିଗ୍ରି ସେଲସିଅସ ମଧ୍ୟ ଟପିଯାଇଥିଲା। ଏଥି ସହିତ ୪୦ ଡିଗ୍ରିରୁ ଅଧିକ ତାପମାତ୍ରା ଥିବା ୫୦ଟି ଏବଂ ୩୭ ଡିଗ୍ରିରୁ ଅଧିକ ଥିବା ୭୩ଟି ଗ୍ରୀଷ୍ମ ଲହରି ରେକର୍ଡ କରାଯାଇଥିଲା। ତେଲେଙ୍ଗାନା, ମଧ୍ୟପ୍ରଦେଶ ଓ ଦିଲ୍ଲୀ-ଏନ୍‌ସିଆର୍‌ରେ ସର୍ବାଧିକ ଗ୍ରୀଷ୍ମଲହରି ଦେଖିବାକୁ ମିଳିଥିଲା। ସେହି ବର୍ଷ ବିଦ୍ୟୁତ୍ ଚାହିଦାର ସିଂହଭାଗ ଜୀବାଶ୍ମ ଇନ୍ଧନ ଦ୍ୱାରା ପୂରଣ ହୋଇଥିଲା। କେବଳ ଜନସଂଖ୍ୟା ବୃଦ୍ଧି ନୁହେଁ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ତାପମାତ୍ରା ବୃଦ୍ଧି ପାଇଁ ଆଗାମୀ ବର୍ଷମାନଙ୍କରେ ଭାରତରେ ସମ୍ଭାବ୍ୟ ବିଜୁଳି ଚାହିଦା କିପରି ବଢ଼ିବ, ତାହା ମଧ୍ୟ ଏହି ରିପୋର୍ଟରେ ଉଲ୍ଲେଖ କରାଯିବା ସହ ଏଥି ପ୍ରତି ସତର୍କ ରହିବାକୁ ପରାମର୍ଶ କରାଯାଇଛି। ହଠାତ୍ ବିଜୁଳି ଚାହିଦା ବୃଦ୍ଧିକୁ ଆର୍ଥିକ ବିକାଶର ସଂକେତ ଭାବେ ବୁଝି ଆମେ ଭୁଲ୍ କରୁଛନ୍ତି। କାରଣ ତାପମାତ୍ରା ବୃଦ୍ଧି ଯୋଗୁଁ ବିଦ୍ୟୁତ୍ ଚାହିଦାରେ ଅତିରିକ୍ତ ବୃଦ୍ଧି ଘଟୁଛି। ଆମେ ଯେତେ ଜୀବାଶ୍ମ ଉପରେ ନିର୍ଭରଶୀଳତା ବଢ଼ାଇବା, ସେତେ ଅଧିକ ତାତି ବଢ଼ିବ। କାରଣ ତାହାଦ୍ୱାରା ଅଧିକ ଅଙ୍ଗାରକାମ୍ଳ ନିର୍ଗମନ ହୋଇ ଜଳବାୟୁ ପରିବର୍ତ୍ତନକୁ ଆହୁରି ଉତ୍‌ପ୍ରେରିତ କରିବ।





# ପୁନର୍ବ୍ୟବହାର ଅପେକ୍ଷାରେ ୭୫ କୋଟି ଟନ୍ ଶିଳ୍ପ ବର୍ଜ୍ୟ



**ବିଜ୍ଞାନ ଓ ପରିବେଶ କେନ୍ଦ୍ର(ସିଏସ୍‌ଇ)ର ସଦ୍ୟ ରିପୋର୍ଟରୁ ଜଣାପଡ଼ିଛି ଯେ ଇସ୍ପାତ୍ ଖଦ ଓ ଫ୍ଲାଇ ଆସ୍ ପରି ଶିଳ୍ପ ବର୍ଜ୍ୟର ପୁନର୍ବ୍ୟବହାର କରି ଭାରତ ବର୍ଷକୁ ୫୦ରୁ ୯୦ ମିଲିଅନ୍ ଟନ୍ ଯାଏ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିପାରିବ**

ଭାରତର କ୍ରମବର୍ଦ୍ଧିଷ୍ଣୁ ଶିଳ୍ପ ବର୍ଜ୍ୟ ସମସ୍ୟାର ଉତ୍କୃଷ୍ଟ ସମାଧାନ ହେଉଛି ତାହାକୁ ପୁନଃଚକ୍ରଣ କରିବା। ପୁନଃଚକ୍ରଣ କହିଲେ ସାଧାରଣତଃ ଶିଳ୍ପ ଉତ୍ପାଦନ ପ୍ରକ୍ରିୟାରୁ ଉତ୍ପନ୍ନ ବର୍ଜ୍ୟ ସାମଗ୍ରୀର ସ୍ଥାୟୀ ବ୍ୟବହାରକୁ ବୁଝାଯାଏ। ଏହା ବର୍ଜ୍ୟ ଉତ୍ପାଦାନକୁ ସୀମିତ କରିଥାଏ। ତେବେ ୨୦୩୦ ମସିହା ସୁଦ୍ଧା ଦେଶ ୭୫୦ ନିୟୁତ ଟନ୍ ଓଜନର ଇସ୍ପାତ ଖଦ ଓ ଫ୍ଲାଇ ଆସ୍ ପରି ଶିଳ୍ପବର୍ଜ୍ୟର ପୁନର୍ବ୍ୟବହାର କରିପାରିବ ବୋଲି ବିଜ୍ଞାନ ଓ ପରିବେଶ କେନ୍ଦ୍ର(ସିଏସ୍‌ଇ)ର ସଦ୍ୟ ରିପୋର୍ଟରୁ ଜଣାପଡ଼ିଛି। ଏହା ୫୦ରୁ ୯୦ ମିଲିଅନ୍ ଟନ୍ ଅଙ୍ଗାରକାମ୍ଳ ନିର୍ଗମନ ମଧ୍ୟ ହ୍ରାସ କରିପାରିବ। ସମ୍ପ୍ରତି ଜାତୀୟ ଓ ବିଶ୍ୱସ୍ତରରେ ବର୍ଜ୍ୟର ପୁନର୍ବ୍ୟବହାରଶୀଳତା ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଭାବରେ ଉଭା ହୋଇଛି। ଶିଳ୍ପବର୍ଜ୍ୟ ଅପଚୟ ନୁହେଁ, ବରଂ ଏକ ମୂଲ୍ୟବାନ ସମ୍ବଳ ବୋଲି ସିଏସ୍‌ଇର ମହାନିର୍ଦ୍ଦେଶିକା ସୁନୀତା ନାରାୟଣ କହିଛନ୍ତି। ଭାରତରେ ପୁନଃଚକ୍ରଣ ଉପରେ ଧ୍ୟାନ ଦିଆଯାଇଛି, ଯାହା ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୫ ବଜେଟ ଭାଷଣରେ ଉଲ୍ଲେଖ କରିଥିଲେ। ସିଏସ୍‌ଇ ରିପୋର୍ଟ ଅନୁଯାୟୀ, ଭାରତରେ ପାର୍ଥିବ ଶିଳ୍ପ ବ୍ୟବହାର ୨୦୧୫ ମସିହାରେ ୭୦୦ କୋଟି ଟନ୍ ଥିଲା ବେଳେ ୨୦୩୦ ବେଳକୁ ତାହା ଦ୍ୱିଗୁଣିତ ହୋଇ ୧୪୨୦ କୋଟି ଟନ୍‌ରେ ପହଞ୍ଚିଯିବ। ୟୁରୋପରେ ୭୦ ପ୍ରତିଶତ ସାମଗ୍ରୀ ପୁନଃପ୍ରକ୍ରିୟାକୃତ ହେଉଥିବା ବେଳେ ଭାରତରେ ପୁନର୍ବ୍ୟବହାରକ୍ଷମ ସାମଗ୍ରୀର ପରିମାଣ ହେଉଛି ମାତ୍ର ୨୦ ପ୍ରତିଶତ। ଶିଳ୍ପରୁ ବାହାରୁଥିବା ବିପଦପୂର୍ଣ୍ଣ ଆବର୍ଜନାର ଅନୁପଯୁକ୍ତ ପରିଚାଳନା ଯୋଗୁଁ ୧୯୮୪ର ଭୋପାଳ ଗ୍ୟାସ ଦୁର୍ଘଟଣା ପରି ଦୁଃଖଦ ପରିସ୍ଥିତିର ଆଶଙ୍କା ରହିଛି। ଏହି ଆବର୍ଜନା ସ୍ଥାନୀୟ ସମ୍ପ୍ରଦାୟ, ବନ୍ୟପ୍ରାଣୀ ଏବଂ ଉଦ୍ଭିଦ ପ୍ରତି ବିପଦ ସୃଷ୍ଟି କରୁଥିବାରୁ ପୁନଃଚକ୍ରଣ ଉପରେ ସିଏସ୍‌ଇ ଗୁରୁତ୍ୱାରୋପ କରିଛି, ଯାହା ସମ୍ବଳର ସଂରକ୍ଷଣ କରିପାରିବ। ଉଦାହରଣ ସ୍ୱରୂପ, ବାୟୋମାସ ଭଳି ଶିଳ୍ପବର୍ଜ୍ୟରୁ ପ୍ରାପ୍ତ ବିକଳ୍ପ ଇନ୍ଧନ ଓ କଞ୍ଚାମାଲ ଭାରତରେ କୋଇଲା ବ୍ୟବହାରକୁ ହ୍ରାସ କରିପାରିବ। ସେହିପରି ସିମେଣ୍ଟ ଶିଳ୍ପର ବିଦ୍ୟୁତ୍ କ୍ଷେତ୍ରରୁ ଫ୍ଲାଇ ଆସ୍‌ର ବ୍ୟବହାର ଏବଂ ରାସ୍ତା ଓ କୋଠାବାଡ଼ି ନିର୍ମାଣରେ ଲୁହା ଓ ଇସ୍ପାତ ଶିଳ୍ପରୁ ଉତ୍ପନ୍ନ ଖାଦର ପୁନର୍ବ୍ୟବହାର ହୋଇପାରିବ। ଯଦିଓ ଗୁଜରାଟ, ଗୋଆ ଓ କର୍ଣ୍ଣାଟକ ପରି ରାଜ୍ୟରେ ପୁନଃଚକ୍ରଣ ଦିଗରେ ଉଲ୍ଲେଖନୀୟ ପଦକ୍ଷେପମାନ ନିଆଯାଇଛି, ତେବେ ଦେଶର ଅନ୍ୟ ରାଜ୍ୟମାନେ ମଧ୍ୟ ତାହା ଅନୁସରଣ କରିବାର ଆବଶ୍ୟକତା ରହିଛି ବୋଲି

## ଅଙ୍କୁର ବିଚାର

# ଆଲୋକ ପ୍ରଦୂଷଣ ରୋକିବା



ଆଲୋକ ପ୍ରଦୂଷଣ ପରିବେଶ ପ୍ରଦୂଷଣର ଏକ ଅଂଶ। ଏହାର ଗୋଟିଏ ଦିଗ ହେଉଛି 'ସ୍କାଏ ଗ୍ଲୋ'। ଏହି ଆକାଶୀୟ ଚମକ ଆକାଶରେ ଉଡ଼ି ଯାଉଥିବା ପକ୍ଷୀମାନଙ୍କର ଗତିପଥକୁ ପ୍ରଭାବିତ କରୁଛି। ଆଲୋକ କଣିକା ଏଣେତେଣେ ବିଚ୍ଛୁରିତ ହେବା ଦ୍ୱାରା ଆମ ଆଚରଣ ଏବଂ କାର୍ଯ୍ୟକ୍ଷମତା ପରିବର୍ତ୍ତିତ ହେଉଛି। ଅତ୍ୟଧିକ ଆଲୁଅ ଆମ ଦୃଷ୍ଟିଶକ୍ତି ଓ ସ୍ମୃତିଶକ୍ତିକୁ ଦୁର୍ବଳ କରୁଛି। ରାତିରେ ଦିନର ଭ୍ରମ ସୃଷ୍ଟି ହେଉଛି। ଫଳସ୍ୱରୂପ ଆମ ଜୀବନଚକ୍ର ପ୍ରଭାବିତ ହେଉଛି। ରାତିର ଖଣ୍ଡିତ ନିଦ କର୍କଟ ଓ ହୃଦ୍‌ରୋଗ ବଢ଼ାଉଛି। ମନୁଷ୍ୟଙ୍କ ଭଳି ପଶୁପକ୍ଷୀଙ୍କ ନିଦ୍ରା ଯିବା ଓ ଉଠିବା ସମୟରେ ଅନ୍ତର ଦେଖାଦେଉଛି। ଅଧ୍ୟୟନରୁ ଜଣାପଡ଼ିଛି ଯେ, ଆଲୋକ ପ୍ରଦୂଷଣ ଯୋଗୁଁ ଗତ କିଛି ଦଶନ୍ଧି ମଧ୍ୟରେ ଜୀବଜନ୍ତୁଙ୍କ ଦୃଷ୍ଟିଶକ୍ତିରେ ଅପ୍ରତ୍ୟାଶିତ ପରିବର୍ତ୍ତନ ଆସିଛି। ଆଜିର କୃତ୍ରିମ ଆଲୋକ ସମୁଦ୍ର ଜୀବଙ୍କ ଦୃଷ୍ଟିଶକ୍ତିକୁ ମଧ୍ୟ ମଳିନ କରିଦେଉଛି। ଫଳତଃ ସାମୁଦ୍ରିକ ଜୀବମାନେ ଦିଗହରା ହୋଇ ପଥଚ୍ୟୁତ ହେଉଛନ୍ତି। ଆଲୋକ ପ୍ରଦୂଷଣର କୁପ୍ରଭାବ ସବୁଜ ଉଦ୍ଭିଦ ଉପରେ ମଧ୍ୟ ପଡୁଛି। ଉଦ୍ଭିଦଗୁଡ଼ିକ କୃତ୍ରିମ ଆଲୋକର ଉପସ୍ଥିତି ଦ୍ୱାରା ଭ୍ରମିତ ହେଉଛନ୍ତି। ଗଛ ବଢ଼ିବା, ଫୁଲ ଫୁଟିବା, ଫୁଲରୁ ଫଳ ହେବା, ପତ୍ର ଝଡ଼ିବା ଏବଂ ନିଜ ପାଇଁ ଖାଦ୍ୟ ପ୍ରସ୍ତୁତି ସକାଶେ ଉଦ୍ଭିଦ ଜଗତକୁ ଆଲୋକର ଉପସ୍ଥିତି ନିହାତି ଆବଶ୍ୟକ। କିନ୍ତୁ କୃତ୍ରିମ ଆଲୋକ ଉଦ୍ଭିଦ ଜଗତ ପାଇଁ ବିପଦ ବଢ଼ାଉଛି। ତେଣୁ ଆଲୋକ ପ୍ରଦୂଷଣ କମାଇବା ପାଇଁ ଆମେ ପଦକ୍ଷେପ ନେବା ଦରକାର।

**- ଆଦ୍ୟାସା ଅଭନ୍ତିକା**
**ଷଷ୍ଠ ଶ୍ରେଣୀ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଡେଲାଙ୍ଗ, ପୁରୀ**

# ଚକୋଲେଟ୍ ପାଇଁ ବିପଦରେ ବୃହତ୍ତମ କୀଟ

ଚକୋଲେଟ୍ ପ୍ରତି ଆମର ଆକର୍ଷଣ ପୃଥିବୀର ବୃହତ୍ତମ ପୋକମାନଙ୍କ ପାଇଁ ଏକ ନିରବ ସଂକଟ ସୃଷ୍ଟି କରିଛି। ନିଜର ଉଲ୍ଲେଖନୀୟ ଆକାର ଓ ଇନ୍ଦ୍ରଧନୁମୟୀ କୋଷ ପାଇଁ ପରିଚିତ 'ଗୋଲିଆଥ୍ ବିଟଲ୍' ଏକଦା ଘନ ବର୍ଷା ଅରଣ୍ୟରେ ବଢ଼ି ସମୃଦ୍ଧ ହୋଇଥିବା ବେଳେ ସମ୍ପ୍ରତି ପଶ୍ଚିମ ଆଫ୍ରିକାର ବିସ୍ତୃତ କୋକୋ ବଗିଚାକୁ ଏହାର ବାସସ୍ଥାନ ସଂକୁଚିତ ହୋଇଯାଇଛି। ଦକ୍ଷିଣ ଆଫ୍ରିକା ଉପକୂଳସ୍ଥ ଆଇଭରି କୋଷ୍ଟ୍ ଅନ୍ତର୍ଗତ କୋଟ୍ ଡି'ଆଇଭୋରରେ ବାସସ୍ଥାନ ନଷ୍ଟ ଯୋଗୁଁ ଏହି ପ୍ରଜାତିର ଗୋଲିଆଥସ୍ କାସିଅସ୍ ସଂଖ୍ୟାରେ ୮୦ ପ୍ରତିଶତ ହ୍ରାସ ଦେଖାଯାଇଛି। ସେହିପରି ଗୋଲିଆଥ୍ ରେଜିଅସ୍ ଜାତିର ବାସସ୍ଥାନରେ ମଧ୍ୟ ୪୦ ପ୍ରତିଶତ କ୍ଷତିଗ୍ରସ୍ତ ହୋଇଥିବା ଜଣାଯାଇଛି। ସୂଚନାଯୋଗ୍ୟ, ୧୧୦ ମିଲିମିଟର ବା ୪.୩ ଇଞ୍ଚ ଯାଏ ବଢୁଥିବା ଏହି କୀଟର ପରିସଂସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହାର ମୋଟ ପାଞ୍ଚଟି ଜାତି ଥିବା ବେଳେ ଅଣ୍ଡିରା କୀଟମାନଙ୍କର ଏକ 'Y' ଆକୃତିର ଶିଙ୍ଗ ଥାଏ। ସେମାନଙ୍କର ଲାର୍ଭାଗୁଡ଼ିକ ଗଛର ବର୍ଜ୍ୟ ଗଣ୍ଡିମାନଙ୍କରେ ବଢ଼ିଥା'ନ୍ତି, ବେଳେ ବେଳେ ପଚାଶଢ଼ା ମାଂସ ଉପରେ ନିର୍ଭର କରିଥା'ନ୍ତି। ଏହା ଦ୍ୱାରା ସେମାନେ ବର୍ଜ୍ୟ ପଦାର୍ଥକୁ ବିଘଟନ କରି ମୃତ୍ତିକାର ସ୍ୱାସ୍ଥ୍ୟରେ ଉନ୍ନତି ଆଣିଥା'ନ୍ତି, ଯାହା ଅନ୍ୟ ସଜୀବମାନଙ୍କ ପାଇଁ ସହାୟକ ହୋଇଥାଏ।

ବିଶାଳ ଗୋଲିଆଥ୍ ବିଟଲ୍ ପରିବେଶ ପାଇଁ ଶୁଭଙ୍କର ହୋଇଥିବା ବେଳେ ସେମାନଙ୍କ ସଂଖ୍ୟାରେ ହ୍ରାସ ପର୍ଯ୍ୟାବରଣ ପ୍ରଣାଳୀରେ ସଂକଟ ଆଣୁଥିବା ପରିବେଶବିଜ୍ଞାନୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ପଶ୍ଚିମ ଆଫ୍ରିକା ଦୀର୍ଘ ଦିନ ଧରି ବିଶ୍ୱ କୋକୋ ଶିଳ୍ପର କେନ୍ଦ୍ରସ୍ଥଳ ହୋଇ ରହି ଆସିଛି, ଯାହା ବିଶ୍ୱର ୭୦ ପ୍ରତିଶତରୁ ଅଧିକ ଚକୋଲେଟ୍ ଯୋଗାଣ କରିଥାଏ। କୋକୋର ବର୍ଦ୍ଧିତ ଚାଷ ଯୋଗୁଁ ବିସ୍ତୃତ ଜଙ୍ଗଲ ସଫା ହେବା ଦ୍ୱାରା ଗୋଲିଆଥ୍ ବିଟଲ୍‌ଙ୍କର ପ୍ରାକୃତିକ ବାସସ୍ଥାନ ନଷ୍ଟ ହେବା ସହ ସେମାନେ ଖାଦ୍ୟ, ପ୍ରଜନନ ଓ ବଞ୍ଚିବା ପ୍ରକ୍ରିୟା ସଂକଟାପନ୍ନ ହୋଇପଡ଼ିଛି। ଏପରି କୋକୋ ଚାଷ ବୃଦ୍ଧି ସଂପୃକ୍ତ କୀଟଗୁଡ଼ିକୁ ବିଲୁପ୍ତ ହେବାକୁ ବାଧ୍ୟ କରିଛି। ଏଥି ସହିତ ବିରଳ କୀଟପତଙ୍ଗ ସଂଗ୍ରହ ପ୍ରତି ମନୁଷ୍ୟର ଆକର୍ଷଣ ମଧ୍ୟ ସେମାନଙ୍କର ସଂଖ୍ୟା ହ୍ରାସ କରୁଛି। ଏହି ସୁନ୍ଦର ପୋକଟିର ବିରଳତା ତଥା ଆକର୍ଷଣୀୟ ସୌନ୍ଦର୍ଯ୍ୟ ଦ୍ୱାରା ଆକର୍ଷିତ ହୋଇ ସଂଗ୍ରାହକମାନେ ଆନ୍ତର୍ଜାତିକ ବଜାରରେ ବିକ୍ରି ପାଇଁ ତାହାକୁ ଧରିଥା'ନ୍ତି। ଏ ପରିପ୍ରେକ୍ଷୀରେ ଉକ୍ତ ଗୁରୁତ୍ୱପୂର୍ଣ୍ଣ କୀଟର ସଂରକ୍ଷଣ ପ୍ରୟାସକୁ ତ୍ୱରାନ୍ୱିତ କରିବା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି।



# ଦୀର୍ଘସ୍ଥାୟୀ କୃଷି ଓ ପରିବେଶ ସଂରକ୍ଷଣରେ ସଂଯୋଗ

ଉପକୂଳ ଓଡ଼ିଶାସ୍ଥିତ ଚିଲିକା ବ୍ଲକ୍‌ର ହାଟବରଡ଼ି ଗାଁରେ ବଡ଼ ହୋଇଛନ୍ତି ସଂଯୋଗ ସାହୁ। ପିଲାଦିନୁ ହିଁ ସେ ଚିଲିକାର ଅପରୂପ ସୌନ୍ଦର୍ଯ୍ୟ ଓ ପରିବେଶ ଭିତରେ ଦିନ କାଟିଛନ୍ତି। ତାଙ୍କ ଜେଜେବାପାଙ୍କର ମଧ୍ୟ ଗଛ ଲଗାଇବା, ଯତ୍ନ ନେବା ତଥା ବିଭିନ୍ନ ଗଛ ସମ୍ପର୍କରେ ଜାଣିବାରେ ଆଗ୍ରହ ଥିଲା। ତେଣୁ ପିଲା ଦିନେ ସେ ଜେଜେଙ୍କ ସହ ବୁଲି ପରିବେଶ ଓ ଉଦ୍ଭିଦ ସମ୍ପର୍କରେ ଅନେକ କିଛି ଜାଣିବାର ସୁଯୋଗ ପାଇଛନ୍ତି। ତେବେ ଛୋଟରୁ ବଡ଼ ହେବା ଭିତରେ ଚିଲିକାର ବଦଳୁଥିବା ପରିବେଶ ତାଙ୍କୁ ଚିନ୍ତିତ କରିଛି। ଫଳରେ ପରିବେଶ ଓ ଜୀବଜଗତର ସୁରକ୍ଷା ଓ ସଂରକ୍ଷଣ ଦିଗରେ ତାଙ୍କ ମନ ବଳିଛି। ପରିବେଶକୁ ସୁରକ୍ଷା ଦେବାର ଅନ୍ୟ ଏକ ଉପାୟ ହେଉଛି କଠୋର ଆଇନ ଆଣିବା। ଏଣୁ ସେ ଆଇନ ଓ ପରେ ପରିବେଶ ମାନବବିଜ୍ଞାନ ଅଧ୍ୟୟନ କରିଥିଲେ। ଏବେ ସେ ଦୀର୍ଘସ୍ଥାୟୀ ଚାଷ ଜରିଆରେ ପରିବେଶକୁ ସୁରକ୍ଷା ଦେବା ଦିଗରେ କାର୍ଯ୍ୟରତ।

ଶ୍ରୀ ସଂଯୋଗ କହିଛନ୍ତି, '୨୦୦୬ ମସିହାରେ ଜଙ୍ଗଲ ଅଧିକାର ଆଇନ ଆସିଥିଲା। ଆଦିବାସୀ, ପାରମ୍ପରିକ ବନବାସୀ ପ୍ରମୁଖଙ୍କୁ ସେତେବେଳେ ଜଙ୍ଗଲ ଉପରେ ଅଧିକାର ଓ ଜଙ୍ଗଲ ସୌନ୍ଦର୍ଯ୍ୟକୁ ଅକ୍ଷୁଣ୍ଣ ରଖିବାର ଏକ ସାମାଜିକ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେହି ସମୟରେ ଲୋକମାନଙ୍କୁ ଜଙ୍ଗଲର କିଭଳି ସଂରକ୍ଷଣ କରିଯିବ; ସେ ନେଇ ସଚେତନ କରାଇବା ସହ କିଭଳି ପଟ୍ଟା ବଣ୍ଟନ ହେବ ସେ ଉପରେ ଦୁଇଟି ଏନ୍‌ଜିଓ ଅଧୀନରେ ରହି ମୁଁ କାମ କରିବା ଆରମ୍ଭ କରିଥିଲି। ଏହି କାମ କରିବା ଭିତରେ ପରିବେଶ ଆଇନ ଉପରେ ମୋର ଜ୍ଞାନ ବଢ଼ିଥିଲା। ବଲାଙ୍ଗୀର, କୋରାପୁଟ ଓ ସୁନ୍ଦରଗଡ଼ ଆଦି ଜିଲ୍ଲାରେ କାମ କରିବା ସମୟରେ ମୁଁ ଜାଣିବାକୁ ପାଇଥିଲି ଯେ ପରିବେଶ ଏକ ଜଟିଳ ବ୍ୟବସ୍ଥା ଏବଂ ପରିସ୍ଥିତି ଅନୁସାରେ ପରିବେଶର ବ୍ୟାବହାରିକତା ମଧ୍ୟ ବଦଳିଥାଏ। ତେବେ ପରିବେଶର ଜଟିଳତାକୁ ବୁଝିବା ତଥା ପରିବେଶ ଉପରେ ମଣିଷର ପ୍ରଭାବ ସମ୍ପର୍କରେ ଭଲଭାବେ ଜାଣିବାକୁ ମୁଁ ଆରିଜୋନା ବିଶ୍ୱବିଦ୍ୟାଳୟରେ ଇକୋଲୋଜିକାଲ ଆନ୍ଥ୍ରୋପୋଲୋଜିରେ ପିଏଚ୍‌ଡି କରିଥିଲି।'

ସଂଯୋଗ ଯେତେବେଳେ ପିଏଚ୍‌ଡି କରି ଫେରିଥିଲେ, ସେ ଦେଖିଥିଲେ ଯେ ଚାଷୀମାନେ ଅଧିକ ଉତ୍ପାଦନ ପାଇଁ କୀଟନାଶକ ଓ ରାସାୟନିକ ସାରର ଅଧିକ ବ୍ୟବହାର କରୁଥିଲେ, ଯାହାକି ବାୟୁମଣ୍ଡଳ ଓ ମାଟି ପାଇଁ ଅତ୍ୟନ୍ତ ହାନିକାରକ। ଏଥିସହ ଯେଉଁମାନେ ଏସବୁ ବ୍ୟବହାର କରୁନଥିଲେ, ସେମାନେ ଜଙ୍ଗଲ କାଟି ଚାଷ କରୁଥିଲେ। ଫଳରେ ଜଙ୍ଗଲ ନଷ୍ଟ ହେଉଥିଲା। ଏଣୁ ଚାଷ ଯୋଗୁଁ ପରିବେଶ ଉପରେ ପଡୁଥିବା କୁପ୍ରଭାବକୁ ନିୟନ୍ତ୍ରିତ କରିବାକୁ ସେ ୨୦୧୭-୧୮ ମସିହାରେ 'ମାଟି-ଫାର୍ମ' ଖୋଲିଥିଲେ। ଚିଲିକାର ନିଜ ଜାଗାରେ ସେ ବିଭିନ୍ନ ବୈଜ୍ଞାନିକ ଉପାୟରେ ପରୀକ୍ଷଣ ଭିତ୍ତିରେ 'ମଡେଲ୍ ଫାର୍ମିଂ' ଆରମ୍ଭ କରିଥିଲେ। 'ମଡେଲ ଫାର୍ମିଂ'ର ପରୀକ୍ଷଣ ସଫଳ ହୋଇଥିଲା ଏବଂ ବିଭିନ୍ନ ଅଞ୍ଚଳର କୃଷକମାନଙ୍କୁ ନେଇ ସେ ଏକ ଦୀର୍ଘସ୍ଥାୟୀ ଚାଷ ପ୍ରଣାଳୀ ଶିଖାଇବା ସହ କଣ୍ଟ୍ରାକ୍ଟ ଫାର୍ମିଂ ଜରିଆରେ କୃଷକମାନଙ୍କୁ ସେମାନଙ୍କ ଅମଳର ଭଲ ମୂଲ୍ୟ ମଧ୍ୟ ଦେଇଥିଲେ। ଦୀର୍ଘକାଳୀନ ଚାଷ ଓ ସାମାଜିକ ନ୍ୟାୟଯୁକ୍ତ ଖାଦ୍ୟ ପ୍ରଣାଳୀକୁ ପ୍ରୋତ୍ସାହିତ କରିବାରେ ସଂଯୋଗଙ୍କର ମାଟି-ଫାର୍ମ ପୂର୍ବ-ଭାରତର କ୍ଷୁଦ୍ର ଚାଷୀମାନଙ୍କ ସହ ଘନିଷ୍ଠ ଭାବରେ ଯୋଡ଼ି ହୋଇ କାର୍ଯ୍ୟ କରୁଛି। ଏଥିସହ ପ୍ରତିମାସରେ ସେ ୨ରୁ ୩ ଥର ଭୁବନେଶ୍ୱରର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ବୁଲି ଦୀର୍ଘସ୍ଥାୟୀ କୃଷିପ୍ରଣାଳୀ, ପରିବେଶ ସଂରକ୍ଷଣ ଉପରେ କର୍ମଶାଳା କରିବା ସହ କଟକ, ଭୁବନେଶ୍ୱର ନିକଟବର୍ତ୍ତୀ ଜଙ୍ଗଲ ଓ ବିଭିନ୍ନ ପ୍ରାକୃତିକ ସ୍ଥାନକୁ ଯାଇ ଏହାର ସଂରକ୍ଷଣ ଓ ଗୁରୁତ୍ୱ ସମ୍ପର୍କରେ ଶିକ୍ଷାର୍ଥୀମାନଙ୍କୁ ସଚେତନ କରାଉଛନ୍ତି।



# ମନ୍ଥର ହେଉଛି ସାମୁଦ୍ରିକ ସ୍ରୋତ!

ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ସ୍ରୋତରେ ହେଉଥିବା ପରିବର୍ତ୍ତନ ବୈଜ୍ଞାନିକମାନଙ୍କୁ ଚିନ୍ତାରେ ପକାଇ ଦେଇଛି। ପୃଥିବୀର ସବୁଠାରୁ ଶକ୍ତିଶାଳୀ ସ୍ରୋତ 'ଆଣ୍ଟାର୍କଟିକା ସାର୍କମପୋଲାର କରେଣ୍ଟ' (ଏ.ସି.ସି.) କ୍ରମଶଃ ମନ୍ଥର ହୋଇଯାଉଛି। ଜଳବାୟୁ ପରିବର୍ତ୍ତନ ସହ ସଂପୃକ୍ତ ଏହି ପରିବର୍ତ୍ତନ ଫଳରେ ସମୁଦ୍ର ପତନ ବୃଦ୍ଧି ପାଇପାରେ ଏବଂ ମହାସାଗରଗୁଡ଼ିକ ଉଷ୍ମତର ହୋଇପାରନ୍ତି। ବିଶ୍ୱ ତାପନ ବୃଦ୍ଧି ବଳବତ୍ତର ରହିଲେ ଆଣ୍ଟାର୍କଟିକାର ବରଫ ତରଳିବା ତ୍ୱରାନ୍ୱିତ ହେବ ଓ ସାମୁଦ୍ରିକ ସ୍ରୋତ ଅଧିକ ମନ୍ଥର ହୋଇ ପରିସ୍ଥିତିକୁ ଅଧିକ ଜଟିଳ କରିବ ବୋଲି ସମୁଦ୍ରବିଜ୍ଞାନୀ ତଥା ଗବେଷକ ତୈମୁର୍ ସୋହେଲ୍ ମତ ଦେଇଛନ୍ତି। ମେଲବର୍ନ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନ ବ୍ୟାପକ ପରିବର୍ତ୍ତନ ସଂପର୍କରେ ସତର୍କ କରାଇଦେଇଛି। ଆଣ୍ଟାର୍କଟିକା ଚାରିକଡ଼େ ପ୍ରବାହିତ ହେଉଥିବା ସାମୁଦ୍ରିକ ସ୍ରୋତଗୁଡ଼ିକ ଖୁବ୍ ଶକ୍ତିଶାଳୀ। ବୈଶ୍ୱିକ ତାପମାତ୍ରାକୁ ନିୟନ୍ତ୍ରିତ କରିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ। ଏହି ସ୍ରୋତ ଉତ୍ତାପ ଓ ଅଙ୍ଗାରକାମ୍ଳକୁ ଶୋଷି ନେଇଥାଏ ଏବଂ ଏହା ଅଧିକ ଉତ୍ତପ୍ତ ଜଳକୁ ଆଣ୍ଟାର୍କଟିକାରେ ପ୍ରବେଶ କରିବାକୁ ଦେଇ ନ ଥାଏ। 'ଏନ୍‌ଭିରୋନ୍‌ମେଣ୍ଟାଲ୍ ରିସର୍ଚ୍ଚ ଲେଟର୍ସ'ରେ ପ୍ରକାଶିତ ଏହି ଅଧ୍ୟୟନ ରିପୋର୍ଟରେ ପୂର୍ବାନୁମାନ କରାଯାଇଛି ଯେ ୨୦୫୦ ମସିହା ବେଳକୁ ଏ.ସି.ସି. ସ୍ରୋତ ୨୦% ମନ୍ଥର ହୋଇଯିବ। ଅଧିକ ଅଙ୍ଗାରକ ଉତ୍ସର୍ଜନ ସ୍ଥିତିକୁ ବିଚାରକୁ ନେଇ ଏହି ଆକଳନ କରାଯାଇଛି। ଆଣ୍ଟାର୍କଟିକାର ବରଫ ତରଳିବା ହିଁ ଏହାର ପ୍ରାଥମିକ କାରଣ ବୋଲି ବୈଜ୍ଞାନିକମାନେ କହିଛନ୍ତି।''ଏହି ସ୍ରୋତ ଦୁର୍ବଳ ହୋଇଗଲେ ଜଳବାୟୁର ଧାରାକୁ ନେଇ ଆଉ ପୂର୍ବାନୁମାନ କରିହେବ ନାହିଁ। ମହାସାଗର ଅପେକ୍ଷାକୃତ କମ୍ ପରିମାଣର ଅଙ୍ଗାରକ ଶୋଷଣ କରିବ, ଯାହାକି ବୈଶ୍ୱିକ ତାପନକୁ ଆହୁରି ତ୍ୱରାନ୍ୱିତ କରିବ'' ବୋଲି ଆସୋସିଏଟ୍ ପ୍ରଫେସର ବିଶାଖ ଦତ୍ତ ଗାଏନ କହିଛନ୍ତି।



## ସିଏସ୍‌ଡି ପକ୍ଷରୁ ଶୋଭାଯାତ୍ରା ଓ ଗଣଧାରଣା

# ଆଦିବାସୀଙ୍କୁ ଜଙ୍ଗଲ ଅଧିକାର ଓ ଭୂମିହୀନଙ୍କୁ ପଟ୍ଟା ପ୍ରଦାନ ଦାବି

**ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ):** ମଙ୍ଗଳବାର ଦିନ ସିଏସ୍‌ଡ଼ି ଓଡ଼ିଶା ନେତୃତ୍ୱରେ ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ୨୩ଗୋଟି ଜିଲ୍ଲାରୁ ୧୦୦୦ରୁ ଉର୍ଦ୍ଧ୍ୱ ଆଦିବାସୀ ଭାଇଭଉଣୀମାନେ ତାଙ୍କର ନ୍ୟାର୍ଯ୍ୟ ହକ୍ ଓ ଅଧିକାର ପାଇବା ଏବଂ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଅଧିବାସୀ ଓ ପାରମ୍ପରିକ ଜଙ୍ଗଲବାସୀଙ୍କ ବନ୍ୟାଧିକାର ମାନ୍ୟତା ଆଇନ-୨୦୦୬ ଓ ସଂଶୋଧିତ ନିୟମାବଳୀ ୨୦୧୨କୁ ସଠିକ୍ ଭାବରେ କାର୍ଯ୍ୟକାରୀ କରିବା ଦାବିରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ ଓ ଗଣଧାରଣା କରାଯାଉଛି। ଉପରୋକ୍ତ ଜଙ୍ଗଲ ଅଧିକାର ଆଇନ୍ ୨୦୦୬ କାର୍ଯ୍ୟକାରୀ ହେବା ଦୀର୍ଘ ୧୯ ବର୍ଷ ପରେ ମଧ୍ୟ ସମସ୍ତ ଦାବିଦାର ପରିବାରଙ୍କୁ ତାଙ୍କର ଦଖଲରେ ଥିବା ଜଙ୍ଗଲ କିସମର ମାଲିକାନା ବା ପଟ୍ଟା ପ୍ରଦାନ କରାଯାଇ ନାହିଁ। ବ୍ୟକ୍ତିଗତ ଜଙ୍ଗ ପଟ୍ଟା ପାଇବା ପାଇଁ ଦରଖାସ୍ତ କରିଥିବା ସର୍ବମୋଟ ୫୯୦୪୯୯ ଆଦିବାସୀ ଏବଂ ୭୫୫୬୭ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲବାସୀଙ୍କ ମଧ୍ୟର ଅଗଷ୍ଟ ୨୦୨୪ ପର୍ଯ୍ୟନ୍ତ




କେବଳ ୫୬୦୩୮୭ ଜଣ ଆଦିବାସୀ ଏବଂ ୬୨୬ ଅନ୍ୟାନ୍ୟ ଜଙ୍ଗଲବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି ଏବଂ ୧୪୩୬୬୨ ଜଣଙ୍କ ଦାବିଗୁଡ଼ିକୁ ଅନ୍ୟାୟ ଭାବରେ ନାକଚର କୌଣସି କାରଣଗୁଡ଼ିକୁ ଦାବିଦାରଙ୍କୁ ନ ଜଣାଇ ମନମୁଖୀ ଓ ଅବିଚାର ଭାବେ ଜିଲ୍ଲା ପ୍ରଶାସନ ଦ୍ୱାରା ନାକଚ କରାଯାଇଛି ଯାହାକି ସମ୍ପୂର୍ଣ୍ଣ ଭାବରେ ଜଙ୍ଗଲ ଅଧିକାର ଆଇନ୍ ୨୦୦୬ ଓ ସଂଶୋଧିତ ନିୟମାବଳୀ ୨୦୧୨ ଉଲଙ୍ଘନ କରାଯାଉଛି। ଗ୍ରାମସଭା ଅଧିକାରଗୁଡ଼ିକୁ କ୍ଷୁର୍ଣ୍ଣ କରାଯାଉଛି, ଦୁର୍ବଳ କରାଯାଉଛି। ସେଥିପାଇଁ ସିଏସ୍‌ଡ଼ିର ପକ୍ଷରୁ କ୍ଷୋଭ ପ୍ରକାଶ କରି ସରକାରଙ୍କ ନିକଟରେ ଦାବି କରାଯାଇଛି ଯେ, ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ନିୟମାବଳୀରେ ଉଲ୍ଲେଖ ଥିବା ପ୍ରାବଧାନ ଅନୁସାରେ କାର୍ଯ୍ୟକାରୀ କରାଯାଉ। ତତ୍‌ସଙ୍ଗେ ସଙ୍ଗେ ଗ୍ରାମସଭାକୁ ସଶକ୍ତିକରଣ କରିବା ପରିବର୍ତ୍ତେ ଦୁର୍ବଳ କରାଯାଉଛି। ବିଗତ ସରକାରଙ୍କ ସମୟରେ ପ୍ରଚଳିତ ମୋ ଜଙ୍ଗଲ ଜମି ଯୋଜନାକୁ କାର୍ଯ୍ୟକାରୀ କରିବା କେତେକ ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କ ଦ୍ୱାରା (ଏନ୍‌ଜିଓ) ଗ୍ରାମସଭା କ୍ଷମତାକୁ ସମ୍ପୂର୍ଣ୍ଣ ଅବହେଳା ଓ ସଙ୍କୁଚିତ କରାଯାଉଛି। ଗୋଷ୍ଠୀ ଜଙ୍ଗଲ ଅଧିକାରୀ, ଗୋଷ୍ଠୀଗତ ସମ୍ବଳ ଅଧିକାର ସମ୍ପୃକ୍ତ ଗ୍ରାମର ଗ୍ରାମସଭାକୁ ନ୍ୟସ୍ତ କରି ତାର ସୁରକ୍ଷା ଓ ସଂରକ୍ଷଣ କରି ରଖିବା ଓ ଦାୟିତ୍ୱ ନେବା ଉକ୍ତ ଜଙ୍ଗଲ ଅଧିକାର ଆଇନ୍ ୨୦୦୬ର ପ୍ରାବଧାନ ରହିଥିବା ସତ୍ତ୍ୱେ ତାକୁ ସଠିକ୍ କାର୍ଯ୍ୟକାରୀ କରାଯାଉ ନାହିଁ। ଗ୍ରାମବାସୀଙ୍କ ଦ୍ୱାରା ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କ୍ରୟ ବିକ୍ରୟ ଉପରେ ଜଙ୍ଗଲ ଅଧିକାର ଆଇନ୍ ୨୦୦୬ରେ ଉଲ୍ଲେଖିତ ପ୍ରାବଧାନଗୁଡ଼ିକୁ ସରକାରୀ ଉଦାସୀନତା ଦୃଷ୍ଟିରୁ ଆଦିବାସୀ ଏବଂ ଗ୍ରାମବାସୀ ତାର ସୁଫଳ ପାଇବାରୁ ବଞ୍ଚିତ ରହିଛନ୍ତି।

## ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନର ଜିଲ୍ଲାପାଳ କାର୍ଯ୍ୟାଳୟ ଘେରିଲା



**ସୁନ୍ଦରଗଡ଼,୧୮।୩(ସଂଚାର ବ୍ୟୁରୋ):** ମଙ୍ଗଳବାର ସକାଳ ୧୦ ଟା ସମୟରେ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କରସ୍ ଆସୋସିଏସନ ତରଫରୁ ସମସ୍ତ କର୍ମୀ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ବାରମ୍ବାର ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କୁ ବିଭିନ୍ନ ପର୍ଯ୍ୟାୟରେ ସେମାନଙ୍କର ସମସ୍ୟାର ସମାଧାନ କରିବା ପାଇଁ ବିନମ୍ର ଅନୁରୋଧ କରି ଆସୁଥିଲେ ମଧ୍ୟ ଉଭୟ ସରକାର କର୍ଣ୍ଣପାତ କରୁ ନାହିଁ, ମାତ୍ର ସରକାରଙ୍କ ସମସ୍ତ ପ୍ରକାର ଗୁରୁତ୍ୱ ପୂର୍ଣ୍ଣ ଯୋଜନାରେ ସେମାନଙ୍କୁ ନିୟୋଜିତ କରାଯାଉଛି। ଗୋଟିଏ ପଟେ ସେମାନେ ସମ୍ମାନ ପାଉ ନାହାଁନ୍ତି ଓ ଅନ୍ୟ ପଟେ ଆର୍ଥିକ ଓ ମାନସିକ ଶୋଷଣର ଶିକାର ହେଉଛନ୍ତି। ତେଣୁ ସେମାନେ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ତିନି ଦଫା ଦାବି ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଦଶ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ଦେଇଛନ୍ତି। ସେମାନଙ୍କ ପ୍ରମୁଖ ଦାବି ଗୁଡ଼ିକ ହେଲା, ଅଙ୍ଗନୱାଡ଼ି କର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦିଆଯାଉ, ନ ହେଲେ ସେମାନଙ୍କୁ ମାସିକ ଦରମା ଆକାରରେ ୧୮୦୦୦/- ଟଙ୍କା ଦିଆଯାଉ। ଅଭିଜ୍ଞତା ଭିତ୍ତିରେ ପ୍ରତ୍ୟେକ ବର୍ଷ ବର୍ଦ୍ଧିତ ଦରମା ଦିଆଯାଉ। ଗରମ ରନ୍ଧାଖାଦ୍ୟ ମୂଲ୍ୟବୃଦ୍ଧି କରାଯାଉ। ୨୦୨୧ ରୁ ଅବସର ନେଇଥିବା କର୍ମୀଙ୍କୁ ଅବସରକାଳୀନ ସହାୟତା ଦିଆଯାଉ, ଜିକେଏସର ଆବାହିକା ପଦବୀରୁ ଅଙ୍ଗନୱାଡ଼ି କର୍ମୀଙ୍କୁ ବାଦ ଦିଆଯାଉ। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁଙ୍କୁ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କରସ୍ ଆସୋସିଏସନର ତରଫରୁ ସ୍ମାରକ ପତ୍ର ଦେଇଥିଲେ ।

## ଅଯୋଧ୍ୟା ଓ ବାରାଣାସୀ ଦର୍ଶନରେ ଗଲେ ୧୯୭ ବରିଷ୍ଠ ତୀର୍ଥଯାତ୍ରୀ

**କଟକ,୧୮।୩(ସଂଚାର ବ୍ୟୁରୋ):** ବରିଷ୍ଠ ନାଗରିକମାନଙ୍କୁ ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭୂତି ଦେବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ଲାଗୁ କରାଯାଇଥିବା ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧିନରେ ଆଜି କଟକ ଜିଲ୍ଲାର ବିଭିନ୍ନ ବ୍ଲକର




୧୯୭ଜଣ ବରିଷ୍ଠ ନାଗରିକ ଅଯୋଧ୍ୟା ଓ ବାରାଣାସୀ ଦର୍ଶନରେ ଯିବା ପାଇଁ ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଜିଲ୍ଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର, ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ, କଟକ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀମତୀ ସୁଜାତା ପଟ୍ଟନାୟକ ପ୍ରମୁଖ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ପତାକା ଦେଖାଇ ଏହି ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ। ତୀର୍ଥଯାତ୍ରୀମାନେ ୫ଟି ବସ୍ ଯୋଗେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ଆଜି ସକାଳ ୯ଟାରୁ ଜିଲ୍ଲାପାଳଙ୍କ ସଦଭାବନା ଗୃହଠାରେ ତୀର୍ଥଯାତ୍ରୀମାନଙ୍କର ପଞ୍ଜିକରଣ ଆରମ୍ଭ ହୋଇଥିଲା। ସେଠାରେ ସେମାନଙ୍କର ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଇଥିଲା ଓ ଦିନ ୩ ଘଟିକା ୩୦ ମିନିଟ୍ ସମୟରେ ତୀର୍ଥଯାତ୍ରୀମାନେ ଯାତ୍ରା ଆରମ୍ଭ କରିଥିଲେ। ପ୍ରକାଶଥାଉକି ଏହି ତୀର୍ଥଯାତ୍ରୀମାନେ ଆସନ୍ତାକାଲି ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ ଅଯୋଧ୍ୟା ଓ ବାରାଣାସୀ ଅଭିମୁଖେ ଯାତ୍ରା କରିବେ। କଟକ ଜିଲ୍ଲାର ତୀର୍ଥଯାତ୍ରୀଙ୍କ ସହ ୬ଜଣ ଏସକର୍ଟ ଅଫିସର ଯାତ୍ରା କରୁଛନ୍ତି।

## ଷଣ୍ଢ ଚାଲାଣ ଅଭିଯୋଗରେ ଜଣେ ଗିରଫ ପରେ କୋର୍ଟ ଚାଲାମ

**ବୈଶିଙ୍ଗା,୧୮।୩(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ପୋଲିସ ଗତ ଡ଼ିସେମ୍ବର ମାସରେ ଦୁଇଟି ଷଣ୍ଢ ଙ୍କୁ କଦଳିଆ ମଛପଦା ରାସ୍ତାରୁ ଉଠାଇନେଇ ଏକ ପିକ୍ଅପ ଯୋଗେ ପଶ୍ଚିମବଙ୍ଗକୁ ଚାଲାଣ କରୁଥିବା ଅଭିଯୋଗରେ ଗିରଫ କରି ସୋମବାର ସନ୍ଧ୍ୟା ଛଅଟା ସମୟରେ କୋର୍ଟ ଚାଲାଣ କରାଯାଇଛି। ଷଣ୍ଢ ଚାଲାଣ କରାଯାଉଥିବା ଗ୍ରାମବାସୀଙ୍କ ଠାରୁ ଅଭିଯୋଗ ପାଇ ବୈଶିଙ୍ଗା ପୋଲିସ ପକ୍ଷରୁ ଏକ ଟିମ୍ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚି ଚଢ଼ାଉ କରିଥିଲେ। ତେବେ ଅଭିଯୁକ୍ତ ଏହି ଥାନା ଅର୍ନ୍ତଗତ ଗୋବିନ୍ଦରାୟପୁର ଗ୍ରାମର ସେଖ କମରୁଦ୍ଦିନଙ୍କ ପୁଅ ସେଖ ଆଫ୍ରିଦି (୨୧ ବର୍ଷ) ଷଣ୍ଢ ବୋଝେଇ ଗାଡ଼ି ଛାଡ଼ିଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସେବେଠାରୁ ପୋଲିସ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି ଜାରି ରଖିଥିବାବେଳେ କାଲି ସନ୍ଧ୍ୟାରେ ବୈଶିଙ୍ଗା ବଜାର ଅଞ୍ଚଳରେ ବୁଲାବୁଲି କରୁଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ନୋଟିସ୍ ପାଇବା ପରେ ଚିନ୍ତାରେ ୮୬୮ ରେସନ କାର୍ଡ ହିତାଧିକାରୀ

**ହାଟଡିହି,୧୮।୩(ସଂଚାର ବ୍ୟୁରୋ):** ରାସନ କାର୍ଡ ନିୟମକୁ ନେଇ ଚିନ୍ତାରେ ଶହ ଶହ ହିତାଧିକାରୀ। ଗୋଟିଏ ପଟେ ପଞ୍ଚାୟତରୁ ଚାଉଳ ଦେବା ବନ୍ଦ ପରେ ପଞ୍ଚାୟତ ସମିତି ଯୋଗାଣ ଅଧିକାରୀଙ୍କ ହିତାଧିକାରୀଙ୍କୁ ତାଗିଦା ଏବେ ଚିନ୍ତାର ବିଷୟ ପାଲଟିଛି । କେନ୍ଦୁଝର ଆନନ୍ଦପୁର ହାଟଡିହି ବ୍ଲକରେ ମୋଟ ୩୩ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ ଥିବା ବେଳେ ୮୬୮ ପରିବାରଙ୍କୁ ନୋଟିସ ଆସିଛି ରାସନ କାର୍ଡ ଫେରାଇବା ପାଇଁ । ସେଥିମଧ୍ୟରୁ ଅନେକ ହିତାଧିକାରୀ ଗରିବ ଶ୍ରେଣୀର ଥିବା ବେଳେ ବର୍ତ୍ତମାନ ପରିବାର ଚଳାଇବାକୁ ନେଇ ସେମାନେ ଚିନ୍ତାରେ ପଡିଛନ୍ତି । ଅନେକ ପଞ୍ଚାୟତରେ ଏବେ ନାଁ ଥିବା ହିତାଧିକାରୀଙ୍କୁ ରାସନ ଦିଆଯିବା ବନ୍ଦ କରାଯାଇଛି । ଅନ୍ୟପଟେ



ବ୍ଲକରେ ଥିବା ଯୋଗାଣ ବିଭାଗରେ ହିତାଧିକାରୀଙ୍କ ଲାଇନ ଲାଗିଛି, କାହିଁକି ରାସନ କାର୍ଡ କଟାଗଲା । ଏନେଇ ଅନେକ ମହିଳାଙ୍କ ଆଖିରେ ଲୁହ। ତେବେ ଯୋଗାଣ ମନ୍ତ୍ରୀ ନିୟମ କରିଛନ୍ତି ଡୋର ଟୁ ଡୋର ସର୍ଭେ ପରେ ହିଁ ପଦକ୍ଷେପ ନିଆଯିବ। ତେବେ କାହିଁକି ଏହି ବ୍ଲକରେ ଏଭଳି ବିଚିତ୍ର ନିୟମ ? ଏନେଇ ବିଡିଓ କହିଛନ୍ତି ସରକାରଙ୍କ ନିୟମକୁ କାର୍ଯ୍ୟକାରୀ କରାଯାଉଛି । ଯଦି ଭବିଷ୍ୟତରେ ଏହି ହିତାଧିକାରୀଙ୍କୁ ରାସନ ଦେବାକୁ ନିୟମ କରାଯିବ ତେବେ ସେମାନଙ୍କୁ ପୁନର୍ବାର ଦିଆଯିବ । ଲୋକଙ୍କ ପାଇଁ ରାସନ କାର୍ଡ ଏକ ବହୁତ ମହତ୍ତ୍ୱପୂର୍ଣ୍ଣ ଦସ୍ତାବିଜ୍ । ସରକାରଙ୍କ ଦ୍ୱାରା ଦିଆଯାଇଥିବା ଏହି କାର୍ଡରେ ଲୋକଙ୍କୁ ଶସ୍ତା ମୂଲ୍ୟରେ ରାସନ ଯୋଗାଇଦିଆଯାଏ । ତେବେ ଏହି ସୁବିଧା କେବଳ ଗରିବ ଶ୍ରେଣୀର ଲୋକଙ୍କ ପାଇଁ ଆରମ୍ଭ ହୋଇଥିଲା। କିନ୍ତୁ ଅନେକ ଅଛନ୍ତି ଯେଉଁମାନେ ଅଯୋଗ୍ୟ ହେବା ପରେ ବି ରାସନ ସୁବିଧାର ଲାଭ ଉଠାଉଛନ୍ତି । ଏହାକୁ ରୋକିବା ପାଇଁ ସରକାର ନୂଆ ନିୟମ ଆଣିଛନ୍ତି । ଏହି ନିୟମ ଅନ୍ତର୍ଗତ ଅଯୋଗ୍ୟ ହିତାଧିକାରୀ ରାସନ ସୁବିଧାର ଆଉ ଫାଇଦା ପାଇପାରିବେ ନାହିଁ । ଆଉ ରାଜ୍ୟ ସରକାର ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ଅଯୋଗ୍ୟ ହିତାଧିକାରୀମାନଙ୍କ ରାସନ କାର୍ଡକୁ ରଦ୍ଦ କରିବାକୁ ସରକାର ପଦକ୍ଷେପ ନେଇଥିବା ବେଳେ କିଛି ଯୋଗ୍ୟ ହିତାଧିକାରୀ ରାସନ କାର୍ଡ଼ରୁ ବାଦ ପଡ଼ି କେବଳ ଲୁହ ଗଡ଼ାଉଛନ୍ତି ।

## ଆଉଟ ସୋର୍ସିଂ କର୍ମଚାରୀ ମହାସଂଘର ଦାବି ପୂର୍ବ ସରକାରଙ୍କ ନିଷ୍ପତ୍ତି ତୁରନ୍ତ ଲାଗୁ ହେଉ

**ଛତ୍ରପୁର,୧୮।୩(ସଂଚାର ବ୍ୟୁରୋ):** ଆଉଟ ସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ସମାନ କାମକୁ ଦରମା, ଛଟେଇ ପ୍ରକ୍ରିୟାକୁ ବନ୍ଦ କରିବା ସହ ପୂର୍ବ ସରକାରଙ୍କ ନିଷ୍ପତ୍ତି ତୁରନ୍ତ ଲାଗୁ କରିବା ଦାବି ନେଇ ଓଡିଶା ସରକାରୀ ଆଉଟ ସୋର୍ସିଂ କର୍ମଚାରୀ ମହାସଂଘ ଗଞ୍ଜାମ ଜିଲ୍ଲା ପକ୍ଷରୁ ଗଞ୍ଜାମ ଜିଲାପାଳଙ୍କ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେମାନଙ୍କ ଦାବି ଯଥାଶୀଘ୍ର ପୂରଣ ନ ହେଲେ ଆନ୍ଦୋଳନକୁ ତୀବ୍ରତର କରାଯିବ। ଏହାସହିତ ଆସନ୍ତା ୨୬ ତାରିଖରୁ ଭୁବନେଶ୍ୱର ଲୋଏର ପିଏମଜି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଗତକାଲିଠାରୁ ଜିଲାର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଥିବା ଆଉଟ ସୋର୍ସିଂ କର୍ମଚାରୀମାନେ କଳାବ୍ୟାଜ ପରିଧାନ କରି କାର୍ଯ୍ୟ କରୁଛନ୍ତି, ଏହି ବିକ୍ଷୋଭ ପ୍ରଦର୍ଶନ ବେଳେଓଡିଶା ସରକାରୀ ଆଉଟ ସୋର୍ସିଂ କର୍ମଚାରୀ ମହାସଂଘ ଗଞ୍ଜାମ ଜିଲା ସଭାପତି ବିଜୟ କୁମାର ମଲ୍ଲିକ, ରାଜ୍ୟ ଆବାହକ ପ୍ରତାପ ପ୍ରଧାନ, ପ୍ରଶାନ୍ତ କୁମାର ଗୋଚ୍ଛାଙ୍କ ସମେତ ଶତାଧିକ କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଭିଆଇପି ରୋଡ଼ଠାରୁ ଆଉଟ ସୋର୍ସିଂ କର୍ମଚାରୀମାନେ ଏକତ୍ରିତ ହୋଇ ସେମାନଙ୍କ ହକ ନିମନ୍ତେ ଏକ ଶୋଭାଯାତ୍ରା ମାଧ୍ୟମ ରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ।

## ୧୯ରୁ ଅନୁଷ୍ଠିତ ଜଗନ୍ନାଥ ମହୋତ୍ସବ

● ଯୋଗଦେବେ ସାଧ୍ୱୀ ମାତା ଚଞ୍ଚଳ ନାଥ

**ସୁବର୍ଣ୍ଣପୁର,୧୮।୩(ସଂଚାର ବ୍ୟୁରୋ):** ମାର୍ଚ୍ଚ ୧୯ରୁ ୨୫ ପର୍ଯ୍ୟନ୍ତ ୭ ଦିନ ଧରି ପ୍ରଭୁଙ୍କ ଭଜନ କୀର୍ତ୍ତନରେ ଲୀଳାକ୍ଷେତ୍ର ସୁବର୍ଣ୍ଣପୁର କମ୍ପି ଉଠିବ । ସୋନପୁର ତ୍ରିବେଣୀ ସଙ୍ଗମ ରାମେଶ୍ୱର ଷ୍ଟାଡ଼ିୟମରେ ଶ୍ରୀ ଜଗନ୍ନାଥ ମହୋତ୍ସବ ଅନୁଷ୍ଠିତ ହେବ । ତେବେ ଉତ୍ସବରେ ବିଶେଷ ଆକର୍ଷଣ ସାଜିବେ ବିଶିଷ୍ଟ ସାଧିକା ସାଧ୍ୱୀ ଚଞ୍ଚଳନାଥ । ଉତ୍ସବରେ ଶ୍ରଦ୍ଧାଳୁ ମାନଙ୍କୁ ସାଧୁସେବା କରିବାର ସୁଯୋଗ ମିଳିବ ବୋଲି କମିଟି ତରଫରୁ କୁହାଯାଇଛି । ଉତ୍ସବର ସମସ୍ତ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେବା ପାଇଁ ହୋଟେଲ ମୁନରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ଉତ୍ସବର ସଭାପତି ଗଦାଧର ବାରିକ, ସଂପାଦକ ଶ୍ୟାମାଓଁ ପ୍ରସାଦ ମିଶ୍ର, ବୈକୁଣ୍ଠ ଶତପଥୀ, ଶ୍ରୀବତ୍ସ ମଲ୍ଲିକ, ଶ୍ରଦ୍ଧାଞ୍ଜଳି ମିଶ୍ର, ଆରତି ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ । ସାତ ଦିନ ବ୍ୟାପୀ ପଞ୍ଚ କୁଣ୍ଡିୟ ବିଶ୍ୱଶାନ୍ତି ମହାଯଜ୍ଞ, ନାମ, ପ୍ରବଚନ, ଭଜନ କାର୍ଯ୍ୟକ୍ରମ, ଜଗନ୍ନାଥଙ୍କ ୩୨ଟି ବେଶ, ସାଧୁସେବା ଏବଂ ତ୍ରିବେଣୀ ସଙ୍ଗମରେ ସାହିସ୍ନାନ ଆଦି ଅନୁଷ୍ଠିତ ହେବ। ପୁରୀର ପାରମ୍ପରିକ ସେବାୟତ ମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ପ୍ରସାଦ ଏଠାରେ ଉପଲବ୍ଧ ହେବ । ତେବେ ଜନସାଧାରଣ ମୀନାବଜାର ଏବଂ ରବୋଟିକ ସୋ'ର ମଧ୍ୟ ମଜା ନେଇ ପାରିବେ ବୋଲି କମିଟି ପକ୍ଷରୁ କୁହାଯାଇଛି ।

## ଦୁର୍ଘଟଣାରେ ବାପ ପୁଅଙ୍କ ମୃତ୍ୟୁ

**ବାଙ୍ଗିରିପୋଷି,୧୮।୩(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଦେଇଯାଇଥିବା ୪୯ନଂ. ଜାତୀୟ ରାଜପଥର ଦ୍ୱାରଶୁଣୀ ଘାଟିରେ ସୋମବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଅଜଣା ଗାଡ଼ି ଧକ୍କାରେ ବାପ ପୁଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବହଳଦା ଥାନା ଅଧୀନ ଖେଜୁରତାଣ୍ଡୀ ଗ୍ରାମର ସେକ ଲୁକମାନ(୫୦) ଓ ତାଙ୍କ ପୁଅ ସେକ ସାହିଲ (୧୨)। ଉଭୟ ଏକ ବୁଲେଟ୍ (ନଂ. ଓଡ଼ି୧୧ପି- ୬୨୩୨) ଯୋଗେ ବାରିପଦାର ତେନ୍ତୁଳିଡିଙ୍ଗା ଯାଉଥିବା ବେଳେ ପଛ ପଟୁ କୌଣସି ଏକ ଗାଡ଼ି ଆସି ସେମାନଙ୍କ ଉପରେ ମାଡ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ବାପ ପୁଅଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ବାଙ୍ଗିରିପୋଷି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ ପଠାଇଛି। ଉଲ୍ଲେଖଯୋଗ୍ୟ, ମୃତ ସେକ୍ ଲୁକମାନ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ। ସେ ଗତ ମାସରେ ଚାକିରିରୁ ଅବସର ଗ୍ରହଣ କରିଥିଲେ।

## ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶକୁ ବି ଖାତିର ନାହିଁ

# ଅଧପନ୍ତରିଆ ଅବସ୍ଥାରେ ସୁଜାନଗର ସେତୁ

**ଗୋପ,୧୮।୩(ସଂଚାର ବ୍ୟୁରୋ):** ବର୍ଷ ପରେ ବର୍ଷ ବିତୁଛି ସରୁନି ସେତୁ ନିର୍ମାଣ। ୨୦୧୮ରେ ସାରିବାକୁ ଥିବା କାମ ଆଜି ପର୍ଯ୍ୟନ୍ତ ସରିନାହିଁ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିର୍ଦ୍ଦେଶକୁ ବି ବିଭାଗୀୟ ଅଧିକାରୀଙ୍କ ଖାତିର ନାହିଁ । ୨୦୧୬ରେ ୧୩ କୋଟି ୫୩ଲକ୍ଷ ବ୍ୟୟରେ ଆରମ୍ଭ ହେଲା ସୁଜାନଗର ସେତୁ ନିର୍ମାଣ । ୨୦୧୮



ନଭେମ୍ବର ସୁଦ୍ଧା କାମ ସାରିବାକୁ କୁହାଯାଇଥିଲା । ହେଲେ ଆଜି ପର୍ଯ୍ୟନ୍ତ କାମ ସରୁନାହିଁ। ପୋଲ ପାଇଁ ଆବଶ୍ୟକ ୮ଟି ଖୁଣ୍ଟିରୁ ୫ଟି ହୋଇସାରିଛି । ଆଉ ୩ଟି କେବେ ହେବ ତାକୁ ନେଇ ସନ୍ଦେହରେ ସ୍ଥାନୀୟ ବାସିନ୍ଦା । ୪ ମାସ ତଳେ ବିଭାଗୀୟ ସମୀକ୍ଷା ସମୟରେ ସେତୁକୁ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀଙ୍କୁ ତାଗିଦ୍ କରିଥିଲେ ଉପମୁଖ୍ୟମନ୍ତ୍ରୀ। ୨ମାସରେ କାମ ସାରିବାକୁ ପ୍ରତିଶ୍ରୁତି ଦେଇଥିଲେ ବିଭାଗୀୟ ଯନ୍ତ୍ରୀ । ହେଲେ ଏବେ ବି କାମ ଯେଉଁଠି ଥିଲା ସେଇଠି ଅଟକିଛି। ଗୋପ-ବାଲିଘାଇ ରାସ୍ତାରୁ କୋଣାର୍କ-ପୁରୀ ମେରାଇନ୍ ଡ୍ରାଇଭ ରାସ୍ତାକୁ ସଂଯୋଗ କରିବା ଲାଗି ସୁଜାନଗର ସେତୁର ପରିକଳ୍ପନା କରାଯାଇଛି । ଏହି ପୋଲଟି ହେଲେ ଶ୍ରଦ୍ଧାଳୁ ସିଧାସଳଖ ବାଲିକପିଳେଶ୍ୱର ମହାଦେବ ମନ୍ଦିରକୁ ଯାଇପାରିବେ । କୋଣାର୍କ ପଟରୁ ଆସୁଥିବା ପର୍ଯ୍ୟଟକ ଓ ଅପରପାର୍ଶ୍ୱରେ କୁଆଁପଡା, ବଣିଆସାହି, ଗଡବାଙ୍ଗର, ବନ୍ତଳିଗ୍ରାମ ପଞ୍ଚାୟତର ଲୋକ ପୁରୀକୁ ଯିବା ସହଜ ହୋଇଯିବ। ହେଲେ ପୋଲ ନିର୍ମାଣରେ ବିଳମ୍ବ ଯୋଗୁଁ ସବୁ ଆଶା ଆଶାରେ ରହିଯାଇଛି । ତୁରନ୍ତ ସେତୁ କାମ ସମ୍ପୂର୍ଣ୍ଣ କରିବା ପାଇଁ ଦାବି କରାଯାଇଛି ।

## ଭାଲୁ ଆକ୍ରମରେ ଦୁଇ ମହିଳା ଗୁରୁତର

**ଦେବଗଡ଼,୧୮।୩(ସଂଚାର ବ୍ୟୁରୋ):** ଦେବଗଡ଼ ଜିଲା ତିଳେଇବଣି ବ୍ଲକ ଲଇମୁରା ଫରେଷ୍ଟ ସେକ୍ସନରେ ଭାଲୁ ଉପଦ୍ରବ ଦେଖିବାକୁ ମିଳିଛି। ଭାଲୁ ଆକ୍ରମଣରେ ମଙ୍ଗଳବାର ୨ଜଣ ମହିଳା ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ମୁତାବକ, ଛୁଆଳି ଘାଟିକୁ ୨ଜଣ ମହିଳା ମହୁଲ ଗୋଟାଇବାକୁ ଯାଇଥିଲେ। ସେତିକିବେଳେ ଏକ ଭାଲୁ ଚାଲିଆସି ସେମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଫଳରେ ସେମାନଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ପରିବାର ଲୋକେସେମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଆହତଙ୍କ ମଧ୍ୟରେ ଜଣଙ୍କ ଅବସ୍ଥା ଅଧିକ ଗୁରୁତର ରହିଛି। ଅନ୍ୟପକ୍ଷେ ବନାଗ୍ନି ଯୋଗୁ ଭାଲୁ ଗାଁ ମୁହାଁ ହୋଇଥିବା ସୂଚନା ମିଳିଛି। ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଶାନ୍ତିଶୃଙ୍ଖଳାରେ ସରିଲା ଗୋପୀନାଥ ଜୀଉ ମେଳଣ



**ଦଶରଥପୁର,୧୮।୩(ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ ମଙ୍ଗଳପୁର ପଞ୍ଚାୟତସ୍ତ ମଙ୍ଗଳପୁର ହାଟ ପଡ଼ିଆରେ ସୋମବାର ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି ମଙ୍ଗଳପୁର ଗୋପୀନାଥ ଜୀଉ ମେଳଣ। ପ୍ରଥମେ ମଙ୍ଗଳପୁର ମହାପାତ୍ର ସାହିର ଗୋପୀନାଥ ଜୀଉ ଠାକୁର ଥାନପତି ଭାବେ ପ୍ରଥମେ ଆସି ମେଳଣ ପଡ଼ିଆରେ ପହଞ୍ଚିଥିଲେ। ଚଳିତ ବର୍ଷ ଏହି ମେଳଣ ୧୫ ବର୍ଷରେ ପଦାର୍ପଣ କରିଥିବା ବେଳେ ଏହି ମେଳଣରେ ପ୍ରାୟ ୬୦ ରୁ ଉର୍ଦ୍ଧ୍ୱ ବିଭାନ ଯୋଗ ଦେଇଥିଲେ। ଠାକୁରଙ୍କ ଦର୍ଶନ କରିବା ପାଇଁ ଯାଜପୁରର ବରିଷ୍ଠ ସମାଜସେବୀ କର୍ଣ୍ଣାଟ କେଶରି ଦାସ, ଯାଜପୁର ଜିଲ୍ଲା ବିଯୁଜନତା ଦଳର ଜିଲ୍ଲା ସଭାପତି ସରୋଜ କୁମାର ମହାପାତ୍ର ପ୍ରମୁଖ ଠାକୁରଙ୍କ ଦର୍ଶନ କରି ସାନିଧ୍ୟ ଲାଭ କରିଥିଲେ। ଶ୍ରଦ୍ଧାଳୁ ମାନଙ୍କ ଲାଗି ପ୍ରସାଦ ସେବନର ବ୍ୟବସ୍ଥା କରାଯାଇ ଥିବା ବେଳେ ସହ ସହ ଶ୍ରଦ୍ଧାଳୁ ଭକ୍ତ ପ୍ରସାଦ ସେବନ କରି ସାନିଧ୍ୟ ଲାଭ କରିଥିବା ଦେଖିବା ପାଇଁ ମିଳିଥିଲା। ଏହି ମେଳଣରେ ପ୍ରାୟ ୨୦ ହଜାରେରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଆସିଥିବା ବିଭାନ ଗୁଡିକରେ ମଙ୍ଗଳପୁର ମହାପାତ୍ର ସାହିର ଚୌଧୁରୀ ସୁନିଲ ରାୟ ଠାକୁରଙ୍କୁ ଦକ୍ଷିଣା ପ୍ରଦାନ କରିଥିବା ବେଳେ ମେଳଣ ପରିଚାଳନାରେ ପରୀକ୍ଷିତ ରାୟ, ଅନିଲ ରାୟ, ପ୍ରତାପ କୁମାର ରାୟ, ପ୍ରବିର ରାୟ, ସଞ୍ଜୟ ରାୟ, ଅଜୟ ସାମଲ, ପ୍ରଦୀପ ମହାପାତ୍ର, ଅମିୟ ରାୟ, ସୁଧାଂଶୁ ନାୟକ, ସ୍ୱାଗତ ରାୟ, ଶାନ୍ତନୁ ନାୟକ ପ୍ରମୁଖ ସହଯୋଗ କରିଥିଲେ। ମଙ୍ଗଳପୁର ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇ ଥିଲା।

## 'ଭାଗବତ ଟୁଙ୍ଗି ଓ ପଖାଳ' ଶୀର୍ଷକ ଆଲୋଚନାଚକ୍ର

● ଭାଗବତ ଟୁଙ୍ଗି ଓ ପଖାଳ ଗ୍ରାମ୍ୟ ଜୀବନରେ ଅବିଚ୍ଛେଦ୍ୟ ଅଙ୍ଗ



**ଭୁବନେଶ୍ୱର,୧୮।୩(ସଂଚାର ବ୍ୟୁରୋ):** ଓଡ଼ିଶାର ଗ୍ରାମୀଣ ଜନଜୀବନରେ ଭାଗବତ ଟୁଙ୍ଗି ଓ ପଖାଳ ଅବିଚ୍ଛେଦ୍ୟ ଅଙ୍ଗ। ପୂର୍ବରୁ ଗାଁ ଗାଁର ଲୋକମାନେ ଦିନସାରା ନିଜ କାମ ସାରି ପଖାଳ କଂସେ ଖାଇ ଭାଗବତ ଟୁଙ୍ଗିରେ ଏକାଠି ହୋଇ ଗ୍ରାମୀଣ ସଂସ୍କୃତି ପରମ୍ପରା ଓ ଭାଇଚାରା ଭାବକୁ ବାନ୍ଧି ରଖୁଥିଲେ। ପ୍ରଥମେ ଏହି ଭାଗବତ ଟୁଙ୍ଗି ପୁରୀର ସାତଲହରୀ ମଠରେ ଷୋଡ଼ଶ ଶତାବ୍ଦୀ ପ୍ରାରମ୍ଭରେ ଆତ୍ମପ୍ରକାଶ କରିଥିଲା। ଯେଉଁଠାରେ ଗାଁ ଲୋକମାନେ ମେଳିହୋଇ ଭାଗବତ, ପୁରାଣ ଓ ଗାଁରେ ହେଉଥିବା ଅସୁବିଧା ବିଷୟରେ ଆଲୋଚନା କରିବା ସହ ତାହାର ସମାଧାନ କରୁଥିଲେ। ଓଡ଼ିଆ ଜାତିର ପରିଚୟ ଓଡ଼ିଆ ଭାଗବତ, ଆଧୁନିକତାର ସଂସ୍ପର୍ଶରେ ଆସିବା ପରେ ଧୀରେ ଧୀରେ ଭାଗବତ ଟୁଙ୍ଗିର ପ୍ରଭାବ କମିବାରେ ଲାଗିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଜଗନ୍ନାଥ ପରିବାର ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ଆୟୋଜିତ 'ବିଗତ ଦିନର ଭାଗବତ ଟୁଙ୍ଗି ଓ ପଖାଳ' ଶୀର୍ଷକ ଆଲୋଚନାଚକ୍ରରେ ଅତିଥିମାନେ ଯୋଗଦେଇ ଓଡ଼ିଶାର ସାଂସ୍କୃତିକ ପରିଚୟ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ ସମସ୍ତଙ୍କୁ ଯତ୍ନବାନ ହେବାକୁ ପଡ଼ିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂଜ୍ୟ ମହନ୍ତ ରାମକୃଷ୍ଣ ଦାସ ମହାରାଜ, ପଦ୍ମଶ୍ରୀ ଡ. ଅଶୋକ ମହାପାତ୍ର, ଡ. ଜୟନ୍ତ ପଣ୍ଡା, ଶ୍ରୀଜଗନ୍ନାଥଙ୍କ ମନ୍ଦିର ପୁରୋହିତ ପୂଜ୍ୟ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଡ. ବନୋଜ ରାୟ, ଡ. ପ୍ରଦୀପ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭର ଭଜନ ପରିବେଷଣ ହୋଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜଗନ୍ନାଥ ପରିବାରର ଆବାହକ ଭଗବାନ ଦାଶ, ଡ. ନାରାୟଣ ମହାପାତ୍ର, ତ୍ରିଲୋଚନ ନାୟକ, ବଂଶୀଧର ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଭଲିବଲ ଖେଳିଲେ ରାଜମୌଳି ଦିନରେ ଶୁଟିଂ ରାତିରେ ଖେଳ

**କୋରାପୁଟ,୧୮।୩(ସଂଚାର ବ୍ୟୁରୋ):** କୋରାପୁଟ ଜିଲାର ସେମିଳିଗୁଡା ବ୍ଲକ ଅନ୍ତର୍ଗତ ତଳମାଳି ପର୍ବତରେ ତେଲୁଗୁ ସୁପରଷ୍ଟାର ମାହେଶ ବାବୁଙ୍କ ଫିଲ୍ମ ଶୁଟିଂ ଚାଲୁରହିଛି। ପାନ ଇଣ୍ଡିଆ ଡାଇରେକ୍ଟର ଏସଏସ ରଜମୌଳି ନିର୍ଦ୍ଦେଶରେ ନିର୍ମିତ ଫିଲ୍ମ ଶୁଟିଂ ପାଇଁ ସାଉଥ ଅଭିନେତା ମାହେଶଙ୍କ ସହ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଅଭିନୟ



କରୁଛନ୍ତି। ତଳମାଳି ପର୍ବତରେ ଏହି ଶୁଟିଂ କରାଯାଉଛି। । ଦୁର୍ଗା ଅଟର୍ସ ବ୍ୟାନରରେ ନିର୍ମିତ ଏହି ଫିଲ୍ମ ମହେଶ ବାବଙ୍କ ୨୯ ତମ ଫିଲ୍ମ। ଚଳିତ ମାସ ୨୮ପର୍ଯ୍ୟନ୍ତ ତଳମାଳି ଓ ଅନ୍ୟ ଅଞ୍ଚଳରେ ଫିଲ୍ମ ଶୁଟିଂ ପାଇଁ ଜିଲା ପ୍ରଶାସନ ଓ ପୋଲିସ ରାଜାମୌଳିଙ୍କୁ ଅନୁମତି ଦେଇଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ହିରୋ ହିରୋଇନ, ନିର୍ଦ୍ଦେଶକ ନିକଟସ୍ଥ ଆଦିବାସୀ ଗ୍ରାମଗୁଡ଼ିକୁ ପରିଦର୍ଶନ କରୁଛନ୍ତି। ଗ୍ରାମରେ ସଂସ୍କୃତି ପରିବେଶ ଉପରେ ଆନନ୍ଦ ଅନୁଭବ କରୁଛନ୍ତି। ନିର୍ଦ୍ଦେଶକ ରାଜାମୌଳି ରବିବାର ରାତିରେ ନିକଟସ୍ଥ ତାଙ୍କୁବେଡ଼ା ଗାଁକୁ ଯାଇ ସେଠାରେ ଆଦିବାସୀ ଯୁବକମାନଙ୍କ ସହିତ ଭଲିବଲ ଖେଳିଥିଲେ। ଯାହା ଆଲୋଚନାର ବିଷୟ ପାଲଟିଥିଲା। ନିର୍ଦ୍ଦେଶକ ରାଜାମୌଳିଙ୍କ ଭଲିବଲ ଖେଳୁଥିବାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

## ଅଙ୍ଗନବାଡି ଲେଡିଜ ୱାର୍କର୍ସ ଆସୋସିଏସନର ପ୍ରତିବାଦ

**ବ୍ରହ୍ମପୁର,୧୮।୩(ସଂଚାର ବ୍ୟୁରୋ):** ଭାରତୀୟ ମଜଦୂର ସଙ୍ଘ ରାଷ୍ଟ୍ରୀୟ କମିଟିର ନିଷ୍ପତ୍ତି ଓ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ଓଡିଶା ଅଙ୍ଗନବାଡି ଲେଡିଜ ୱାର୍କର୍ସ ଆସୋସିଏସନ ଗଞ୍ଜାମ ଜିଲ୍ଲାର ଏକ ହଜାରରୁ ଉର୍ଦ୍ଧ୍ୱ ଅଙ୍ଗନବାଡି କର୍ମୀ ଓ ସହାୟିକା ଛତ୍ରପୁର ଡି.ଆର.ଡି.ଏ. ଅଫିସ ଛକ ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୬ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ବି.ଏମ୍.ଏସ., ଗଞ୍ଜାମ ଜିଲ୍ଲା ସଭାପତି ଭବାନୀ ଶଙ୍କର ଦାଶ, ଜିଲ୍ଲା ସମ୍ପାଦକ ଉମାଶଙ୍କର ସାହୁ, ସଙ୍ଗଠନ ସମ୍ପାଦକ ଗୋପାଳକୃଷ୍ଣ ସ୍ୱାଇଁ, ଉପସଭାପତି ଅର୍ଜୁନ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ପାତ୍ର ଏବଂ ଲିଙ୍ଗରାଜ ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ସଫଳତାର ସହିତ ସମ୍ପନ୍ନ ହୋଇଥିଲା। ବିଏମ୍‌ଏସ ରାଷ୍ଟ୍ରୀୟ କମିଟି ର ନିଷ୍ପତ୍ତି ଅନୁସାରେ ୬ ଦଫା ଦାବି ଯଥା ଇ.ପି.ଏସ ୯୫ ଅନ୍ତର୍ଗତ ସମସ୍ତ କର୍ମଚାରୀଙ୍କ ସର୍ବନିମ୍ନ ପେନସନ ୫୦୦୦ ଟଙ୍କାକୁ ବୃଦ୍ଧି, ଇପିଏଫର ବେତନ ସୀମା ୧୫୦୦୦ ଟଙ୍କା ରୁ ବୃଦ୍ଧି କରି ୩୦, ୦୦୦ ଟଙ୍କା ଏବଂ ଇ.ଏସ.ଆଇ.ସି. ବେତନ ୨୧୦୦୦ ଟଙ୍କା ରୁ ୪୨ ହଜାରକୁ ବୃଦ୍ଧି, ସର୍ବ ସାଧାରଣ ସମ୍ପତି ବିକ୍ରି ଉପରେ ରୋକ, ବୀମା ଓ ଆର୍ଥିକ କ୍ଷେତ୍ରରେ ୧୦୦% ବିଦେଶୀ ନିବେଶ ଉପରେ ରୋକ, ସ୍କିମ ୱାର୍କର୍ସଙ୍କୁ ସରକାରୀ ମନ୍ୟତା ପ୍ରଦାନ ଆଦି ଦାବି କରାଯାଇଥିଲା। ଆଲ ଓଡିଶା ଅଙ୍ଗନବାଡି ଲେଡିଜ ୱାର୍କର୍ସ ଆସୋସିଏସନ ର ଗଞ୍ଜାମ ଜିଲ୍ଲା ସଭାନେତ୍ରୀ ହେମଲତା ମହାନ୍ତି, ସମ୍ପାଦିକା ବାସନ୍ତି ପ୍ରଧାନ, କୋଷାଧ୍ୟକ୍ଷା ସୁଲୋଚନା ରଥ ଏବଂ ଗଞ୍ଜାମ ଜିଲ୍ଲାର ଏକ ହଜାରରୁ ଉର୍ଦ୍ଧ୍ୱ ଅଙ୍ଗନବାଡି କର୍ମୀ ଓ ସହାୟିକା ସାମିଲ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିବା ସହ ଦାବି କରିଥିଲେ।